(ପୃଷ୍ଠା–୮+୮)

# ଧରିତ୍ରୀ
DHARITRI



ଭୁବନେଶ୍ୱର, ରବିବାର, ମେ ୧/୨୦୨୨ (୮+୮=୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, May 1/2022 | Page 16 | ₹ 7.00 | ★★★★

୪୮ଶ ଭାଗ ୧୫୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-

# ନାମଫଳକ ପାଇଁ ୩ ସପ୍ତାହ

## ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ବାଣିଜ୍ୟିକ ପ୍ରତିଷ୍ଠାନ ନାମ ଓଡ଼ିଆରେ ଲେଖିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୩୦।୪(ବ୍ୟୁରୋ)**

ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଦୋକାନ, ବାଣିଜ୍ୟିକ ପ୍ରତିଷ୍ଠାନ ଆଦିର ନାମଫଳକ ଓଡ଼ିଆ ଭାଷାରେ ଲେଖିବାକୁ ଓଡ଼ିଶା ସରକାର ବହୁ ପୂର୍ବରୁ ନିଷ୍ପତ୍ତି ନେଇଛନ୍ତି। ଏଥିସହ ବିଭିନ୍ନ ବିଭାଗକୁ ବାରମ୍ବାର ଚିଠି ହୋଇଥିଲେ ମଧ୍ୟ ଏଯାଏ ତାହା ପୂର୍ଣ୍ଣମାତ୍ରାରେ କାର୍ଯ୍ୟକାରୀ ହୋଇପାରୁନାହିଁ। ଅଧିକାଂଶ ନାମ ଫଳକ ଇଂଲିଶରେ ରହିଥିବାବେଳେ ଆଉ କେତେକ ସ୍ଥାନରେ ତ୍ରୁଟିପୂର୍ଣ୍ଣ ଓଡ଼ିଆ ଭାଷାରେ ଲେଖାଯାଇଥିବା ନଜରକୁ ଆସୁଛି। ଏଥିଯୋଗୁ ଓଡ଼ିଆ ଭାଷାର ସମ୍ମାନ କ୍ଷୁଣ୍ଣ ହେଉଥିବାରୁ ଏହାକୁ ନେଇ ବିଭିନ୍ନ ସମୟରେ ଅସନ୍ତୋଷ ଓ ପ୍ରତିବାଦ ଉଠୁଛି। ଏବେ ପୁଣି ଚିଠି ଲେଖାଯାଇ ସମାନ ନିର୍ଦ୍ଦେଶ ଦିଆଯାଇଛି। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ସମସ୍ତ ବିଭାଗ ଓ ଜିଲାପାଳଙ୍କୁ ଚିଠି ଲେଖି ନାମଫଳକ ନିର୍ଭୁଲ ଓଡ଼ିଆରେ ଲେଖିବାକୁ ଅବଗତ କରାଇଛନ୍ତି। ଏଥିସହିତ ଆସନ୍ତା ତିନି ସପ୍ତାହ ମଧ୍ୟରେ ଏହାକୁ ପାଳନ କରି ସରକାରଙ୍କୁ ଜଣାଇବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି।

ତେବେ ସରକାରଙ୍କ ନିର୍ଦ୍ଦେଶ ଏଥର ଠିକ୍ ଭାବେ ପାଳନ ହେବ ନା ପୂର୍ବଭଳି ଏହି ଚିଠି ଗୁରୁତ୍ୱ ହରାଇବ, ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ସମସ୍ତ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ/ପ୍ରମୁଖ ଶାସନ ସଚିବ/ଶାସନ ସଚିବ ଓ ଜିଲାପାଳଙ୍କୁ ଦିଆଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି ଯେ, ସମସ୍ତ ସରକାରୀ, ବେସରକାରୀ ଓ ଅର୍ଦ୍ଧସରକାରୀ କାର୍ଯ୍ୟାଳୟରେ ନାମଫଳକ ଓଡ଼ିଆ ଭାଷାରେ ଲେଖିବା ପାଇଁ ନିଷ୍ପତ୍ତି ଗ୍ରହଣ ☞ପୃଷ୍ଠା–୪

ସକାଳ ୬ ରୁ ୯ ସ୍କୁଲ ପାଠପଢ଼ା

ବଢ଼ିଲା ଶ୍ରମିକଙ୍କ ସର୍ବନିମ୍ନ ମଜୁରି

........ ୭ ........

### ଧରିତ୍ରୀର ଛୁଟି

ଶ୍ରମିକ ଦିବସ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ମେ' ୧ ତାରିଖ ରବିବାର ବନ୍ଦ ରହିବ। ପରବର୍ତ୍ତୀ ସଂଖ୍ୟା ମେ' ୩ ତାରିଖ ମଙ୍ଗଳବାର ସକାଳେ ପ୍ରକାଶ ପାଇବ।

ଆଜିର ସମ୍ପାଦକୀୟ

ଅର୍ଥ ବ୍ୟବସ୍ଥାରେ ବିଫଳ




## ଅକ୍ଷୟ ତୃତୀୟା ଅବସରରେ ଲାଲ୍‌ଚାନ୍ଦ ଜୁଏଲର୍ସର ବିଶେଷ ରିହାତି ଓ ଉପହାର

ଓଡ଼ିଶାର ଲୋକପ୍ରିୟ ତଥା ନିର୍ଭରଯୋଗ୍ୟ ଅଳଙ୍କାର ପ୍ରତିଷ୍ଠାନ ଲାଲ୍‌ଚାନ୍ଦ୍ ତରଫରୁ ଅକ୍ଷୟ ତୃତୀୟା ଅଫର ଆରମ୍ଭ କରାଯାଇଛି । ବ୍ରହ୍ମପୁର ଠାରେ ନୂଆକରି ଖୋଲିଥିବା ସୋରୁମ୍ ସହିତ ଭୁବନେଶ୍ୱରର ରଘୁନାଥପୁର, ମାଷ୍ଟରକ୍ୟାଣ୍ଟିନ୍ ଓ କଟକର କ୍ୟାଣ୍ଟନ୍‌ମେଣ୍ଟ ରୋଡ୍ ସ୍ଥିତ ସୋରୁମ୍‌ରେ ଏହି ଅଫର ଉପଲବ୍ଧ ହେବ ।

ସାରା ଭାରତରେ ଅକ୍ଷୟ ତୃତୀୟାକୁ ବର୍ଷର ସବୁଠାରୁ ଶୁଭ ଦିନ ଭାବେ ବିବେଚନା କରାଯାଇଥାଏ । ସମସ୍ତ ଶୁଭ କାର୍ଯ୍ୟ ଯେପରି, ଗୃହ ପ୍ରତିଷ୍ଠା, ନୂଆ ବ୍ୟବସାୟ ଆରମ୍ଭ କରିବା, କୃଷି କାର୍ଯ୍ୟ ଆରମ୍ଭ କରିବା, ନୂଆ ପାରିବାରିକ ସଂପର୍କ ସୃଷ୍ଟି କରିବାପାଇଁ ଏହି ଦିନଟି ଅତ୍ୟନ୍ତ ଶୁଭପ୍ରଦ ।

ଲାଲ୍‌ଚାନ୍ଦ୍ କେବଳ ଅଳଙ୍କାରର ଶୁଦ୍ଧତା ବା ଅତୁଳନୀୟ କାରିଗରୀ ପାଇଁ ସୁପରିଚିତ ନୁହେଁ, ଡିସ୍‌କାଉଣ୍ଟ୍ ଦେବା କ୍ଷେତ୍ରରେ ମଧ୍ୟ ଲାଲ୍‌ଚାନ୍ଦ୍ ସବୁଠାରୁ ଆଗରେ । ଲାଲ୍‌ଚାନ୍ଦ୍ ପ୍ରତିବର୍ଷ ଅକ୍ଷୟ ତୃତୀୟାର ଶୁଭ ଅବସରରେ ଗ୍ରାହକମାନଙ୍କ ପାଇଁ ରିହାତି ଆଣିଥାଏ । ଗ୍ରାହକମାନଙ୍କ ପାଇଁ ଏଥର ରହିଛି ସର୍ବୋତ୍ତମ ରିହାତି ଓ ଉପହାର । ସବୁଠୁ ବଡ଼କଥା ହେଲା ଲାଲ୍‌ଚାନ୍ଦ୍‌ର ଅଫରରେ ସ୍ୱଚ୍ଛତା ଥାଏ । କୌଣସି ଲୁଚାଛପା ନଥାଏ ।




ଅକ୍ଷୟ ତୃତୀୟା ଅବସରରେ ସାଧାରଣ ସ୍ୱର୍ଣ୍ଣ ଅଳଙ୍କାରର ଗଢ଼ା ମଜୁରୀ ଫ୍ଲାଟ୍ ୪୯୯ ଟଙ୍କା ରହିଥିବା ବେଳେ, ଡିଜାଇନର ଅଳଙ୍କାର ଗଢ଼ା ମଜୁରୀ ରହିଛି ଫ୍ଲାଟ୍ ୬୯୯ ଟଙ୍କା । ହାଇ ଏଣ୍ଡ୍ ଅଳଙ୍କାରର ଗଢ଼ା ମଜୁରୀ ରହିଛି ଫ୍ଲାଟ୍ ୭୯୯ ଟଙ୍କା । କେବଳ ସେତିକି ନୁହେଁ, ପ୍ରତ୍ୟେକ କ୍ରୟ ଉପରେ ମିଳୁଛି ମାଗଣା ସ୍ୱର୍ଣ୍ଣ ମୁଦ୍ରା ଓ ରୌପ୍ୟ ମୁଦ୍ରା । ମାନ୍ୟତାପ୍ରାପ୍ତ ହୀରା ଉପରେ ଫ୍ଲାଟ୍ ୨୦ ପ୍ରତିଶତ ରିହାତି । ରୂପା ଗଢ଼ାମଜୁରୀ ଉପରେ ୫୦ ପ୍ରତିଶତ ରିହାତି । ଏହି ଅଫର ୨୯ ଏପ୍ରିଲ୍‌ରୁ ଆରମ୍ଭ ହୋଇ ମେ ୮ ତାରିଖ ପର୍ଯ୍ୟନ୍ତ ଚାଲିବ ।


ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର କ୍ରେଡିଟ୍ କାର୍ଡ ଥିଲେ କ୍ରୟ ଉପରେ ଅତିରିକ୍ତ ୫ ପ୍ରତିଶତ ରିହାତି ମିଳିବ । ଗ୍ରାହକମାନେ ଚାହିଁଲେ ମାସିକ କିସ୍ତି ଆକାରରେ ମଧ୍ୟ ଲାଲ୍‌ଚାନ୍ଦ୍‌ରୁ ଅଳଙ୍କାର କ୍ରୟ କରିପାରିବେ । ଏହି ସବୁ ଅଫର ଲାଲ୍‌ଚାନ୍ଦ୍‌ର ସମସ୍ତ ଷ୍ଟୋର୍‌ରେ ଉପଲବ୍ଧ ଅଛି ।

ଏହି ଅବସରରେ ଲାଲ୍‌ଚାନ୍ଦ୍‌ର ପ୍ରତିଷ୍ଠାତା ଚେୟାରମ୍ୟାନ୍ ଶ୍ରୀ ସଂଜୟ ହଂସ କହିଲେ – 'ଲାଲ୍‌ଚାନ୍ଦ୍ ନେବାରେ ନୁହେଁ, ଦେବାରେ ବିଶ୍ୱାସ କରେ । ଆମେ ଅଳଙ୍କାରର ମାନ ସହିତ କେବେ ବୁଝାମଣା କରୁନାହିଁ । ଯେପରି ଗ୍ରାହକମାନଙ୍କ ପାଖରେ ସୁଲଭ ମୂଲ୍ୟରେ ସର୍ବୋତ୍କୃଷ୍ଟ ଉତ୍ପାଦ ପହଞ୍ଚିପାରିବ ସେଥିପ୍ରତି ଧ୍ୟାନ ରଖିଥାଉ ।

ଲାଲ୍‌ଚାନ୍ଦ୍‌ରେ ଜୀବନର ପ୍ରତ୍ୟେକ ସ୍ୱତନ୍ତ୍ର ମୁହୂର୍ତ୍ତକୁ ମଧୁର କରିବା ପାଇଁ ପାରମ୍ପରିକ ଡିଜାଇନ୍‌ରୁ ଆରମ୍ଭ କରି ଆଧୁନିକ ଡିଜାଇନ୍ ପର୍ଯ୍ୟନ୍ତ ସମସ୍ତ ପ୍ରକାର ଅଳଙ୍କାର ଉପଲବ୍ଧ ।

ଲାଲଚାନ୍ଦ୍‌ର ଷ୍ଟୋର୍ ଗୁଡିକରେ ରହିଛି ଏକ୍ସପୋର୍ଟ କ୍ୱାଲିଟି ତଥା ଅନ୍ତର୍ଜାତୀୟ ସ୍ତରର ଅଳଙ୍କାର । ସୁନା, ହୀରା ଏବଂ ରୂପାର ନିଖୁଣ ଏବଂ ଅବର୍ଣ୍ଣନୀୟ କାରିଗରୀ ଏଠାରେ ଦେଖିବାକୁ ମିଳେ । ଯାହା ସଂପୂର୍ଣ୍ଣ ପୂର୍ବଭାରତରେ ବିରଳ ।

LALCHND
Odisha's Most Trusted Jeweller








ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ପୁଅ ହମଜା ପାକିସ୍ତାନ ପଞ୍ଜାବ ପ୍ରଦେଶର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶନିବାର ଶପଥ ଗ୍ରହଣ କରିଛନ୍ତି । ନ୍ୟାଶନାଲ ଆସେମ୍ବଲି ବାଚସ୍ପତି ରାଜା ପରଭେଜ ଅଶରଫଙ୍କ ଅଧକ୍ଷତାରେ ଏହି ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



# ଶେଷ ଆକ୍ରମଣ କରିବ ରୁଷିଆ



ମାରିଉପୋଲରେ ଯୁଦ୍ଧ ବିଧ୍ୱସ୍ତ ଏକ ବିଲ୍ଡିଂ ନିକଟ ଦେଇ ଜଣେ ସ୍ଥାନୀୟ ବ୍ୟକ୍ତି ଯାଉଛନ୍ତି।

**ଲଣ୍ଡନ/ମସ୍କୋ, ୩୦।୪**

ୟୁକ୍ରେନ୍‌ର ବିଭିନ୍ନ ସହର ଧ୍ୱସ୍ତବିଧ୍ୱସ୍ତ ହେବା ସହ ଆକ୍ରମଣରେ ହଜାର ହଜାର ନିରୀହ ପ୍ରାଣ ଯିବା ପରେ ରୁଷିଆ ଖୁବଶୀଘ୍ର ଏହି ପୂର୍ବ ୟୁରୋପୀୟ ଦେଶରେ ଶେଷ ଆକ୍ରମଣ କରିବାକୁ ଯାଉଛି। ରୁଷିଆ ଓ ପାଶ୍ଚାତ୍ୟ ଅଧିକାରୀଙ୍କ ସୂତ୍ରରୁ ଏହା ଜଣାପଡ଼ିଛି। ଫେବୃୟାରୀ ୨୪ରୁ ଦୀର୍ଘ ୬୫ ଦିନ ଧରି ୟୁକ୍ରେନ୍‌ରେ 'ସ୍ୱତନ୍ତ୍ର ସାମରିକ ଅଭିଯାନ' ଚଳାଇଥିବା ରୁଷିଆ ମାତ୍ର କିଛି ଦିନରେ ଲକ୍ଷ୍ୟ ହାସଲ କରିନେବାକୁ ଚିନ୍ତା କରୁଥିଲା ବୋଲି 'ଡେଲି ମେଲ୍'ରେ ରିପୋର୍ଟ ପ୍ରକାଶ

## ୯ରେ ଘୋଷଣା କରିପାରନ୍ତି ପୁଟିନ୍

ପାଇଛି। ଯୁଦ୍ଧ ତୃତୀୟ ସପ୍ତାହରେ ପହଞ୍ଚିବା ପରେ ରୁଷୀୟ ସେନାମୁଖ୍ୟ ନିରାଶ ହୋଇ ବହୁ ସଂଖ୍ୟାରେ ସୈନ୍ୟଙ୍କୁ ୟୁକ୍ରେନ୍ ପଠାଇବା ସହ ଯୁଦ୍ଧକୁ ତୀବ୍ର କରିବା ନିମନ୍ତେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ କହିଥିଲେ ବୋଲି ଜଣାପଡ଼ିଛି।

ବ୍ରିଟେନ୍ ପ୍ରତିରକ୍ଷା ସଚିବ ବେନ୍ ୱାଲାସେ କହିଛନ୍ତି, ଆସନ୍ତା ୯ ତାରିଖରେ ରୁଷିଆର ବିଜୟ ଦିବସରେ ପୁଟିନ୍ ବହୁସଂଖ୍ୟାରେ ସୈନ୍ୟ ଠୁଳ କରି ୟୁକ୍ରେନ୍ ଉପରେ ଶେଷ ଆକ୍ରମଣ କରିବାକୁ ନିର୍ଦ୍ଦେଶ ଦେଇପାରନ୍ତି। ୟୁକ୍ରେନ୍ ରାଜଧାନୀ କିଭ୍‌କୁ କବ୍‌ଜା କରିବାରେ ବିଫଳ ହେବା ପରେ ରୁଷିଆ ସେନା ଏହାର ପ୍ରତିଶୋଧ ନେବାକୁ ଚାହୁଁଛନ୍ତି। ତେଣୁ ସେମାନେ ୟୁକ୍ରେନ୍ ଉପରେ ବଡ଼ ଧରଣର ଆକ୍ରମଣ ଯୋଜନା କରିଛନ୍ତି। ଏହାପୂର୍ବରୁ ନାଟୋର ପୂର୍ବତନ ମୁଖ୍ୟ ରିଚାର୍ଡ ଶେରିଫ୍ ୟୁକ୍ରେନ୍ ସ୍ଥିତି ଆହୁରି ଖରାପ ହେବା ନେଇ ସତର୍କ କରାଇବା ସହ ଏ ଦିଗରେ ପ୍ରସ୍ତୁତ ରହିବାକୁ ପାଶ୍ଚାତ୍ୟ ଦେଶକୁ କହିଥିଲେ।

## ଆଉ ୯୦୦ ମୃତଦେହ ଠାବ

**କିଭ୍, ୩୦।୪**

ୟୁକ୍ରେନ୍ ରାଜଧାନୀ କିଭ୍‌ରୁ ରୁଷିଆ ସୈନ୍ୟ ଫେରିଯିବା ପରେ ସେଠାରେ ରଚିଥିବା ଧ୍ୱଂସଲୀଳା ଓ ଜନସାଧାରଣଙ୍କ ପ୍ରତି ବର୍ବର ବ୍ୟବହାରର ଚିତ୍ର ସାମ୍ନାକୁ ଆସିବାରେ ଲାଗିଛି। ବୁଚା ଗଣହତ୍ୟା ସାରା ବିଶ୍ୱରେ ଉଦ୍‌ବେଗ ସୃଷ୍ଟି କରିଥିବାବେଳେ ଏବେ କିଭ୍ ଅଞ୍ଚଳରୁ ଆଉ ୯୦୦ ଲୋକଙ୍କ ମୃତଦେହ ଠାବ ହୋଇଛି। ପୋଲାଣ୍ଡ ମିଡିଆରେ ସାକ୍ଷାତ୍‌କାର ଦେଇ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି, ମୃତଦେହ ଠାବ ହୋଇଥିବା ଅଞ୍ଚଳ ଗତ ମାର୍ଚ୍ଚରେ ରୁଷିଆ ସେନାଙ୍କ କବ୍‌ଜାରେ ଥିଲା। ଏ ପର୍ଯ୍ୟନ୍ତ କେତେ ସଂଖ୍ୟାରେ ଲୋକ ନିହତ ହୋଇଛନ୍ତି ତାହା ଜଣାନାହିଁ। ଏହାର ତଦନ୍ତ ହେବ ଏବଂ ବାସ୍ତବ ସଂଖ୍ୟା ସାମ୍ନାକୁ ଅଣାଯିବ। ଏଥିସହ ପ୍ରାୟ ୫ ଲକ୍ଷ ୟୁକ୍ରେନ୍ ନାଗରିକଙ୍କୁ ବେଆଇନ ଭାବେ ରୁଷିଆ ନିଆଯାଇଥିବା ମଧ ଜେଲେନ୍‌ସ୍କି ଅଭିଯୋଗ ଆଣିଛନ୍ତି। ଅନ୍ୟପକ୍ଷରେ ବୁଚା ଗଣହତ୍ୟାରେ ସମ୍ପୃକ୍ତ ଥିବା ୧୦ ରୁଷୀୟ ସୈନ୍ୟଙ୍କୁ ଚିହ୍ନଟ କରାଯାଇଥିବା ରିପୋର୍ଟ ପ୍ରକାଶ ପାଇଛି।


## 'ଘୋଷ୍ଟ ଅଫ୍ କିଭ୍' ନିହତ



**କିଭ୍, ୩୦।୪**

ଘୋଷ୍ଟ ଅଫ୍ କିଭ୍ ନାମରେ ଜଣା ୟୁକ୍ରେନ୍‌ର ଜଣେ ସାହସୀ ଫାଇଟର ପାଇଲଟ୍ ରୁଷିଆ ସହ ଯୁଦ୍ଧରେ ନିହତ ହୋଇଛନ୍ତି। ଏଥିସହ ତାଙ୍କ ପରିଚୟ ମଧ ସାମ୍ନାକୁ ଆସିଛି। ଟାଇମ୍ସ ଅଫ୍ ଲଣ୍ଡନ ଅନୁସାରେ ଏହି ପାଇଲଟ୍ ଜଣକ ହେଲେ ମେଜର ଷ୍ଟିପାନ୍ ଟାରାବାଲ୍‌କା (୨୯) ଏବଂ ଜଣେ ସନ୍ତାନଙ୍କ ବାପା। ସେ ଏକାକୀ ୪୦ ରୁଷୀୟ ଯୁଦ୍ଧବିମାନକୁ ନଷ୍ଟ କରି ଚର୍ଚ୍ଚାକୁ ଆସିଥିଲେ। ଗତମାସରେ ସେ ଏକ ମିଗ୍-୨୯ ବିମାନ ଯୋଗେ ରୁଷିଆ ସହ ଲଢୁଥିବାବେଳେ ବହୁସଂଖ୍ୟାରେ ଶତ୍ରୁଙ୍କୁ ସାମ୍ନା କରି ନ ପାରି ନିହତ ହୋଇଥିଲେ। ଏହି ପାଇଲଟ୍‌ଙ୍କ ହେଲମେଟ୍ ଓ ଗଗଲ୍ ପିନ୍ଧିଥିବାର ଫଟୋ ବେଶ୍ ଭାଇରାଲ ହୋଇଥିଲା। ତାଙ୍କ ହେଲ୍‌ମେଟ୍ ଏବଂ ଚଷମାକୁ ଲଣ୍ଡନରେ ନିଲାମ ଡକାଯିବ ବୋଲି ଜଣାପଡ଼ିଛି।

## ସ୍ପେନ୍ ମହାରାଣୀଙ୍କ ଗ୍ରେନେଡ୍ ଉପହାର



**ମାଡ୍ରିଡ୍, ୩୦।୪**

ରୁଷିଆ ଉପରେ ବିଜୟ କାମନା କରି ସ୍ପେନ୍ ମହାରାଣୀ ଲେଟିଜିଆ ଓରିଜ୍ ରୋକାସୋଲାନୋ ୟୁକ୍ରେନ୍‌କୁ ଗ୍ରେନେଡ ଉପହାର ପଠାଇଛନ୍ତି। ଏଥିରେ ସେ ସଂଖ୍ୟାତ୍ମକ ଭାବେ ରୁଷିଆର ବଡ଼ ସେନା ସହ ଲଢ଼ିବା ପାଇଁ ଏକ ପୋଷ୍ଟକାର୍ଡରେ ବିଜୟ କାମନା କରି ଏକ ବାର୍ତ୍ତା ଲେଖିଛନ୍ତି। ମହାରାଣୀଙ୍କ ହାତ ଲେଖା ଥିବା ଏହି ଚିଠି ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

## କେଜ୍‌ରିୱାଲଙ୍କ ଘର ଆଗରେ ବିକ୍ଷୋଭ

**ନୂଆଦିଲ୍ଲୀ,୩୦।୪**

ପେଟ୍ରୋଲ, ଡିଜେଲ ଉପରୁ ଭାଟ୍ କମାଇବା ଦାବିରେ ଶନିବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଘର ସମ୍ମୁଖରେ ଭାଜପାକର୍ମୀଙ୍କ ଦ୍ୱାରା ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଇନ୍ଧନ ଦର ବୃଦ୍ଧି ବାବଦରେ ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ, ରାଜ୍ୟମାନେ ଚାହିଁଲେ ଇନ୍ଧନ ଉପରୁ କର ହ୍ରାସ କରିପାରିବେ, ଯାହାଦ୍ୱାରା ଗ୍ରାହକମାନଙ୍କୁ ଦରବୃଦ୍ଧି ସମସ୍ୟାରୁ ସାମାନ୍ୟ ଆଶ୍ୱସ୍ତି ମିଳିପାରିବ।

### ସଂକ୍ଷେପରେ

## ଅସଦାଚରଣର ପ୍ରତିବାଦ କରିବାରୁ ଯୁବତୀଙ୍କୁ ଚଳନ୍ତା ଟ୍ରେନ୍‌ରୁ ଫିଙ୍ଗିଦେଲେ

ଜବଲପୁର(ଏମ୍‌ପି),୩୦।୪ ଅସଦାଚରଣ ଉଦ୍ୟମର ପ୍ରତିବାଦ କରିବାରୁ ଜଣେ ୨୫ ବର୍ଷୀୟା ଯୁବତୀଙ୍କୁ ଦୁର୍ବୃତ୍ତ ଚଳନ୍ତା ଟ୍ରେନ୍‌ରୁ ଫିଙ୍ଗିଦେଇଛନ୍ତି। ମଧ୍ୟପ୍ରଦେଶର ଛତରପୁର ଜିଲା ଅନ୍ତର୍ଗତ ଖଜୁରାହୋ ନିକଟରେ ବୁଧବାର ରାତିରେ ଏହି ଘଟଣା ଘଟିଛି। ଯୁବତୀଙ୍କୁ ଛତରପୁର ଜିଲା ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଶନିବାର ଜଣେ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ଜବଲପୁର ଜିଆର୍‌ପି ଏସ୍‌ପି ବିନାୟକ ବର୍ମା କହିବା ଅନୁଯାୟୀ ମଧ୍ୟପ୍ରଦେଶର ଖଜୁରାହୋରୁ ଉତ୍ତରପ୍ରଦେଶର ମାହୋବା ଯାଉଥିବା ଟ୍ରେନ୍‌ରେ ପୁରୁଷ ସହଯାତ୍ରୀ ଜଣକ ଅସଦାଚରଣ ଉଦ୍ୟମ କଲାବେଳେ ଯୁବତୀ ଏହାର ବିରୋଧ କରିବାରୁ ତାଙ୍କୁ ଚଳନ୍ତା ଟ୍ରେନ୍‌ରୁ ଠେଲିଦିଆଯାଇଥିଲା। ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଛି ଓ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ବର୍ମା କହିଛନ୍ତି।

## ଦାୟିତ୍ୱ ନେଲେ ନୂଆ ସେନା ମୁଖ୍ୟ



ଜେନେରାଲ ମନୋଜ ପାଣ୍ଡେ

**ନୂଆଦିଲ୍ଲୀ,୩୦।୪:** ନୂଆ ସେନା ମୁଖ୍ୟ ଭାବେ ଶନିବାର ଜେନେରାଲ ମନୋଜ ପାଣ୍ଡେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆର୍ମି ମୁଖ୍ୟ ଥିବା ଜେନେରାଲ ମେଜର ମନୋଜ କୁମୁନ୍ଦ ନରଭଣେ ଅବସର ନେବା ପରେ ପାଣ୍ଡେଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ତେବେ ପାଣ୍ଡେ ହେଉଛନ୍ତି ପ୍ରଥମ ଇଂଜିନିୟର ଯେ,ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଅଧିଷ୍ଠିତ ହୋଇଛନ୍ତି। ୧୯୬୨ରେ ଜନ୍ମଗ୍ରହଣ କରିଥିବା ପାଣ୍ଡେ ୧୯୮୨ ଡିସେମ୍ବର ୨୪ରେ ଭାରତୀୟ ସେନାରେ ଯୋଗ ଦେଇଥିଲେ। ନିଜ ୩୯ ବର୍ଷର ଚାକିରିକାଳ ମଧରେ ପାଣ୍ଡେ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ଦାୟିତ୍ୱ ନିର୍ବାହ କରିଛନ୍ତି। ପାଣ୍ଡେଙ୍କୁ ପରମ ବିଶିଷ୍ଟ ସେବା ମେଡାଲ, ଅତି ବିଶିଷ୍ଟ ସେବା ମେଡାଲ ଏବଂ ବିଶିଷ୍ଟ ସେବା ମେଡାଲ ସମ୍ମାନରେ ସମ୍ମାନିତ କରାଯାଇଛି।

## ମୋଦି ସରକାରଙ୍କ ସମର୍ଥନରେ ପୂର୍ବତନ ବିଚାରପତି, ପ୍ରଶାସନିକ ଅଧିକାରୀଙ୍କ ଖୋଲା ଚିଠି

**ନୂଆଦିଲ୍ଲୀ,୩୦।୪ :** ଦେଶରେ ରାଜନୈତିକ ହିଂସା ବୃଦ୍ଧି ପାଉଥିବାରୁ ଏହାକୁ ରୋକିବା ଦିଗରେ ଶତାଧିକ ପୂର୍ବତନ ପ୍ରଶାସନିକ ଅଧିକାରୀ ଦୁଇଦିନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖିଥିଲେ। ଶନିବାର ପୂର୍ବତନ ବିଚାରପତି ଓ ପ୍ରଶାସନିକ ଅଧିକାରୀମାନଙ୍କ ଆଉ ଏକ ଗୋଷ୍ଠୀ ସେମାନଙ୍କୁ ସମାଲୋଚନା କରିବା ସହ ମୋଦି ସରକାରଙ୍କ ସମର୍ଥନରେ ଏକ ଖୋଲା ଚିଠି ଲେଖିଛନ୍ତି। ପୂର୍ବ ଲିଖିତ ପତ୍ର ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଓ ଜନମତକୁ ସରକାରଙ୍କ ବିରୋଧରେ ନେବା ଲାଗି ଉଦ୍ଦିଷ୍ଟ ବୋଲି ଖୋଲା ଚିଠିରେ ଉଲ୍ଲେଖ କରାଯାଇଛି। ଉକ୍ତ ଖୋଲା ଚିଠିରେ ୮ ଜଣ ପୂର୍ବତନ ବିଚାରପତିଙ୍କ ସମେତ ୯୭ ପୂର୍ବତନ ପ୍ରଶାସନିକ ଅଧିକାରୀ, ୯୨ ସେନା ଅଧିକାରୀ ସ୍ୱାକ୍ଷର କରିଛନ୍ତି।

## ଜାତିସଂଘ ମାନବାଧିକାର ମୁଖ୍ୟଙ୍କ ଚାଇନା ଗସ୍ତକୁ ସିଟିଏର ସ୍ୱାଗତ

**ଧରମଶାଳା,୩୦।୪ (ଆଇଏଏନ୍‌ଏସ୍) :** ଜାତିସଂଘ ମାନବାଧିକାର ହାଇକମିଶନର ମେ' ମାସରେ ଚାଇନା ଗସ୍ତରେ ଆସୁଥିବାରୁ କେନ୍ଦ୍ରୀୟ ତିବ୍ବତୀୟ ପ୍ରଶାସନ (ସିଟିଏ) ଏହାକୁ ସ୍ୱାଗତ କରିଛି। ୨୦୧୮ ସେପ୍ଟେମ୍ବରରେ ପ୍ରଥମ ଥର ପାଇଁ ହାଇକମିଶନର ଚାଇନାକୁ ଏହାର ଅଞ୍ଚଳରେ ଅବାଧ ପ୍ରବେଶ ଲାଗି ଅନୁମତି ଦେବାକୁ ଆହ୍ୱାନ ଦେଇଥିଲେ। ଏହାର ୩.୫ ବର୍ଷ ପରେ ହାଇକମିଶନରଙ୍କ ଚାଇନା ଗସ୍ତ ଘୋଷଣା କରାଯାଇଛି। କମିଶନରଙ୍କ ପୂର୍ବ ତୁର୍କେସ୍ତାନ ଗସ୍ତ ସେଠାର ମାନବାଧିକାର ସ୍ଥିତି ସୁଧାରିବା ସହ ଉଇଘୁର ଲୋକଙ୍କ ଅଭିଯୋଗର ସମାଧାନ କରିବାରେ ସହାୟକ ହୋଇପାରିବ ବୋଲି ସିଟିଏ ବିଶ୍ୱାସ କରୁଛି। ଉଇଘୁର ଅଞ୍ଚଳର ଦୁଃଖଦ ସ୍ଥିତିକୁ ଯଥାସମ୍ଭବ କଡ଼ା ଶବ୍ଦରେ ନିନ୍ଦା କରାଯିବା ଆବଶ୍ୟକ ବୋଲି ସିଟିଏ କହିଛି। ଚାଇନା ମାନବାଧିକାରର ଉଲ୍ଲଂଘନ କରିଚାଲିଥିବାବେଳେ ଉଚ୍ଚାୟୁକ୍ତଙ୍କ ଗସ୍ତରୁ ତିବ୍ବତକୁ ବାଦ୍ ଦିଆଯାଇଯାଇଛି। ତିବ୍ବତକୁ ଚାଇନା ଦୀର୍ଘବର୍ଷ ହେଲା ଅକ୍ତିଆର କରି ରଖିବା ସହ ସେଠାରେ ବିଭ୍ରାନ୍ତିକର ନୀତି ଯୋଗୁ ମାନବାଧିକାରର ଗୁରୁତର ଉଲ୍ଲଂଘନ ହେଉଛି। ତିବ୍ବତୀୟଙ୍କୁ ଅଧିକ ସ୍ୱାଧୀନତା ଏବଂ ଧର୍ମଗୁରୁ ଦଲାଇଲାମାଙ୍କୁ ଫେରାଇ ଆଣିବା ଦାବିରେ ଅନ୍ୟୂନ ୧୫୮ ଜଣ ତିବ୍ବତୀୟ ଆତ୍ମଦାହ କଲେଣି। ବିକାଶ ଏବଂ ଦାରିଦ୍ର୍ୟ ଦୂରକରଣ ନାମରେ ସେଠାରୁ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ତିବତୀୟ ମୂଳ ବାସିନ୍ଦାଙ୍କୁ ସେମାନଙ୍କ ପୈତୃକ ଜମିରୁ ବଳପୂର୍ବକ ତଡ଼ିଦିଆଯାଇଥିବା ସିଟିଏ କହିଛି।

## ଏନ୍‌ଡିପିପିରେ ଯୋଗଦେଲେ ୨୧ ଏନ୍‌ପିଏଫ୍ ବିଧାୟକ

**କୋହିମା,୩୦।୪:** ନାଗାଲାଣ୍ଡ ବିଧାନସଭା ନିର୍ବାଚନ ଆସନ୍ତାବର୍ଷ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏହା ପୂର୍ବରୁ ନାଗା ପିପୁଲ୍ସ ଫ୍ରଣ୍ଟ (ଏନ୍‌ପିଏଫ୍)କୁ ଶକ୍ତ ଧକ୍କା ଲାଗିଛି। ଏହି ଦଳର ୨୫ ବିଧାୟକଙ୍କ ମଧ୍ୟରୁ ୨୧ ଜଣ ଦଳ ଛାଡ଼ି ନ୍ୟାଶନାଲିଷ୍ଟ ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ପାର୍ଟି (ଏନ୍‌ଡିପିପି)ରେ ସାମିଲ ହୋଇଛନ୍ତି। ଫଳରେ ୬୦ ଆସନ ବିଶିଷ୍ଟ ନାଗାଲାଣ୍ଡ ବିଧାନସଭାରେ ମୁଖ୍ୟମନ୍ତ୍ରୀ ନେଇଫିଉ ରିଓଙ୍କ ନେତୃତ୍ୱାଧୀନ ଏନ୍‌ଡିପିପିର ସଦସ୍ୟ ସଂଖ୍ୟା ୪୨କୁ ବୃଦ୍ଧି ପାଇଛି। ଏନ୍‌ପିଏଫ୍‌ରେ ୪ ବିଧାୟକ ରହିଥିବାବେଳେ ଭାଜପାର ୧୨ ଏବଂ ୨ ଜଣ ସ୍ୱାଧୀନ ବିଧାୟକ ଅଛନ୍ତି। ଏନ୍‌ପିଏଫ୍ ଆସନ୍ତା ବର୍ଷ ନିର୍ବାଚନ ଏକାକୀ ଲଢ଼ିବ ବୋଲି ଏହାର ଅଧ୍ୟକ୍ଷ ଶୁରୋଜେଲି ଲିଜିତ୍‌ସୁ ଘୋଷଣା କରିବାର ଦିନକ ପରେ ୨୧ ବିଧାୟକ ଦଳ ଛାଡ଼ିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଗତବର୍ଷ ଅଗଷ୍ଟରେ ଶାସକ ଏନ୍‌ଡିପିପି ସହ ଏନ୍‌ପିଏଫ୍ ଏବଂ ଭାଜପା ସାମିଲ ହୋଇ ୟୁନାଇଟେଡ୍ ଡେମୋକ୍ରାଟିକ୍ ଆଲିଆନ୍ସ (ୟୁଡିଏ) ଗଠନ କରିଥିଲେ।

## ନେହେରୁ, ମାଉଣ୍ଟବେଟେନ୍‌ଙ୍କ ଡାଏରୀ ପ୍ରକାଶନ ଉପରେ ରୋକ

**ଲଣ୍ଡନ, ୩୦।୪**

ଭାରତର ଶେଷ ଭାଇସ୍‌ରଏ ଲର୍ଡ ମାଉଣ୍ଟବେଟେନ, ସ୍ତ୍ରୀ ଏଡ୍‌ୱିନା ଏବଂ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ବ୍ୟକ୍ତିଗତ ଡାଏରୀ ଓ ଚିଠିକୁ ସର୍ବସାଧାରଣରେ ପ୍ରକାଶନ ଉପରେ ବ୍ରିଟେନ୍‌ର ଏକ ଟ୍ରିବ୍ୟୁନାଲ କୋର୍ଟ ରୋକ ଲଗାଇଛନ୍ତି। ବ୍ରିଟେନ୍‌ର ସାଉଥହାମ୍ପଟନ୍ ୟୁନିଭର୍ସିଟି ନିକଟରେ ନେହେରୁ-ଏଡ୍‌ୱିନାଙ୍କ ଚିଠି ଥିଲେ ମଧ ଏହା ଉପରେ ମାଲିକାନା ଜାହିର କରିପାରିବ ନାହିଁ ବୋଲି ଟ୍ରିବ୍ୟୁନାଲ କହିଛନ୍ତି। ୧୯୩୦ ଦଶକରୁ ଡାଏରୀ ଏବଂ ଚିଠିର କିଛି ଅଂଶ ଏଡିଟ୍ କରାଯାଇଥିବାବେଳେ ଏହାର ପ୍ରକାଶନକୁ ନେଇ ବ୍ରିଟେନର ପ୍ରଥମ ଟାୟର (ସୂଚନା ଅଧିକାର) ଆବେଦନ ଉପରେ ଜଷ୍ଟିସ୍ ସୋଫି ବକଲେ ଅଧ୍ୟକ୍ଷତା କରି ଏହି ରାୟ ଦେଇଛନ୍ତି। ଲେଡି ମାଉଣ୍ଟବେଟେନ୍ ଏବଂ



ନେହେରୁଙ୍କ ମଧ୍ୟରେ ଅଦଳବଦଳ ହୋଇଥିବା ଚିଠିକୁ ବ୍ରିଟିଶ ଲେଖକଙ୍କୁ ଦେବାକୁ ଟ୍ରିବ୍ୟୁନାଲ ମନା କରି ଦେଇଛନ୍ତି। ବ୍ରିଟିଶ ଲେଖକ ଆଣ୍ଡ୍ରିୟୁ ଲାଉନି କୋର୍ଟରେ ଲର୍ଡ ମାଉଣ୍ଟବେଟେନ୍ ଏବଂ ଲେଡି ମାଉଣ୍ଟବେଟେନ୍‌ଙ୍କ ବ୍ୟକ୍ତିଗତ ଡାଏରୀ ସହ ଏଡ୍‌ୱିନା ଏବଂ ଜବାହରଲାଲ ନେହେରୁଙ୍କ ମଧ୍ୟରେ ଲେଖାଯାଇଥିବା ଚିଠିଗୁଡ଼ିକୁ ରିଲିଜ କରିବା ନିମନ୍ତେ ଆବେଦନ କରିଥିଲେ। ଏହି କାଗଜପତ୍ରରେ ଭାରତ ବିଭାଜନବେଳର ତଥ୍ୟ ସମେତ ବ୍ରିଟିଶ-ଭାରତ ଇତିହାସର ଗୁରୁତ୍ୱପୂର୍ଣ୍ଣ ଭାଗ ରହିଛି।

୨୦୧୧ରେ ସାଉଥହାମ୍ପଟନ୍ ୟୁନିଭର୍ସିଟି ୨.୮ ନିୟୁତ ପାଉଣ୍ଡ ପବ୍ଲିକ୍ ଫଣ୍ଡ ଦ୍ୱାରା ବ୍ରଡ୍‌ଲ୍ୟାଣ୍ଡ ଆର୍କାଇଭ୍‌କୁ ମାଉଣ୍ଟବେଟେନ୍‌ଙ୍କ ପରିବାରଠାରୁ କିଣିଥିଲା। ଏହି ଦସ୍ତାବିଜ୍‌ଗୁଡ଼ିକୁ ସର୍ବସାଧାରଣରେ ପ୍ରକଶ କରିବା ୟୁନିଭର୍ସିଟିର ଉଦ୍ଦେଶ୍ୟ ଥିଲା। ପରେ କ୍ୟାବିନେଟ୍ ଅଫିସ୍ ଅଧିକାରୀଙ୍କୁ ତାହା ହସ୍ତାନ୍ତର କରିଥିଲା। ୨୦୧୯ରେ ଇନ୍‌ଫର୍ମେଶନ କମିଶନର ଅଫିସ୍ (ଆଇସିଓ) ଲୁଇନ୍‌ଙ୍କ ସପକ୍ଷରେ ଯାଇ ବ୍ରଡଲ୍ୟାଣ୍ଡ ଆର୍କାଇଭ୍‌ର ରିଲିଜ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ପ୍ରଥମ ଟାୟର ଟ୍ରିବ୍ୟୁନାଲରେ ଚ୍ୟାଲେଞ୍ଜ କରାଯାଇଥିଲା।



# ତୃତୀୟ ସାମ୍ମୁଖ୍ୟ: ସମୟ ଆସିଲେ ନିଷ୍ପତ୍ତି

## ମାପିଚୁପି ମତ ରଖିଲେ ନବୀନ

■ରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ଦେଖି ସମର୍ଥନ ନିଷ୍ପତ୍ତି ନେବ ବିଜେଡି

ନୂଆଦିଲ୍ଲୀ,୩୦।୪

ଆଗାମୀ ଲୋକ ସଭା ଏବଂ ରାଷ୍ଟ୍ରପତି ନିର୍ବାଚନକୁ ନେଇ ବିଜେଡିର ଯୋଜନା ସମ୍ପର୍କରେ ଦଳ ସଭାପତି ତଥା ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାପିଚୁପି ମତ ରଖିଛନ୍ତି। ପ୍ରସ୍ତାବିତ ତୃତୀୟ ସାମ୍ମୁଖ୍ୟ ନେଇ ପ୍ରଶ୍ନ ହେବାରୁ ନିର୍ବାଚନ ବହୁତ ଡେରି ଅଛି, ସମୟ ଆସିଲେ ଆମେ ଏନେଇ ବିଚାର କରିବୁ ବୋଲି ନବୀନ କହିଥିଲେ। ତେବେ କୌଣସି ରାଜନୈତିକ ମେଣ୍ଟ ଗଠନଠାରୁ ତାଙ୍କ ଦଳ ସ୍ୱାଧୀନ ରହିବାକୁ ପସନ୍ଦ କରିବ ବୋଲି ସେ ମତ ରଖିଥିଲେ। ସେହିପରି ରାଷ୍ଟ୍ରପତି ନିର୍ବାଚନରେ ପ୍ରାର୍ଥୀଙ୍କୁ ଚାହିଁ ନିଷ୍ପତ୍ତି ନିଆଯିବ ବୋଲି ବିଜେଡି ସୁପ୍ରିମୋ କହିଛନ୍ତି। କାରଣ ପ୍ରାର୍ଥୀ ହେଉଛନ୍ତି ଅଧିକ ଗୁରୁତ୍ୱପୂର୍ଣ୍ଣ। ୨୦୧୭ ରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀ ରାମନାଥ କୋବିନ୍ଦଙ୍କୁ ବିଜେଡି ସମର୍ଥନ ଦେଇଥିଲା। ଶାସକ ଏନ୍‌ଡିଏ ପାଖରେ ସଂଖ୍ୟାଗରିଷ୍ଠତା ଲାଗି ୧.୨ ପ୍ରତିଶତ କମ୍ ଭୋଟ ରହିଥିବାରୁ ରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ଜିତାଇବାକୁ ହେଲେ ବିଜେଡିର ସମର୍ଥନ ଗୁରୁତ୍ୱପୂର୍ଣ୍ଣ। ପାର୍ଲାମେଣ୍ଟର ଉଭୟ ଗୃହରେ ୨୧ ଏମ୍‌ପିଙ୍କ ସହ ନବୀନଙ୍କ ନିୟନ୍ତ୍ରଣରେ ୩.୨୨ ପ୍ରତିଶତ ଭୋଟ ରହିଥିବାରୁ ଜୁଲାଇରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ



ଏନ୍‌ଡିଏ ପ୍ରାର୍ଥୀଙ୍କୁ ସହଜରେ ବିଜୟୀ କରାଇପାରିବ ବୋଲି କୁହାଯାଉଛି।

ଭାରତର ରାଷ୍ଟ୍ରପତିଙ୍କୁ ଇଲେକ୍ଟୋରାଲ କଲେଜ ନିର୍ବାଚିତ କରିଥାଏ। ଏଥିରେ ୭୭୬ ଏମ୍‌ପି ଏବଂ ୪,୧୨୦ ବିଧାୟକ ସଦସ୍ୟ ଅଛନ୍ତି। ସରକାର ମେଣ୍ଟ ସହଯୋଗୀ ଦଳ ସମେତ ୱାଇଏସ୍‌ଆର୍ କଂଗ୍ରେସ ଏବଂ ବିଜେଡି ଭଳି ଦଳଗୁଡ଼ିକର ସମର୍ଥନ ପାଇଁ ଉଦ୍ୟମ ଚଳାଇଛନ୍ତି। ରାଷ୍ଟ୍ରପତି ନିର୍ବାଚନରେ ବିରୋଧୀ ଦଳ ମିଳିତ ପ୍ରାର୍ଥୀ ଦେବା ନେଇ ଚର୍ଚ୍ଚା ହେଉଥିଲାବେଳେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଆଭିମୁଖ୍ୟ ଗୁରୁତ୍ୱପୂର୍ଣ୍ଣ। ମିଳିତ ବିରୋଧୀ ଦଳ ପ୍ରାର୍ଥୀ ଦେବା ନେଇ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ, ଏମ୍.କେ. ଷ୍ଟାଲିନ୍‌ଙ୍କ ଡିଏମ୍‌କେ, ଉଦ୍ଧବ ଠାକ୍‌ରେଙ୍କ ଶିବସେନା, କେ. ଚନ୍ଦ୍ରଶେଖର ରାଓଙ୍କ ତେଲଙ୍ଗାନା ରାଷ୍ଟ୍ର ସମିତି ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବା ଆଶା କରାଯାଉଛି। ସେହିପରି ୨୦୨୪ ସାଧାରଣ ନିର୍ବାଚନ ଭାଜପା ବିରୋଧୀ ତୃତୀୟ ସାମ୍ମୁଖ୍ୟ ଗଠନ ଲାଗି ଏହି ନେତାମାନେ ଉଦ୍ୟମ ଚଳାଇଛନ୍ତି।

# ରାଜ୍ୟ ସରକାର ପ୍ରସ୍ତାବ ଦେଲେ ମହାନଦୀ ଉପରେ ବ୍ୟାରେଜ ହେବ: ବିଶ୍ୱେଶ୍ୱର

## ଛତିଶଗଡ଼ ପକ୍ଷ ନେଇ ରାଜ୍ୟ ଉପରେ ବର୍ଷିଲେ

ରାୟଗଡ଼ା ଅଫିସ/ ଜୟପୁର,୩୦।୪(ନି.ପ୍ର.)

ପଡ଼ୋଶୀ ଛତିଶଗଡ଼ ଓ ଆନ୍ଧ୍ର ସରକାର ନିଜ ରାଜ୍ୟର ନଦୀଗୁଡ଼ିକ ଉପରେ ବ୍ୟାରେଜ ନିର୍ମାଣ କରି ଚାଷ, ଶିଳ୍ପ ସହ ଲୋକଙ୍କୁ ପାନୀୟ ଜଳ ଯୋଗାଉଛନ୍ତି। ଓଡ଼ିଶା ଦେଇ ପ୍ରବାହିତ ମହାନଦୀ ଉପରେ ବ୍ୟାରେଜ ନିର୍ମାଣ ପାଇଁ ରାଜ୍ୟ ସରକାର କେବେ ପ୍ରସ୍ତାବ ଦେଇଛନ୍ତି କି । ରାୟଗଡ଼ା ଓ କୋରାପୁଟ ଜିଲା ଗସ୍ତରେ ଆସି ଶନିବାର କେନ୍ଦ୍ର ଜଳ ସମ୍ପଦ ବିଭାଗ ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏଭଳି ପ୍ରଶ୍ନ କରିଛନ୍ତି। ଏହି ପ୍ରସଙ୍ଗରେ ସେ ଓଡ଼ିଶା ସରକାରଙ୍କ ଉପରେ ଦୋଷ ଲଦିଛନ୍ତି।

ରାୟଗଡ଼ା ସର୍କିଟ ହାଉସ ଠାରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା ବେଳେ ହୀରାକୁଦକୁ ପାଣି ଆସିବା ବାଟରେ ଯଦି ଛତିଶଗଡ଼ ସରକାର ବ୍ୟାରେଜ ନିର୍ମାଣ କରିପାରୁଛନ୍ତି ତେବେ ମହାନଦୀ ଉପରେ ବ୍ୟାରେଜ ନିର୍ମାଣ କରି ବର୍ଷା ଦିନରେ ଜଳ ସଂରକ୍ଷଣ ପାଇଁ ଓଡ଼ିଶା ସରକାର କାହିଁକି ପ୍ରସ୍ତାବ ଦେଉନାହାନ୍ତି ବୋଲି ବିଶ୍ୱେଶ୍ୱର କହିଥିଲେ। ଆମ ପାଖରେ ଆହୁରି ଦୁଇ ବର୍ଷ ସମୟ ଅଛି। ରାଜ୍ୟ ସରକାର ପ୍ରସ୍ତାବ ଦେଲେ ତାହାକୁ ଶୀଘ୍ର କାର୍ଯ୍ୟକାରୀ କରାଯାଇ କାମ ଅଗ୍ରଗତି କରିପାରିବୁ। କୋରାପୁଟ ଜିଲାକୁନ୍ଦୁରା ବ୍ଲକ ଗସ୍ତ ଅବସରରେ ଜୟପୁର ହାଟପଦାଠାରେ ଆଲୋଚନା ସମୟରେ ସମାନ କଥା କହିବା ସହ ରାଜ୍ୟ ସରକାରଙ୍କ ଜଳ ସମ୍ପଦ ମନ୍ତ୍ରୀ ଗଣମାଧ୍ୟମରେ ଯେଉଁ ଯୁକ୍ତି ରଖୁଛନ୍ତି ଏସବୁ ବିଷୟରେ ତାଙ୍କର କୌଣସି ଜ୍ଞାନ ନାହିଁ ବୋଲି ସେ କହିଛନ୍ତି।


ଅତି ପୁଷ୍ଟିକର ଅଣ୍ଡା
ବର୍ତ୍ତମାନ ସୁଲଭ ମୂଲ୍ୟରେ

ଜନ ହିତରେ
ଏନଇସିସି ଅଣ୍ଡା ବିକ୍ରେତାଙ୍କୁ ଅନୁରୋଧ କରୁଛୁକି ଦୟାକରି ଡଜନ ପ୍ରତି ଟ.60/- ରୁ ଅଧିକ ନିଅନ୍ତୁ ନାହିଁ

ଅଣ୍ଡା ଡଜନ ₹60/- ମାତ୍ର

ଅଧିକ ବିବରଣୀ : ଏନ୍‌ଇସିସି ଓଡ଼ିଶା ମୋବାଇଲ୍ ନଂ
© 7077073444

NECC NATIONAL EGG CO-ORDINATION COMMITTEE

ସନ୍‌ଡେ ହୋ ୟା ମନ୍‌ଡେ, ରୋଜ୍ ଖାଓ ଅଣ୍ଡେ


# ବିଡିଓଙ୍କୁ ବିଧାୟକଙ୍କ ଆକ୍ରମଣ ଅଭିଯୋଗ

■ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି

■ବିଡିଓଙ୍କ ବିରୋଧରେ ବିଧାୟକଙ୍କ ପାଲଟା ଅଭିଯୋଗ

ଦେବଗଡ଼, ୩୦।୪ (ଡି.ଏନ୍.ଏ.)

ଦେବଗଡ଼ ଜିଲା ତିଲେଇବଣି ବିଡିଓ କୃଷ୍ଣଚନ୍ଦ୍ର ଦଳପତିଙ୍କୁ ଶନିବାର ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ସମର୍ଥକଙ୍କ ସହିତ ମିଶି ସଂଘବଦ୍ଧ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ବିଡିଓ ଦଳପତି ଗୁରୁତର ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ବିଡିଓ ଦଳପତି ଏନେଇ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ବିଧାୟକ ପାଣିଗ୍ରାହୀଙ୍କୁ ତିଲେଇବଣି ବିଡିଓ ଦଳପତି ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ବିଧାୟକ ପାଣିଗ୍ରାହୀ ଅଭିଯୋଗ କରିଥିବା ଜଣାପଡିଛି।

ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପୂର୍ବାହ୍ନରେ ବିଡିଓ ଦଳପତି, ଦେବଗଡ଼ ତହସିଲଦାର ପଲ୍ଲବୀ ନାୟକ, ରାଜସ୍ୱ ସୁପରଭାଇଜର ହୃଦାନନ୍ଦ ସାହୁ, ସୁଗୁଡା ରାଜସ୍ୱ ନିରୀକ୍ଷକ ଜଳିରାଣୀ ପ୍ରଧାନ ଓ ଛେପିଲିପାଲି ଗ୍ରାମ ପଞ୍ଚାୟତର ଜିଆରଏସ୍ ଜଗନ୍ନାଥ ସାହୁଙ୍କ ସହିତ ଯୁଗ୍ମ ତଦନ୍ତ ନିମନ୍ତେ ଛେପିଲିପାଲି ଗ୍ରାମ ପଞ୍ଚାୟତର ଭାଲିଆଗୁଡି ଗ୍ରାମକୁ ଯାଇଥିଲେ। ତେବେ ପୂର୍ବାହ୍ନ ୧୦ଟା ୩୦ରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ତାଙ୍କ ନିକଟକୁ ଏକାଧିକ ଫୋନ ନମ୍ବରରୁ ଲଗାତର ଫୋନ କଲ ଆସିବା ସହ ବିଧାୟକଙ୍କୁ ଦେଖା କରିବାକୁ ବିଡିଓଙ୍କୁ କୁହାଯାଇଥିଲା। ବିଡିଓ ଦଳପତି ତଦନ୍ତ ସାରି ବିଧାୟକଙ୍କୁ ଦେଖା କରିବେ ବୋଲି ଉତ୍ତର ଦେଇଥିଲେ। ଏହାର କିଛି ସମୟ ମଧ୍ୟରେ ବିଧାୟକ ପାଣିଗ୍ରାହୀଙ୍କ ସମେତ ୧୦ରୁ ଉର୍ଦ୍ଧ୍ୱ କର୍ମୀ ସେଠାରେ ପହଞ୍ଚି ବିଡ଼ିଓଙ୍କୁ ଧକ୍କା ଦେବା ସହ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିସହ ବିଡିଓଙ୍କୁ ବିଧାୟକଙ୍କ ଗାଡିରେ ଭର୍ତ୍ତିକରି ଉଠାଇ ନେବାକୁ ଉଦ୍ୟମ କରିଥିଲେ। ବିଡିଓଙ୍କୁ ଜାତିଆଣ ଆକ୍ଷେପ କରିବା ସହ ତାଙ୍କୁ ମୁଥ ମାରିବାରୁ ସେ ତଳେ ପଡ଼ିଯାଇଥିଲେ। ସହଯୋଗୀମାନେ ତାଙ୍କୁ ଉଦ୍ଧାର କରିଥିଲେ। ଅନ୍ୟପକ୍ଷରେ ଦେବଗଡ଼



ଆହତ ବିଡିଓ କୃଷ୍ଣଚନ୍ଦ୍ର ଦଳପତି


ବିଧାୟକ ପାଣିଗ୍ରାହୀ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ବିଡିଓ ଦଳପତିଙ୍କୁ ଦେଖା କରିବାକୁ ଚାହିଁବାରୁ ତାଙ୍କୁ ବ୍ଲକ କାର୍ଯ୍ୟାଳୟକୁ ଡାକିଥିଲେ। ମାତ୍ର ବିଧାୟକ ସେଠାରେ ପହଞ୍ଚିବା ବେଳକୁ ବିଡିଓ ଅନୁପସ୍ଥିତ ଥିଲେ। ଦୁଧିଆନାଳି ଗ୍ରାମକୁ ଡାକିଥିଲେ। ବିଧାୟକ ପାଣିଗ୍ରାହୀ ସେଠାରେ ପହଞ୍ଚିବା ପରେ ବିଡିଓ ସେଠାରେ ନ ଥିଲେ। ବିଧାୟକ ତାଙ୍କୁ ଫୋନ କରିବାରୁ ବିଡିଓ ଦଳପତି କୁଆଡେ ତାଙ୍କୁ ଛେପିଲିପାଲି ଗ୍ରାମ ପଞ୍ଚାୟତର ଭାଲିଆଗୁଡି ଗ୍ରାମକୁ ଡାକିଥିଲେ। ବିଧାୟକ ପାଣିଗ୍ରାହୀ ସେଠାରେ ପହଞ୍ଚିବା କ୍ଷଣି ବିଡିଓ ଦଳପତି ଉତକ୍ଷିପ୍ତ ହୋଇ ତାଙ୍କୁ କୁଆଡେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ସେହିପରି ଗଲାବେଳେ ବିଡିଓ ଦଳପତି ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଦେବଗଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ଆଧାରରେ ମଧ ଦେବଗଡ ଥାନା ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଯୋଗ୍ୟ ଯେ, ଘଟଣା ପରେ ବିଡିଓ ଦଳପତି ଏନେଇ ଜିଲାପାଳ ଓ ରାଜ୍ୟ ଓଏଏସ୍ ସଂଘକୁ ମଧ୍ୟ ଅବଗତ କରିଛନ୍ତି।


WANTED
ଧରିତ୍ରୀ DHARITRI Oriya daily
is looking for
ACCOUNTS EXECUTIVE &
OFFICE ADMIN EXECUTIVE

- Candidates should have at least 3 years+ experience in the field of Accounts.
- Experience to include cash register maintenance, day to day accounting, stock maintenance, Internal Audit, MIS, verification of Bills.
- Proficiency in MS Excel, MS Word is a must.

PLACE OF POSTING : SAMBALPUR
Apply immediately to :
recruitment@dharitri.com
Attractive salary commensurate with experience





**ଆଜିର ମନ୍ତବ୍ୟ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତିଶ୍ରୁତି ଏବଂ ଉଦ୍ଦେଶ୍ୟ ଭିତରେ ସର୍ବଦା ତଫାତ ରହିଛି। ଦେଶରେ ଶକ୍ତି ସଙ୍କଟ ପାଇଁ ଏବେ ମୋଦିଜୀ ନେହେରଙ୍କୁ ଦୋଷ ଦେବେ ନା ଜନସାଧାରଣଙ୍କୁ। **–ରାହୁଲ ଗାନ୍ଧୀ, କଂଗ୍ରେସ ନେତା**




## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜିଠାରୁ ମନନ ନାଟ୍ୟ କର୍ମଶାଳା

ଭୁବନେଶ୍ୱର,୩୦ ।୪(ବ୍ୟୁରୋ) – ମନନ ନାଟ୍ୟ ସଂସ୍ଥା ପକ୍ଷରୁ ମେ ୧ ରବିବାରଠାରୁ ନାଟ୍ୟ କର୍ମଶାଳା ଆରମ୍ଭ ହେବ। ଏହା ୩୧ ତାରିଖ ଯାଏ ଚାଲିବ। ମାସେ ବ୍ୟାପୀ ହେବାକୁ ଥିବା ଏହି କର୍ମଶାଳାରେ ନାଟକ କ୍ଷେତ୍ରରେ ନିଜର ପ୍ରସିଦ୍ଧି ଲାଭ କରିବାକୁ ଚାହୁଁଥିବା ଯୁବ କଳାକାରମାନେ ଅଂଶଗ୍ରହଣ କରିପାରିବେ। ଏ ନେଇ ଅନୁଷ୍ଠାନର ସଭାପତି ମନୋଜ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଣ୍ଟାରେ ନ ଥାଇ ଧନ**
**ପୁଅ ବାହା ପାଇଁ ମନ।**


ସାଧାରଣତଃ ବାହାଘର କଲେ ଭୋଜିଭାତ ଦେବା ନେଇ ଅନେକ ଖର୍ଚ୍ଚ କରିବାକୁ ପଡିଥାଏ। ଏପରିସ୍ଥଳେ ହାତରେ ଧନ ନ ଥିବା ବ୍ୟକ୍ତି ଏଥିପ୍ରତି ମନ ବଳେଇବା ଉଚିତ ହୋଇ ନ ଥାଏ। ପାଖରେ ଅର୍ଥ ନଥାଇ ବଡ଼ ବଡ଼ ଖର୍ଚ୍ଚାନ୍ତ କାମରେ ହାତଦେବା ବା ବହୁ ଖର୍ଚ୍ଚ କରିବା ଲାଗି ଅଗ୍ରସର ହେବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅବାଣି କାଟଇ ଝୋଟ**
**ଠାଏ ସରୁ ଠାଏ ମୋଟ।**

ବାଣି ବା ସୂତା ଯିଏ କାଟି ଜାଣି ନଥାଏ ତା' ଦ୍ୱାରା ସୂତା କାଟିବା କାର୍ଯ୍ୟଟି କେବେହେଲେ ଠିକ୍ ସେ ହୋଇପାରି ନ ଥାଏ। ତେଣୁ କୌଣସି କାମ ନ ଜାଣି ସେଭଳି କାମରେ ହାତ ଦେଲେ କେବଳ ବିଫଳତା ହିଁ ମିଳିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

# classifieds Everyday
0674-2580101, 2549302




## BRIDE WANTED

Brahmin Boy MBBS/31 Govt. Doctor, Bhubaneswar, 9938199964, Whatsapp-7978399083. D-296

## GROOM WANTED

Wanted Bengali/ Oriya Groom for my daughter 38y 5'3", Assistant Professor in Bhubaneswar. Contact: 8249848300. D-295

44 ବୟସ୍କା Government ଚାକିରିଆ Bania ବିଧବା ଝିଅଙ୍କୁ any caste ଘରଜ୍ୱାଇଁ ଦରକାର। 6371064622. D-305




## SALE

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

2Guntha land emergency sale, 10,00,000/- per Guntha, backside of Tata Showroom, Samantarapur, Bhubaneswar, 40' Gangua Canal road side 1.1km. from main road. Contact: 9937945505. D-73311

**5BHK new construction individual house sale at Gita Engg. College, Madanpur, BBSR. Cost 1crore 10lakh (land area-2750sqft. built up area 2800sqft. Contact: 8144978585, 7978090773.** D-266

BBSR Hanspal to 4 K.M. ଘର ଉପଯୋଗୀ plot Price-1450/- ସୁନ୍ଦରପଦା Xavier University (sqft.-250,350,500) ଘରବାଡ଼ି ମିଳୁଛି। 9556393409, 8114994259. D-284

**Gharabari plot available near Bhubaneswar, Pahal, Hanspal, Balianta, Nakhara and other location-9338498460.** D-73236

Commercial Cum residential gharabari plot just 2 k.m. distance from Khurdha Collectorate Office for sale. Contact: 9800700664, 9439101373. D-106

**NH-16A କାଟେଣି ଛକରୁ 1K.M. ଦୂରରେ କଟକ ଆଡ଼କୁ କଣ୍ଟାବାଡ଼ ହାଇସ୍କୁଲ ପାଖରେ ରୋଡ୍ side ଘରବାଡ଼ି ପ୍ଲଟ୍ ମିଳୁଛି। 8658219495.** D-220

Gharabari square size plot for sale near Retanga Station, Bhubaneswar. 9937315056. D-289

**Private plot for sale near Mancheswar Railway Station. Contact. 7008236675, 8249937349.** D-309

ଭୁବନେଶ୍ୱର ଅନ୍ଧାରୁଆ, ଦାସପୁରରେ ୫ଗୁଣ୍ଠ ସ୍ଥିତିବାନ ପ୍ଲଟ୍ ବିକ୍ରିହେବ। (ଗୁଣ୍ଠ- 6,00,000/-). 9776866520. D-293

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891.** D-224

**Under construction 3 BHK Premium Flats (S+ 4) for sale at N1-285, I.R.C Village, BMC approved. Contact: 9178224385.** D-270

Plot for sale 10,000sqft. near Rasulgarh, Bhubaneswar. 8480204021. D-282

**Residential cum Commercial road side plot, Niali Road @750sqft. residential plots with Boundarywall, Electricity System, Homely Temple, Nakhara 7K.M., BBSR 12 K.M. 8249851363, 7809525452.** D-71892

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891.** D-225

**ଭୁବନେଶ୍ୱର ପିତାପଲ୍ଲୀ ଛକରୁ 50mtr ଦୂରରେ BDA yellowzone ପ୍ଲଟ୍ ମିଳୁଛି। 9556368377.** D-73238

2000sqft. ପ୍ଲଟ୍ 8,00,000/- (15 plot available) ସୁନ୍ଦରପଦାରୁ ଜଟଣୀ ରୋଡ୍ Bhubaneswar. 9439493164. D-73242

**ଭୁବନେଶ୍ୱର ହଂସପାଳଛକ, ନଖରା ଛକ ଏବଂ ପଟିଆ KIIT College ଛକ ପାଖରେ 3BHK Duplex/ flat ଅଛି। 9658122456, 8327785834.** D-73241

ଭୁବନେଶ୍ୱର Hanspal NHରୁ 3k.m. ଦୂରତାରେ duplex ଏବଂ plot କିଣନ୍ତୁ। 6372789556. D-73239

**5000sqft. (50ftX100ft.) premium commercial yellowzone, gharabari, sthitiban single patta owner plot for sale with boundary & filling completed at Dhauli Square. Price Rs.-1,45,00000/- contact direct owner. 9040026465 (Babu Babu).** D-135

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft.-1200କୁ 3,60,000/- outrateରେ ମିଳୁଛି। 9439660381, 9556055607. D-176

**ଭୁବନେଶ୍ୱର Sum Hospital 4KM ଦୂରତାରେ ଘରବାଡ଼ି, Road, ଇଲେକ୍ଟ୍ରି ଥାଇ ପ୍ଲଟ୍ ମିଳୁଛି। 9090963952.** D-73214

Morningsun Villa Balianta (4k.m. from Hanspal) duplex price- 55,00,000/- to 65,00,000/-. 9938137503. D-73228

**3 Acre Land for Sale on NH-16 near Khurda Collectorate for 6 Crore. 7980909139.** D-23515




**Construct your home 850/-, 1330/- includes Architecture structure with 3year FMC provide BDA plan approval boring/ interior work. SNV construction. 9439295469.** D-73237

Do you want to construct dream house on your own plot for more details. Contact: K.K. Construction, 7008268129, 9439143273. D-71342


ନିଜର ପ୍ରିୟଜନମାନଙ୍କୁ
ଜନ୍ମଦିନର ଓ ବିବାହ ଶୁଭେଚ୍ଛା
ଜଣାନ୍ତୁ କେବଳ ଟ୨୧୦/–
ରେ। ରଙ୍ଗୀନ ଟ୪୨୦/–
ରେ। (ଫଟୋ ସହ) ବି.ଦ୍ର.:
ଶୁଭେଚ୍ଛା ୬ସେମି. (H) X
୪ସେମି. (W)
ହେବା ଆବଶ୍ୟକ।


**Griha Nirman facilities, architectural plan-2,000/-, structural plan- 3,000/-, core house- 480/- per sqft., complete house-1150/- per sqft., interior-1250/- per sqft. BDA Approval/ Bank loan. Contact: 8249899544, 9658718029.** D-70795

## GENERAL

## SALE

ସିନ୍ଥେଟିକ୍ ଶାଢ଼ି ୩୦୦ଖଣ୍ଡ ୧୨୦ ଟଙ୍କା ମୂଲ୍ୟରେ ଶୀଘ୍ର ବିକ୍ରି କରାଯିବ। 9090057547. D-70274




2BHK flat with parking at Lingipur rent family. Contact: 7894381416. D-71496

**2BHK well located modern flat available for rent Rs.-14,000/- (negotiable) with conditions on GGP Pandra road in Avantika Apartment near Gokul Residency. Contact: 8984692488 during Office hour.** D-71630

2BHK in Mahadev Nagar, Jharapada, BBSR Rs.- 9000/- P.M. with Car parking (for Family Members only). Contact # 9437756980. D-265

To-let First floor 1700sqft. & 2nd Floor 1700sqft. available on NH near Uttara Square, Bhubaneswar. Contact- 7978097047. D-306

**ନିଜର ଖାଲି ଜାଗାକୁ ଭଡ଼ାରେ ଦେଇ ନିଶ୍ଚିନ୍ତରେ ବସନ୍ତୁ। 9692095626, 7978456831.** D-71631

Two spacious rooms, Toilet, Kitchen, Balcony behind Durga Mandap, Bomikhal. 9937142422. D-281

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Take one hour any therapy @888 only, Jaydev Vihar. Call: 7852986810. D-71490

All types body massage with high profile smart Lady room service available. 9142145769. D-71345

Newly open full body massage ladies and gents. 8327740003. D-71893

Newly open SPA positively health benefits expert therapist, kalpana. 7846814019. D-71500

Newly open full body massage expert male/ female therapist. 7008713526. D-71497

Take wellness relax body massage by experienced lady therapist. 7008773793. D-73601

## AFFIDAVIT

By virtue of an affidavit before Notary Public, Bhubaneswar, I, Sumitra Baran Behera , age about 49, S/o Rasananda Behera, residence of AT/PO-Balibo, PS-Bhuban, Dist.-Dhenkanal-759017, Odisha, at present flat No-204, Basera Harmony Apartment, Damana Square, Bhubaneswar, Odisha declare that my daughter name has been changed from ANINDITA BEHERA To "ANINDITA BARAN" . So she will be known as ANINDITA BARAN for all future purpose. D-298

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ରାଜ୍ୟପାଳଙ୍କ ଦ୍ୱାରା 'ଜୀବନର ଝର କଲମ' ଉନ୍ମୋଚିତ

ଭୁବନେଶ୍ୱର, ୩୦ ।୪(ବ୍ୟୁରୋ) – ଅବସରପ୍ରାପ୍ତ ପ୍ରଶାସକ ଚିନ୍ମୟ ବସୁଙ୍କ ପୁସ୍ତକ 'ଜୀବନର ଝର କଲମ' ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଶନିବାର ରାଜଭବନରେ ଆୟୋଜିତ ଉତ୍ସବରେ ରାଜ୍ୟପାଳ ଲେଖକଙ୍କୁ ପ୍ରଶଂସା କରି କହିଲେ, ଏହି ପୁସ୍ତକ ଅନ୍ୟମାନଙ୍କ ପାଇଁ ଶିକ୍ଷଣୀୟ ଓ ପ୍ରେରଣାଦାୟୀ ହୋଇ ପାରିବ। ଲେଖକ ବସୁ ପୁସ୍ତକ ସମ୍ପର୍କରେ ସୂଚନା ଦେଇ କହିଲେ, ଜୀବନର ବିଭିନ୍ନ ସମୟର ଅଭିଜ୍ଞତା ଓ ମନରେ ଯାହା ଅଭୁଲା ସ୍ମୃତି ହୋଇ ରହିଯାଇଛି, ତାହାକୁ ନେଇ ବହିରେ ଥିବା ପ୍ରତିଟି କାହାଣୀ ପ୍ରସ୍ତୁତ ହୋଇଛି। ଏହା ବାସ୍ତବରେ ଆତ୍ମଜୀବନୀ ନୁହେଁ, ବରଂ ଜୀବନର ଗଳ୍ପଗୁଚ୍ଛ କହିଲେ ଯଥାର୍ଥ ହେବ। ପୁସ୍ତକ ପ୍ରକାଶନରେ ପୂର୍ବତନ ପ୍ରଶାସକ ତଥା କଥାକାର ତରୁଣକାନ୍ତି ମିଶ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବରିଷ୍ଠ ପ୍ରଶାସକ ବିଜୟ କୁମାର ପଟ୍ଟନାୟକ, ଗୋକୁଳ ଚନ୍ଦ୍ର ପତି, ତରୁଣକାନ୍ତି ମିଶ୍ର, ଯୁଗଳ କିଶୋର ମହାପାତ୍ର, ଅରବିନ୍ଦ ବେହେରା ପ୍ରମୁଖଙ୍କ ସମେତ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପ୍ରକାଶକ ଜୀବନାନନ୍ଦ ମିଶ୍ର, ବିରଞ୍ଚି ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଲେଖକ ବସୁ ୨୦୧୧ରେ ଭାରତୀୟ ପ୍ରଶାସନିକ ସେବାରୁ ଅବସର ନେବାପରେ ଓଡ଼ିଶା ପବ୍ଲିକ ସର୍ଭିସ କମିଶନର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ।

ପ୍ରଥମ ପୃଷ୍ଠାରୁ...

## ନାମଫଳକ ପାଇଁ ...

କରାଯାଇଛି। ଭାରତର ପ୍ରତ୍ୟେକ ରାଜ୍ୟରେ ଇଂଲିଶ ସହିତ ପ୍ରାଦେଶିକ ଭାଷାକୁ ଗୁରୁତ୍ୱ ଦିଆଯାଉଛି। ସେହି ଅନୁସାରେ, ସମସ୍ତ କାର୍ଯ୍ୟାଳୟରେ ନାମଫଳକ ଇତ୍ୟାଦି ଓଡ଼ିଆ ଭାଷାରେ ଲେଖିବା ପାଇଁ ଓଡ଼ିଆ ଭାଷା ପ୍ରତିଷ୍ଠାନ ତରଫରୁ ପୂର୍ବରୁ ପତ୍ର ଦ୍ୱାରା ଅନୁରୋଧ କରାଯାଇଥିଲା। କିନ୍ତୁ ବିଭିନ୍ନ କାର୍ଯ୍ୟାଳୟ ଓ ଅଧିକାରୀମାନଙ୍କ ନାମଫଳକ ଓଡ଼ିଆ ଭାଷାରେ ଲେଖାଯାଉନାହିଁ ବା ଲେଖାଯାଉଥିଲେ ମଧ୍ୟ କେତେକାଂଶ ଲେଖାରେ ତ୍ରୁଟି ରହିଥିବା ପରିଲକ୍ଷିତ ହେଉଛି, ଯାହା ଓଡ଼ିଆ ଭାଷାର ଗୌରବ ଓ ସମ୍ମାନକୁ କ୍ଷୁଣ୍ଣ କରୁଛି। ତେଣୁ ଏହାକୁ ଗୁରୁତ୍ୱ ଦେଇ ପ୍ରତ୍ୟେକ କାର୍ଯ୍ୟାଳୟ ସହିତ ଅଧିକାରୀଙ୍କ ନାମଫଳକ ଇତ୍ୟାଦି ଓଡ଼ିଆରେ ନିର୍ଭୁଲ ଭାବେ ଲେଖାଯିବା ପାଇଁ ଅଧସ୍ତନ କାର୍ଯ୍ୟାଳୟଗୁଡ଼ିକୁ ନିର୍ଦ୍ଦେଶ ଦେବା ନିମନ୍ତେ ଉନ୍ନୟନ କମିଶନର ଅନୁରୋଧ କରିଛନ୍ତି।

ସେହିପରି ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ନାମଫଳକ ଓଡ଼ିଆ ଭାଷାରେ ଲେଖିବା ପାଇଁ ଉନ୍ନୟନ କମିଶନର ପୃଥକ ଚିଠି ଲେଖି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ, ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଏବଂ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଶିକ୍ଷାନୁଷ୍ଠାନରେ ନାମଫଳକ ଓଡ଼ିଆ ଭାଷାରେ ଲେଖାଗଲେ ଓଡ଼ିଆ ଭାଷାର ଗୌରବ ଓ ସମ୍ମାନ ଅକ୍ଷୁଣ୍ଣ ରହିବ। ତେଣୁ ଏହାକୁ ଗୁରୁତ୍ୱ ଦେଇ ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ସହିତ ଅଧିକାରୀଙ୍କ ନାମଫଳକ ଓଡ଼ିଆ ଭାଷାରେ ନିର୍ଭୁଲ ଭାବେ ଲେଖିବାକୁ ସମସ୍ତ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ପାଇଁ ପ୍ରଦୀପ ଅନୁରୋଧ କରିଛନ୍ତି। ଏହାକୁ ମଧ୍ୟ ତିନି ସପ୍ତାହ ମଧ୍ୟରେ ପାଳନ କରି ଜଣାଇବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ସମସ୍ତ ଦୋକାନ, ବାଣିଜ୍ୟିକ ପ୍ରତିଷ୍ଠାନରେ ନାମଫଳକ, ବିଜ୍ଞାପନ ଇତ୍ୟାଦି ଓଡ଼ିଆ ଭାଷାରେ ଲେଖାଯିବା ନେଇ ଉନ୍ନୟନ କମିଶନର ଶ୍ରମ ଓ ନିୟୋଜନ ବିଭାଗ ଶାସନ ସଚିବଙ୍କ ସହ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ପୂର୍ବରୁ ଏ ନେଇ ଚିଠି ହୋଇଥିଲେ ମଧ୍ୟ ଅନେକ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଦିର ନାମ ଓଡ଼ିଆରେ ନ ଲେଖି ଇଂଲିଶ ଭାଷାରେ ଲେଖାଯାଉଛି। ଏଥିଯୋଗୁ ଓଡ଼ିଆ ଭାଷା ଗୁରୁତ୍ୱ ହରାଇବା ସହ ସାଧାରଣ ଲୋକେ ଏହାକୁ ପଢ଼ିବା ଓ ବୁଝିବା କଷ୍ଟସାଧ୍ୟ ମଧ୍ୟ ହେଉଛି। ତେଣୁ ଓଡ଼ିଆ ଭାଷାରେ ନିର୍ଭୁଲ ଭାବେ ଲେଖାଯିବା ପାଇଁ ରାଜ୍ୟର ସମସ୍ତ ଅଧସ୍ତନ କାର୍ଯ୍ୟାଳୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାକୁ ଉନ୍ନୟନ କମିଶନ ପ୍ରଦୀପ ଜେନା ନିର୍ଦ୍ଦେଶ ଦେଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଦ୍ୱିଜା ନକ୍ଷତ୍ରସ୍ଥ ଚନ୍ଦ୍ରଙ୍କ ଯୋଗୁ ମନ ଯେମିତି, ଉଚ୍ଚ କାମଗୁଡ଼ିକ ମଧ୍ୟ ସେହିପରି ସରସ ରହିବ। ବୁଧଙ୍କ ପ୍ରଭାବରୁ ଏମିତି ମରମ କଥା କହିଦେବେ ଯେ, ବନ୍ଧୁ କହି ପାରୁନଥିବେ କି ସହି ପାରୁନଥିବେ। ପରିଜନଙ୍କ ଅନୁରୋଧରେ ନୂଆ ସ୍ଥାନ ବୁଲିଯିବାର ସୁଯୋଗ ରହିଛି। ରାହୁଙ୍କ ସ୍ଥିତିଜନିତ ଆର୍ଥିକ ସ୍ଥିତି ସେତେଟା ଭଲ ରହିବ ନାହିଁ।

**ବୃଷ**
ବିଳମ୍ବରେ ହାତକୁ ନେଇଥିବା କାମଗୁଡ଼ିକ ସମ୍ପନ୍ନ ହେବାରେ ଅସୁବିଧା ହେବ ନାହିଁ। ବନ୍ଧୁଙ୍କୁ ଅପେକ୍ଷା କରି ବିରକ୍ତ ହେବେ, କିନ୍ତୁ ପ୍ରକାଶ୍ୟରେ କିଛି କହି ପାରିବେ ନାହିଁ। ବ୍ୟବସାୟ, ପରିବହନ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ଯେତେ ପାଇଲେ ମଧ୍ୟ ହାତ ସବୁବେଳେ ଖାଲି ରହିବାରୁ ଚିନ୍ତା ପ୍ରକାଶ କରିପାରନ୍ତି।

**ମିଥୁନ**
ମନ ଧରି କାମ କଲେ ମଧ୍ୟ ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିମାନେ ବଦଳିବେ ନାହିଁ। କର୍ମକ୍ଷେତ୍ରରେ ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ଜମା ପଡୁନଥିବା ବ୍ୟକ୍ତିବିଶେଷଙ୍କ ଦ୍ୱାରା ପାରିବାରିକ କ୍ଷେତ୍ରରେ କିଛି ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିବ। ମାଙ୍ଗଳିକ କାର୍ଯ୍ୟରେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୋଇପାରନ୍ତି।

**କର୍କଟ**
ଆକସ୍ମିକ କୌଣସି ନିଷ୍ପତ୍ତି ନେଇ ପରେ ଅନୁତାପ କରିବେ। ଅନ୍ୟମନସ୍କ କିମ୍ବା ଅସାବଧାନବଶତଃ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନୀର ଆଶଙ୍କା ରହିଛି। ପରକଥାକୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ଅବଶ୍ୟ ମନର ବଳ ଟାଣ ରହିବ ଏବଂ ପୁଷ୍ୟା କେତେକାଂଶରେ ସଫଳତା ପାଇବେ। ଦୂରରେ ଥିବା ସନ୍ତାନମାନଙ୍କଠାରୁ ସୁଖବର ପାଇବେ।

**ସିଂହ**
ଆଜିର ସବୁ କାମ ସୁବିଧାରେ ସମ୍ପନ୍ନ ହୋଇପାରିବ। ବନ୍ଧୁମିଳନ ସାଙ୍ଗକୁ ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ସାମୟିକ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। ପାରସ୍ପରିକ ଅସହଯୋଗ କାରଣରୁ ଅଫିସ୍‌ରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ।

**କନ୍ୟା**
ଉଚ୍ଚସ୍ଥ ରବି ବିପରୀତ ରାଜଯୋଗ ସୃଷ୍ଟି କରୁଥିବାରୁ ଯେଉଁ କାମରେ ହାତ ଦେବେ ସଫଳତା ପାଇବେ। ଅଭାବନୀୟ ପରିସ୍ଥିତିକୁ ହୃଦୟଙ୍ଗମ କରି ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି। ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ। ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ସମାଲୋଚନାର କାରଣ ହେବ।

**ତୁଳା**
କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ। ଅଫିସ୍ କାମରେ ବ୍ୟସ୍ତ ରହି କୌଣସି ଗୁରୁତ୍ୱପୂର୍ଣ୍ଣ କଥାଟି ଭୁଲିଯିବେ। ସତ୍ୟତା ନଥାଇ ଶୁଣାକଥାକୁ ବିଶ୍ୱାସ କଲେ ମାନସିକ ଅଶାନ୍ତି ସାଙ୍ଗକୁ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ମାଙ୍ଗଳିକ କାମରେ ଆସିଥିବା ଜଣେ ବନ୍ଧୁଙ୍କ ଦର୍ଶନ ପାଇଁ ମନ ଛଟପଟ ହୋଇପାରେ।


**ବିଛା**
ସମସ୍ୟା ରହିଥିଲେ ମଧ୍ୟ କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ବହୁତ ଭଲ ରହିବ। ଅଯଥା ରାଗି ଅନ୍ୟମାନଙ୍କ ସହ ଥିବା ସମ୍ପର୍କକୁ ଖରାପ କଲା ଭଳି କିଛି କାମ କରିବା ଠିକ୍ ହେବ ନାହିଁ। ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କୀୟ ଦୁଶ୍ଚିନ୍ତା ଆସିପାରେ। ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବା ସାଙ୍ଗକୁ ଆର୍ଥିକ ସ୍ଥିତି ବହୁତ ଭଲ ରହିବ ।

**ଧନୁ**
ପାରିବାରିକ ପରିସ୍ଥିତି ଆପଣଙ୍କୁ ଘଟଣାଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବାକୁ ବାଧ କରିବ। ଶତ୍ରୁଙ୍କ ପ୍ରାଦୁର୍ଭାବ ଓ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ବାଣିଜ୍ୟ, ବ୍ୟବସାୟ, ପରିବହନ ଏବଂ ରିୟଲ୍‌ଇଷ୍ଟେଟ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ରାଜନୈତିକ ସ୍ତରରେ ଗଠନମୂଳକ ପ୍ରସ୍ତାବ ଦେଇ ପ୍ରଶଂସିତ ହେବେ।

**ମକର**
କର୍ମଜଞ୍ଜାଳ ବୃଦ୍ଧି ହେତୁ ଆଜି ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବେ। ଆନୁଷ୍ଠାନିକ କାମ ସାଙ୍ଗକୁ ପରିବହନ, ନିର୍ମାଣ, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ସଫଳତା ହାସଲ କରିବେ। ସଙ୍ଗଠନ, ସଭାସମିତି, ଆନୁଷ୍ଠାନିକ କାମ ତଥା ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ମିଳିବ। ଆକସ୍ମିକ ଭାବରେ ଦୂର ଯାତ୍ରା କରିବାକୁ ପଡ଼ିପାରେ।

**କୁମ୍ଭ**
ପାରିପାର୍ଶ୍ୱିକ ପରିସ୍ଥିତି ଓ ପରିବେଶ ଆଜି ପାଇଁ ବହୁତ ଭଲ ରହିବ। ନୂତନ ଯୋଜନା ଏବଂ କଲ୍ୟାଣମୂଳକ କାର୍ଯ୍ୟ ଦିଗରେ ଜଣେ ଦୂରାଗତ ବନ୍ଧୁ ସାହାଯ୍ୟ କରିବେ। ସାଧାରଣ ଭୁଲ୍ ବୁଝାମଣାକୁ ଦୂରେଇ ନେଲେ ଉପକୃତ ହେବେ। ପରିବାରରେ ସୁଖ ଶାନ୍ତି ଊଣା ହେବ ନାହିଁ, କିନ୍ତୁ ପୁରାତନ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇବ।

**ମୀନ**
ମନରେ ଅସ୍ଥିରତା ସୃଷ୍ଟି ହେଲେ ମଧ୍ୟ ପ୍ରତିଶ୍ରୁତି ଅନୁଯାୟୀ କାମ କରିବାକୁ ପ୍ରସ୍ତୁତ ହେବେ। ଶତ୍ରୁତା କରୁଥିବା ଲୋକଙ୍କ ଦ୍ୱାରା ବାଦବିବାଦ କ୍ରମେ ଜଟିଳ ହୋଇପାରେ। ସମୟ ସ୍ରୋତରେ ଭୁଲ୍ ବୁଝାମଣା କ୍ରମେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ଆଜିର ଆଲୋଚନା ସାରଗର୍ଭକ ହେତୁ ବନ୍ଧୁଗହଣରୁ ପ୍ରଶଂସାର ସୁଅ ଛୁଟି ଆସିବ।




# ପ୍ରତି ଜିଲ୍ଲାରେ ୭୫ ଅମୃତ ସରୋବର ଖନନ ହେବ

## କୋରାପୁଟ ଜିଲା ଗସ୍ତରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ

**କୋରାପୁଟ/କୁନ୍ଦୁରା,୩୦।୪ (ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦ୍ର ଜଳସମ୍ପଦ ତଥା ଆଦିବାସୀ କଲ୍ୟାଣ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଶନିବାର ଦିନିକିଆ କୋରାପୁଟ ଜିଲା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିବା ସହ ଜିଲାସ୍ତରୀୟ ସମୀକ୍ଷା ବୈଠକରେ ଯୋଗ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଜିଲାକୁ ଆସୁଥିବା କେନ୍ଦ୍ର ଅନୁଦାନର ସଦ୍ ବିନିଯୋଗ ନେଇ ସମସ୍ତ ଜିଲାସ୍ତରୀୟ ଅଧିକାରୀଙ୍କୁ ସେ ପରାମର୍ଶ ଦେଇଛନ୍ତି। ଭାରତ ସ୍ୱାଧୀନତାର ୭୫ ବର୍ଷରେ ପାଳିତ ହେଉଥିବା ଅମୃତ ମହୋତ୍ସବ ଅବସରରେ କେନ୍ଦ୍ର ଜଳଶକ୍ତି ବିଭାଗ ପକ୍ଷରୁ ଦେଶର ସମସ୍ତ ଜିଲାରେ ୭୫ଟି ଲେଖାଏ ଅମୃତ ସରୋବର ଖନନ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। କୋରାପୁଟ ଜିଲାର ଜଳଭଣ୍ଡାରଗୁଡ଼ିକର ଜଳଧାରଣ କ୍ଷମତା ହ୍ରାସ ପାଉଥିବାରୁ ଏନେଇ କେନ୍ଦ୍ର ଜଳଶକ୍ତି ଅଭିଯାନରେ ସେଗୁଡିକର ପୁନରୁଦ୍ଧାର ସହ ମରାମତି କରାଯିବ ବୋଲି ସେ କହିଥିଲେ।


କୋରାପୁଟରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ କେନ୍ଦ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଜିଲାସ୍ତରୀୟ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

ପରେ କୁନ୍ଦୁରା ବ୍ଲକର ରାଣୀଗୁଡାଠାରେ ହେବାକୁ ଥିବା ଜିଲାର ଦ୍ୱିତୀୟ ମଡେଲ ସ୍କୁଲର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଡଙ୍ଗରପାଉଁଶିଠାରେ କୋରାପୁଟ ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ ଏବଂ ବିଧାୟକ ପ୍ରତିନିଧି ନରେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ କେନ୍ଦ୍ରମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦେଇଥିଲେ। ଏଥିରେ ରାଣୀଗୁଡାଠାରେ ହେବାକୁ ଥିବା ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ସ୍ଥାନାନ୍ତର କରି ଅନ୍ୟତ୍ର କରିବାକୁ ଏଥିରେ ପ୍ରସ୍ତାବ ରହିଛି। କାରଣ କୁନ୍ଦୁରା ବ୍ଲକ ସଦର ମହକୁମାଠାରୁ ୧୬ କିମି ଦୂରରେ ଥିବା ରାଣୀଗୁଡାଠାରେ ଏହା ପ୍ରତିଷ୍ଠା କଲେ ରାଣୀଗୁଡାରୁ ଅନ୍ୟ ପଞ୍ଚାୟତ ଯଥା ଦିଗାପୁର, ଘୁମର, ମସିଗାଁଠାରୁ ଦୂରତା ପ୍ରାୟ ୩୦/୪୦ କିମି ହେବ। ଫଳରେ ଛାତ୍ରୀଛାତ୍ରଙ୍କୁ ଗମନାଗମନ ନେଇ କଷ୍ଟକର ହେବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। କୁନ୍ଦୁରାଠାରେ ହୋଇଥିବା କାର୍ଯ୍ୟକ୍ରମରେ ସମନ୍ୱିତ ଆଦିବାସୀ ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ଗୋପୀନାଥ ସାରକା,ଜିଲା ମଙ୍ଗଳ ଅଧିକାରୀ ସୁନୀଲ ତାଣ୍ଡି, ବିଡିଓ ସ୍ନେହପ୍ରଭା ମାଝୀ, ତହସିଲଦାର ଆୟୁବ ମଣ୍ଡଳ, ଜିଲା ପରିଷଦ ଜୋନ 'ଖ' ସଭ୍ୟା କନକଲତା ପେଣ୍ଟିଆ,ରାଣୀଗୁଡା ସରପଞ୍ଚ ଶିବ ପ୍ରଧାନୀ, ଉପେନ୍ଦ୍ର ଭଞ୍ଜ,ବଦ୍ରି ନାରାୟଣ ଆଚାର୍ଯ୍ୟ, ଗୌତମ ସାମନ୍ତ ରାୟ, ସୁମନ୍ତ ପ୍ରଧାନ, ସନ୍ତୋଷ ନାୟକ, ଚିନ୍ମୟ ସାହୁ, ବୃନ୍ଦାବନ ମଲ୍ଲିକ,ବଳଭଦ୍ର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ଣରେ ସ୍ୱତନ୍ତ୍ର ସର୍କିଟ ହାଉସଠାରେ ଜଳସମ୍ପଦ ବିଭାଗ ସହ ଆଦିବାସୀ ଉନ୍ନୟନ ବିଭାଗର କାର୍ଯ୍ୟ ସମୀକ୍ଷା କରି ବିଭିନ୍ନ ଯୋଜନା ଧାର୍ଯ୍ୟ ସମୟସୀମା ମଧ୍ୟରେ ପୂରଣ ଲାଗି ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମ ପରେ କେନ୍ଦ୍ରମନ୍ତ୍ରୀ ଟୁଡୁ ଦାମନଯୋଡି ଗସ୍ତ କରିଛନ୍ତି। ରବିବାର ସକାଳୁ ସେ ବିଶାଖାପାଟଣା ଦେଇ ଦିଲ୍ଲୀ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଥିବା ଭାଜପା ଜିଲା ସଭାପତି ସୁମନ୍ତ ପ୍ରଧାନ କହିଛନ୍ତି।

# ନାବାଳିକା ବଳାତ୍କାର ମାମଲା, ଦୋଷୀଙ୍କୁ ୧୦ ବର୍ଷ ଜେଲ

**ଫୁଲବାଣୀ ଅଫିସ, ୩୦।୪:**

ଏକ ନାବାଳିକା ବଳାତ୍କାର ମାମଲାରରେ କନ୍ଧମାଳ ଜିଲା ଫୁଲବାଣୀ ପୋକ୍‌ସୋ କୋର୍ଟ ବିଚାରପତି ଭାସ୍କର ଚନ୍ଦ୍ର ସାହୁ ଶନିବାର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୫୫ ହଜାର ଟଙ୍କାର ଜରିମାନା କରିଛନ୍ତି। ଏହା ଅନାଦାୟ ଅଧିକ ୭ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରାଯାଇଛି। ଅଭିଯୁକ୍ତ ଜଣଙ୍କ ହେଲେ ବ୍ରାହ୍ମଣୀଗାଁ ଥାନା ଅଞ୍ଚଳର ଭାଗୀରଥି ମଲିକ । ୨୦୧୮ ଜୁନ୍ ଖରାଛୁଟିରେ ନାବାଳିକା ଜଣକ ନିଜ ମାଉସୀ ଘରକୁ ବୁଲିବା ପାଇଁ ଯାଇଥିଲେ। ଭାଗୀରଥି ଘରେ କେହି ନ ଥିବାର ସୁଯୋଗ ନେଇ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଘଟଣା ବିଷୟରେ କାହା ଆଗରେ ପ୍ରକାଶ କଲେ ଜୀବନରେ ମାରିଦେବା ପାଇଁ ଧମକ ଦେଇଥିଲେ । ପୀଡ଼ିତା ଭୟରେ ଏ କଥା କାହାକୁ କହି ନ ଥିଲେ। କିଛିଦିନ ପରେ ନାବାଳିକାଙ୍କ ଦେହ ଖରାପ ହେବାରୁ ତାଙ୍କ ମା' ଡାକ୍ତରଖାନା ନେଇଥିଲେ। ଡାକ୍ତର ପରୀକ୍ଷା କରିବା ପରେ ନାବାଳିକା ଜଣକ ଗର୍ଭବତୀ ଥିବା ଜଣାପଡ଼ିଥିଲା। ଏ ସମ୍ପର୍କରେ ମା' ଝିଅକୁ ପଚାରିବାରୁ ସେ ସବୁକଥା କହିଥିଲେ । ଏ ନେଇ ପରିବାର ପକ୍ଷରୁ ବ୍ରାହ୍ମଣୀ ଗାଁ ଥାନାରେ ଏତଲା ଦିଆଯାଇଥିଲା। ନଂ.୮/୧୯ରେ ମାମଲା ରୁଜୁକରି ପୋଲିସ ଭାଗୀରଥିଙ୍କୁ ଗିରଫ କରିଥିଲା। ୧୧ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାରକରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

# ବଜରଙ୍ଗ ଦଳ ସହ ସଂଯୋଜକଙ୍କୁ ଗୁଳିମାଡ଼

- ମହାକାଳପଡ଼ାରେ ଗୋଚାଲାଣକୁ ବିରୋଧ
- ଘଟଣାସ୍ଥଳରୁ ଖୋକା ଜବତ, ୫ ଅଭିଯୁକ୍ତ ଫେରାର


ଗୁଳିମାଡ଼ରେ ଗୁରୁତର ବଜରଙ୍ଗ ଦଳର ମହାକାଳପଡ଼ା ସହସଂଯୋଜକ ଲକ୍ଷ୍ମଣ ମଲ୍ଲିକ।

**କେନ୍ଦ୍ରାପଡ଼ା ଅଫିସ/ ମହାକାଳପଡ଼ା,୩୦।୪(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ାରେ ଶନିବାର ଗୁଳି ଫୁଟିଛି । ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ବଜରଙ୍ଗ ଦଳର ମହାକାଳପଡ଼ା ସହସଂଯୋଜକ ଲକ୍ଷ୍ମଣ ମଲ୍ଲିକ ଗୁରୁତର ହୋଇଛନ୍ତି । ତାଙ୍କ ଡାହାଣ ପାଦରେ ଗୁଳି ବାଜିଛି । ଗୁରୁତର ଲକ୍ଷ୍ମଣଙ୍କୁ ପ୍ରଥମେ ମହାକାଳପଡ଼ା ସିଏଚ୍‌ସିରେ ଭର୍ତ୍ତି କରାଯାଇଥିଲା । ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ହେଲେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଘଟଣାସ୍ଥଳରୁ ମହାକାଳପଡ଼ା ଥାନା ପୋଲିସ ଗୋଟିଏ ଖୋକା ଜବତ କରିଛି । ଗୋଚାଲାଣକୁ ବଜରଙ୍ଗ ଦଳ ବିରୋଧ କରୁଥିବାରୁ ଏହି ଘଟଣା ଘଟିଛି ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି । ଏ ସଂକ୍ରାନ୍ତରେ ଗୁରୁତର ବଜରଙ୍ଗ ଦଳ ସହସଂଯୋଜକ ତଥା ମାର୍ଶାଘାଇ ଥାନା ନେମ୍ବରା ଗ୍ରାମର ଲକ୍ଷ୍ମଣ କହିଛନ୍ତି, ପୂର୍ବାହ୍ନରେ ସେ ମହାକାଳପଡ଼ା ଯାଇଥିଲେ । ସେଠାରୁ ଫେରିବା ସମୟରେ ମଧ୍ୟାହ୍ନଭୋଜନ ପାଇଁ କେନାଲବନ୍ଧ ପେଟ୍ରୋଲ ପମ୍ପ ନିକଟସ୍ଥ ଏକ ହୋଟେଲକୁ ଯାଇଥିଲେ । ଏହି ସମୟରେ ୨ ବାଇକ୍‌ରେ ୫ ଜଣ ଯୁବକ ହୋଟେଲ ନିକଟରେ ଚକ୍କର କାଟିବା ସହ ଖେଲା ହବେ ବୋଲି କହିଥିଲେ । ଏହାକୁ ନେଇ ଲକ୍ଷ୍ମଣ ଓ ସାଥୀରେ ଥିବା କେତେଜଣ ଯୁବକ ହୋଟେଲରୁ ରାସ୍ତାକୁ ବାହାରି ଆସିବା ସମୟରେ ସେମାନେ ଦୁଇ ରାଉଣ୍ଡ ଗୁଳି ଫୁଟାଇ ଫେରାର ହୋଇଯାଇଥିଲେ । ତେବେ ଗୋଟିଏ ଗୁଳି ତାଙ୍କ ପାଦରେ ବାଜିଛି । ଏହାର କାରଣ ସମ୍ପର୍କରେ ସେ କହିଛନ୍ତି, ଜିଲାରେ ଗୋଚାଲାଣ ଦ୍ରୁତଗତିରେ ବୃଦ୍ଧି ପାଉଥିବାରୁ ଏହାକୁ ବିରୋଧ କରାଯାଉଛି । ଦୁର୍ବୃତ୍ତମାନେ ବଙ୍ଗଳା ମିଶା ହିନ୍ଦୀରେ କଥା ହେଉଥିବା ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ମନୋରଞ୍ଜନ ଚୌଧୁରୀ କହିଛନ୍ତି, ଲକ୍ଷ୍ମଣଙ୍କୁ ଚିକିତ୍ସା ପାଇଁ ପଠାଯାଇଛି । ଘଟଣାସ୍ଥଳରୁ ଗୋଟିଏ ଖୋକା ଜବତ କରାଯାଇଛି। ତଦନ୍ତ ଜାରି ରହିଥିବାରୁ ଅଧିକ ତଥ୍ୟ ହସ୍ତଗତ ହୋଇ ନ ଥିବା ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ପୂର୍ବରୁ ଗୋଚାଲାଣକୁ ବିରୋଧ କରୁଥିବା ୩ ଜଣଙ୍କୁ ଆଳି ପୋଲିସ ଗିରଫ କରିଥିଲା । ଏହି ଘଟଣାକୁ ନେଇ ଏନ୍‌ଏଚ୍‌ଆର୍‌ସି ଓ ହାଇକୋର୍ଟରେ ମାମଲା ରୁଜୁ ହୋଇଛି । ଏପରି କି ଆଳି ପୋଲିସ ବିରୋଧରେ ବି ମାମଲା ରୁଜୁ ହୋଇଛି। ଅପରପକ୍ଷେ ଗତ ୨ ମାସ ମଧ୍ୟରେ ଏହି ଅଞ୍ଚଳରେ ୩ଟି ଗୁଳିକାଣ୍ଡ ଘଟିଛି। ଗତ ମାର୍ଚ୍ଚ ୫ରେ ମହାକାଳପଡ଼ା ବ୍ଲକ ମାର୍ଶାଘାଇ ଥାନା ଅନ୍ତର୍ଗତ ବବକରପୁରଠାରେ ଘଟିଥିବା ଗୁଳିକାଣ୍ଡରେ ଗ୍ରାମର ଅରବିନ୍ଦ ମିଶ୍ରଙ୍କ ମୃତ୍ୟୁ ହୋଇଛି। ସେହିପରି ଗତ ୯ ତାରିଖ ରାତିରେ ଏହି ବ୍ଲକ ଅନ୍ତର୍ଗତ ତନ୍ତିଆପାଳ ଥାନା କାକଟପୁର ଗ୍ରାମର କାର୍ତ୍ତିକ ସ୍ୱାଇଁ ଘରେ ଅଳଙ୍କାର ଓ ଟଙ୍କା ଲୁଟ୍ ସହ ଦୁର୍ବୃତ୍ତମାନେ ଗୁଳି ଫୁଟାଇଥିଲେ । ତେବେ କାର୍ତ୍ତିକଙ୍କ ବୋହୂଙ୍କ ଫୋନ କଲ୍ ଯୋଗୁ ଏକ ୧୮ ଜଣିଆ ଆନ୍ତଃରାଜ୍ୟ ଡକାୟତ ଗ୍ୟାଙ୍ଗ୍ ଧରା ପଡିଥିଲେ ।

75 आज़ादी का अमृत महोत्सव



ଧନ୍ୟବାଦ ମାନ୍ୟବର ପ୍ରଧାନମନ୍ତ୍ରୀ
ଶ୍ରୀ ନରେନ୍ଦ୍ର ମୋଦି

କୃଷକ ହିତୈଷୀ ମୋଦି ସରକାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ସରକାର ଖରିଫ୍ ଋତୁ ୨୦୨୨ (୬ ମାସ) ପାଇଁ ଫସ୍‌ଫେଟ୍ ଏବଂ ପଟାସ୍ ଭିତ୍ତିକ ସାର ନିମନ୍ତେ **₹୬୦,୯୩୯ କୋଟିର** ସବ୍‌ସିଡି ପ୍ରଦାନ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି

ଯାହାଦ୍ୱାରା, ବିଶ୍ୱ ସ୍ତରରେ ସାର ମୂଲ୍ୟରେ ଅହେତୁକ ବୃଦ୍ଧି ଦେଖାଦେଇଥିବା ସତ୍ତ୍ୱେ କୃଷକମାନଙ୍କ ପାଇଁ ସୁଲଭ ମୂଲ୍ୟରେ ସାରର ଉପଲବ୍ଧତା ସୁନିଶ୍ଚିତ ହୋଇଛି

| ସାର | ଅନ୍ତର୍ଜାତୀୟ ମୂଲ୍ୟ (₹ ପ୍ରତି ବ୍ୟାଗ୍) | ସର୍ବାଧିକ ଖୁଚୁରା ମୂଲ୍ୟ (₹ ପ୍ରତି ବ୍ୟାଗ୍) | ସବ୍‌ସିଡି (₹ ପ୍ରତି ବ୍ୟାଗ୍) |
|---|---|---|---|
| ୟୁରିଆ (ଆମଦାନୀକୃତ) | ୨,୪୫୦ | ୨୬୬.୫୦ | ୨,୧୮୩.୫୦ |
| ଡିଏପି | ୪,୦୭୩ | ୧,୩୫୦ | ୨,୫୦୧ |
| ଏନ୍‌ପିକେ | ୩,୨୯୧ | ୧,୪୭୦ | ୧,୯୧୮ |
| ଏମ୍‌ଓପି | ୨,୬୫୪ | ୧,୭୦୦ | ୭୫୯ |

ସମୃଦ୍ଧ କୃଷକ, ସମୃଦ୍ଧ ଭାରତ



ଏନ ଏଫ ଏଲ NFL
ନ୍ୟାଶନାଲ ଫର୍ଟିଲାଇଜର୍ସ ଲିମିଟେଡ୍
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
କର୍ପୋରେଟ୍ କାର୍ଯ୍ୟାଳୟ: ଏ-୧୧, ସେକ୍ଟର-୨୪, ନଏଡା-୨୦୧୩୦୧ । ୱେବ୍‌ସାଇଟ୍: www.nationalfertilizers.com
@NFL_Kisan @nationalfertilizers National Fertilizers Limited

ପ୍ରଭୁ ! ଆମ ଭିତରେ ଯାହାକିଛି କୃତ୍ରିମତା ଓ ମିଥ୍ୟାଚାର ରହିଛି– ଯାହାକିଛି ରହିଛି ପ୍ରତାରଣା, ଛଳନା– ସେସବୁ କିଛି ଏହି ବର୍ଷଟି ସହିତ ଲୋପ ପାଇଯାଉ। ଯାହାକିଛି ସଂପୂର୍ଣ୍ଣ ସତ୍ୟ, ନିଷ୍କାପଟ, ସରଳ ଓ ଶୁଦ୍ଧ ତାହା ଯେପରି ଆଗାମୀ ବର୍ଷଟି ଆମ ପ୍ରକୃତି ଭିତରେ ସଂଚାରିତ ହେଉ। –ଶ୍ରୀମା



# ଅର୍ଥ ବ୍ୟବସ୍ଥାରେ ବିଫଳ



ଆକାର ପଟେଲ

ଜାତୀୟ ଗଣତାନ୍ତ୍ରିକ ମେଣ୍ଟ(ଏନ୍‌ଡିଏ) ସରକାରର ଦୁଇଟି ଅଲଗା ପାଳିର କାର୍ଯ୍ୟଧାରାକୁ ଭିନ୍ନ ବାଟରେ ଭିନ୍ନ ଭାବେ ଦେଖାଯାଇପାରେ। ପ୍ରଥମରେ ଏନ୍‌ଡିଏର ଆର୍ଥିକ ସଂସ୍କାର ପାଇଁ ତୀବ୍ର ଇଚ୍ଛା ଥିଲା। ଦ୍ୱିତୀୟରେ ସେହି ଇଚ୍ଛା ଆଉ କାହା ସପକ୍ଷରେ ଚାଲିଯାଇଥିବା ଦେଖାଯାଇଛି। ତେବେ ଆସନ୍ତୁ ପ୍ରଥମେ ୨୦୧୪–୧୯ ଅବଧିକୁ ଦେଖିବା। ଏହି ସମୟରେ ଭାରତର ପ୍ରଧାନମନ୍ତ୍ରୀ ଘରୋଇ ଉତ୍ପାଦ (ଜିଡିପି)ରେ ମାନୁଫାକ୍‌ଚରିଂ ଶେୟାର ବୃଦ୍ଧି କରିବାକୁ ଚେଷ୍ଟା କରିଥିଲେ। ୨୫ ସେପ୍ଟେମ୍ବର ୨୦୧୪ରେ ଆରମ୍ଭ କରାଯାଇଥିବା ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ମାଧ୍ୟମରେ ସେ ଏହା କରିଥିଲେ। ମେକ୍ ଇନ୍ ଇଣ୍ଡିଆର ତିନୋଟି ଲକ୍ଷ୍ୟ ଥିଲା। ଏଗୁଡ଼ିକ ହେଲା, ପ୍ରଥମରେ ଜିଡିପିରେ ମାନୁଫାକ୍‌ଚରିଂ ଶେୟାର ୧୬%ରୁ ୨୫%କୁ ବୃଦ୍ଧି କରିବା ; ଦ୍ୱିତୀୟରେ ଏହା ହାସଲ କରିବା ଲାଗି ମାନୁଫାକ୍‌ଚରିଂ ଅଭିବୃଦ୍ଧି ବାର୍ଷିକ ୧୨% ହାରରେ ବୃଦ୍ଧି (୮% ଜିଡିପି ଅଭିବୃଦ୍ଧି ତୁଳନାରେ) କରିବା ଏବଂ ତୃତୀୟରେ ମାନୁଫାକ୍‌ଚରିଂରେ ୧୦ କୋଟି ଚାକିରି ସୃଷ୍ଟି କରିବା। ଏହା ପର ସଂସ୍କାର ଥିଲା ବିମୁଦ୍ରୀକରଣ। ୮ ନଭେମ୍ବର ୨୦୧୬ରେ ଏହା ଘୋଷଣା କରାଯାଇଥିଲା। କଳାଟଙ୍କା ହଟାଇ ଅର୍ଥ ବ୍ୟବସ୍ଥାକୁ ଲାଭ ଦେବା ଉଦ୍ଦେଶ୍ୟରେ ଏହା କରାଯାଇଥିଲା। ତା' ପର ବର୍ଷ ଅର୍ଥାତ୍, ୧ ଜୁଲାଇ ୨୦୧୭ରେ ଏକକ ମାର୍କେଟ ବ୍ୟବସ୍ଥା ଲକ୍ଷ୍ୟରେ ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି) ଲାଗୁ କରାଯାଇଥିଲା। ଏହା ବିଭିନ୍ନ କ୍ଷେତ୍ରରେ ଗ୍ଲୋବାଲ ର୍‍ୟାଙ୍କିଙ୍ଗ୍‌ରେ ଉନ୍ନତି ଆଣିବ ବୋଲି ସରକାର କହିଥିଲେ। କାରଣ ବିଶ୍ୱ ବ୍ୟାଙ୍କର ଡୁଇଂ ବିଜ୍‌ନେସ ଇଣ୍ଡେକ୍ସରେ ଭାରତ ଉପରକୁ ଉଠିବା ଯୋଗୁ ଏହାକୁ ଉତ୍ସାହିତ କରାଯାଇଥିଲା। ନୀତି ଆୟୋଗ ୩୨ ସୂଚକାଙ୍କକୁ ନିରୀକ୍ଷଣ କରି କିଭଳି ଭାରତର ର୍‍ୟାଙ୍କିଙ୍ଗ୍‌ରେ ଉନ୍ନତି ହେବ ତାହା ନିର୍ଦ୍ଧାରଣ କରିବେ ବୋଲି ସରକାର ପ୍ରକାଶ କରିଥିଲେ। ଏସବୁ କ୍ଷେତ୍ରରେ କ'ଣ ଘଟିଲା ତାହା ସମସ୍ତେ ଜାଣନ୍ତି। କିନ୍ତୁ ସରକାରଙ୍କ ପକ୍ଷରୁ ପ୍ରାପ୍ତ ଅଧିକାଂଶ ତଥ୍ୟଗୁଡ଼ିକରୁ ଆମେ ଏକ ସାରାଂଶ ପ୍ରସ୍ତୁତ କରିପାରିବା। ଜିଡିପିର ମାନୁଫାକ୍‌ଚରିଂ ଶେୟାର ବୃଦ୍ଧି ପାଇବା ବଦଳରେ ୧୬%ରୁ ହ୍ରାସ ପାଇ ଏବେ ୧୩%ରେ ରହିଛି। ୨୦୧୪ ପରେ ମାନୁଫାକ୍‌ଚରିଂ ଅଭିବୃଦ୍ଧି ହାର ନକାରାତ୍ମକ ରହିଛି। ଅଶୋକ ୟୁନିଭର୍ସିଟିର ସେଣ୍ଟର ଫର୍ ଇକୋନୋମିକ୍ସ ଡାଟା ଆଣ୍ଡ୍ ଆନାଲିସିସ୍ ଦ୍ୱାରା କରାଯାଇଥିବା ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ମାନୁଫାକ୍‌ଚରିଂରେ ଚାକିରି ଅଧା ଅର୍ଥାତ୍ ୫ କୋଟିରୁ ହ୍ରାସ ପାଇ ୨୦୨୧ରେ ୨.୭ କୋଟିରେ ପହଞ୍ଚିଛି। ସ୍ୱାଧୀନ ଭାରତରେ ପ୍ରଥମ ଥର ପାଇଁ କୃଷି କ୍ଷେତ୍ରରେ ଅଧିକ ଲୋକ କାମ କରିଛନ୍ତି। ୨୦୧୬ରେ ଏମାନଙ୍କ ସଂଖ୍ୟା ୧୪ କୋଟି ଥିବାବେଳେ ୨୦୨୧ରେ ୧୫ କୋଟି ଓ ୨୦୨୨ ମାର୍ଚ୍ଚ ସୁଦ୍ଧା ଏହା ଉପରେ ଆଉ ୧.୫ କୋଟି ବୃଦ୍ଧି ପାଇଛି। ଏଥିରୁ ବୁଝାପଡୁଛି, ମାନୁଫାକ୍‌ଚରିଂରେ ଚାକିରି ୨.୩ କୋଟି କମିଥିବାବେଳେ କୃଷିରେ ଚାକିରି ୨.୫ କୋଟି ବଢ଼ିଛି।

ଅର୍ଥ ବ୍ୟବସ୍ଥା ଏବଂ ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିମୁଦ୍ରୀକରଣ ଏବଂ ଜିଏସ୍‌ଟି ଦ୍ୱାରା ପ୍ରଭାବିତ ହୋଇଛନ୍ତି। ସରକାରୀ ତଥ୍ୟ ଅନୁଯାୟୀ ଜାନୁୟାରୀ ୨୦୧୮ରୁ କ୍ରମାଗତ ଭାବେ ଜିଡିପି ଅଭିବୃଦ୍ଧି ଭୁଶୁଡିବା ଆାରମ୍ଭ ହୋଇଥିଲା ଏବଂ ମହାମାରୀ ଆରମ୍ଭରେ ଏହା ଶୂନ ଥିଲା। ଗତ ଦୁଇ ବର୍ଷରେ ଭାରତର ଅର୍ଥ ବ୍ୟବସ୍ଥାରେ ଅଭିବୃଦ୍ଧି ପ୍ରାୟ ୧.୫% ହୋଇଛି। ମୋ ମତରେ ସରକାର ବିଶେଷକରି ପ୍ରଧାନମନ୍ତ୍ରୀ ଏହା ଉପରେ ଧ୍ୟାନ ଦେଇ ନ ଥିଲେ ବୋଲି ପରିଣାମରୁ ସ୍ପଷ୍ଟ ହୋଇଗଲା। ୨୦୧୯ ନିର୍ବାଚନ ପରେ ଅର୍ଥ ବ୍ୟବସ୍ଥାରେ କୌଣସି ବଡ଼ ଘୋଷଣା କିମ୍ବା ବିଜ୍ଞ ପଦକ୍ଷେପ ନିଆଯାଇନାହିଁ। ଏହା ପରିବର୍ତ୍ତେ ସରକାର ଅନ୍ୟ ବାଟ ଆପଣାଇଛନ୍ତି, ଯାହା ତାଙ୍କ ପଦକ୍ଷେପଗୁଡ଼ିକରୁ ସ୍ପଷ୍ଟ ହୋଇଛି। ୫ ଅଗଷ୍ଟ ୨୦୧୯ରେ କଶ୍ମୀର ଏହାର ସାମ୍ବିଧାନିକ ସ୍ୱାୟତ୍ତତା ହରାଇଲା। ତା'ପୂର୍ବ ମାସରେ, ୩୦ ଜୁଲାଇ ୨୦୧୯ରେ, ସୁପ୍ରିମକୋର୍ଟ ଦ୍ୱାରା ଅଗଷ୍ଟ ୨୦୧୭ରେ ରଦ୍ଦ ହୋଇଥିବା ତିନି ତଲାକକୁ ଅପରାଧୀକରଣ କରାଯାଇଥିଲା। ୯ ଡିସେମ୍ବର ୨୦୧୯ରେ ନାଗରିକତ୍ୱ ସଂସୋଧନ ଆଇନ(ସିଏଏ) ପାସ୍ କରାଗଲା। ୨ ଅଗଷ୍ଟ ୨୦୧୯ରେ ୟୁଏପିଏ ଆଇନ ସଂଶୋଧନ କରାଗଲା ଓ ସରକାର ଯାହାକୁ ଚାହିଁବେ ଜଣେ ସନ୍ତ୍ରାସବାଦୀ ଭାବେ ଅଭିହିତ କରିବା ଲାଗି ଏହା ଅନୁମତି ଦେଲା। ପୁନଶ୍ଚ ୯ ନଭେମ୍ବର ୨୦୧୯ରେ ହିନ୍ଦୁମାନଙ୍କ ସପକ୍ଷରେ ଅଯୋଧ୍ୟା ରାୟ ପ୍ରକାଶ ପାଇଲା। ଡିସେମ୍ବର ୨୦୨୧ରେ ହରିୟାଣା ସରକାର ସର୍ବସାଧାରଣ ସ୍ଥାନରେ ଏକାଠି ନମାଜ ପାଠ କରିବାକୁ ଦେଇଥିବା ଅନୁମତିକୁ ପ୍ରତ୍ୟାହାର କରିନେଲେ।

ଭାଜପା ସହ ଜଡ଼ିତ ଗୋଷ୍ଠୀଗୁଡ଼ିକ ନେତୃତ୍ୱରେ ଖ୍ରୀଷ୍ଟିଆନ୍‌ଙ୍କ ଉପରେ ଆକ୍ରମଣ ବଢ଼ିଛି। ୨୦୧୪ରେ ଏଭଳି ୧୨୭ ଆକ୍ରମଣ କରାଯାଇଥିବାବେଳେ ୨୦୨୧ରେ ଏହି ସଂଖ୍ୟା ପହଞ୍ଚିଥିଲା ୪୮୬ରେ। ବିଶେଷକରି କର୍ଣ୍ଣାଟକ ସମେତ ଭାଜପା ଶାସିତ ରାଜ୍ୟଗୁଡ଼ିକରେ ଏଭଳି ଆକ୍ରମଣ ହୋଇଥିଲା। ଏହି ସମୟରେ ୭ ଭାଜପା ରାଜ୍ୟ କର୍ଣ୍ଣାଟକ, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ମଧ୍ୟପ୍ରଦେଶ, ହରିୟାଣା ଏବଂ ଗୁଜରାଟରେ ହିନ୍ଦୁ–ମୁସଲମାନ ବିବାହକୁ ଅପରାଧୀକରଣ କରାଯାଇଛି। ହେଲେ ଭାଜପା ଏହାର ୨୦୧୪ ପ୍ରଥମ ପାଳିରେ ଏ ପ୍ରକାର ଘଟଣାସବୁ କରିବାକୁ ପ୍ରେରିତ କରି ନ ଥିଲା। ଏଥିରୁ ବୁଝାପଡୁଛି, ଭାଜପା ଦ୍ୱିତୀୟ ପାଳିରେ ଅର୍ଥ ବ୍ୟବସ୍ଥାରୁ ଧ୍ୟାନ ହଟାଇ ସାମାଜିକ କାର୍ଯ୍ୟକ୍ରମକୁ ମୁଖ୍ୟତଃ ଗୁରୁତ୍ୱ ଦେଇଛି। ସେଥିପାଇଁ ପ୍ରଧାନମନ୍ତ୍ରୀ ଜିଡିପିର ମାନୁଫାକ୍‌ଚରିଂ ଶେୟାର ବୃଦ୍ଧି ବିଷୟରେ କହୁଥିବା ଆମେ ଶୁଣୁନାହୁଁ। କାହିଁକି ଆମ ଶ୍ରମଶକ୍ତି ଭାଗୀଦାରି ହାର ଭୁଶୁଡ଼ିପଡ଼ିଛି ଏବଂ କାହିଁକି ୨୦୧୯ ପରଠାରୁ ବେରୋଜଗାର ରେକର୍ଡ ସ୍ତର ୬%ରେ ରହିଛି, ତାହା ମଧ୍ୟ ଶୁଣିବାକୁ ପାଉନାହୁଁ। ଶେଷ କଥା ହେଉଛି, ଅର୍ଥ ବ୍ୟବସ୍ଥାରେ ଭାଜପା ଯାହା ହାସଲ କରିବାକୁ ଚାହୁଁଥିଲା ସେଥିରେ ବିଫଳ ହୋଇଛି। ଅନ୍ୟ ପକ୍ଷରେ ଏହା ସାମାଜିକ ଏକତା ଏବଂ ସଦ୍‌ଭାବନାକୁ ପ୍ରଭାବିତ କରି ଯାହା ହାସଲ କରିବାକୁ ଚାହିଁଛି ସେଥିରେ ସଫଳ ହୋଇଛି ବୋଲି ଆମେ ନିଶ୍ଚିତ ହୋଇପାରିବା।

Email:aakar.patel@gmail.com

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | | 5 | | | | |
| | 2 | | | | | | | |
| | | | 3 | | | 2 | 4 | |
| 9 | | | | 2 | 8 | | | 1 |
| | | | 4 | | | | 3 | |
| | | | | | 1 | 6 | | 5 |
| | | | | 8 | | | | |
| | 9 | | | | 5 | 8 | | |
| | 1 | | 2 | | 7 | | 5 | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 4 | 1 | 3 | 5 | 6 | 2 | 8 |
| 5 | 8 | 3 | 6 | 9 | 2 | 7 | 4 | 1 |
| 2 | 1 | 6 | 4 | 8 | 7 | 3 | 9 | 5 |
| 8 | 2 | 7 | 9 | 5 | 1 | 4 | 3 | 6 |
| 3 | 4 | 5 | 8 | 2 | 6 | 1 | 7 | 9 |
| 9 | 6 | 1 | 3 | 7 | 4 | 8 | 5 | 2 |
| 4 | 7 | 9 | 5 | 1 | 8 | 2 | 6 | 3 |
| 1 | 5 | 2 | 7 | 6 | 3 | 9 | 8 | 4 |
| 6 | 3 | 8 | 2 | 4 | 9 | 5 | 1 | 7 |

ଗତ କାଲିର ଉତ୍ତର

# ବିଶ୍ୱ ଶ୍ରମିକ ଦିବସ ଓ ଆଜିର ଶ୍ରମିକ



ଡ. ଅଜୟ କୁମାର ନନ୍ଦ

ସମଗ୍ର ବିଶ୍ୱରେ ଆଜି ପାଳିତ ହେଉଛି ବିଶ୍ୱ ଶ୍ରମିକ ଦିବସ। ଆଜିର ଦିନଟି ସେଇ ଶ୍ରମିକମାନଙ୍କ ପାଇଁ ଉଦ୍ଦିଷ୍ଟ, ଯେଉଁମାନେ ନିଜର ହକ୍ ମାଗି ଶିଳ୍ପପତିମାନଙ୍କ ଆକ୍ରୋଶର ଶିକାର ହୋଇଥିଲେ, ମୃତ୍ୟୁବରଣ କରିଥିଲେ। ଏମିତି ଏକ ଦୁଃଖଦ ଦିନ ଥିଲା, ଅଷ୍ଟାଦଶ ଶତାବ୍ଦୀର ଶେଷଭାଗରେ। ଯୁକ୍ତରାଷ୍ଟ୍ର ଆମେରିକାର ଶିଳ୍ପପତିମାନଙ୍କ ଏକଚାଟିଆ ମନୋବୃତ୍ତି ଶ୍ରମିକମାନଙ୍କୁ ସ୍ୱଳ୍ପ ବେତନରେ ଦୈନିକ ପନ୍ଦର ଘଣ୍ଟା କାମ କରିବା ପାଇଁ ବାଧ୍ୟ କରୁଥିଲା। ଏଥିରେ ଅତିଷ୍ଠ ହୋଇ ଏକ ଶ୍ରମିକ ସଙ୍ଗଠନ ଦୈନିକ ଆଠ ଘଣ୍ଟା ସହିତ ଉପଯୁକ୍ତ ମଜୁରି ସହ ଛୁଟିଦିନ ଦାବି କରି ଏକ ଶାନ୍ତିପୂର୍ଣ୍ଣ ଧର୍ମଘଟ କରିଥିଲେ, ଯାହା ପରବର୍ତ୍ତୀ ସମୟରେ ଏକ ବିରାଟ ଜନ ଆନ୍ଦୋଳନରେ ପରିଣତ ହେବା ପାଇଁ ଖୋରାକ ଯୋଗାଇଥିଲା। ପୃଥିବୀର କୋଣ ଅନୁକୋଣରେ ଥିବା ଦିନମଜୁରିଆଙ୍କୁ ଏହା ଆକୃଷ୍ଟ କରିଥିଲା। ଫଳସ୍ୱରୂପ ନ୍ୟୁୟର୍କ ସହରରେ ୧୮୮୬ରେ ପ୍ରଥମ ଶ୍ରମିକ ଦିବସ ପାଳନ କରି ନିଜ ଦାବିକୁ ଯଥାର୍ଥ ପ୍ରତିପାଦନ କରିଥିଲେ। ପରବର୍ତ୍ତୀ ସମୟରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଅନୁମୋଦନ କ୍ରମେ ଭାରତରେ ୧୯୨୩ ମେ ୧ରେ ମାଡ୍ରାସଠାରେ ଲେବର କିଷାନ ପାର୍ଟି ଦ୍ୱାରା ପ୍ରଥମ ଶ୍ରମିକ ଦିବସ ପାଳନ କରାଗଲା। ଶ୍ରମିକ ଭାଇମାନଙ୍କ ଉଦ୍ଦେଶ୍ୟରେ କବି ଅନନ୍ତ ପଟ୍ଟନାୟକ ଏକ ଲୋକପ୍ରିୟ କବିତା ''ଶ୍ରମିକ ଭାଇରେ ଲାଗିପଡ଼, କଳ କାରଖାନା ସଡ଼କ କେନାଲ, ବିଲ କାମ ଅବା ବନ୍ଧ ବାଡ଼।'' ଏହାକୁ ବିଶ୍ଳେଷଣ କଲେ ଶ୍ରମିକଙ୍କ ଅବଦାନ ଦେଶ ନିର୍ମାଣରେ କେତେ ଯେ ସହାୟକ ତାହା ବୁଝିବା ଆଦୌ ଅଛପା ରହିବ ନାହିଁ।

ଏବେ ଆସିବା ମୂଳ କଥାକୁ। ଗତ ବର୍ଷ ମହାମାରୀ ସମୟରେ ଲକ୍ଷ ଲକ୍ଷ ପ୍ରବାସୀ ଶ୍ରମିକ ରୋଜଗାର ହରାଇବା ସହିତ ଘରବାହୁଡ଼ା ପରିସ୍ଥିତି ସେମାନଙ୍କ ଆର୍ଥିକ ଦୁରବସ୍ଥାକୁ ପଦାରେ ପକାଇଥିଲା। କେତେକ ଶ୍ରମିକ ନିଜ ଭିଟାମାଟିରେ ପହଞ୍ଚି ବଖାଣିଥିଲେ ନିଜ ନିଜ କର୍ମସ୍ଥଳର ନାନା ରକମର ଅସୁବିଧା। ସେମାନଙ୍କ ମଧ୍ୟରୁ ପ୍ରାୟତଃ କମ୍ପାନୀ ଅଥବା ବେସରକାରୀ ସଂସ୍ଥାର ପ୍ରତ୍ୟକ୍ଷ ବା ମୂଳ କର୍ମଚାରୀ ନୁହନ୍ତି, ଅର୍ଥାତ୍ ଏମାନେ ସବୁ ଠିକା କର୍ମଚାରୀ। ଦେଶରେ 'ନବ ଉଦାର ଅର୍ଥନୀତି' ଆରମ୍ଭ ପରଠାରୁ ଠିକାକରଣ ନିଯୁକ୍ତି ଏକ ପ୍ରମୁଖ ସମସ୍ୟା ରୂପେ ମୁଣ୍ଡ ଟେକିଛି। ଉଭୟ ସରକାରୀ ଓ ବେସରକାରୀ ସଂସ୍ଥାଗୁଡ଼ିକରେ ସ୍ଥାୟୀ ବା ନିୟମିତ ନିଯୁକ୍ତି ହ୍ରାସ ପାଇବାରେ



ଲାଗିଛି, ଯାହା ଶ୍ରମିକ ଶ୍ରେଣୀ ପାଇଁ ଏକ ପ୍ରମୁଖ ସମସ୍ୟା କହିଲେ ଅତ୍ୟୁକ୍ତି ହେବନାହିଁ। ଏକ ସର୍ବେକ୍ଷଣରୁ ଜଣାଯାଇଛି, ବର୍ତ୍ତମାନ ଠିକା ବା ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ସଂଖ୍ୟା ଉଭୟ ସରକାରୀ ଓ ବେସରକାରୀ ସଂସ୍ଥାର ସ୍ଥାୟୀ କର୍ମଚାରୀଙ୍କଠାରୁ ପ୍ରାୟ ପଚାଶ ପ୍ରତିଶତରୁ ଅଧିକ। ଏହି ହାର କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି, ଯଦ୍ୱାରା ଶ୍ରମିକମାନେ ସେମାନଙ୍କ ଶ୍ରମ ଅଧିକାର ସହିତ ସାମାଜିକ ସୁରକ୍ଷାରୁ ବଞ୍ଚିତ ହେଉଛନ୍ତି। ଦେଶ ସ୍ୱାଧୀନତା ପ୍ରାପ୍ତିର ୭୫ ବର୍ଷ ପରେ ମଧ୍ୟ ଶ୍ରମ ନୀତିରେ ସୁଧାର ନ ଆସିବା ପରିତାପର ବିଷୟ। ଦେଖାଯାଉଛି, କେତେକ ରାଜ୍ୟରେ ଶ୍ରମ ଦିବସ ଦୈନିକ ୮ ଘଣ୍ଟାରୁ ଅଧିକ ଧାର୍ଯ୍ୟ କରାଯାଇଛି। ଏସବୁ ତଦାରଖ କରିବା ପାଇଁ ସେମିତି କିଛି ବିଧି ବ୍ୟବସ୍ଥା ନାହିଁ କହିଲେ ଚଳେ। ଏହି ପରିପ୍ରେକ୍ଷୀରେ କିଛି ମୁନାଫାଖୋର ବ୍ୟକ୍ତି ବିଶେଷ ଶ୍ରମ ଆଇନକୁ ଉଲ୍ଲଂଘନ କରି ରାଜ୍ୟ ବା ଦେଶ ବାହାରେ ଠିକା ସଂସ୍ଥାମାନ ଖୋଲି ବିଭିନ୍ନ ସଂସ୍ଥାରେ ଲୋକଙ୍କୁ ନିଯୁକ୍ତି ଦେଇ ମୋଟା ଅଙ୍କରେ ଟଙ୍କା ରୋଜଗାର କରୁଛନ୍ତି। ଅନ୍ୟପକ୍ଷରେ ଶ୍ରମିକମାନେ ବିଭିନ୍ନ ଅଣସଙ୍ଗଠିତ ସଂସ୍ଥାରେ କାମ କରି ଗୁଜରାଣ ମେଣ୍ଟାଉଛନ୍ତି। ଠିକା ସଂସ୍ଥାଗୁଡ଼ିକର ଏଭଳି ବ୍ୟବସ୍ଥାରେ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାଗୁଡ଼ିକରେ ଚାକିରି କରୁଥିବା ଶ୍ରମିକ ଗୋଷ୍ଠୀ ତାଙ୍କ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ ହେଉଛନ୍ତି। ଯେଉଁ ଅଫିସରେ ଦେଖିବ ମାଳ ମାଳ ଠିକା କର୍ମଚାରୀ ଭିନ୍ନ ଭିନ୍ନ ସ୍କିମ ସହିତ ଅସଙ୍ଗତ ବେତନ। ଅପରପକ୍ଷେ ଏହି ଠିକା କର୍ମଚାରୀ ବିଭିନ୍ନ ସରକାରୀ ସଂସ୍ଥାରେ 'ଛଅବର୍ଷ'ରୁ ଊର୍ଦ୍ଧ୍ୱ ସମୟ ଧରି ନିୟମିତ କାର୍ଯ୍ୟ କରୁଥିଲେ ମଧ୍ୟ ସେମାନେ ସ୍ଥାୟୀ କର୍ମଚାରୀ ମାନ୍ୟତା ପାଇପାରୁନାହାନ୍ତି। ବିଭିନ୍ନ ସଂସ୍ଥାରେ ଚାକିରି କରୁଥିବା ଯୁବତୀ ଯୁବକମାନେ ବର୍ତ୍ତମାନର ଶ୍ରମନୀତିର ବିଭିନ୍ନ ଅସୁବିଧାଗୁଡ଼ିକୁ ଆତ୍ମଚିନ୍ତନ କରି ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।

ଏହି ପରିପ୍ରେକ୍ଷୀରେ ଶ୍ରମିକଙ୍କ କଲ୍ୟାଣ ନିମନ୍ତେ ଶ୍ରମ ସଂସ୍କାର ସହିତ ଶ୍ରମ ଆଇନରେ ପରିବର୍ତ୍ତନ ଅପରିହାର୍ଯ୍ୟ। ଅବଶ୍ୟ ନିକଟରେ ସୁପ୍ରିମକୋର୍ଟ ଅଙ୍ଗନୱାଡ଼ି କର୍ମଚାରୀମାନଙ୍କୁ ଆଶ୍ୱାସନା ଦେଇଛନ୍ତି। ଏଇତ ଗଲା ସରକାରୀ ଓ ବେସରକାରୀ ଅନୁଷ୍ଠାନର ଠିକା କର୍ମଚାରୀଙ୍କ ସଂଖ୍ୟା। ଶ୍ରମିକ ସଙ୍କଟ ଏବେ ଗାଁ ଗହଳରେ ଏକ ଉତ୍କଟ ସମସ୍ୟା ରୂପେ ବିବେଚିତ ହେଉଛି। ଅନେକ ଯୁବତୀ ଯୁବକ ନିଜ ଗୁଜରାଣ ମେଣ୍ଟାଇବା ପାଇଁ ଅନ୍ୟ ରାଜ୍ୟକୁ ଚାଲିଯାଇଛନ୍ତି ଆଉ ଯେଉଁ କିଛି ରହିଗଲେ, ବିଭିନ୍ନ ସରକାରୀ ଯୋଜନାରୁ ବିନା ପରିଶ୍ରମରେ କିଛି ସୁବିଧା ପାଇ କାମ କରିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଗାଁ ଗହଳିରେ ବିଶେଷକରି କୃଷି କ୍ଷେତ୍ରରେ କାମ କରୁଥିବା ଶ୍ରମିକ ସଙ୍କଟ କହିଲେ ନ ସରେ। ବର୍ତ୍ତମାନ ଶ୍ରମିକ ଅଭାବରୁ ବିଶେଷକରି ଆମ ରାଜ୍ୟରେ ହଜାର ହଜାର ଏକର କୃଷିକ୍ଷେତ୍ର ପଡ଼ିଆ ପଡୁଛି। କାହିଁକି ନ ପଡିବ ! ଯେଉଁଥିପାଇଁ ଆମେ ଚାଷ କରୁଥିଲେ ତାହା ଯଦି ଅନାୟାସରେ ମିଳିଯାଉଛି, ତେବେ ବିଲ ପଡ଼ିଆ ପଡ଼ିବା ସ୍ୱାଭାବିକ। ଲୋକସଂଖ୍ୟା ଅନୁପାତରେ କୃଷିଜାତ ଉତ୍ପାଦନ ହ୍ରାସ, ମୂଲ୍ୟବୃଦ୍ଧିକୁ ଅଧିକ ପ୍ରୋତ୍ସାହିତ କରୁଛି। ଗାଁ ଗହଳରେ ଥିବା ଶ୍ରମିକମାନଙ୍କ ମାନସିକତା କିନ୍ତୁ ଭିନ୍ନ। ଯଦି ବିନା ପରିଶ୍ରମରେ କିଛି ମିଳିଯାଉଛି, ତେବେ ପରିଶ୍ରମ କାହିଁକି କରିବେ ବୋଲି ପାଲଟା ପ୍ରଶ୍ନ ମନରେ ଉଙ୍କି ମାରୁଛି। ଶ୍ରମିକମାନେ କୃଷି ସହିତ ଜଡ଼ିତ ନ ହେବାର ଏହା ଏକ କାରଣ ହେଲେ ମଧ୍ୟ ଶ୍ରମ ନୀତିରେ ପରିବର୍ତ୍ତନ କରି ଶ୍ରମିକମାନଙ୍କୁ ଉତ୍ସାହିତ କରାଯିବା ଦରକାର। ମୁଖ୍ୟତଃ ଅଣସଂଗଠିତ କ୍ଷେତ୍ରରେ ଶ୍ରମିକମାନଙ୍କ କଲ୍ୟାଣକୁ ଗୁରୁତ୍ୱ ଦିଆଯିବା ଦରକାର। କାରଣ ଏହି କ୍ଷେତ୍ରରେ ଶ୍ରମିକମାନଙ୍କ ସଂଖ୍ୟା ସର୍ବାଧିକ। ଏଥିପାଇଁ ରାଜନୈତିକ ଇଚ୍ଛାଶକ୍ତି ଦରକାର। ଶ୍ରମିକମାନଙ୍କର ସୁରକ୍ଷା ହିଁ ଆଗାମୀ ଦିନରେ ଭାରତକୁ ସ୍ୱାବଲମ୍ବୀ ହେବାର ଏକ ନୂତନ ଦିଗନ୍ତ ସୃଷ୍ଟି କରିବ। ଏହା ସହିତ ଦେଶର ଅର୍ଥନୀତିରେ ଅନେକ ସୁଧାର ଆଣିପାରିବ। ଏସବୁକୁ ହୃଦୟଙ୍ଗମ କରି ଶ୍ରମିକମାନଙ୍କ ଅବସ୍ଥାରେ ଦେଖାଯାଉଥିବା ବହୁବିଧ ସମସ୍ୟା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଏଥିରେ ବ୍ୟାପକ ପରିବର୍ତ୍ତନ ଅଣାଗଲେ ଏହା ହିଁ ହେବ ଆଜିର ଦିନର ପ୍ରକୃତ ଉଦ୍ଦେଶ୍ୟ।

ସହକାରୀ ପ୍ରାଧ୍ୟାପକ, କିସ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ajayakumarnanda@gmail.com

# ସ୍ଥଳସେନାର ସର୍ବେସର୍ବା

ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଦୁଇ ମାସରୁ ଊର୍ଦ୍ଧ୍ୱ ସମୟ ବିତିଗଲାଣି। ଯୁଦ୍ଧ ଆହୁରି କେତେ ଦିନ ଚାଲିବ ଓ ସମାଧାନର ରାସ୍ତା କେବେ ବାହାରିବ ତାହାର ସଙ୍କେତ ମିଳୁନାହିଁ। ତେବେ ଅନ୍ତର୍ଜାତୀୟ ସ୍ତରରେ ଏହି ଯୁଦ୍ଧକୁ ନେଇ ଜୋରଦାର ଆଲୋଚନା ହେଉଛି। ରୁଷିଆ ଅତି ଶକ୍ତିଶାଳୀ ବୋଲି କୁହାଯାଉଥିଲେ ମଧ୍ୟ ୟୁକ୍ରେନ୍ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ସମର୍ଥନ ପାଉଥିବାରୁ ଦମ୍ଭ ହରାଉ ନାହିଁ ବୋଲି ଚର୍ଚ୍ଚା ହେଉଛି। ଏଭଳି ସ୍ଥଳେ ପ୍ରତ୍ୟେକ ରାଷ୍ଟ୍ର ନିଜ ସାମରିକ ଶକ୍ତିକୁ ମାପୁଛନ୍ତି। ଭବିଷ୍ୟତରେ ଯଦି କିଛି ଅସ୍ୱାଭାବିକ ସ୍ଥିତି ଉପୁଜେ ତାହାକୁ ମୁକାବିଲା କରିବା ଲାଗି ସେନାମୁଖ୍ୟମାନେ କେତେ ପ୍ରସ୍ତୁତ, ତାହା ସେମାନଙ୍କ ମଧ୍ୟରେ ଅଣ୍ଡର କରେଣ୍ଟ ବା ଅନ୍ତଃପ୍ରବାହ ଭଳି ରହିଛି। ଏହି ପରିପ୍ରେକ୍ଷୀରେ ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ରାଷ୍ଟ୍ର ଭାରତର ସାମରିକ କ୍ଷମତା ଓ ସେନା ମୁଖ୍ୟଙ୍କ ପରାକ୍ରମକୁ ନେଇ ଦେଶବାସୀ ଚିନ୍ତା କରିବା ସ୍ୱାଭାବିକ। କୁହାଯାଏ ସେନାପତିଙ୍କ ଠିକ୍ ସମୟରେ ଉଚିତ ନିଷ୍ପତ୍ତି ଏକ ରାଷ୍ଟ୍ର ବା ଗୋଷ୍ଠୀକୁ ବିଜୟ ଆଣିଦେଇଥାଏ। ଆଜିର ସ୍ଥିତିରେ ସାମରିକ ଶକ୍ତି, ପ୍ରଯୁକ୍ତି ଓ କୃତ୍ରିମ ବୁଦ୍ଧିମତ୍ତା ସହ ମୁଖ୍ୟଙ୍କ ପ୍ରତ୍ୟୁତ୍ପନ୍ନମତିତା ଏକ ବଡ଼ ପରିବର୍ତ୍ତନ ଆଣିପାରୁଛି। ଭାରତୀୟ ସ୍ଥଳସେନାର ଉପମୁଖ୍ୟ ଥିବା ଲ୍ୟୁଟ୍‌ନାଣ୍ଟ ଜେନେରାଲ ମନୋଜ ପାଣ୍ଡେଙ୍କୁ ୧୮ ଏପ୍ରିଲ ୨୦୨୨ରେ ସେନାର ପରବର୍ତ୍ତୀ ମୁଖ୍ୟ ଭାବେ ନିଯୁକ୍ତି ଦିଆଯାଇଥିଲା। ସେନା ମୁଖ୍ୟ ଥିବା ମନୋଜ ମୁକୁନ୍ଦ ନରଓ୍ୱଣେ ଏପ୍ରିଲ ୩୦ରେ ଅବସର ନେବା ପରେ ପାଣ୍ଡେ ୨୯ତମ ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଇଞ୍ଜିନିୟରିଂ କର୍‌ର ସଦସ୍ୟ ହୋଇଥିବା ସତ୍ତ୍ୱେ ତାଙ୍କୁ ସେନା ମୁଖ୍ୟ ହେବାର ସୁଯୋଗ ମିଳିଛି। ଅଦ୍ୟାବଧି ଇନ୍‌ଫାଣ୍ଟ୍ରି ବା ପଦାତିକ ବାହିନୀ, ଆର୍ଟିଲେରି ବା କମାଣ ବାହିନୀ ଏବଂ ଆର୍ମୋଡ ବା ସାଞ୍ଜୁ ବାହିନୀରୁ ଭାରତର ଆର୍ମି ଚିଫ୍‌ମାନେ ଆସିଛନ୍ତି। କର୍ ଅଫ୍ ଇଞ୍ଜିନିୟର୍ସରୁ ପାଣ୍ଡେଙ୍କୁ ଅଣାଯିବା

**ବ୍ୟକ୍ତିତ୍ୱ**



ଜେନେରାଲ ମନୋଜ ପାଣ୍ଡେ

ଆଧୁନିକ ଯୁଦ୍ଧ ପାଇଁ ଫଳପ୍ରଦ ହେବ ବୋଲି କୁହାଯାଉଛି। ଉଲ୍ଲେଖଯୋଗ୍ୟ ଯେ, କର୍ ଅଫ୍ ଇଞ୍ଜିନିୟର୍ସ ହେଉଛି ଯୁଦ୍ଧକୁ ସମର୍ଥନ କରୁଥିବା ଏକ ଅଙ୍ଗ। ଦୁଇଟି କମାଣ୍ଡ୍‌ର ନେତୃତ୍ୱ ନେଇଥିବା ପାଣ୍ଡେ ନିଜ ବୁଦ୍ଧିମତ୍ତାକୁ ବ୍ୟବହାର କରି ଦେଶକୁ ଅଧିକ ସୁରକ୍ଷା ଦେଇପାରିବେ ବୋଲି ଆଶା କରାଯାଉଛି।

ମନୋଜ ପାଣ୍ଡେ ୬ ମେ ୧୯୬୨ରେ ମହାରାଷ୍ଟ୍ରର ନାଗପୁରରେ ମରାଠୀ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। ପିତା ସି. ଜି. ପାଣ୍ଡେ ନାଗପୁର ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗ ମୁଖ୍ୟ ଭାବେ ଅବସର ନେଇଥିବା ବେଳେ ମାତା ପ୍ରେମା ଆକାଶବାଣୀର ଉଦ୍‌ଘୋଷିକା ଥିଲେ। ସୋମାଲୱାର ହାଇସ୍କୁଲରୁ ଶିକ୍ଷା ସମାପ୍ତ କରିବା ପରେ ମନୋଜ ୧୯୭୯ରେ ନ୍ୟାଶନାଲ ଡିଫେନ୍ସ ଏକାଡେମୀ (ଏନ୍‌ଡିଏ)ରେ ଯୋଗ ଦେଇଥିଲେ। ସେଠାରୁ ବିଜ୍ଞାନରେ ସ୍ନାତକ ଡିଗ୍ରୀ ଅର୍ଜନ କରିବା ପରେ ସେ ଭାରତୀୟ ସାମରିକ ଏକାଡେମୀରେ କମିଶନ୍‌ଡ ଅଫିସର ହୋଇଥିଲେ। ପରବର୍ତ୍ତୀକାଳରେ ପୁଣେସ୍ଥିତ ମିଲିଟାରୀ ଇଞ୍ଜିନିୟରିଂ କଲେଜରୁ ସେ ସିଭିଲ୍ ଇଞ୍ଜିନିୟରିଂରେ ବିଟେକ୍ କରିଥିଲେ। ତେବେ ମନୋଜ ୧୯୮୨ରେ କର୍ ଅଫ୍ ଇଞ୍ଜିନିୟର୍ସର ଅନ୍ୟତମ ରେଜିମେଣ୍ଟ ବମ୍ବେ ସାପର୍ସରେ କାର୍ଯ୍ୟ କରିଥିଲେ। ଲ୍ୟୁଟ୍‌ନାଣ୍ଟ କଲୋନେଲ ପଦବୀକୁ ଉନ୍ନୀତ ହେବା ପରେ ସେ ଇଥୋପିଆ ଓ ଇରିଟ୍ରେଆରେ ଜାତିସଂଘ ମିଶନ୍‌ରେ ଚିଫ୍ ଇଞ୍ଜିନିୟର ଭାବେ ସେବା ଯୋଗାଇଥିଲେ। ତେବେ ଜମ୍ମୁ ଓ କଶ୍ମୀରର ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ୧୧୭ ଇଞ୍ଜିନିୟରିଂ ରେଜିମେଣ୍ଟକୁ କମାଣ୍ଡର ଭାବେ ସେ 'ଅପରେଶନ୍ ପରାକ୍ରମ' ଦାୟିତ୍ୱ ନେଇଥିଲେ। ଏହା ପରେ ସେ ଇଷ୍ଟର୍ନ କମାଣ୍ଡ୍‌ର ମୁଖ୍ୟାଳୟରେ ବ୍ରିଗେଡିୟର ଜେନେରାଲ ଷ୍ଟାଫ୍ ଅପରେସନ୍ସ ଭାବେ ନିଯୁକ୍ତ ହୋଇଥିଲେ। ନିଷ୍ଠାର ସହ କାର୍ଯ୍ୟ କରିବା ପରେ ମନୋଜଙ୍କୁ ସଦର୍ନ କମାଣ୍ଡ୍‌ର ଚିଫ୍ ଅଫ୍ ଷ୍ଟାଫ୍ କରାଯାଇଥିଲା। ୩୦ ଏପ୍ରିଲ ୨୦୨୦ରେ ସେ ଆଣ୍ଡାମାନ ନିକୋବରର କମାଣ୍ଡର୍–ଇନ୍–ଚିଫ୍ ହୋଇଥିଲେ। ଏହା ପରେ ସାମରିକ ଅଧିକାରୀ ଭାବେ ତାଙ୍କ ପଦବୀ ୧୮ ଏପ୍ରିଲ ୨୦୨୨ରେ ଶୀର୍ଷ ଛୁଇଁଥିଲା ଓ ଭାରତ ସରକାର ତାଙ୍କୁ ସେନା ମୁଖ୍ୟ ଭାବେ ନିଯୁକ୍ତ କରିଥିଲେ। କାର୍ଯ୍ୟ କ୍ଷେତ୍ରରେ ଦକ୍ଷତା ପ୍ରତିପାଦନ କରିପାରିଥିବାରୁ ତାଙ୍କୁ ପରମ ବିଶିଷ୍ଟ ସେବା ମେଡାଲ, ଅତି ବିଶିଷ୍ଟ ସେବା ମେଡାଲ ସହ ବହୁ ପୁରସ୍କାର ଓ ସମ୍ମାନ ମିଳିଛି। ମନୋଜ ପାଣ୍ଡେ ଇଞ୍ଜିନିୟରିଂ କ୍ଷେତ୍ରରୁ ଆସିଥିବାରୁ ସେ ତାଙ୍କ ୧୩ ଲକ୍ଷ ବିଶିଷ୍ଟ ଭାରତୀୟ ସେନାକୁ କେଉଁଭଳି ଭାବେ ମାର୍ଗଦର୍ଶନ କରିବେ ତାହା ଦେଖିବାକୁ ବାକି ଅଛି।

ତାଙ୍କ ପାରିବାରିକ ଜୀବନ କହିଲେ ଧର୍ମପତ୍ନୀ ଅର୍ଚ୍ଚନା ସାଲ୍‌ପେକର ଜଣେ ଦନ୍ତ ଚିକିତ୍ସକ ଓ ୧୯୮୭ ମସିହାରେ ସେ ନାଗପୁରର ଗଭର୍ନମେଣ୍ଟ ଡେଣ୍ଟାଲ୍ କଲେଜ ଓ ହସ୍ପିଟାଲରୁ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ମନୋଜଙ୍କ ଜଣେ ଭାଇ ମଧ୍ୟ ସେନାର ଉଚ୍ଚପଦସ୍ଥ ଅଧିକାରୀ ଥିଲେ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଆମ୍ବ ବଗିଚା ନୁହେଁ, ବରଂ ଏହାକୁ କୁହାଯାଉଛି ଆମ୍ବ ମ୍ୟୁଜିୟମ। କାରଣ ଏହି ବଗିଚାରେ ଦେଶବିଦେଶର ପ୍ରାୟ ୨୫୦ କିସମର ଆମ୍ବ ଫଳୁଛି। ଯେ କେହି ଗଲେ ତାହାକୁ ଦେଖିବା ସହ ସେଠାରେ ରହିବାର ବି ସୁବିଧା କରାଯାଇଛି। ଏଭଳି ବଗିଚାଟିଏ ଦେଖିବାକୁ ପାଇବେ ଗୁଜରାଟର ଗିର୍ ନ୍ୟାଶନାଲ ପାର୍କଠାରୁ ୩ କି.ମି. ଦୂରରେ ଥିବା ଭାଲାଛେଲ ଗାଁରେ। ସେହି ଗାଁର ଝରିୟା ପରିବାର ୧୨.୫ ଏକରରେ ଏହି ଆମ୍ବ ବଗିଚା କରିଛନ୍ତି ଓ ଏଥିରେ ହଜାର ହଜାର ଗଛ ରହିଛି। ସୁମିତ ଝରିୟା କହନ୍ତି, ୧୯୮୫ରେ ତାଙ୍କ ଜେଜେବାପା ନୁର୍ ଅଲି ବୀର ଝରିୟା ପ୍ରଥମେ ୧୦ ଏକର ଜମି କିଣି ୧୪ ପ୍ରକାର ଆମ୍ବ ଗଛ ଲଗାଇଥିଲେ ଓ ପରେ ଅବଶିଷ୍ଟ ଜମି ବଗିଚା ପାଇଁ କିଣାଯାଇଛି। ୩ ଦଶନ୍ଧି ମଧ୍ୟରେ ଝରିୟା ପରିବାର ୨୫୦ ପ୍ରକାର ଆମ୍ବଗଛ ଏହି ବଗିଚାରେ ବଢ଼ାଇ ପାରିଛନ୍ତି। ଭାରତ ବ୍ୟତୀତ ଆମେରିକା, ଥାଇଲାଣ୍ଡ, ଅଷ୍ଟ୍ରେଲିଆ, ୟୁରୋପ ଏବଂ ଇସ୍ରାଏଲରୁ ବିଭିନ୍ନ କିସମର ଆମ୍ବ ଚାରା ସଂଗ୍ରହ କରାଯାଇ ଲଗାଯାଇଛି। ବର୍ଷକୁ ଏହି ବଗିଚାରୁ ଝରିୟା ପରିବାର ୨୪ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଅନିଲ ମ୍ୟାଙ୍ଗୋ ଫାର୍ମ ଆଣ୍ଡ୍ ନର୍ସରି କରି ଏହା ମାଧ୍ୟମରେ ପ୍ରତିବର୍ଷ ୨ ଲକ୍ଷ ଆମ୍ବ ଚାରା ବିକ୍ରି କରାଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୧ ମେ ୧୯୯୭

- କାପ୍ରେଷ୍ଟାବେସ୍‌ଠାରେ ଥିବା ଆଲବାନିଆ ସେନାବାହିନୀର ଏକ ଗୋଦାମ ଘରେ ବିସ୍ଫୋରଣ ଘଟି ୧୨ଜଣ ଶିଶୁଙ୍କ ସମେତ ୨୭ଜଣଙ୍କର ମୃତ୍ୟୁ।
- ଆମେରିକୀୟ ପ୍ୟାଟେଣ୍ଟ ତଥା ବୌଦ୍ଧିକ ସମ୍ପତ୍ତି ପ୍ରତି ଆବଶ୍ୟକୀୟ ସୁରକ୍ଷା ପ୍ରଦାନ କରିବାରେ ବିଫଳ ହୋଇଥିବାରୁ ଆମେରିକା ବାଣିଜ୍ୟନୀତିରେ ''କଡ଼ା ନଜର ତାଲିକା''ରେ ଭାରତ ଅନ୍ତର୍ଭୁକ୍ତ।
- ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ତଥା ସଫଳ ଭାବେ ପରୀକ୍ଷିତ ଅଗ୍ନି କ୍ଷେପଣାସ୍ତ୍ରର ନିର୍ମାଣକୁ ପାର୍ଲାମେଣ୍ଟର ପ୍ରତିରକ୍ଷା ଷ୍ଟାଣ୍ଡିଂ କମିଟି ଅନୁମୋଦନ କରିଛି।

# ପାଠକ ଶ୍ରେଷ୍ଠ ବିଚାରକ

## ଶିକ୍ଷକଙ୍କୁ ଗରମ ସେକ

ମହାଶୟ,

ଧନ୍ୟ ଆମେ ଓଡ଼ିଆ। ଆମ ରାଜ୍ୟ ଏକମାତ୍ର ରାଜ୍ୟ ଯେଉଁଠାରେ ଶିକ୍ଷକମାନଙ୍କୁ ନ୍ୟୁନ ଚକ୍ଷୁରେ ଆକଳନ କରାଯାଏ। ଏଠାରେ ଶିକ୍ଷକ କହିଲେ ପ୍ରାଥମିକଠାରୁ ଆରମ୍ଭକରି ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସଭିଙ୍କୁ ବୁଝାଏ। ଏହି ତଥାକଥିତ ବାପୁମାନେ ସରକାରଙ୍କର ବୋଲକରା ହୋଇଥିବାରୁ ଜନଗଣନା, କରୋନା ସେବା, ନିର୍ବାଚନ କାର୍ଯ୍ୟ ଇତ୍ୟାଦିରେ ନିଜକୁ ସମର୍ପିତ କରି ସେବା ଯୋଗାଇ ବିଶ୍ୱସ୍ତପଣିଆ ଜାହିର କରିଥାନ୍ତି। ଖାଲି ସେତିକି ନୁହେଁ ଏହି କାର୍ଯ୍ୟ ତଥା ଅନ୍ୟାନ୍ୟ ସରକାରୀ କାର୍ଯ୍ୟରେ ନିଜେ ହଇରାଣ ହେଲେ ମଧ୍ୟ ନିଖୁଣ ଭାବେ କାର୍ଯ୍ୟ ସମାପନ କରିବାକୁ ପଛାନ୍ତିନାହିଁ। ଏସବୁ ସତ୍ତ୍ୱେ ସଦ୍ୟ ପ୍ରଚଣ୍ଡ ଗ୍ରୀଷ୍ମ ଓ ଅସହ୍ୟ ଖରା ଯେତେବେଳେ ୪୫ ଡିଗ୍ରୀ ଅତିକ୍ରମ କରୁଛି ସେତେବେଳେ ଶିକ୍ଷା ଅନୁଷ୍ଠାନ ଖୋଲା ରଖି ଶୀତତାପ ନିୟନ୍ତ୍ରଣ କକ୍ଷରେ ବସିଥିବା ସରକାରୀ ବଡ଼ ହାକିମମାନେ ଶିକ୍ଷକମାନଙ୍କୁ ଖରାରେ ସିଝାଇ ସେକ ଦେବାକୁ ଯୋଜନା କରିଛନ୍ତି। ସଦ୍ୟ ଓଡ଼ିଶା ସରକାର ଉଭୟ ସ୍କୁଲ, କଲେଜ ତଥା ବିଶ୍ୱବିଦ୍ୟାଳୟରେ ଅସହ୍ୟ ଖରା ହେତୁ ୫ରୁ ୬ ଦିନ ପ୍ରଥମ ପର୍ଯ୍ୟାୟରେ ଶ୍ରେଣୀଗୃହ ପଢାକୁ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ଶିକ୍ଷକ ଓ ଅଣଶିକ୍ଷକଙ୍କ ସମେତ ଅନୁଷ୍ଠାନକୁ ଆସିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଧନ୍ୟ ଆମ ଓଡ଼ିଶାର ପ୍ରବୀଣ ଅମଲାତନ୍ତ୍ର। ଆଜିଯାଏ ଇତିହାସରେ ମଧ୍ୟ କେବେ ଖରା ଦିନେ ଛୁଟି ରଦ୍ଦ ହୋଇ ନ ଥିଲା, ଏବର୍ଷ ଯାହା ହେଲା। କିନ୍ତୁ ବର୍ତ୍ତମାନ ଏପରି ପରିସ୍ଥିତି ବିନା ଗ୍ରାହକରେ ଦୋକାନୀ ଦୋକାନ ଖୋଲି ବସିବା ସଦୃଶ। ଆରେ ବାବୁ, ଛାତ୍ରୀଛାତ୍ରଙ୍କ ବିନା ଶିକ୍ଷାନୁଷ୍ଠାନର ଆବଶ୍ୟକତା କ'ଣ ? ଯଦି ସେମାନେ ନାହାନ୍ତି ତେବେ ଏ ମାନେ କ'ଣ ଖାଲି ଦୋକାନ ଖୋଲି ମାଛି ହୁଡ଼େଇବେ କି ? କାହାକୁ କହିବା ନିରଙ୍କୁଶ ସରକାର ତ ଆମେ ବାଛିଚେ। ଦେଖାଯାଉ ଆଗକୁ ଆହୁରି କି ଅନ୍ୟାୟ ସବୁ ଦେଖିବାକୁ ପଡ଼ିବ ଏମାନଙ୍କୁ।

ଯେଉଁ ଦେଶରେ ଶିକ୍ଷକ ଅବହେଳିତ ସେଠାରେ ଶିକ୍ଷା ସୁଦୂରପ୍ରସାରୀ ହେବା ଅସମ୍ଭବ। ବର୍ତ୍ତମାନ ଶ୍ରେଣୀଗୃହ ଶିକ୍ଷା ଅସମ୍ଭବ କହି ସରକାର ଶ୍ରେଣୀ ଶିକ୍ଷା ବନ୍ଦ କଲେ, ହେଲେ ଅସହ୍ୟ ଗରମରେ କୋମଳମତି ଛାତ୍ରୀଛାତ୍ରମାନେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦିବା ୯ରୁ ୧୨ଟା ପର୍ଯ୍ୟନ୍ତ ଦେବା କେତେଦୂର ସମୀଚୀନ ବିଚାରଯୋଗ୍ୟ।

– ପ୍ରଦୀପ୍ତ କୁମାର ପାତ୍ର, ସାମ୍ବାଦିକ, ଦୀନଦୟାଲ ମେଲ୍, ନୟାଗଡ଼

## ଚିରନ୍ତନୀ

ଜାଣିନି କାହାକୁ ସେ ଆଗ ଆସି ଯିବ ଘେନି
ଜଣକୁ ଛାଡ଼ି ଜଣେ
କେବେ କ୍ଷଣେ ରହୁଁ ବେନି ?
କିଏ ସେ ଯିବ ଆଗ ନ ପାରଇଁ ବୁଝି ତିଳେ
ଛାଡ଼ି ଏ ସୁଖ ଘର
ମରଣର ଚିର ନୀଡ଼େ।
(ମରଣ ପାଳି)
–କାଳିନ୍ଦୀଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମେ' ପ୍ରଥମ ସପ୍ତାହରୁ ରବିଧାନ ସଂଗ୍ରହ

- ୨ ଲକ୍ଷ ୫୮ ହଜାର ୨୩୭ ଚାଷୀ ପଞ୍ଜୀକୃତ
- ୧୬% ପଞ୍ଜୀକୃତ ଜମିରେ ଧାନଚାଷ ନାହିଁ
- ମେ' ୪ ସୁଦ୍ଧା ସାଟେଲାଇଟ୍ ଇମେଜ ଯାଞ୍ଚ ଶେଷ ହେବ
- ନିର୍ଭୁଲ୍ ଯାଞ୍ଚ ଉପରେ ସମବାୟ ମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର,୩୦।୪(ବ୍ୟୁରୋ)

ମେ' ମାସ ପ୍ରଥମ ସପ୍ତାହରୁ ରାଜ୍ୟରେ ରବିଧାନ ସଂଗ୍ରହ କରାଯିବ। ଧାନ ସଂଗ୍ରହ ହେବାକୁ ଥିବା ୧୭ ଜିଲା ମଧ୍ୟରୁ କିଛି ଜିଲାରେ ଏହି କାର୍ଯ୍ୟ ଆରମ୍ଭ ହେଉଥିବା ବେଳେ ଅନ୍ୟ ଜିଲାଗୁଡ଼ିକରେ ମେ' ମାସ ଦ୍ୱିତୀୟ କିମ୍ବା ତୃତୀୟ ସପ୍ତାହରେ ଆରମ୍ଭ ହେବ। ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ଦ୍ୱାରା ଜିଲାରେ ରବିଧାନ ଅମଳକୁ ଦୃଷ୍ଟିରେ ରଖି ମଣ୍ଡି ଦ୍ୱାରା ଧାନ ସଂଗ୍ରହ କାର୍ଯ୍ୟର ତାରିଖ ଚୂଡ଼ାନ୍ତ କରାଯାଇଛି । ରବିଧାନ ସଂଗ୍ରହ କାର୍ଯ୍ୟ ଜୁନ୍ ୩୦ତାରିଖ ପର୍ଯ୍ୟନ୍ତ ଚାଲିବ।

ଚଳିତ ରବିଧାନ ସଂଗ୍ରହ ରାଜ୍ୟର ୧୭ଟି ଜିଲାରେ କରାଯାଉଥିବା ବେଳେ ପ୍ରକୃତ ଧାନଚାଷ କରାଯାଇଥିବା ଜମିର ସର୍ଭେ କାର୍ଯ୍ୟ ସାଟେଲାଇଟ୍ ଇମେଜରି ମାଧ୍ୟମରେ କରାଯାଉଛି। ମେ' ୪ ତାରିଖ ସୁଦ୍ଧା ଓର୍‌ସାକ୍ ଦ୍ୱାରା ସମସ୍ତ ପଞ୍ଜୀକୃତ ଧାନଚାଷ ଜମିର ସାଟେଲାଇଟ୍ ସର୍ଭେ କାର୍ଯ୍ୟ ଶେଷ କରିବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି । ସାଟେଲାଇଟ୍ ଇମେଜରି ମାଧ୍ୟମରେ ମିଳୁଥିବା ତଥ୍ୟ ଅନୁଯାୟୀ ସନ୍ଦିଗ୍ଧ ପ୍ଲଟଗୁଡ଼ିକର କ୍ଷେତ୍ରସ୍ତରରେ ଯାଞ୍ଚ କରାଯାଉଛି। ସାଟେଲାଇଟ୍ ସର୍ଭେ ଦ୍ୱାରା ମିଳିଥିବା ତଥ୍ୟ ଅନୁଯାୟୀ ପଞ୍ଜୀକୃତ କରିଥିବା ଜମିର ୧୬ ପ୍ରତିଶତ ଜମିରେ ଧାନଚାଷ କରାଯାଇନାହିଁ।

ରବିଧାନ ସଂଗ୍ରହ ନିମନ୍ତେ ପଞ୍ଜୀକୃତ ଚାଷୀମାନଙ୍କ ପ୍ରଦତ୍ତ ଧାନଚାଷ କରାଯାଇଥିବା ଜମିର ତଥ୍ୟ, ଜଳସେଚିତ ଜମିର ପରିମାଣ, ବ୍ୟାଙ୍କ ଆକାଉଣ୍ଟ ଏବଂ ଆଧାର କାର୍ଡ ଆଦିର ଯାଞ୍ଚ କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଶନିବାର ଲୋକସେବା ଭବନଠାରେ ଚଳିତ ରବିଧାନ ସଂଗ୍ରହ ନିମନ୍ତେ ଆୟୋଜିତ ପ୍ରସ୍ତୁତି ବୈଠକରେ ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ମନ୍ତ୍ରୀ ସମୀକ୍ଷା କରିଛନ୍ତି। ଓର୍‌ସାକ୍ ଦ୍ୱାରା ସାଟେଲାଇଟ୍ ଇମେଜରି ମାଧ୍ୟମରେ ଚାଷ କରାଯାଇଥିବା ପ୍ରକୃତ ଧାନଜମିର ସର୍ଭେ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଛି।

ଯେଉଁସବୁ ପ୍ଲଟ୍‌ରେ ରବିଧାନ ଚାଷ କରାଯାଇ ନାହିଁ, ସେସବୁ ପ୍ଲଟ୍‌କୁ ରବିଧାନ ସଂଗ୍ରହ ପ୍ରକ୍ରିୟାରୁ ବାଦ୍ ଦିଆଯାଉଛି । ସମବାୟ, ରାଜସ୍ୱ, ଜଳସମ୍ପଦ ଓ କୃଷି ବିଭାଗର ଅଧିକାରୀଙ୍କ ଦ୍ୱାରା କ୍ଷେତ୍ରସ୍ତରରେ ଯୁଗ୍ମ ଯାଞ୍ଚ କାର୍ଯ୍ୟ କରାଯାଇଛି । ଯାଞ୍ଚ କରାଯାଇଥିବା ତଥ୍ୟଗୁଡ଼ିକ ସୋସାଇଟି ଦ୍ୱାରା ତୁରନ୍ତ ଅପ୍‌ଡେଟ୍ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ପଞ୍ଜୀକୃତ ଚାଷୀମାନେ ଯେପରି ସହଜରେ ଏବଂ ସୁବିଧାରେ ମଣ୍ଡିରେ ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନ ବିକ୍ରି କରିପାରିବେ ସେଥିନିମନ୍ତେ ଆନୁଷଙ୍ଗିକ ସମସ୍ତ ଉପକରଣ ଓ ବ୍ୟବସ୍ଥାକୁ ଚୂଡ଼ାନ୍ତ କରିବା ପାଇଁ ମନ୍ତ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି । ମଣ୍ଡି ସହିତ ସଂଯୁକ୍ତ ମିଲରମାନେ ଯେପରି ଠିକ୍ ସମୟରେ ମଣ୍ଡିରୁ ଧାନ ଉଠାଣ କରିବେ, ସେଥି ପ୍ରତି ଆଗୁଆ ପଦକ୍ଷେପ ନେବା ସକାଶେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଧାନ ସଂଗ୍ରହ କାର୍ଯ୍ୟକୁ ସ୍ୱଚ୍ଛ ଓ ତ୍ୱରାନ୍ୱିତ କରିବା ପାଇଁ ବିଭାଗ ଦ୍ୱାରା ପି-ପାସ୍ ଓ ଚାଷୀଙ୍କୁ ଆଗୁଆ ଟୋକନ୍ ପ୍ରଦାନ କରାଯାଉଛି । ମଣ୍ଡିରେ ଧାନ ସଂଗ୍ରହ କାର୍ଯ୍ୟର ତଦାରଖ ଓ ନିରୀକ୍ଷଣ ନିମନ୍ତେ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ନିୟୋଜିତ କରାଯାଉଛି । ଚଳିତ ରବିଧାନ ରାଜ୍ୟର ୧୭ଟି ଜିଲା ବାଲେଶ୍ୱର, ବରଗଡ଼, ବଲାଙ୍ଗୀର, ବୌଦ୍ଧ, କଟକ, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, ଖୋର୍ଦ୍ଧା, କୋରାପୁଟ, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡ଼ା, ପୁରୀ, ରାୟଗଡ଼ା, ସମ୍ବଲପୁର ଏବଂ ସୁବର୍ଣ୍ଣପୁରରୁ ପଞ୍ଜୀକୃତ ଓ ଯାଞ୍ଚ ହୋଇଥିବା ଚାଷୀଙ୍କଠାରୁ ସଂଗ୍ରହ କରାଯିବ । ରବିଧାନ ସଂଗ୍ରହ ପାଇଁ ରାଜ୍ୟର ମୋଟ ୨ ଲକ୍ଷ ୫୮ ହଜାର ୨୩୭ ଜଣ ଚାଷୀ ସେମାନଙ୍କ ନାମ ପଞ୍ଜୀକରଣ କରିଛନ୍ତି, ଯାହାକି ଗତବର୍ଷ ଅପେକ୍ଷା ୧୧ ପ୍ରତିଶତ ଅଧିକ।

ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ବୀରବିକ୍ରମ ଯାଦବ, ସ୍ୱତନ୍ତ୍ର ଶାସନ ସଚିବ ରାଜେନ୍ଦ୍ର ମିଶ୍ର, ନିବନ୍ଧକ, ସମବାୟ ସମିତି ଉଦ୍ଧବଚରଣ ମାଝି, ସମବାୟ ବିଭାଗର ସ୍ୱତନ୍ତ୍ର ସଚିବ ଭରତ ଚନ୍ଦ୍ର ବେହେରା, ଓଡ଼ିଶା ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଶୁଭମ୍ ସାକ୍ସେନା, ଓର୍‌ସାକ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପି.କେ. ମଲ୍ଲିକଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ ।

# ସକାଳ ୬ ରୁ ୯ ସ୍କୁଲ ପାଠପଢ଼ା

ଭୁବନେଶ୍ୱର, ୩୦।୪(ବ୍ୟୁରୋ)

ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ରାଜ୍ୟ ସରକାର ସ୍କୁଲ ସମୟରେ ପରିବର୍ତ୍ତନ କରିଛନ୍ତି। ଆସନ୍ତା ୨ ତାରିଖଠାରୁ ସ୍କୁଲଗୁଡ଼ିକରେ ସକାଳ ୬ରୁ ୯ଟା ପର୍ଯ୍ୟନ୍ତ ପାଠପଢ଼ା ହେବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏ ନେଇ ଶନିବାର ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ଏ ସଂକ୍ରାନ୍ତରେ ଓସେପା, ଓଏଭିଏସ୍, ଏମ୍‌ଡିଏମ୍, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ଏଲିମେଣ୍ଟାରି ଶିକ୍ଷା ନିର୍ଦ୍ଦେଶକ, ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ, ସିଏଚ୍‌ଏସ୍‌ଇ ଅଧ୍ୟକ୍ଷ, ମାଧ୍ୟମିକ ଶିକ୍ଷା ବୋର୍ଡ ସଭାପତିଙ୍କୁ ବିଭାଗ ଚିଠି ମାଧ୍ୟମରେ ଅବଗତ କରିଛି। ତେବେ ମାଧ୍ୟମିକ ଶିକ୍ଷା ବୋର୍ଡ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ନିର୍ଦ୍ଧାରିତ ପରୀକ୍ଷା ସମୟରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ପୂର୍ବ ନିର୍ଦ୍ଧାରିତ ସମୟ ସୂଚୀ ଅନୁସାରେ ପରୀକ୍ଷାଗୁଡ଼ିକ ଅନୁଷ୍ଠିତ ହେବ ବୋଲି ଚିଠିରେ ଉଲ୍ଲେଖ ରହିଛି। ଅର୍ଥାତ୍ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ପୂର୍ବ ସୂଚୀ ଅନୁସାରେ ଅନୁଷ୍ଠିତ ହେବ। ସେହିପରି ଓସେପା ଦ୍ୱାରା ପ୍ରସ୍ତୁତ ଲର୍ଣ୍ଣିଂ ରିକଭରି ପ୍ଲାନ୍ (ଏଲ୍‌ଆର୍‌ପି) ଗ୍ରୀଷ୍ମକାଳୀନ ଛୁଟି ସମୟରେ ପରିଚାଳନା କରାଯିବ। ଏହି କାର୍ଯ୍ୟକ୍ରମରେ ସରକାରୀ ଓ ସରକାରୀ ମଞ୍ଜୁରୀପ୍ରାପ୍ତ ବିଦ୍ୟାଳୟ ସାମିଲ ହୋଇପାରିବେ। ତୃତୀୟଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ର ତଥା ନୂଆ ନାମ ଲେଖାଇଥିବା ପିଲା ଏହି କାର୍ଯ୍ୟକ୍ରମରେ ଯୋଗଦେଇପାରିବେ। ଏକାଦଶରୁ ଦ୍ୱାଦଶ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ର ମଧ୍ୟ ଏଲ୍‌ଆର୍‌ପି କାର୍ଯ୍ୟକ୍ରମରେ ସାମିଲ ହୋଇପାରିବେ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ସୂଚନାଯୋଗ୍ୟ, ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଗତ ୨୬ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ସମସ୍ତ ସ୍କୁଲ ଛୁଟି କରିଥିଲେ। କିନ୍ତୁ ଏବେ ରାଜ୍ୟରେ ତାପମାତ୍ରା ଅଧିକ ରହୁଥିବାରୁ ପୁଣି ସ୍କୁଲ ଖୋଲିବ ନା ଛୁଟି ରହିବ, ତାହାକୁ ନେଇ ଅଭିଭାବକ, ଛାତ୍ରୀଛାତ୍ର ଆଶଙ୍କାରେ ଥିଲେ। କିନ୍ତୁ ଶନିବାର ଗଣଶିକ୍ଷା ବିଭାଗ ସ୍କୁଲ ଖୋଲିବା ନେଇ ସୂଚନା ଦେବା ସହ ସ୍କୁଲ୍ ପାଠପଢ଼ା ସମୟରେ ପରିବର୍ତ୍ତନ ନେଇ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ସମ୍ପ୍ରତି ସାରା ରାଜ୍ୟରେ ରୌଦ୍ରତାପକୁ ନଜର କରି ଓଡ଼ିଶା ଅଭିଭାବକ ମହାସଂଘ ଗଣଶିକ୍ଷା ବିଭାଗ ସଚିବଙ୍କୁ ଚିଠି ଲେଖି ଆଉ ୧୫ଦିନ ସ୍କୁଲ ବନ୍ଦ କରିବାକୁ ନିବେଦନ କରିଛି।

# ନ୍ୟାୟ ପାଇଁ ଶ୍ୱଶୁରଘର ଆଗରେ ଧାରଣା ଦେଲେ ମନୀଷା

ପାରଳାଖେମୁଣ୍ଡି,୩୦।୪(ଡି.ଏନ୍.ଏ.)

ନ୍ୟାୟ ପାଇଁ ଶ୍ୱଶୁର ଘର ଆଗରେ ଖରାରେ ଶନିବାର ଧାରଣା ଦେଇଛନ୍ତି ଗଜପତି ଜିଲା ପାରଳାଖେମୁଣ୍ଡିର ବୋହୂ ଏ. ମନୀଷା। ସ୍ୱାମୀ ଏବଂ ଶ୍ୱଶୁର ପ୍ରଥମେ ସେହି ସ୍ଥାନରୁ ମନୀଷାଙ୍କୁ ହଟାଇବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଏବେ ବୋହୂ ମନୀଷାଙ୍କର ଏକା ଜିଦ୍ ନ୍ୟାୟ ନ ମିଳିବା ଯାଏ ଧାରଣା ଜାରି ରହିବ। ପାରଳାଖେମୁଣ୍ଡିର ଏ.ଜଗନ୍ନାଥ ରାଜୁଙ୍କ ପୁଅ ଚୈତନ୍ୟ ୨୦୧୬ ମାର୍ଚ୍ଚ ୧୧ରେ ଗୋଷାଣୀ ବ୍ଲକ ରାଜ ସୀତାପୁର ଗ୍ରାମର ବିଶ୍ୱନାଥକ ରାଜୁଙ୍କ ଝିଅ ମନୀଷାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର କିଛି ମାସ ପରେ ଅଧିକ ଯୌତୁକ ଦାବିରେ ସ୍ୱାମୀ ଓ ଶାଶୁଘର ଲୋକେ ମନୀଷାଙ୍କୁ ନିର୍ଯାତନା ଦେଉଥିଲେ। ପରେ ତାଙ୍କୁ ଘରୁ ବାହାର କରିଦେଇଥିବା ସେ ଅଭିଯୋଗ କରିଛନ୍ତି। ସେହିଦିନଠାରୁ ମନୀଷା ନିଜ ବାପ ଘରେ ଆସି ରହୁଥିଲେ। ଶାଶୁଘରୁ ତଡା ଖାଇଥିବା ମନୀଷା ୨୦୧୮ ଅଗଷ୍ଟରେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ପାଇଁ ମଧ୍ୟ ଉଦ୍ୟମ କରିଥିଲେ। ଝିଅର ଏଭଳି ଅବସ୍ଥା ଦେଖି ବାପା ବିଶ୍ୱନାଥ ଅସୁସ୍ଥ ହୋଇ ୨୦୧୯ ଏପ୍ରିଲରେ ମୃତ୍ୟୁ ବରଣ କରିଥିଲେ। ବାପାଙ୍କ ମୃତ୍ୟୁ ପରେ ମନୀଷା ନିଜ ଭାଇ ଭାଉଜଙ୍କ ପାଖରେ ରହୁଛନ୍ତି। ନିଜ ହକ ପାଇଁ ବାରମ୍ବାର ପ୍ରୟାସ କରି ବିଫଳ ହେବା ପରେ ସେ ପୁଣି ନିଜ ଶ୍ୱଶୁର ଘର ସମ୍ମୁଖରେ ଧାରଣାରେ ବସିଛନ୍ତି। ଗତ ଫେବୃୟାରୀ ୧୨ରେ ମଧ୍ୟ ଏହିଭଳି ଧାରଣା ଦେଇଥିଲେ। ହେଲେ ସହରର କେତେଜଣ ବୁଦ୍ଧିଜୀବୀ ଆପୋସ ସମାଧାନ କରିବାକୁ କଥା ଦେଇଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା କୌଣସି ସମାଧାନ ନ ହେବାରୁ ମନୀଷା ଶ୍ୱଶୁର ଘର ସମ୍ମୁଖରେ ଧାରଣା ଦେଇଥିଲେ। ପୂର୍ବରୁ କୋର୍ଟରେ ମାମଲା ବିଚାରାଧୀନ ରହିଥିବା ବେଳେ ପୋଲିସ ପହଞ୍ଚି ଉଭୟ ପକ୍ଷଙ୍କୁ ଡାକି ବୁଝାଶୁଝା କରିଥିଲା। ଆସନ୍ତା ମାସ ୬ ତାରିଖରେ ଉଭୟ ପକ୍ଷ ମଧ୍ୟରେ ଆଲୋଚନା କରାଯାଇ ଏହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ଶ୍ୱଶୁର ଘର ଆଗରେ ମନୀଷା ଧାରଣାରେ ବସିଛନ୍ତି।

# ୧୨୧ ବର୍ଷରେ ସବୁଠୁ ଉତ୍ତପ୍ତ ଏପ୍ରିଲ

ନୂଆଦିଲ୍ଲୀ,୩୦।୪

ଏପ୍ରିଲରେ ଉତ୍ତରପଶ୍ଚିମ ଓ କେନ୍ଦ୍ରୀୟ ଭାରତରେ ସର୍ବାଧିକ ତାପମାତ୍ରା ରେକର୍ଡ କରାଯାଇଛି। ଗତ ୧୨୧ ବର୍ଷ ମଧ୍ୟରେ ଏହା ସବୁଠୁ ଉତ୍ତପ୍ତ ଏପ୍ରିଲ ବୋଲି ଭାରତୀୟ ପାଣିପାଗ (ଆଇଏମ୍‌ଡି) ଶନିବାର କହିଛି। ମେ'ରେ ମଧ୍ୟ ଉତ୍ତାପ ସ୍ୱାଭାବିକଠାରୁ ଅଧିକ ରହିବ ବୋଲି କୁହାଯାଇଛି। ଆଇଏମ୍‌ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ସୂଚନା ଅନୁଯାୟୀ ତାଙ୍କ ବିଭାଗରେ ତାପମାତ୍ର ରେକର୍ଡ ରହିବା ଦିନଠାରୁ ଏପର୍ଯ୍ୟନ୍ତ ଏପ୍ରିଲରେ କେବେ ଏଭଳି ତାତି ଅନୁଭୂତ ହୋଇ ନ ଥିଲା। ଦେଶରେ ଏହା ଚତୁର୍ଥ ଉତ୍ତପ୍ତ ଏପ୍ରିଲ ବୋଲି ସେ କହିଛନ୍ତି। ଉତ୍ତରପଶ୍ଚିମ ଭାରତରେ ଏପ୍ରିଲର ହାରାହାରି ତାପମାତ୍ରା ୩୫.୯୦ ଡିଗ୍ରୀ ଓ କେନ୍ଦ୍ରୀୟ ଭାରତରେ ୩୭.୭୮ ଡିଗ୍ରୀ ସେଲ୍‌ସିୟସ୍ ରହିଛି। ଉତ୍ତରପ୍ରଦେଶର ପ୍ରୟାଗରାଜରେ ସର୍ବାଧିକ ୪୭ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛି।

# ୨ ବାଘଛୁଆ ଉଦ୍ଧାର



ଗ୍ରାମର ଏକ ବିଲରେ ଦେଖିବାକୁ ମିଳିଥିବା ବାଘଛୁଆ।

କୋରାପୁଟ,୩୦।୪(ସ୍ୱ.ପ୍ର.)

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ଗୁମୁଡ଼ା ପଞ୍ଚାୟତ କେନ୍ଦୁଗୁଡ଼ା ଗ୍ରାମର ଏକ ବିଲରେ ଥିବା ଗାତରୁ ଶନିବାର ୨ଟି ବାଘଛୁଆ ଉଦ୍ଧାର ହୋଇଛି। କେତେଜଣ ମହିଳା କେନ୍ଦୁପତ୍ର ସଂଗ୍ରହ କରିବାକୁ ଯାଇଥିବା ବେଳେ ଗାତ ଭିତରେ ବାଘଛୁଆ ୨ଟିକୁ ଦେଖି ଭୟଭୀତ ହୋଇ ପଡ଼ିଥିଲେ। ସେମାନେ ଗ୍ରାମକୁ ଫେରିଆସି ଏ ସମ୍ପର୍କରେ ଗ୍ରାମବାସୀଙ୍କୁ ଜଣାଇଥିଲେ। ପରେ ଗ୍ରାମବାସୀ ସତ୍ୟାସତ୍ୟ ଜାଣିବାକୁ ସେଠାରେ ପହଞ୍ଚି ବାଘଛୁଆଙ୍କୁ ଦେଖିଥିଲେ। ଖବର ପାଇ ବି.ସିଂହପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ଭିଡ଼ ନ କରିବାକୁ ପରାମର୍ଶ ଦେଇଛି। ଏନେଇ ଗ୍ରାମବାସୀ ବୋରିଗୁମ୍ମା ବନ ବିଭାଗକୁ ଅବଗତ କରାଇଛନ୍ତି। ବିଲ ମଧ୍ୟରେ ଦେଖିବାକୁ ମିଳିଥିବା ବାଘଛୁଆ ୨ଟି ହେଟାବାଘ ବୋଲି ଡିଏଫ୍‌ଓ ସୁବାସ ଚନ୍ଦ୍ର ଖୁଣ୍ଟିଆ କହିଛନ୍ତି।

# ବଢ଼ିଲା ଶ୍ରମିକଙ୍କ ସର୍ବନିମ୍ନ ମଜୁରି

ଭୁବନେଶ୍ୱର, ୩୦।୪ (ବ୍ୟୁରୋ)

ରାଜ୍ୟର ଅଣକୁଶଳୀ, ଅର୍ଦ୍ଧକୁଶଳୀ, କୁଶଳୀ, ଅତିକୁଶଳୀ ଶ୍ରମିକଙ୍କ ସର୍ବନିମ୍ନ ମଜୁରି ବୃଦ୍ଧି କରାଯାଇଛି। ୮୯ଟି କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମସ୍ତ ଶ୍ରମିକଙ୍କ ଦୈନିକ ପାରିଶ୍ରମିକ ୧୧ ଟଙ୍କା ଲେଖାଏ ବୃଦ୍ଧି କରାଯାଇଛି। ଏନେଇ ଶନିବାର ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହା ପିଛିଲା ଭାବେ ୨୦୨୨ ଏପ୍ରିଲ ୧ରୁ ଲାଗୁ ହେବ। ଏହା ପୂର୍ବରୁ ୧ ଅକ୍ଟୋବର ୨୦୨୧ରେ ଶ୍ରମିକଙ୍କ ସର୍ବନିମ୍ନ ମଜୁରିରେ ପରିବର୍ତ୍ତନ କରାଯାଇଥିଲା। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ପୂର୍ବରୁ ଅଣକୁଶଳୀ ଶ୍ରମିକଙ୍କୁ ୩୧୫ ଟଙ୍କା ମିଳୁଥିଲା, ଏଥିରେ ୧୧ ଟଙ୍କା ବୃଦ୍ଧି କରାଯାଇ ଏବେ ୩୨୬ ଟଙ୍କା ମିଳିବ। ସେହିଭଳି ଅର୍ଦ୍ଧକୁଶଳୀ ଶ୍ରମିକ ୩୫୫ ଟଙ୍କା ପରିବର୍ତ୍ତେ ୩୬୬ ଟଙ୍କା ପାଇବେ। କୁଶଳୀ ଶ୍ରମିକ ୪୦୫ ଟଙ୍କା ପରିବର୍ତ୍ତେ ୪୧୬ ଟଙ୍କା ମିଳିବ ଏବଂ ଅତିକୁଶଳୀ ଶ୍ରମିକ ୪୬୫ ଟଙ୍କା ବଦଳରେ ୪୭୬ ଟଙ୍କା ପାଇବେ।

# ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ

## ମନୋରଞ୍ଜନ ଷ୍ଟାଫ୍ ସିଲେକ୍ସନ କମିଶନ ସଚିବ

ଭୁବନେଶ୍ୱର,୩୦।୪(ବ୍ୟୁରୋ)

ରାଜ୍ୟ ସରକାର ଶନିବାର ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ମୋଟ ୯ଜଣ ଓଏଏସ୍ ଅଫିସରଙ୍କ ବଦଳି କରାଯାଇଛି। ବରିଷ୍ଠ ଓଏଏସ୍ ଅଫିସର ମନୋରଞ୍ଜନ ମଲ୍ଲିକଙ୍କୁ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ ସଚିବ ଭାବେ ଅବସ୍ଥାପିତ କରାଯାଇଛି । ସେ ସେଠାରେ ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରୁଥିଲେ। ସେହିପରି କୃଷି ଓ କୃଷକ କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଶ୍ରୀଧର ନାୟକଙ୍କୁ ରାଜ୍ୟ ସୂଚନା କମିଶନ ସଚିବ ଭାବେ ବଦଳି କରାଯାଇଥିବା ବେଳେ ଢେଙ୍କାନାଳ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶଙ୍କୁ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ, ଓଟିଡିସି ଜେନେରାଲ ମ୍ୟାନେଜର ଶାନ୍ତନୁ କୁମାର ମହାନ୍ତିଙ୍କୁ ଭଦ୍ରକ ଅତିରିକ୍ତ ଜିଲାପାଳ, ଧରିତ୍ରୀ ମିଶ୍ରଙ୍କୁ ଆଚାର୍ଯ୍ୟ ହରିହର ପୋଷ୍ଟ ଗ୍ରାଜୁଏଟ କ୍ୟାନ୍‌ସର ଇନ୍‌ଷ୍ଟିଚ୍ୟୁଟର ପ୍ରଶାସନିକ ଅଧିକାରୀ ଓ ଭୁବନେଶ୍ୱର ବିଡିଓ ରମେଶ ଚନ୍ଦ୍ର ସେଠୀଙ୍କୁ ଢେଙ୍କାନାଳ ଅତିରିକ୍ତ ଜିଲାପାଳ ଭାବେ ବଦଳି ହୋଇଛି ।

ସେହିପରି ଅନୁଗୋଳ ଡିଆରଡିଏ ପିଡି (ପ୍ରଶାସନ) ସୁଶାନ୍ତ କୁମାର ପତିଙ୍କୁ ପାଲଲହଡ଼ା ଉପଜିଲାପାଳ ଭାବେ ବଦଳି କରାଯାଇଥିବା ବେଳେ ବାଇତୁରା ଦୀପଙ୍କୁ ଅନୁଗୋଳ ଉପଜିଲାପାଳ ଓ ସରୋଜ କୁମାର ବେହେରାଙ୍କୁ ସ୍ୱାସ୍ଥ୍ୟ ବିଭାଗର ଉପସଚିବ ଭାବେ ବଦଳି କରାଯାଇଛି । ସେ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ । ଏହି ବିଶ୍ୱବିଦ୍ୟାଳୟକୁ ଚଳିତବର୍ଷ ଶେଷ ସୁଦ୍ଧା କାର୍ଯ୍ୟକ୍ଷମ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଥିବା ଜଣାପଡ଼ିଛି ।

ଦୀର୍ଘବର୍ଷ ଧରି ପ୍ରସ୍ତାବିତ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟକୁ କାର୍ଯ୍ୟକ୍ଷମ କରିବା ପାଇଁ ରାଜ୍ୟ ସରକାର ସେଠାରେ ଓଏଏସ୍ ଅଧିକାରୀ ସରୋଜ କୁମାର ବେହେରାଙ୍କୁ ପ୍ରଶାସନିକ ଅଫିସର ଭାବେ ନିଯୁକ୍ତି ଦେଇଛନ୍ତି। ୨୦୦୫ ମସିହାରୁ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ପ୍ରସ୍ତାବ ଥିବାବେଳେ ୨୦୨୧ ସେପ୍ଟେମ୍ବରରେ ଏହାକୁ ବିଧାନସଭାର ଅନୁମୋଦନ ମିଳିଥିଲା।


## ଯୁବ ଉଦ୍ୟୋଗୀ ତଥା ସମାଜସେବୀଙ୍କ ଡ଼କ୍ଟରେଟ ଲାଭ



କଟକ, ଜଗତପୁରର ଯୁବ ଉଦ୍ୟୋଗୀ ତଥା ସମାଜସେବୀ ଶ୍ରୀଯୁକ୍ତ ଶୋଭେନ୍ ମହାନ୍ତି ଉତ୍କଳ ବିଶ୍ୱବିଦ୍ୟାଳୟରୁ ବିଜ୍‌ନେସ୍ ମ୍ୟାନେଜ୍‌ମେଣ୍ଟରେ ପି.ଏଚ୍.ଡ଼ି. ଲାଭ କରିଛନ୍ତି । 'A Study on Consumer Preference and Estimation of Market Demand for Packaged Drinking Water in Odisha' ଶୀର୍ଷକ ସନ୍ଦର୍ଭ ଲେଖି ସେ ଏହି କୃତିତ୍ୱ ଅର୍ଜନ କରିଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟ ବିଜ୍‌ନେସ୍ ଆଡ୍‌ମିନିଷ୍ଟ୍ରେସନ୍ ପ୍ରଫେସର ବିଧୁ ଭୂଷଣ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରସ୍ତୁତ ସନ୍ଦର୍ଭଟି ଉଚ୍ଚ ପ୍ରଶଂସିତ ହୋଇଛି । ଡ଼. ଶୋଭେନ୍ ମହାନ୍ତି ହେଉଛନ୍ତି ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଗୋପାଳ ଚନ୍ଦ୍ର ମହାନ୍ତି ଓ ତାଙ୍କ ପତ୍ନୀ ସୁଧାପାଣି ମହାନ୍ତିଙ୍କ ସୁପୁତ୍ର । ତାଙ୍କର ଏହି କୃତିତ୍ୱ ପାଇଁ ପୁତ୍ର ଶ୍ଳୋକ୍, ଭଣଜା ବରୁଣ, ପିତା, ମାତା, ପତ୍ନୀ, ଭଗିନୀ, ଜ୍ୟେଷ୍ଠ ଭ୍ରାତା ଓ ବନ୍ଧୁ ପରିଜନଙ୍କୁ କୃତଜ୍ଞତା ଜଣାଇଛନ୍ତି ।

ଧ-୭୧୦୩୨


# ବଦଳିବ ପୁରୁଣା ଗାଡ଼ିର ନମ୍ବର ପ୍ଲେଟ୍

## ବାଧ୍ୟତାମୂଳକ ହେବ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍

ଭୁବନେଶ୍ୱର,୩୦।୪(ବ୍ୟୁରୋ)

ଆତଙ୍କବାଦୀ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ସମଗ୍ର ଦେଶରେ ହାଇ ସିକ୍ୟୁରିଟି ରେଜିଷ୍ଟ୍ରେଶନ ପ୍ଲେଟ (ଏଚ୍‌ଏସ୍‌ଆର୍‌ପି) ଲଗାଇବାକୁ ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୧୮ରେ ଗେଜେଟ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ଓଡ଼ିଶାରେ ୨୦୧୯ ମେ' ପହିଲାରୁ ନୂତନ ଗାଡ଼ିରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ଲାଗିବା ଆରମ୍ଭ ହୋଇଛି। ତେବେ ପୁରୁଣା ଗାଡ଼ିରେ ଏହି ନମ୍ବର ପ୍ଲେଟ ଲଗାଇବା ବ୍ୟବସ୍ଥା ଏ ପର୍ଯ୍ୟନ୍ତ ହୋଇପାରି ନାହିଁ। ଦେଶର ସୁରକ୍ଷା ସହ ଜଡ଼ିତ ଥିବାରୁ ସମସ୍ତ ଗାଡ଼ିରେ ଏଚ୍‌ଏସ୍‌ଆର୍‌ପି ଲଗାଇବାକୁ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଅନୁରୋଧ କରିଛନ୍ତି। ରାଜ୍ୟରେ ଖୁବ୍‌ଶୀଘ୍ର ପୁରୁଣା ଗାଡ଼ିରେ ଏଚ୍‌ଏସ୍‌ଆର୍‌ପି ଲଗାଇବା ପାଇଁ ରାଜ୍ୟ ସରକାର ଏକ ନିର୍ଦ୍ଧାରିତ ଦର ଧାର୍ଯ୍ୟ କରିବେ। ଆସନ୍ତା ମେ' ୬ ତାରିଖରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି।

ଗାଡ଼ି କିଣିବା ସମୟରେ ଏଚ୍‌ଏସ୍‌ଆର୍‌ପି ଲାଗିକରି ଆସିବ। ବିନା ନମ୍ବରରେ କୌଣସି ନୂତନ ଯାନ ରାସ୍ତାରେ ଦୌଡ଼ିପାରିବ ନାହିଁ। ଏଥିପାଇଁ ଗାଡ଼ି ମାଲିକଙ୍କୁ ଜରିମାନା ଦେବାକୁ ପଡ଼ିବ। ତେବେ ଏହି ଉଚ୍ଚ ସୁରକ୍ଷାସମ୍ପନ୍ନ ନମ୍ବର ପ୍ଲେଟକୁ କୌଣସି ପରିସ୍ଥିତିରେ ଖୋଲାଯାଇ ପାରିବ ନାହିଁ। ଖୋଲିବା ମାତ୍ରେ ତାହା ନଷ୍ଟ ହୋଇଯିବ। ଏହାଛଡ଼ା ଏହି ନମ୍ବର ପ୍ଲେଟରେ ଥିବା ବାର୍‌କୋଡ୍ ପରିବହନ କାର୍ଯ୍ୟାଳୟର 'ବାହାନ' ସଫ୍ଟୱେର ସହିତ ଯୋଡ଼ି ହୋଇ ରହିବ। ନମ୍ବର ପ୍ଲେଟ ପରିବର୍ତ୍ତନ କଲେ ନିକଟସ୍ଥ ପରିବହନ କାର୍ଯ୍ୟାଳୟକୁ ମାଲିକଙ୍କ ବିଷୟରେ ସମସ୍ତ ସୂଚନା ମିଳିପାରିବ। ଦେଶର ସୁରକ୍ଷା ଦୃଷ୍ଟିରୁ କେନ୍ଦ୍ର ସରକାର ସମଗ୍ର ଦେଶରେ ଏହି ବ୍ୟବସ୍ଥା ଲାଗୁ କରିଛନ୍ତି। କେନ୍ଦ୍ର ସରକାରଙ୍କ କେନ୍ଦ୍ରୀୟ ରାସ୍ତା ଗବେଷଣା ପ୍ରତିଷ୍ଠାନ (ସିଆର୍‌ଆର୍‌ଆଇ)ଠାରୁ ସାର୍ଟିଫିକେଟ ପାଇଥିବା ରାଜ୍ୟ ବାହାରର ୨୧ଟି ଭେଣ୍ଡର ନୂତନ ନମ୍ବର ପ୍ଲେଟ ଯୋଗାଉଛନ୍ତି। ଶୋ'ରୁମ୍ ମାଲିକମାନେ ଗାଡ଼ି କିଣୁଥିବା ଲୋକଙ୍କଠାରୁ ନମ୍ବର ପ୍ଲେଟ ବାବଦ ଅର୍ଥ ଅସୁଲ କରୁଛନ୍ତି। ବିନା ନମ୍ବର ପ୍ଲେଟରେ ନୂଆ ଗାଡ଼ି ଶୋ'ରୁମ୍ ବାହାରକୁ ନ ଛାଡ଼ିବାକୁ ଡିଲରମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ପୁରୁଣା ଗାଡ଼ି ମାଲିକ ପଞ୍ଜୀକୃତ ଭେଣ୍ଡରଙ୍କଠାରୁ ନୂଆ ନମ୍ବର ପ୍ଲେଟ ଲଗାଇବେ।

ଯଦି ଗାଡ଼ିରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ଲାଗି ନ ଥିବ ତେବେ ମୋଟର ଯାନ ଆଇନ ଅନୁଯାୟୀ ଗାଡ଼ିମାଲିକଙ୍କଠାରୁ ଜରିମାନା ଆଦାୟ କରାଯିବ। ପୁରୁଣା ଗାଡ଼ିରେ ଲାଗିବାକୁ ଥିବା ନମ୍ବର ପ୍ଲେଟ ବାବଦରେ ଭେଣ୍ଡରମାନେ କେତେ ଟଙ୍କା ନେବେ ତାହା ଉକ୍ତ ବୈଠକରେ ସ୍ଥିର କରାଯିବ ବୋଲି ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। କୌଣସି ଯାନବାହନ ମାଲିକ ଗାଡିରେ ଫ୍ୟାନ୍ସି ନମ୍ବର ଲଗାଇ ପାରିବେ ନାହିଁ।


## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ରଘୁନାଥ ବେହେରା
୨୯୭, ନୟାପଲ୍ଲୀ, ଭୁବନେଶ୍ୱର
ଆବିର୍ଭାବ-୦୮।୧୧।୧୯୩୮
ତିରୋଧାନ- ୨୧।୦୪।୨୦୨୨

ଆଜି ବି ବିଶ୍ୱାସ କରି ହେଉନି ତୁମେ ହଠାତ୍ ଆମ ସମସ୍ତଙ୍କୁ ଛାଡ଼ି ଆରପାରିକୁ ଚାଲିଗଲ। ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ତୁମର ଆଶୀର୍ବାଦର ଦୁଇ ହାତ ଆମ୍ଭମାନଙ୍କ ଉପରେ ରହିଥାଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ: ହତଭାଗା ପୁତ୍ର: ଅମ୍ବିକା, ଦୁର୍ଗା, ଭବାନୀ, ପୁତ୍ରବଧୂ: ବବିତା, ଆରତୀ, ମାମୁନି, କନ୍ୟା: ବିନୋଦିନୀ, ବିଜୟଲକ୍ଷ୍ମୀ, ଜ୍ୱାଇଁ: କୈବଲ୍ୟ, ବିଶ୍ୱରଞ୍ଜନ, ନାତି, ନାତୁଣୀ: ମିନି, ସିନି, ବାବୁ, ରୁଚି, ଲୋରା, ପିଆଲୀ, ରିୟା, ବୁବୁନ୍, ଶିବୁନ୍ ଓ ସ୍ୱରାଜ ।

ଧ-୩୦୪

### ସପ୍ତମ ଶ୍ରାଦ୍ଧବାର୍ଷିକୀ



୰ଦେବଯାନୀ ବେହେରା
ଆବିର୍ଭାବ: ୧୩।୦୬।୧୯୮୬
ତିରୋଧାନ: ୦୧।୦୫।୨୦୧୫

ତୁମେ ଆମମାନଙ୍କ ପାଇଁ ଥିଲ ସ୍ନେହ, ତ୍ୟାଗ, ସହନଶୀଳତାର ପ୍ରତୀକ। ଆମ ଜୀବନରେ ତୁମର ଶୂନ୍ୟସ୍ଥାନ ଅପୂରଣୀୟ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା ।

ଶୋକସନ୍ତପ୍ତ: ପୁଅ: ସୋମ୍ୟରଞ୍ଜନ, ଝିଅ: ସୁହାନି, ଭାଇ: ବିଦ୍ୟାଧର, ସର୍ବେଶ୍ୱର, ପ୍ରଭାକର, ଦିବାକର।

ଧ-୩୦୭

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

GLOBAL FINANCE
(Registered)
ଭାରତର ନଂ୧ କମ୍ପାନୀ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତୀ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
8887313379

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 9470149388
Whatsapp: 9470149608

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୧ ମେ, ୨୦୨୨ Bhubaneswar, Sunday, May 1/2022

# ଗୁଜରାଟକୁ ପୁଣି ଜିତାଇଲେ ଟେୱାଟିଆ-ମିଲର

ମୁମ୍ବାଇ,୩୦।୪

ସ୍ଥାନୀୟ ବ୍ରାବୋର୍ନ ଷ୍ଟାଡିୟମରେ ଶନିବାର ଅପରାହ୍ନରେ ଖେଳାଯାଇଥିବା ଆଇପିଏଲ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ୬ ଉଇକେଟରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆର୍‌ସିବି)କୁ ହରାଇ ଦେଇଛି। ବିରାଟ କୋହଲି(୫୮) ଓ ରଜତ ପଟିଦାର(୫୨)ଙ୍କ ଅର୍ଦ୍ଧଶତକ ବଳରେ ଆର୍‌ସିବି ୨୦ ଓଭରରେ ୬ ଉଇକେଟ ହରାଇ ୧୭୦ ରନ୍ କରିଥିଲା। ଜବାବରେ ଗୁଜରାଟ ଟାଇଟନ୍ସ ୧୯.୩ ଓଭରରେ ୪ ଉଇକେଟ ହରାଇ ୧୭୪ ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ଏହି ବିଜୟ ଯୋଗୁ ୧୬ ପଏଣ୍ଟ ସହ ଗୁଜରାଟ ପଏଣ୍ଟ ଟେବୁଲ ଶୀର୍ଷରେ ତା'ର ସ୍ଥାନ ମଜଭୁତ କରିଛି।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଫାଫ୍ ଡୁ'ପ୍ଲେସି। ପ୍ରଥମ ଓଭରରେ ମହମ୍ମଦ ଶାମିଙ୍କୁ କୋହଲି ଫ୍ରଣ୍ଟ ଫୁଟ୍ ଡ୍ରାଇଭ ଓ ପରେ ଫ୍ଲିକ୍‌ରେ ଚୌକା ମାରିଥିଲେ। କିନ୍ତୁ ପରବର୍ତ୍ତୀ ଓଭରରେ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ ଅଧିନାୟକ ଡୁ'ପ୍ଲେସି। ଏହାପରେ କୋହଲି ଓ ପଟିଦାର ଦ୍ୱିତୀୟ ଉଇକେଟ ପାଇଁ ୯୯ ରନ୍ ଯୋଡ଼ିଥିଲେ। ଦୁଇ ବ୍ୟାଟର ଅର୍ଦ୍ଧଶତକ ହାସଲ କରିଥିଲେ। ଲଗାତର ବିଫଳ ହେଉଥିବା କୋହଲି ୫୩ ବଲରେ ୫୮ ରନ୍‌ର ଇନିଂସ ଖେଳିବା ପରେ ଶାମିଙ୍କ ବଲରେ ଆଉଟ୍ ହୋଇଥିଲେ। ତାଙ୍କ ଇନିଂସରେ ୬ ଚୌକା ଓ ୨ ଛକା ସାମିଲ ଥିଲା। ସେହିଭଳି ପଟିଦାର ୫ ଚୌକା ଓ ୨ ଛକା ସହାୟତାରେ ୫୨ ରନ୍ କରିଥିଲେ। ଦୁହେଁ ଆଉଟ୍ ହେବା ପରେ ଗ୍ଲେନ ମ୍ୟାକ୍ସୱେଲ ୩୩ (୩ ଚୌକା ଓ ୨ ଛକା) ଓ ମହିପାଲ ଲୋମରର (୧୬) ଆର୍‌ସିବିକୁ ୧୭୦/୬ରେ ପହଞ୍ଚାଇଥିଲେ। ଗୁଜରାଟ ପକ୍ଷରୁ ବୋଲିଂରେ ପ୍ରଦୀପ ସାଙ୍ଗୱାନ ୨ ଉଇକେଟ ନେଇଥିବା ବେଳେ ଆଲଜେରି ଜୋସେଫ, ରଶିଦ ଖାନ ଓ ଲୋକି ଫର୍ଗୁସନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଗୁଜରାଟକୁ ଭଲ ଆରମ୍ଭ ଦେଇଥିଲେ ରିଦ୍ଧିମାନ ଶାହା(୨୯) ଓ ଶୁବମନ ଗିଲ(୩୧)। କିନ୍ତୁ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା(୩) ଓ ସାଇ ସୁଦର୍ଶନ(୨୦) ବିଫଳ ହେବାରୁ ଦଳ ୯୫ ରନ୍ ମଧ୍ୟରେ ପ୍ରମୁଖ ୪ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ହେଲେ ଡେଭିଡ ମିଲର(୩୯* ରନ୍,୪ ଚୌକା ଓ ୧ ଛକା) ଓ ରାହୁଲ ଟେୱାଟିଆ(୪୩* ରନ୍, ୫ ଚୌକା ଓ ୨ ଛକା)ଙ୍କ ଯୋଡ଼ି ଏଥର ବି ଦଳକୁ ପରାଜୟରୁ ବଞ୍ଚାଇ ନେଇଥିଲେ। ଦୁହେଁ ୪୦ ବଲରେ ୭୯ ରନ୍ ଯୋଡ଼ି ଦଳକୁ ବିଜୟ ଆଣି ଦେଇଥିଲେ। ଗୁଜରାଟ ୧୯.୩ ଓଭରରେ ୪ ଉଇକେଟରେ ୧୭୪ ରନ୍ କରି ନେଇଥିଲା। ଆରସିବି ପାଇଁ ଶେହବାଜ ଅହମ୍ମଦ ଓ ୱାନିନ୍ଦୁ ହାସରଙ୍ଗା ୨ଟି ଲେଖାଏ ଉଇକେଟ ନେଇଥିଲେ।


ମ୍ୟାଚ୍ ଜିତିବା ପରେ ଖୁସି ମୁହୂର୍ତ୍ତରେ ଡେଭିଡ ମିଲର ଓ ରାହୁଲ ଟେୱାଟିଆ।

**ସଂକ୍ଷିପ୍ତ ସ୍କୋର**

**ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର:** ୨୦ ଓଭରରେ ୧୭୦/୬(ବିରାଟ କୋହଲି-୫୮, ରଜତ ପଟିଦାର-୫୨, ଗ୍ଲେନ ମ୍ୟାକ୍ସୱେଲ ୩୩, ପ୍ରଦୀପ ସାଙ୍ଗୱାନ-୨/୧୯, ରଶିଦ ଖାନ -୧/୨୯)।

**ଗୁଜରାଟ ଟାଇଟନ୍ସ:** ୧୯.୩ ଓଭରରେ ୧୭୪/୪(ରାହୁଲ ଟେୱାଟିଆ-୪୩*, ଡେଭିଡ୍ ମିଲର-୩୯*, ଶୁବମନ ଗିଲ-୩୧, ଶେହବାଜ ଅହମ୍ମଦ-୨/୨୬, ୱାନିନ୍ଦୁ ହାସରଙ୍ଗା -୨/୨୮)।




## ଆଇପିଏଲ୍-୧୫

### ଆଜିର ମ୍ୟାଚ

ଦିଲ୍ଲୀ କ୍ୟାପିଟାଲ୍ସ ବନାମ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ
ସ୍ଥାନ: ମୁମ୍ବାଇ, ସମୟ: ଅପରାହ୍ନ ୩ଟା ୩୦

ସନ୍‌ରାଇଜର୍ସ ହାଇଦ୍ରାବାଦ ବନାମ ଚେନ୍ନାଇ ସୁପର କିଙ୍ଗ୍ସ
ସ୍ଥାନ: ପୁଣେ
ସମୟ: ରାତି ୭ଟା ୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଜାଡେଜାଙ୍କ ଇସ୍ତଫା, ଧୋନୀ ପୁଣି ଅଧିନାୟକ

ମୁମ୍ବାଇ, ୩୦।୪ (ପି.ଟି.)


ରବୀନ୍ଦ୍ର ଜାଡେଜା ଏବଂ ମହେନ୍ଦ୍ର ସିଂ ଧୋନୀ।

ରବୀନ୍ଦ୍ର ଜାଡେଜା ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ତାଙ୍କ ଖେଳ ଉପରେ ଅଧିକ ଧ୍ୟାନ ଦେବା ଲାଗି ଶନିବାର ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଅଧିନାୟକ ପଦରୁ ଇସ୍ତଫା ଦେଇଛନ୍ତି। ଦଳର ନେତୃତ୍ୱ ନେବା ଲାଗି ସେ ମହେନ୍ଦ୍ର ସିଂ ଧୋନୀଙ୍କୁ ଅନୁରୋଧ କରିଛନ୍ତି। ଭେଟେରାନ ଉଇକେଟକିପର ବ୍ୟାଟର ଦଳର ସମୁହ ସ୍ୱାର୍ଥ ଦୃଷ୍ଟିରୁ ତାଙ୍କ ଅନୁରୋଧକୁ ରକ୍ଷା କରିଛନ୍ତି। ଏଥର ଆଇପିଏଲ୍‌ରେ ଚେନ୍ନାଇ ଦଳ ଏପର୍ଯ୍ୟନ୍ତ ଖେଳିଥିବା ୮ଟି ମ୍ୟାଚ ମଧ୍ୟରୁ ୬ଟିରେ ପରାଜୟ ବରଣ କରିଛି। ଜାଡେଜା ଅଧିନାୟକ ପଦ ଗ୍ରହଣ କରିବା ପରେ ତାଙ୍କ ଖେଳ ପ୍ରଭାବିତ ହୋଇଥିଲା। ଚାପରେ ରହିବାରୁ ସେ ୮ଟି ମ୍ୟାଚରେ ୧୧୨ରନ କରିବା ସହ ୫ଟି ଉଇକେଟ ନେଇଛନ୍ତି। ରବିବାର ପୁଣେଠାରେ ସିଏସ୍‌କେ ଏହାର ପରବର୍ତ୍ତୀ ମ୍ୟାଚ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ଖେଳିବ। ସୂଚନାଯୋଗ୍ୟ, ପଡ଼ିଆରେ ଜାଡେଜାଙ୍କୁ ପ୍ରାୟ ଡିପ୍ ମିଡ୍ ଉଇକେଟ ଅଞ୍ଚଳରେ ଫିଲ୍ଡିଂ କରିଥାନ୍ତି। ଗୁରୁତ୍ୱପୂର୍ଣ୍ଣ ବୋଲିଂ ପରିବର୍ତ୍ତନ ନିଷ୍ପତ୍ତି ବେଳେ ଧୋନୀ, ଡ୍ୱେନ ବ୍ରାଭୋଙ୍କ ପରାମର୍ଶ ନେଇଥାନ୍ତି। ସେତେବେଳେ ଜାଡେଜା ଡିପ୍ ମିଡ୍ ଉଇକେଟ ଅଞ୍ଚଳରୁ ଦୌଡ଼ି ଆସି ଆଲୋଚନାରେ ଭାଗ ନେଉଥିବା ଦେଖିବାକୁ ମିଳିଥାଏ। ପୁନଶ୍ଚ ଜାଡେଜା ସିଏସକେ ଖବରଦାତା ସମ୍ମିଳନୀର ସ୍ୱାଭାବିକ ପ୍ରଥାରେ ପରିବର୍ତ୍ତନ କରିଥିଲେ। ଖବରଦାତା ସମ୍ମିଳନୀରେ ତାଙ୍କ ସ୍ଥାନରେ ଷ୍ଟିଫେନ ଫ୍ଲେମିଂ କାମଚଳାଇଥାନ୍ତି। ଦଳର ଅନ୍ୟ କେହି ଗଣମାଧ୍ୟରେ ମତାମତ ଦେବାର ଦେଖାଯାଏ ନାହିଁ।

# ରଣଜୀ ଟ୍ରଫି ନକ୍‌ଆଉଟ କାର୍ଯ୍ୟସୂଚୀ ପୁନଃନିର୍ଦ୍ଧାରିତ

ନୂଆଦିଲ୍ଲୀ, ୩୦।୪ (ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ରଣଜୀ ଟ୍ରଫି ନକ୍ ଆଉଟ୍‌ର ସମସ୍ତ ମ୍ୟାଚ ୨ ଦିନ ଲେଖାଏ ଘୁଞ୍ଚାଇ ଦେଇଛି। ପୁନଃ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ କ୍ୱାର୍ଟର ଫାଇନାଲ ଜୁନ୍ ୬ରୁ ଆରମ୍ଭ ହେବ। ଫାଇନାଲ ଜୁନ୍ ୨୨ରୁ ଖେଳାଯିବ। ବିସିସିଆଇ ପକ୍ଷରୁ ରାଜ୍ୟ ୟୁନିଟ୍‌ଗୁଡ଼ିକୁ ଦିଆଯାଇଥିବା ସୂଚନା ଅନୁସାରେ ବର୍ତ୍ତମାନ ଦୁଇଟି ସେମିଫାଇନାଲ ଜୁନ୍ ୧୨ ପରିବର୍ତ୍ତେ ସେହିମାସ ୧୪ରୁ ଖେଳାଯିବ। ଫାଇନାଲ ମ୍ୟାଚ୍ ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ପ୍ରଥମଶ୍ରେଣୀ ନକ୍‌ଆଉଟ୍ ପର୍ଯ୍ୟାୟକୁ ବେଙ୍ଗଲ, ଝାଡ଼ଖଣ୍ଡ, ମୁମ୍ବାଇ, ଉତ୍ତରାଖଣ୍ଡ, କର୍ଣ୍ଣାଟକ, ଉତ୍ତରପ୍ରଦେଶ, ପଞ୍ଜାବ ଓ ମଧ୍ୟପ୍ରଦେଶ ଉନ୍ନୀତ ହୋଇଛନ୍ତି। ଚଳିତ ଆଇପିଏଲ୍ ଆରମ୍ଭ ପୂର୍ବରୁ ରଣଜୀ ଟ୍ରଫିର ଲିଗ୍ ପର୍ଯ୍ୟାୟ ଖେଳାଯାଇଥିଲା। କାର୍ଯ୍ୟସୂଚୀରେ କାହିଁକି ପରିବର୍ତ୍ତନ କରାଯାଇଛି ସେନେଇ ବିସିସିଆଇ କୌଣସି କାରଣ ଦର୍ଶାଇ ନାହିଁ।

**କାର୍ଯ୍ୟସୂଚୀ**

**କ୍ୱାର୍ଟର ଫାଇନାଲ :** ଜୁନ୍ ୬ରୁ ୧୦
- ➢ ପ୍ରଥମ କ୍ୱାର୍ଟର ଫାଇନାଲ: ବେଙ୍ଗଲ ବନାମ ଝାଡ଼ଖଣ୍ଡ।
- ➢ ଦ୍ୱିତୀୟ କ୍ୱାର୍ଟର ଫାଇନାଲ: ମୁମ୍ବାଇ ବନାମ ଉତ୍ତରାଖଣ୍ଡ।
- ➢ ତୃତୀୟ କ୍ୱାର୍ଟର ଫାଇନାଲ: କର୍ଣ୍ଣାଟକ ବନାମ ଉତ୍ତର ପ୍ରଦେଶ।
- ➢ ଚତୁର୍ଥ କ୍ୱାର୍ଟର ଫାଇନାଲ: ପଞ୍ଜାବ ବନାମ ମଧ୍ୟପ୍ରଦେଶ।

**ସେମିଫାଇନାଲ:** ଜୁନ୍ ୧୪ରୁ ୧୮।
**ଫାଇନାଲ:** ଜୁନ୍ ୨୨ରୁ ୨୬।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ଗୁଜରାଟ ଟାଇଟାନ୍ସ | ୯ | ୮ | ୧ | ୧୬ | +୦.୩୭୭ |
| ରାଜସ୍ଥାନ ରୟାଲ୍ସ | ୯ | ୬ | ୩ | ୧୨ | +୦.୪୫୦ |
| ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ୯ | ୬ | ୩ | ୧୨ | +୦.୪୦୮ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୮ | ୫ | ୩ | ୧୦ | +୦.୬୦୦ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୦ | ୫ | ୫ | ୧୦ | -୦.୫୫୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୪ | ୪ | ୮ | +୦.୬୯୫ |
| ପଞ୍ଜାବ କିଙ୍ଗ୍ସ | ୯ | ୪ | ୫ | ୮ | -୦.୪୭୦ |
| କୋଲକାତା ନାଇଟ ରାଇଡର୍ସ | ୯ | ୩ | ୬ | ୬ | -୦.୦୦୬ |
| ଚେନ୍ନାଇ ସୁପର କିଙ୍ଗ୍ସ | ୮ | ୨ | ୬ | ୪ | -୦.୫୩୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୯ | ୧ | ୮ | ୨ | -୦.୮୩୬ |

# ରୋହିତଙ୍କ ଜନ୍ମଦିନରେ ମୁମ୍ବାଇ ଜିତିଲା

ମୁମ୍ବାଇ,୩୦।୪

ଲଗାତର ୮ ପରାଜୟ ପରେ ବିଜୟ ସ୍ୱାଦ ଚାଖିଛି ୫ ଥର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ। ତାହା ପୁଣି ଅଧିନାୟକ ରୋହିତ ଶର୍ମାଙ୍କ ୩୫ତମ ଜନ୍ମଦିନରେ। ସ୍ଥାନୀୟ ଡି ୱାଇ ପାଟିଲ ସ୍ପୋର୍ଟ୍ସ ଏକାଡେମୀରେ ଶନିବାର ରାତିରେ ଖେଳାଯାଇଥିବା ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୫ ଉଇକେଟରେ ରାଜସ୍ଥାନ ରୟାଲ୍ସକୁ ହରାଇ ଦେଇଛି। ରାଜସ୍ଥାନ ପକ୍ଷରୁ ଧାର୍ଯ୍ୟ ୧୫୯ ରନ୍‌ର ବିଜୟ ଲକ୍ଷ୍ୟକୁ ମୁମ୍ବାଇ ଅନ୍ତିମ ଓଭରରେ ୫ ଉଇକେଟରେ ହାସଲ କରିନେଇଛି।

ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ରାଜସ୍ଥାନ ଆରମ୍ଭରୁ ଦେବଦତ୍ତ ପଡିକଲ (୧୫) ଓ ଅଧିନାୟକ ସଞ୍ଜୁ ସାମସନ (୧୬)ଙ୍କ ଉଇକେଟ ହରାଇଥିଲା। ପରେ ଅତ୍ୟନ୍ତ ଧୀମା ବ୍ୟାଟିଂ କରୁଥିବା ଡେରିଲ ମିଚେଲ (୧୭)ଙ୍କ ସହ ମିଶି ବଟଲର ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ୧୬ତମ ଓଭରରେ ମୁମ୍ବାଇ ସ୍ପିନର ହ୍ରିତିକ ଶୋକିନଙ୍କୁ ଲଗାତର ୪ ଛକା ମାରିବା ପରେ ଅନ୍ତିମ ବଲରେ ଆଉଟ୍ ହୋଇଥିଲେ ବଟଲର (୬୭ ରନ୍, ୫ ଚୌକା ଓ ୪ ଛକା)। ଶେଷ ଆଡ଼କୁ ରବିଚନ୍ଦ୍ରନ ଅଶ୍ୱିନଙ୍କ ବିସ୍ଫୋରକ ୨୧ (୩ ଚୌକା ଓ ୧ ଛକା) ରନ୍‌ର ପାଳି ଯୋଗୁ ରାଜସ୍ଥାନ ୨୦ ଓଭରରେ ୬ ଉଇକେଟ ହରାଇ ୧୫୮ ରନ୍ କରିପାରିଥିଲା। ଜବାବରେ ପାୱାର ପ୍ଲେ ଓଭର ମଧ୍ୟରେ ମୁମ୍ବାଇ ତା'ର ଦୁଇ ଓପନରଙ୍କୁ ହରାଇଥିଲା। ଅଧିନାୟକ ରୋହିତ(୨) ପୁଣି ଫେଲ୍ ମାରିଥିବା ବେଳେ ଆଟାକିଂ ବ୍ୟାଟିଂ କରୁଥିବା ଇଶାନ କିଷାନ ୨୬ (୪ ଚୌକା ଓ ୧ ଛକା) ରନ୍ କରି ଆଉଟ୍ ହୋଇଥିଲେ। ତା' ପରେ ସୂର୍ଯ୍ୟକୁମାର ଯାଦବ (୫୧ ରନ୍, ୫ ଚୌକା ଓ ୨ ଛକା)ଏବଂ ତିଲକ ବର୍ମା(୩୫ ରନ୍, ୧ ଚୌକା ଓ ୨ ଛକା) ତୃତୀୟ ଉଇକେଟ ପାଇଁ ୮୧ ରନ୍ ଯୋଡ଼ି ମୁମ୍ବାଇକୁ ବିଜୟ ଦିଗରେ ଆଗେଇ ନେଇଥିଲେ। ଦୁହେଁ ଆଉଟ୍ ହେବା ପରେ କିରନ ପୋଲାର୍ଡ(୧୦) ଓ ଟିମ୍ ଡେଭିଡ୍(୨୦*) ଦଳକୁ ଆବଶ୍ୟକ ଥିବା ରନ୍ ସଂଗ୍ରହ କରି ନେଇଥିଲେ।


ଅର୍ଦ୍ଧଶତକୀୟ ଇନିଂସ ଅବସରରେ ସୂର୍ଯ୍ୟ କୁମାର ଯାଦବ।

**ସଂକ୍ଷିପ୍ତ ସ୍କୋର**

**ରାଜସ୍ଥାନ ରୟାଲ୍ସ:** ୨୦ ଓଭରରେ ୧୫୮/୬ (ବଟଲର-୬୭, ଅଶ୍ୱିନ -୨୧, ମେରେଡିଥ-୨/୨୪, ହ୍ରିତିକ-୨/୪୭, କାର୍ତ୍ତିକେୟ-୧/୧୯)।

**ମୁମ୍ବାଇ ଇଣ୍ଡିଆନ୍ସ:** ୧୯.୨ ଓଭରରେ ୧୬୧/୫ (ସୂର୍ଯ୍ୟକୁମାର-୫୧, ତିଲକ-୩୫, ଅଶ୍ୱିନ-୧/୨୧, ପ୍ରସିଦ୍ଧ-୧/୨୯, ବୋଲ୍ଟ-୧/୨୬)।

# ଦୂତୀଙ୍କୁ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର ୩୦।୪ (ସ୍ପୋର୍ଟ୍ସ ବ୍ୟୁରୋ)

ବେଙ୍ଗାଲୁରୁଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ କିଟ୍ ୟୁନିଭର୍ସିଟିରୁ ପ୍ରତିନିଧିତ୍ୱ କରୁଥିବା ସ୍ପ୍ରିଣ୍ଟର ଦୂତୀ ଚାନ୍ଦ ମହିଳା ୧୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଶନିବାର ଅନୁଷ୍ଠିତ ରେସ୍‌ରେ ସେ ୧୧.୬୮ ସେକେଣ୍ଡ ଟାଇମିଂରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଦୂତୀ ତାଙ୍କର ଏହି ସଫଳତା ଲାଗି ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।


ସ୍ୱର୍ଣ୍ଣ ପଦକ ସହ ଦୂତୀ ଚାନ୍ଦ(ମଝି)

# ଏଆଇଏଫ୍‌ଏଫ୍ ସମ୍ପାଦକ କୁଶାଲଙ୍କୁ କ୍ଲିନ ଚିଟ୍

ନୂଆଦିଲ୍ଲୀ,୩୦।୪(ପିଟି)

କାର୍ଯ୍ୟସ୍ଥଳରେ କର୍ମଚାରୀଙ୍କୁ ଯୌନ ନିର୍ଯାତନା ମାମଲାରେ ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ସାଧାରଣ ସମ୍ପାଦକ କୁଶାଲ ଦାସଙ୍କୁ କ୍ଲିନ ଚିଟ୍ ପ୍ରଦାନ କରିଛନ୍ତି ବୋର୍ଡର ଇଣ୍ଟେଗ୍ରିଟି ଅଫିସର। ସେ ତାଙ୍କ ରିପୋର୍ଟରେ ଯୌନ ନିର୍ଯାତନା ଅଭିଯୋଗକୁ ଭିତ୍ତିହୀନ ଓ ସତ୍ୟ ଉପରେ ଆଧାରିତ ନୁହେଁ ବୋଲି ପ୍ରକାଶ କରିଛନ୍ତି। ଏଣ୍ଟରପ୍ରିନ୍ୟୁର ତଥା ଆଇ-ଲିଗ୍ କ୍ଲବ ମିନର୍ଭା ପଞ୍ଜାବ ଏଫ୍‌ସି ପୂର୍ବତନ ମାଲିକ ରଞ୍ଜିତ ବଜାଜ ସୋମବାର ଅଭିଯୋଗ କରିଥିଲେ ଯେ, ଏଆଇଏଫ୍‌ଏଫ୍ ସମ୍ପାଦକ କାର୍ଯ୍ୟସ୍ଥଳରେ କର୍ମଚାରୀଙ୍କୁ ଯୌନ ନିର୍ଯାତନା ଦେଇଛନ୍ତି। ଏହି ଘଟଣାକୁ ଏଆଇଏଫ୍‌ଏଫ୍ ଏବଂ ଏହାର ଶୀର୍ଷ ଅଧିକାରୀ ଘଣ୍ଟଘୋଡ଼ାଇବାକୁ ଉଦ୍ୟମ କରୁଛନ୍ତି। ତଦନ୍ତ ଲାଗି ଫେଡେରେଶନର ଆନ୍ତରୀଣ ଅଭିଯୋଗ କମିଟିର ସମସ୍ତ ପ୍ରଜାଇଡିଂ ଅଧିକାରୀଙ୍କୁ ପଚରାଉଚରା କରାଯାଇଥିଲା।

# ସିନ୍ଧୁଙ୍କୁ ବ୍ରୋଞ୍ଜ ପଦକ


ପି. ଭି. ସିନ୍ଧୁ

ମାନିଲା,୩୦।୪

ଚଳିତ ଏସିଆ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ସହ ଦୁଇଥର ଅଲିମ୍ପିକ୍ ପଦକଧାରୀ ପି. ଭି. ସିନ୍ଧୁଙ୍କ ଅଭିଯାନ ଶେଷ ହୋଇଛି। ଶନିବାର ଅନୁଷ୍ଠିତ ସେମିଫାଇନାଲରେ ତାଙ୍କୁ ୩ ଗେମ୍ ବିଶିଷ୍ଟ ମ୍ୟାଚ୍‌ରେ ଜାପାନର ଆକାନେ ୟାମାଗୁଚି ପରାସ୍ତ କରିଛନ୍ତି। ଫଳରେ ତାଙ୍କୁ ୨୧-୧୩, ୧୯-୨୧, ୧୬-୨୧ ଗେମ୍‌ରେ ବିଶ୍ୱର ଦ୍ୱିତୀୟ ର୍‍ୟାଙ୍କ ୟାମାଗୁଚି ହରାଇ ଦେଇଥିଲେ। କଡ଼ା ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଏହି ମୁକାବିଲା ୧ ଘଣ୍ଟା ୬ ମିନିଟ୍ ଧରି ଚାଲିଥିଲା। ଏହି ଟୁର୍ନାମେଣ୍ଟରେ ଏହା ସିନ୍ଧୁଙ୍କ ଦ୍ୱିତୀୟ ପଦକ। ଏଥିପୂର୍ବରୁ ୨୦୧୪ ଗିମଚେଓନ ସଂସ୍କରଣରେ ମଧ୍ୟ ସେ ବ୍ରୋଞ୍ଜ ପଦକ ଜିତିଥିଲେ।

ହାଇଦ୍ରାବାଦ ଖେଳାଳି ପ୍ରଥମ ଗେମ୍‌କୁ ଅତିସହଜରେ ୧୬ ମିନିଟ୍‌ରେ ଜିତି ନେଇଥିଲେ। କିନ୍ତୁ ଦ୍ୱିତୀୟ ଗେମ୍‌ରେ ୪ର୍ଥ ସିଡ୍ ସିନ୍ଧୁଙ୍କୁ ଅତ୍ୟଧିକ ସମୟ ନଷ୍ଟ କରିବା ପାଇଁ ଏକ ପେନାଲ୍ଟି ପଏଣ୍ଟ ଦିଆଯାଇଥିଲା। ଏଥିଯୋଗୁ ରେଫରିଙ୍କ ସହ ତାଙ୍କର ଯୁକ୍ତିତର୍କ ମଧ୍ୟ ହୋଇଥିଲା। ଯୁକ୍ତିତର୍କ ପରେ ସିନ୍ଧୁଙ୍କୁ ମ୍ୟାଚ୍‌ରେ ଫେରିବାକୁ ସୁଯୋଗ ଦେଇ ନ ଥିଲେ ୟାମାଗୁଚି। ଦ୍ୱିତୀୟ ଗେମ୍‌କୁ ନିର୍ଣ୍ଣାୟକ ମୁହୂର୍ତ୍ତରେ ଛଡ଼ାଇ ନେବା ପରେ ସେ ତୃତୀୟ ତଥା ଅନ୍ତିମ ଗେମ୍‌କୁ ଏକତରଫା ଭାବେ ହାତେଇ ନେଇଥିଲେ।

# ହୁଇଲ୍ ଚେୟାର ଫେନ୍ସିଂ ଅଭ୍ୟାସ ଶିବିରରେ ୪ ଓଡ଼ିଆ

ଭୁବନେଶ୍ୱର,୩୦।୪(ସ୍ପୋର୍ଟ୍ସ ବ୍ୟୁରୋ)

ହରିୟାଣାର କର୍ଣ୍ଣଲସ୍ଥିତ କର୍ଣ୍ଣ ଷ୍ଟାଡିୟମଠାରେ ହେବାକୁ ଥିବା ଜାତୀୟ ହୁଇଲ ଚେୟାର ଫେନ୍ସିଂ ଶିବିର ପାଇଁ ଓଡିଶାରୁ ଜଣେ ମହିଳା ସମେତ ୪ ଜଣ ମନୋନୀତ ହୋଇଛନ୍ତି। ସେମାନେ ହେଲେ ପୂଜାସ୍ୱିନୀ ନାୟକ, ଭି.ରମେଶ ରାଓ, ରାଖାଲ କୁମାର ସେଠୀ ଏବଂ ପ୍ରଫୁଲ୍ଲ କୁମାର ଖଣ୍ଡାୟତରାଏ। ଥାଇଲାଣ୍ଡର ପଟାୟା ସହରରେ ମେ' ୧୯ରୁ ୨୨ ମଧ୍ୟରେ ହେବାକୁ ଥିବା ବିଶ୍ୱକପ ଭାରତୀୟ ଦଳରେ ଏମାନେ ସାମିଲ ହେବେ।

ଏହି କ୍ୟାମ୍ପରେ ଦେଶର ବିଭିନ୍ନ ରାଜ୍ୟରୁ ୧୮ ଖେଳାଳିଙ୍କୁ ଡାକରା ମିଳିଛି। ୨୦୨୧-୨୦୨୨ ଜାତୀୟ ଚାମ୍ପିୟନଶିପ୍‌ରେ ରାଖାଲ ଓ ପୂଜାସ୍ୱିନୀ ବ୍ୟକ୍ତିଗତ ଏବଂ ଦଳଗତରେ ୬ ପଦକ ହାସଲ କରିଥିଲେ। ସହିଭଳି ଭି.ରମେଶ ରାଓ ବ୍ୟକ୍ତିଗତ ଓ ଦଳଗତରେ ୫ ପଦକ ହାସଲ କରିଥିବା ବେଳେ ପ୍ରଫୁଲ୍ଲ ବ୍ୟକ୍ତିଗତ ଓ ଦଳଗତରେ ୪ ଲେଖାଏ ପଦକ ଅର୍ଜନ କରିଥିଲେ। ଏଭଳି ପ୍ରଦର୍ଶନ ଯୋଗୁ ଏହି ୪ ଓଡ଼ିଆ ଖେଳାଳିଙ୍କୁ ଜାତୀୟ ଶିବିରରେ ସ୍ଥାନ ମିଳିଛି।


ପୂଜାସ୍ୱିନୀ ନାୟକ, ପ୍ରଫୁଲ୍ଲ କୁମାର ଖଣ୍ଡାୟତରାୟ, ରାଖାଲ କୁମାର ସେଠୀ ଓ ଭି. ରମେଶ ରାଓ।

# ଜୁଡ଼ୋକାଙ୍କ ଲାଗି ୫କୋଟି ମଞ୍ଜୁର

## ଏସିଆନ ଗେମ୍ସ ପ୍ରସ୍ତୁତି

ନୂଆଦିଲ୍ଲୀ, ୩୦।୪ (ପି.ଟି.)

ଚଳିତ ବର୍ଷ ହେବାକୁଥିବା ଏସିଆନ ଗେମ୍ସ ଓ ଅନ୍ୟ ଅନ୍ତର୍ଜାତୀୟ ଇଭେଣ୍ଟଗୁଡ଼ିକ ପ୍ରସ୍ତୁତି ଲାଗି କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଭାରତୀୟ ଜୁଡୋକାମାନଙ୍କୁ ୫ କୋଟି ଟଙ୍କା ମଞ୍ଜୁର କରିଛି। ୨୦୨୨ରେ ସାନି କର୍ମକର୍ତ୍ତା ନିର୍ବାଚନ କରାଇ ନ ଥିବାରୁ ମନ୍ତ୍ରଣାଳୟ ଏପ୍ରିଲ ୧୨ରେ ଭାରତୀୟ ଜୁଡୋ ମହାସଂଘ ଉପରୁ ସ୍ୱୀକୃତି ପ୍ରତ୍ୟାହାର କରିନେଇଥିଲା। ଏହାଦ୍ୱାରା ୨୦୨୨ ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ ଗେମ୍ସ ପାଇଁ ନିଜକୁ ପ୍ରସ୍ତୁତ କରୁଥିବା ଭାରତୀୟ ଜୁଡୋ ଖେଳାଳିଙ୍କ ଭବିଷ୍ୟତ ଅନିଶ୍ଚିତ ଦେଖା ଦେଇଥିଲା। କିନ୍ତୁ ମନ୍ତ୍ରଣାଳୟ ଓ ଭାରତ କ୍ରୀଡ଼ା ପ୍ରାଧିକରଣ (ସାଇ) ବିଶିଷ୍ଟ ଜୁଡୋ ଆଥଲେଟମାନଙ୍କୁ ନେଇ ଏକ କମିଟି ଗଠନ କରିଛନ୍ତି। ଏଥିରେ ଅଲିମ୍ପିଆନ ଓ ଅର୍ଜୁନ ପୁରସ୍କାର ବିଜେତା କାୱାସ ବିଲିମୋରା, ଅଲିମ୍ପିଆନ ସନ୍ଦୀପ ବ୍ୟାଲା, ଅଲିମ୍ପିଆନ ସୁନିତ୍ ଠାକୁର ଏବଂ ଜୁଡୋ ମାଷ୍ଟର ଅରୁଣ ଦ୍ୱିବେଦୀ ଓ ଯୋଗେଶ କେ. ଧାଡ଼ୱେ ଅଛନ୍ତି। ଏହି କମିଟି ଦ୍ୱାରା ଜୁଡୋକାମାନଙ୍କର ସିଲେକ୍ସନ ଟ୍ରାଏଲ ହେବ। ଏଥିପାଇଁ ଏକ ମାସ ଧରି ଏକ ପ୍ରସ୍ତୁତି କ୍ୟାମ୍ପ ମେ' ୧ରୁ ଆରମ୍ଭ ହେବ। ସାଇ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ କ୍ୟାମ୍ପରେ ୧୧୨ ଆଥଲେଟ ଭାଗନେବେ। ପୁରୁଷ ଓ ମହିଳା ପାଇଁ ଜାତୀୟ କ୍ୟାମ୍ପ ଏନ୍‌ଆଇଏସ୍ ପଟିଆଲା ଏବଂ ନୂଆଦିଲ୍ଲୀସ୍ଥିତ ଆଇଜି ଷ୍ଟାଡିୟମରେ ହେବ। ଜାତୀୟ କ୍ୟାମ୍ପ ବେଳେ ମହିଳା ଦଳ ପାଇଁ ଦ୍ୱିତୀୟ ସିଲେକ୍ସନ ଟ୍ରାଏଲ ମେ' ୨୩ ଓ ୨୪ରେ ଏବଂ ପୁରୁଷ ଟିମ୍ ପାଇଁ ମେ' ୨୫ ଓ ୨୬ରେ ଦ୍ୱିତୀୟ ସିଲେକ୍ସ ଟ୍ରାଏଲ୍ ହେବ। ସେଥିରୁ ଆଗାମୀ ଅନ୍ତର୍ଜାତୀୟ ପ୍ରତିଯୋଗିତାଗୁଡ଼ିକ ଲାଗି ପ୍ରତ୍ୟେକ ଓଜନ କାଟେଗୋରିରେ ୪ଜଣ ଲେଖାଏ ମନୋନୀତ ହେବେ ବୋଲି ସାଇ ପକ୍ଷରୁ ସୂଚନା ଦିଆଯାଇଛି।



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI



ଭୁବନେଶ୍ୱର, ରବିବାର, ମେ ୧/୨୦୨୨ (୮+୮=୧୬ ପୃଷ୍ଠା) Bhubaneswar, Sunday, May 1/2022 Page 16 ₹ 7.00 | ପୃଷ୍ଠା-୧



## ଭାଷା ବିବାଦରେ କଙ୍ଗନା

ସଂସ୍କୃତ ସବୁଠାରୁ ପୁରୁଣା ଭାଷା ହୋଇଥିବାରୁ ଏହାକୁ ରାଷ୍ଟ୍ରୀୟ ଭାଷାର ମାନ୍ୟତା ଦିଆଯାଇପାରିବ ବୋଲି ବଲିଉଡ୍ ନାୟିକା କଙ୍ଗନା ରାଣାଓ୍ୱତ କହିଛନ୍ତି।

୦୨

୦୮

## ଇଡି କବ୍‌ଜାରେ ଜ୍ୟାକ୍‌ଲିନ୍‌ଙ୍କ ୭ କୋଟି

ମନିଲଣ୍ଡରିଂ ମାମଲାର ଅଭିଯୁକ୍ତ ସୁକେଶ ଚନ୍ଦ୍ରଶେଖରଙ୍କ ସହ ଲିଙ୍କ୍ ଥିବା ଅଭିଯୋଗରେ ଅଭିନେତ୍ରୀ ଜ୍ୟାକ୍‌ଲିନ୍ ଫର୍ନାଣ୍ଡିଜ୍‌ଙ୍କ ୭.୨୭ କୋଟି ଟଙ୍କା ଇଡି ଜବତ କରିଛି।



# ୧୦ ଲକ୍ଷ ଜନସଂଖ୍ୟାରେ ୨୦ ବିଚାରପତି

## କର୍ତ୍ତବ୍ୟ ସମ୍ପାଦନ ବେଳେ ଲକ୍ଷ୍ମଣରେଖା ପ୍ରତି ଧ୍ୟାନ ରହୁ: ସିଜେଆଇ

### ମୁଖ୍ୟମନ୍ତ୍ରୀ-ମୁଖ୍ୟ ବିଚାରପତି ସମ୍ମିଳନୀ

ନୂଆଦିଲ୍ଲୀ,୩୦।୪

ଭାରତରେ ପ୍ରତି ୧୦ ଲକ୍ଷ ଜନସଂଖ୍ୟାରେ ମାତ୍ର ୨୦ ଜଣ ବିଚାରପତି ରହିଛନ୍ତି, ଯାହାକି ଅତ୍ୟନ୍ତ କମ୍। ହାଇକୋର୍ଟଗୁଡ଼ିକର ମଞ୍ଜୁରୀପ୍ରାପ୍ତ ବିଚାରପତି ସଂଖ୍ୟା ୧,୧୦୪ ହୋଇଥିବାବେଳେ ସେଥିରୁ ୩୮୮ ପଦବୀ ଖାଲି ପଡ଼ିଛି। ଅଧିକ ବିଚାରପତି ପଦବୀ ସୃଷ୍ଟି ସହ ସେଗୁଡ଼ିକୁ ପୂରଣ କରିବା ଉପରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନା ଗୁରୁତ୍ୱ ଦେଇଛନ୍ତି। ବିଚାରପତି-ଜନସଂଖ୍ୟା ଅନୁପାତରେ ବୃଦ୍ଧି ପାଇଁ ସେ ହାଇକୋର୍ଟ ବିଚାରପତିମାନଙ୍କୁ ପରାମର୍ଶ ଦେଇଛନ୍ତି।

ନୂଆଦିଲ୍ଲୀ ବିଜ୍ଞାନ ଭବନରେ ଶନିବାର ମୁଖ୍ୟମନ୍ତ୍ରୀ ଓ ହାଇକୋର୍ଟ ମୁଖ୍ୟ ବିଚାରପତିମାନଙ୍କ ମିଳିତ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ସିଜେଆଇ କହିଥିଲେ, ରାଷ୍ଟ୍ରର ୩ ଅଙ୍ଗ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକାକୁ ସମ୍ବିଧାନ ଅଲଗା ଅଲଗା କ୍ଷମତା ପ୍ରଦାନ କରିଛି। ଏହି ଅଙ୍ଗଗୁଡ଼ିକ ପରସ୍ପର ସହ ସମନ୍ୱୟ ରକ୍ଷାକରି କାର୍ଯ୍ୟ କଲେ ଗଣତନ୍ତ୍ର ସୁଦୃଢ଼ ହୋଇଥାଏ। ତେବେ କର୍ତ୍ତବ୍ୟ ସମ୍ପାଦନ ବେଳେ 'ଲକ୍ଷ୍ମଣରେଖା'କୁ ସମସ୍ତେ ଧ୍ୟାନରେ ରଖିବା ଉଚିତ ବୋଲି ଜଷ୍ଟିସ୍ ରମନା କହିଛନ୍ତି। ନ୍ୟାୟପାଳିକାର ଘୋଷଣା ☞ ପୃଷ୍ଠା-୬



ସିଜେଆଇ ଏନ୍.ଭି. ରମନାଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## ଅଦାଲତରେ ସ୍ଥାନୀୟ ଭାଷା ବ୍ୟବହାରକୁ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱ

ଅଦାଲତଗୁଡ଼ିକରେ ସ୍ଥାନୀୟ ଭାଷାର ବ୍ୟବହାର ଉପରେ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁତ୍ୱ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଓ ହାଇକୋର୍ଟ ମୁଖ୍ୟ ବିଚାରପତିମାନଙ୍କ ମିଳିତ ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, କୋର୍ଟଗୁଡ଼ିକରେ ସ୍ଥାନୀୟ ଭାଷାକୁ ପ୍ରୋତ୍ସାହନ ଦିଆଯିବା ଆବଶ୍ୟକ। ଏହା ସାଧାରଣ ଲୋକଙ୍କ ମଧ୍ୟରେ ନ୍ୟାୟ ବ୍ୟବସ୍ଥା ପ୍ରତି କେବଳ ଆତ୍ମବିଶ୍ୱାସ ବଢ଼ାଇବ। ଏଥିସହ ସେମାନେ ଏହା ସହିତ ଅଧିକ ଜଡ଼ିତ ଥିବା ଅନୁଭବ କରିବେ। ନ୍ୟାୟ ପ୍ରଦାନକୁ ସହଜ କରିବା ଲାଗି ପୁରୁଣା ଅଦରକାରୀ ଆଇନଗୁଡ଼ିକୁ ରଦ୍ଦ ☞ ପୃଷ୍ଠା-୬

## ଏସ୍‌ସିବିର ନୂଆ ଅଧକ୍ଷ ପ୍ରସେନଜିତ୍ ମହାନ୍ତି



କଟକ ଅଫିସ,୩୦।୪: ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ନୂତନ ଅଧକ୍ଷ ଓ ଡିନ୍ ଭାବେ ଚର୍ମ ଏବଂ ଯୌନ ରୋଗ ବିଭାଗର ମୁଖ୍ୟ ପ୍ରଫେସର ଡା. ପ୍ରସେନଜିତ ମହାନ୍ତି ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରଫେସର ଡା. ଦଣ୍ଡେଶ୍ୱର ହୋତା ଉକ୍ତ ପଦବୀରୁ ଅବସର ଗ୍ରହଣ କରିବା ପରେ ଏସ୍‌ସିବି ମେଡିକାଲରେ ମହାନ୍ତିଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଡା. ମହାନ୍ତି ଅଧକ୍ଷ ଭାର ସହିତ ଚର୍ମରୋଗ ବିଭାଗର ମୁଖ୍ୟ ପ୍ରଫେସର ଦାୟିତ୍ୱ ମଧ ନିର୍ବାହ କରିବେ। ସେ ଦାୟିତ୍ୱ ଗ୍ରହଣ କରିବା ପରେ ଏସ୍‌ସିବି ମେଡିକାଲର ଉନ୍ନତି ସହ ରୋଗୀସେବାକୁ ପ୍ରାଧାନ୍ୟ ଦେବେ ବୋଲି କହିଛନ୍ତି।

DADLS - 14



ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

'ମଇ ଦିବସ' ଅବସରରେ ମୁଁ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ନିଜ ନିଜ ପରିସରରେ ପ୍ରତ୍ୟେକ ନିଷ୍ଠାପର ଭାବେ କର୍ମ କରି ନିଜ ପାଇଁ ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବର କାରଣ ହେବା ନିମନ୍ତେ ମୁଁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

ଥାଇରଏଡ୍ ଏବଂ ପ୍ରୋଷ୍ଟେଟ୍ ସମ୍ବନ୍ଧୀୟ ସମସ୍ୟା
ପାଇଁ ଗବେଷଣା ଏବଂ ପ୍ରମାଣ ଆଧାରିତ
ସ୍ଥାୟୀ ଆୟୁର୍ବେଦିକ ସମାଧାନ





Divya®

ଥାଇରୋଗ୍ରିଟ୍

ଥାଇରଏଡ୍ ଗ୍ରନ୍ଥିକୁ ସୁସ୍ଥ, ସନ୍ତୁଳିତ ଏବଂ ସକ୍ରିୟ କରି ହାଇପୋ ତଥା ହାଇପରଥାଇରଏଡିଜମ୍‌କୁ ମୂଳରୁ ଦୂର କରିବା ପାଇଁ ଏକ ଖାଣ୍ଟି ଆୟୁର୍ବେଦିକ ଔଷଧ । ଧନିଆ ବତୁରା ପାଣି ଏବଂ ଥାଇରୋଗ୍ରିଟ୍ ସେବନ କରି ଏହି ରୋଗରୁ ମୁକ୍ତି ପାଆନ୍ତୁ ।

ପ୍ରୋଷ୍ଟୋଗ୍ରିଟ୍

ପ୍ରୋଷ୍ଟେଟ୍ ଗ୍ରନ୍ଥିର ସ୍ୱାଭାବିକ ଓଜନ 20 ଗ୍ରାମ୍ ଅଟେ । କିନ୍ତୁ ଏହା 40-100 ଗ୍ରାମ୍‌କୁ ବଢ଼ିଯାଇଥାଏ, ଯେଉଁ କାରଣରୁ ବାରମ୍ବାର ପରିସ୍ରା ହେବା, ପରିସ୍ରାରେ ରକ୍ତ ପଡ଼ିବା ଏବଂ କର୍କଟ ରୋଗର ସମ୍ଭାବନା ଦେଖାଦେଇଥାଏ । ଗୋଖରୁ ପାଣି, ଲାଉ ରସ ଓ ପ୍ରୋଷ୍ଟୋଗ୍ରିଟ୍ ସେବନ କରି ଏଥିରୁ ମୁକ୍ତି ପାଆନ୍ତୁ ।





ଯୋଗ ଉପଚାର

ଥାଇରଏଡ୍‌ରେ, କପାଳଭାତି, ଉଜ୍ଜୟୀ, ସିଂହାସନ, ସର୍ବାଙ୍ଗାସନ, ହଳାସନ ଏବଂ ଆକ୍ୟୁପ୍ରେଶର୍ କରନ୍ତୁ । ପ୍ରୋଷ୍ଟେଟ୍‌ରେ ଉପଶମ ପାଇବା ପାଇଁ, ମଣ୍ଡୁକାସନ, ବକ୍ରାସନ, ଗୋମୁଖାସନ, ପବନମୁକ୍ତାସନ, ଉତ୍ତାନପଦାସନ ସହିତ କପାଳଭାତି କରନ୍ତୁ ।

ଆପଣଙ୍କ ରୋଗରୁ ସ୍ଥାୟୀ ଉପଶମ ପାଇବା ପାଇଁ ଯୋଗାଭ୍ୟାସ କରନ୍ତୁ ।

ରୋଗର ସମନ୍ୱିତ ଚିକିତ୍ସା ସମ୍ପର୍କରେ ଖାଣ୍ଟି ଜ୍ଞାନ ଆହରଣ କରିବା ପାଇଁ ସବୁଦିନ ଯୋଗ ଋଷି ସ୍ୱାମୀ ରାମଦେବଙ୍କ ସହିତ ଅଭ୍ୟାସ କରନ୍ତୁ ।



आस्था — ସକାଳ 5.00 ରୁ 7.30 ଘଟିକା ଏବଂ ରାତି 8.00 ଘଟିକା | संस्कार — ଦୈନିକ ରାତି 9.00 ଘଟିକା | INDIA TV — ଦୈନିକ ସକାଳ 8.00 ଘଟିକା

Shop Online- www.patanjaliayurved.net | Customer Care Number - 18001804108 | Email ID - feedback@patanjaliayurved.org | Website - www.patanjaliayurved.org

ଓଡ଼ିଶା ସରକାର



ମଇ ଦିବସ ଅବସରରେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

'ମଇ ଦିବସ' ଅବସରରେ ଓଡ଼ିଶାର ଶ୍ରମିକ ଭାଇଭଉଣୀମାନଙ୍କୁ ମୋର ଶୁଭକାମନା ଜଣାଉଛି ।

ଶ୍ରମିକମାନେ ହେଉଛନ୍ତି ବିକାଶର ମୁଖ୍ୟ ଆଧାର । ରାଷ୍ଟ୍ର ଗଠନରେ ସେମାନଙ୍କ ଭୂମିକା ମହତ୍ତ୍ୱପୂର୍ଣ୍ଣ । ବିକାଶର ପ୍ରତିଟି ସ୍ତମ୍ଭରେ ଅଛି ଶ୍ରମିକମାନଙ୍କ ନିଷ୍ଠା, ତ୍ୟାଗ ଓ ପରିଶ୍ରମ ।

ସେମାନଙ୍କ କଲ୍ୟାଣ ଓ ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ରାଜ୍ୟ ସରକାରଙ୍କ ବିଭିନ୍ନ ଶ୍ରମିକ କଲ୍ୟାଣ ଯୋଜନାରେ ସାମିଲ ହେବା ସହିତ ଏହାର ସୁଫଳ ନେବା ପାଇଁ ଏହି ଅବସରରେ ଶ୍ରମିକ ଭାଇ ଓ ଭଉଣୀମାନଙ୍କୁ ମୋର ଅନୁରୋଧ ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ବାର୍ତ୍ତା

ମଇ ୧ ତାରିଖ 'ଶ୍ରମିକ ଦିବସ' ଉପଲକ୍ଷେ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ରାଜ୍ୟର ସମୃଦ୍ଧି ଓ ସାମଗ୍ରିକ ବିକାଶରେ ଶ୍ରମିକମାନଙ୍କର ଶ୍ରମ, ନିଷ୍ଠା ଓ ପ୍ରତିବଦ୍ଧତାକୁ ମୁଁ ସମ୍ମାନ ଜଣାଉଛି ।

ମୁଁ ଏହି ଅବସରରେ ଶ୍ରମିକ ସମାଜର ସୁଖ ସମୃଦ୍ଧି ଓ କଲ୍ୟାଣ ନିମନ୍ତେ ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁଛି ।

(ରଘୁନନ୍ଦନ ଦାସ)
ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ

OIPR-15001/13/0026/2223

ଧରିତ୍ରୀ
DHARITRI
Sunday, May 1 /2022

**ବଢ଼ିପାରେ ଖାଇବା ତେଲ ଦର**

ଆଗାମୀ କିଛି ଦିନ ମଧ୍ୟରେ ଖାଇବା ତେଲ ଦର ବୃଦ୍ଧି ଘଟିପାରେ ବୋଲି ଇଣ୍ଡିଆ ରେଟିଂସ୍ ଆଣ୍ଡ ରିସର୍ଚ୍ଚ (ଇଣ୍ଡ୍-ରା) ପକ୍ଷରୁ ସୂଚନା ଦିଆଯାଇଛି। ରିପୋର୍ଟ ଅନୁସାରେ ବିଶ୍ୱର ସର୍ବବୃହତ୍ତ ପାମ୍ ତୈଳ ରପ୍ତାନୀକାରୀ ଇଣ୍ଡୋନେସିଆ ପକ୍ଷରୁ ଅଶୋଧିତ ପାମ୍ ତୈଳ ରପ୍ତାନୀରେ ରୋକ୍ ଲଗାଯିବା ପରେ କିଛି ଦିନରେ ତୈଳ ଦର ବୃଦ୍ଧି ନେଇ ଆଶଙ୍କା ଦେଖା ଦେଇଛି। ଏହାଛଡ଼ା ରୁଷ୍-ୟୁକ୍ରେନ୍ ଯୁଦ୍ଧର ପ୍ରଭାବ ମଧ୍ୟ ତୈଳ ଦର ଉପରେ ଦେଖାଦେବ। ଇଣ୍ଡୋନେସିଆର ରପ୍ତାନୀ ବନ୍ଦ ଦ୍ୱାରା ବୈଶ୍ୱିକ ବଜାରକୁ ମାସିକ ୨ ମିଲିୟନ୍ ଟନ୍ ପାମ୍ ଅଏଲ୍ ରପ୍ତାନୀ ହ୍ରାସ ପାଇବ। ଏହା ବିଶ୍ୱର ମାସିକ ଟ୍ରେଡ୍ ଭଲ୍ୟୁମ୍‌ର ଅଧା ଅଟେ। ଏହି ବ୍ୟାନ୍ ନିଷ୍ପତ୍ତି ଯୋଗୁ ଭାରତୀୟ ବଜାରକୁ ପାମ୍ ତୈଳ ରପ୍ତାନୀ ୫୦% ହ୍ରାସ ପାଇବ। ଫଳସ୍ୱରୂପ ଦର ବୃଦ୍ଧି ହେବାର ସମ୍ଭାବନା ରହିଛି।



# ୧୫୦ କୋଟିର ବ୍ୟବସାୟିକ ଲକ୍ଷ୍ୟ



■୨ ବର୍ଷ ପରେ ଅକ୍ଷୟ ତୃତୀୟା ଉତ୍ସବ

■ଅଫର ସହ ଆକର୍ଷଣୀୟ ସୁବିଧା

ଭୁବନେଶ୍ୱର,୩୦।୪

କୋଭିଡ୍ ମହାମାରୀ ଯୋଗୁ ଗତ ୨ବର୍ଷ ହେବ ଅକ୍ଷୟ ତୃତୀୟା ଉତ୍ସବ ଏକ ପ୍ରକାର ବନ୍ଦ ରହିଥିଲା। ଫଳରେ ଉଭୟ ଗ୍ରାହକ ଓ ବ୍ୟବସାୟୀ ଚଳିତ ବର୍ଷର ଅକ୍ଷୟ ତୃତୀୟାକୁ ନଜରରେ ରଖିଛନ୍ତି। ଏପରିକି ସରକାରଙ୍କ କୋଭିଡ୍ ନିୟମାବଳୀ ମଧ୍ୟରେ ପର୍ବ ପାଳନ କରିବେ ବୋଲି ସୁନା ବ୍ୟବସାୟୀମାନେ କହିଛନ୍ତି। ଗ୍ରାହକଙ୍କ ଚାହିଦା ଓ ବିବାହ ଋତୁକୁ ଆଖି ଆଗରେ ରଖି ରାଜ୍ୟର ସମସ୍ତ ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ପକ୍ଷରୁ ମଧ୍ୟ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଅପରପକ୍ଷରେ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ଆକର୍ଷଣୀୟ ଅଫର ସହ ସୁବିଧା ପ୍ରଦାନ ସମ୍ପର୍କରେ ମଧ୍ୟ ବିଭିନ୍ନ ଜରିଆରେ ଘୋଷଣା କରାଯାଇଛି। ଅକ୍ଷୟ ତୃତୀୟାରେ କୌଣସି ଶୁଭକାର୍ଯ୍ୟ ଆରମ୍ଭ ସାଙ୍ଗକୁ ଘରକୁ ସୁନା କିମ୍ବା ଅନ୍ୟ ମୂଲ୍ୟବାନ୍ ଧାତୁ କ୍ରୟକରି ଘରକୁ ଆଣିବା ଶୁଭଙ୍କର ବୋଲି ଗ୍ରାହକଙ୍କ ମନରେ ବିଶ୍ୱାସ ରହିଛି। ସେହିଭଳି ଗତ ୨ବର୍ଷ ହେବ ଅକ୍ଷୟ ତୃତୀୟାକୁ ଠିକ୍ ଭାବେ ଉଭୟ ବ୍ୟବସାୟୀ ଓ ଗ୍ରାହକ ପାଳନ କରି ନ ଥିବାରୁ ଚଳିତ ବର୍ଷ ଭଲ ହେବା ସହ କାରବାର ମଧ୍ୟ ଭଲ ରହିବ ବୋଲି ଆଶା କରାଯାଉଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ପ୍ରମୁଖ ସହର ଓ ବଜାରରେ ରହିଥିବା ପ୍ରତିଷ୍ଠିତ ଅଳଙ୍କାର ପ୍ରତିଷ୍ଠାନଗୁଡିକ ଭଲ କାରବାର ସାଙ୍ଗକୁ ପ୍ରାୟ ୧୫୦ କୋଟିର ମୂଲ୍ୟବାନ୍ ବସ୍ତୁ (ସୁନା, ରୁପା ଓ ହୀରା) ର ବ୍ୟବସାୟିକ ଲକ୍ଷ୍ୟ ରହିଥିବା କୁହାଯାଉଛି। ସେହିପରି ଗତ କିଛିଦିନ ହେବ ସୁନା ଓ ରୁପାର ଦର ମଧ୍ୟ ଏକ ସ୍ୱାଭାବିକ ସ୍ତରରେ ରହିଛି। ସେଥିପାଇଁ କାରବାର ମଧ୍ୟ ଭଲ ହେବ ବୋଲି କୁହାଯାଉଛି। ଅପରପକ୍ଷରେ ଶୁକ୍ରବାର ସୁନାର ମୂଲ୍ୟ ୪୫ରୁ ୪୯ ହଜାର ଟଙ୍କା ରହିଥିବ ବେଳେ ରୁପା କେଜି ପ୍ରାୟ ୭୦ହଜାର ଟଙ୍କା ଏବଂ ହୀରାର ମୂଲ୍ୟ ମଧ୍ୟ ସାମଗ୍ରୀ ଅନୁସାରେ ରହିଛି ବୋଲି ପ୍ରତିଷ୍ଠାନଗୁଡିକ ମତବ୍ୟକ୍ତ କରିଛନ୍ତି।

" କୋଭିଡ୍ ମହାମାରୀ ସମୟରେ ବ୍ୟବସାୟ ବନ୍ଦ ରହିଥିଲା। ଏହା ଫଳରେ ୨ବର୍ଷ ହେଲା ଅକ୍ଷୟ ତୃତୀୟା ଏବଂ ଧନ୍‌ତେରସ ଏକ ପ୍ରକାର ବନ୍ଦ ଥିଲା। ଚଳିତ ଅକ୍ଷୟ ତୃତୀୟ ସମୟରେ ବନ୍ଦ ଥିବା ୨ବର୍ଷ ଯାକର ବ୍ୟବସାୟ ପୂରା କରିବାକୁ ଆଶା ରଖିଛୁ। ଆଗାମୀ କୋଭିଡ୍ ଲହରିକୁ ନଜରରେ ରଖି ଆମେ ପ୍ରୋଟୋକଲ୍ ପାଳନକରି ବ୍ୟବସାୟ କରୁଛୁ। ଅକ୍ଷୟ ତୃତୀୟା ପାଇଁ ଆମେ ଜୁଏଲେରିର ମେକିଂ ଚାର୍ଜରେ ଫ୍ଲାଟ୍ ୨୫% ରିହାତି ପ୍ରଦାନ କରୁଛୁ। ଏହି ଅଫର ଦେଶର ସମସ୍ତ କଲ୍ୟାଣ ଜୁଏଲର୍ସ ପାଇଁ ଲାଗୁ ହେଉଛି। ଏହାଛଡ଼ା ଗ୍ରାମ୍ ପିଛା ୯୦ରୁ ୯୯ଟଙ୍କା ପର୍ଯ୍ୟନ୍ତ ଡିସ୍‌କାଉଣ୍ଟ ମଧ୍ୟ ପ୍ରଦାନ କରାଯାଉଛି।

**- କଲ୍ୟାଣ ଜୁଏଲର୍ସ**

" ଅକ୍ଷୟ ତୃତୀୟା ପାଇଁ ସୁନା ଏବଂ ହୀରା ଗହଣା ଅଗ୍ରିମ ବୁକିଂ ଉପରେ ରୁପା ମୁଦ୍ରା ମାଗଣା ପ୍ରଦାନ କରାଯାଉଛି। କୋଭିଡ୍ ମହାମାରୀ ସମୟ ମଧ୍ୟରେ ଓଡ଼ିଶାରେ ମାଲାବାର ସ୍ଥାପନ ହୋଇଥିଲା। ଓଡ଼ିଶା ମାଲାବାରର ପ୍ରଥମ ଅକ୍ଷୟ ତୃତୀୟା ହୋଇଥିବାରୁ ବ୍ୟବସାୟକୁ ନେଇ ବିଶେଷ କିଛି ଆଶା ରଖିନାହୁଁ। ଅକ୍ଷୟ ତୃତୀୟା ପାଇଁ ଆମର ୪.୯%ରୁ ମେକିଂ ଚାର୍ଜ ଆରମ୍ଭ ହୋଇଛି। ଏହି ମେକିଂ ଚାର୍ଜ ମାର୍କେଟ୍‌ରେ ଫେୟାର ପ୍ରାଇସ୍। ଏଭଳି ଅଫର ପ୍ରଦାନ ସହିତ ଏକ୍ସକ୍ଲୁସିଭ କଲେକ୍ସନ ଦ୍ୱାରା ଗ୍ରାହକମାନେ ସୁନା କିଣିବାକୁ ଆଗ୍ରହୀ ହେବେ ବୋଲି ଆଶା ରଖିଛୁ।

**- ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍**

" ଅକ୍ଷୟ ତୃତୀୟା ପାଇଁ ସୁନାଗହଣା ଉପରେ ୧୫% ରିହାତି ଦିଆଯାଉଥିବା ବେଳେ ଡାଇମଣ୍ଡ ଏବଂ ଜେମ୍ ଷ୍ଟୋନ୍ ଦାମ୍‌ରେ ୧୦% ଡିସ୍‌କାଉଣ୍ଟ ଦିଆଯାଉଛି। ଏହାଛଡ଼ା ଡାଇମଣ୍ଡ ଗହଣା ଏବଂ ସିଲ୍‌ଭର କଲେକ୍ସନ୍‌ର ମେକିଂ ଚାର୍ଜରେ ୨୫% ରିହାତି ମିଳୁଛି। ସ୍ଲାବ୍ ଅନୁସାରେ ପ୍ରତ୍ୟେକ କ୍ରୟରେ ଗୋଲ୍ଡ ଏବଂ ସିଲ୍‌ଭର ମୁଦ୍ରା ପ୍ରଦାନ କରାଯାଉଛି। ୨୦୧୯ରେ ଫନୀ ବାତ୍ୟା ହେବା ପରେ ପରେ କୋଭିଡ୍ ମହାମାରୀ କାରଣରୁ ୨ ବର୍ଷ ପରେ ଅକ୍ଷୟ ତୃତୀୟା ସେଲ୍ ଚାଲିଛି। ତେଣୁ ଚଳିତ ବର୍ଷ ବ୍ୟବସାୟକୁ ନେଇ ଉଚ୍ଚ ଆଶା ରହିଛି।

**- ପି.ସି. ଚନ୍ଦ୍ରା ଜୁଏଲର୍ସ**

" ଖିମ୍‌ଜୀର 'ଦି ଗ୍ରେଟ୍ ଅକ୍ଷୟ ତୃତୀୟା ସେଲ୍'ରେ ସୁନାଗହଣାର ମୋଟ୍ ଦାମ୍ ଉପରେ ଫ୍ଲାଟ୍ ୫.୪% ଅଫ୍ ରହୁଛି। ଏହାଛଡ଼ା ଡାଇମଣ୍ଡସ୍ ଉପରେ ଫ୍ଲାଟ୍ ୨୦% ଏବଂ ସିଲ୍‌ଭର ଆଇଟମ୍‌ର ମେକିଂ ଚାର୍ଜ ଉପରେ ଫ୍ଲାଟ୍ ୩୦% ରିହାତି ମିଳୁଛି। ଏହି ଅଫର ଏପ୍ରିଲ ୨୭ରୁ ଆରମ୍ଭ ହୋଇ ମେ' ୮ ପର୍ଯ୍ୟନ୍ତ ଚାଲୁ ରହିବ। କୋଭିଡ୍ ଯୋଗୁ ଗତ ୨ବର୍ଷ ହେଲା ଅକ୍ଷୟ ତୃତୀୟା ପାଳନ ହୋଇପାରି ନାହିଁ। ଫଳରେ ଚଳିତ ବର୍ଷ ଭଲ ବ୍ୟବସାୟ ହେବ ବୋଲି ଆଶା ରଖିଛୁ।

**- ଖିମ୍‌ଜୀ ଜୁଏଲର୍ସ**

# କିଓର୍‌ବେର ସ୍ୱତନ୍ତ୍ର ଓମ୍‌ନି ଚ୍ୟାନେଲ କ୍ଲିନିକ




ଭୁବନେଶ୍ୱର, ୩୦।୪

ପୂର୍ବ ଭାରତରେ ପ୍ରଥମ ଥର ପାଇଁ ଭିନ୍ନକ୍ଷମ ଅନୁଷ୍ଠାନ 'ସ୍ୱାଭିମାନ' ପକ୍ଷରୁ ସ୍ୱତନ୍ତ୍ର ଓମ୍‌ନି ଚ୍ୟାନେଲ କ୍ଲିନିକ ଶୁଭାରମ୍ଭର ସୁବିଧା ପ୍ରଦାନ କରାଯାଉଛି। ଏପରିକି ସ୍ୱାଭିମାନ ଜରିଆରେ ଖୋର୍ଦ୍ଧାର ରାକେଶ କୁମାର ପ୍ରଧାନଙ୍କୁ ସଫଳତାପୂର୍ବକ କିଓର୍‌ବେର ପ୍ରଥମ ଭିନ୍ନକ୍ଷମ ଫ୍ରାଞ୍ଚାଇଜି ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲାପାଳ ସଂଗ୍ରାମ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ୨୯ବର୍ଷ ବୟସ୍କ ରାକେଶ କୁମାର ପ୍ରଧାନ ଯେତେବେଳେ +୨ ପଢୁଥିଲେ ସେହି ସମୟରେ ସେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଫଳରେ ତାଙ୍କର ମେରୁଦଣ୍ଡରେ ଗଭୀର ଆଘାତ ଲାଗିଥିଲା। ସେ ବଞ୍ଚିବାର ସମସ୍ତ ଆଶା ହରାଇଥିଲେ। କିନ୍ତୁ ଏପରି ସମୟରେ ତାଙ୍କର ପରିବାର ତାଙ୍କ ସହ ଉଭୟ କିଓର୍‌ବେ ଓ ସ୍ୱାଭିମାନ ସହଯୋଗର ହାତ ବଢ଼ାଇଥିଲେ ଓ ତାଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରୋତ୍ସାହିତ କରିଛନ୍ତି। ଏ ସମ୍ପର୍କରେ କିଓର୍‌ବେ ପ୍ରତିଷ୍ଠାତା ଓ ସିଇଓ ପ୍ରିୟଦର୍ଶୀ ମହାପାତ୍ର କହିଛନ୍ତି, ଆମର ପ୍ରମୁଖ ଲକ୍ଷ୍ୟ ହେଉଛି ଦୁର୍ଗମ ଅଞ୍ଚଳରେ ଥିବା ଲୋକମାନଙ୍କୁ ଉଚ୍ଚମାନର ସ୍ୱାସ୍ଥ୍ୟ ସେବା ସୁଲଭ ମୂଲ୍ୟରେ ପ୍ରଦାନ କରିବା।

# ବିଓଏମ୍‌ର ନେଟ୍ ଲାଭ ୩୫୫ କୋଟି

ଭୁବନେଶ୍ୱର,୩୦।୪

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍)ର ଚଳିତ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସ ସୁଦ୍ଧା ୩୫୫ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହକରି ୧୧୫% ଅଭିବୃଦ୍ଧି ହାର ହାସଲ କରିପାରିଛି। ବ୍ୟାଙ୍କର ମୋଟ ସୁଧ ଆୟରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିବା ସହ ଋଣ କ୍ଷତି ବ୍ୟବସ୍ଥାଗୁଡ଼ିକରେ ହ୍ରାସ ଘଟିଛି ବୋଲି ଜଣାପଡ଼ିଛି। ମାର୍ଚ୍ଚ ଶେଷ ସୁଦ୍ଧା ବ୍ୟାଙ୍କର ପରିଚାଳନାଗତ ଲାଭ ୧,୧୭୯ କୋଟି ଟଙ୍କାରେ ପହଞ୍ଚିଛି। ବ୍ୟାଙ୍କର ନେଟ୍ ସୁଧ ଆୟ ୧୬.୫୬% ଅଭିବୃଦ୍ଧି ହାର ହାସଲକରି ୧,୬୧୨ କୋଟି ଟଙ୍କାରେ ପହଞ୍ଚିପାରିଛି। ଏହା ପୂର୍ବ ବର୍ଷ ଏହି ସମୟ ମଧ୍ୟରେ ୧,୩୮୩ କୋଟି ଟଙ୍କା ରହିଥିଲା। ବ୍ୟାଙ୍କର ନେଟ୍ ସୁଧ ଆୟ ସହିତ ଅନ୍ୟାନ୍ୟ ଆୟ ୨,୧୩୪ କୋଟି ଟଙ୍କାରେ ପହଞ୍ଚିଛି। ବ୍ୟାଙ୍କର ଅଣ ସୁଧ ଆୟ ୫୨୨କୋଟିରେ ପହଞ୍ଚିଛି। ବ୍ୟାଙ୍କର ପୁଞ୍ଜି ସ୍ୱଚ୍ଛଳତା ହାରରେ ୧୨.୫୫% ବୃଦ୍ଧି ଘଟିଛି। ସମୁଦାୟ ପୁଞ୍ଜି (ଉଭୟ ଇକ୍ୟୁଟି ଏବଂ ବଣ୍ଡ) ରେ ୧୬୯୩.୭୦ କୋଟି ଟଙ୍କାର ବୃଦ୍ଧି ଘଟିଛି। ବ୍ୟାଙ୍କର ଗ୍ରସ୍ ଏନ୍‌ପିଏ ୩୧ ମାର୍ଚ୍ଚ ୨୦୨୧ ସୁଦ୍ଧା ୭.୨୩% ରହିଥିବା ବେଳେ ଏହା ୩୧ ମାର୍ଚ୍ଚ ୨୦୨୨ସୁଦ୍ଧା ହ୍ରାସ ପାଇ ୩.୯୪ % ରେ ପହଞ୍ଚିଛି। ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏ.ଏସ୍. ରାଜୀବ ଅଗ୍ରିମ ଋଣରେ ୧୬-୧୮% ଏବଂ ଜମା କ୍ଷେତ୍ରରେ ୧୩-୧୫ % ବୃଦ୍ଧି ଘଟିବ ବୋଲି ଆଶା ରଖିଛନ୍ତି। ୨୦୨୩ ଆର୍ଥିକ ବର୍ଷରେ ବ୍ୟାଙ୍କର ସମୁଦାୟ ପୁଞ୍ଜି ଅଭିବୃଦ୍ଧି କ୍ଷେତ୍ରରେ ଆନୁପତିକ ୨୫,୦୦୦ରୁ ୩୦,୦୦୦ କୋଟି ଟଙ୍କା ଆବଶ୍ୟକ ବୋଲି ରାଜୀବ ପ୍ରକାଶ କରିଛନ୍ତି। ବ୍ୟାଙ୍କ ନିଜର ପୁଞ୍ଜି ସ୍ୱଚ୍ଛଳତା ହାର ଅନୁପାତ ସର୍ବନିମ୍ନ ୧୫% ବଜାୟ ରଖିବାକୁ ଚାହୁଁଥିବା ବେଳେ ମାର୍ଚ୍ଚ ୨୦୨୨ଶେଷ ସୁଦ୍ଧା ପୁଞ୍ଜି ସ୍ୱଚ୍ଛଳତା ହାରରେ ଶତକଡ଼ା ୧୬.୮୫ ବୃଦ୍ଧି ଘଟିଛି।

# ଭାରତ ମସଲା ପରିଦର୍ଶନରେ ମନ୍ତ୍ରୀ

କଟକ,୩୦।୪



ରାଜ୍ୟରେ କୃଷି ଓ କୃଷକଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ କ୍ରୟ କରିବା ପାଇଁ ନିକଟରେ ଓର୍‌ମାସ ସହ ଜୟ ଭାରତ ସ୍ପାଇସେସ୍ ପ୍ରାଇଭେଟ ଲିମିଟେଡ୍ କର୍ତ୍ତୃପକ୍ଷ ଏକ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। କମ୍ପାନୀର ଏଭଳି ପଦକ୍ଷେପ ପରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ବିଭାଗୀୟ ଅଧିକାରୀଙ୍କ ସହ ଭାରତ ମସଲାର ରାମଦାସପୁରସ୍ଥିତ କାରଖାନା ପରିଦର୍ଶନ କରିବା ସହ ଏହାର ସମସ୍ତ ଆଭିମୁଖ୍ୟ ସମ୍ପର୍କରେ ଅବଗତ ହୋଇଥିଲେ। ଏହି ଅବସରରେ ମନ୍ତ୍ରୀଙ୍କ ସହ ଏମ୍‌ଏସ୍‌ଏମ୍‌ଇର ଅତିରିକ୍ତ ସଚିବ ଉଦୟନାଥ ଦାସ, ଡିଆଇ ମହମ୍ମଦ ସାଦିକ ଆଲମ, ଜିଏମ୍ (ଡିଆଇସି) ରମାନାଥ ମହାପାତ୍ର, ଶରଣ କୁମାର ଜେନା, ପରିକ୍ଷିତ ମାହାଳିକ, ପଦ୍ମମୋହନ ନାୟକ, ବି. ରାଉତ, ଅବିନାଶ ମିଶ୍ରଙ୍କ ସମେତ ଜୟ ଭାରତ ଫାଉଣ୍ଡେଶନର ଅଧ୍ୟକ୍ଷ ସୁରେନ୍ଦ୍ରନାଥ ପଣ୍ଡା, ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା, ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା,ଦିଗନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# କାର୍ଯ୍ୟାଳୟରେ ରାଜଭାଷାର ପ୍ରୟୋଗକୁ ଗୁରୁତ୍ୱ

ଭୁବନେଶ୍ୱର,୩୦।୪




ନ୍ୟାଶନାଲ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲ୍‌କୋ)ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ରଙ୍କ ଅଧ୍ୟକ୍ଷତାରେ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ଉପକ୍ରମ)ର ୨୦୨୨-୨୩ ବର୍ଷ ପାଇଁ ଅର୍ଦ୍ଧବାର୍ଷିକ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟର ରାଜଭାଷା ବିଭାଗର ପ୍ରତିନିଧି ନିର୍ମଳ କୁମାର ଦୁବେ, ଉପାଧ୍ୟକ୍ଷ ତଥା ନାଲ୍‌କୋର ନିର୍ଦ୍ଦେଶକ (ମାନବ ସମ୍ବଳ) ରାଧାଶ୍ୟାମ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଭାରତ ସରକାରଙ୍କ ରାଜଭାଷା ନୀତି ଅନୁସାରେ ଉକ୍ତ ବୈଠକରେ ଭୁବନେଶ୍ୱର ସହରର ସମସ୍ତ କେନ୍ଦ୍ର ସରକାରଙ୍କ ଉପକ୍ରମରେ ରାଜଭାଷା କାର୍ଯ୍ୟର ବିସ୍ତୃତ ଆଲୋଚନା କରାଯିବା ସହିତ ଏହାର ସମୀକ୍ଷା ମଧ୍ୟ କରାଯାଇଥିଲା। ସେହିଭଳି କାର୍ଯ୍ୟାଳୟରେ ରାଜଭାଷାର ପ୍ରୟୋଗ ଉପରେ ଗୁରୁତ୍ୱ ଦେବାକୁ ଦୁବେ ଆବଶ୍ୟକ ପରାମର୍ଶ ଏବଂ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଉକ୍ତ ବୈଠକରେ ସମିତିର ଉପାଧ୍ୟକ୍ଷ ମହାପାତ୍ର ନିଜର ଅଭିବ୍ୟକ୍ତି ପ୍ରକାଶ କରି କହିଥିଲେ, ସମସ୍ତ ସଦସ୍ୟ କାର୍ଯ୍ୟାଳୟ ଭାରତ ସରକାରଙ୍କ ନିର୍ଦ୍ଧାରିତ ବାର୍ଷିକ କାର୍ଯ୍ୟକ୍ରମଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ଧ୍ୟାନଦେଇ ତଥା ସମସ୍ତ ନିୟମାବଳୀ ପାଳନ କରି କାର୍ଯ୍ୟ କରିବା ଉଚିତ।

## ଫୁରସତ୍

# ସରିଯିବ ସବୁ ଖାଦ୍ୟ



**ନୂଆଦିଲ୍ଲୀ:** ଆଉ କିଛି ବର୍ଷ ପରେ ସାରା ବିଶ୍ୱରେ ଦେଖାଦେବ ଭୟଙ୍କର ଖାଦ୍ୟ ସଙ୍କଟ। ଏମିତିକି କୋଟି କୋଟି ଟଙ୍କା ଥିବା ସତ୍ତ୍ୱେ ଦିନକୁ ଓଳିଏ ଖାଇବା ପାଇଁ ଖାଦ୍ୟ ମିଳିବ ନାହିଁ। ଏମିତି ଏକ ରିପୋର୍ଟ ଦେଇଛି ସାମାଜିକ ଓ ଆର୍ଥିକ ଦିଗ ନେଇ ସର୍ଭେ କରୁଥିବା ସଂସ୍ଥା ଦି ୱାର୍ଲ୍ଡ କାଉଣ୍ଟ।

ପାଖରେ କୋଟି କୋଟି ଟଙ୍କା ଥିବ, କିନ୍ତୁ ଖାଇବା ପାଇଁ କୌଣସି ଖାଦ୍ୟ ନ ଥିବ। ସାରା ବିଶ୍ୱରେ ଠିକ୍ ଏମିତି ସମସ୍ୟା ଦେଖାଦେବାକୁ ଯାଉଛି। ଏଭଳି ଏକ ସତର୍କବାଣୀ ଶୁଣାଇଛି ଦି ୱାର୍ଲ୍ଡ କାଉଣ୍ଟ ନାମକ ସଂସ୍ଥା। ଏହି ଅନ୍ତର୍ଜାତୀୟ ସଂସ୍ଥା ସାରା ବିଶ୍ୱର ସାମାଜିକ ସ୍ଥିତି ଓ ଆର୍ଥିକ ଅବସ୍ଥାକୁ ନେଇ ବିଭିନ୍ନ ପ୍ରକାରର ସର୍ଭେ କରି ଆକଳନ କରିଥାଏ। ସଦ୍ୟ ପ୍ରକାଶ ପାଇଥିବା ଏହି ସଂସ୍ଥାର ଏକ ରିପୋର୍ଟରେ କୁହାଯାଇଛି ଯେ, ଆଉ ମାତ୍ର ୨୭ ବର୍ଷ ପରେ ବିଶ୍ୱରେ ଭୟଙ୍କର ଖାଦ୍ୟ ସଙ୍କଟ ଦେଖାଦେବ। ଅର୍ଥାତ୍ ୨୦୫୦ ବେଳକୁ ବିଶ୍ୱରୁ ପ୍ରାୟ ସମସ୍ତ ଖାଦ୍ୟଶସ୍ୟ ଶେଷ ହୋଇଯିବ। ରିପୋର୍ଟ ଅନୁସାରେ, ୨୦୫୦ ବେଳକୁ ବିଶ୍ୱ ଜନସଂଖ୍ୟା ୧ ହଜାର କୋଟିରୁ ଅଧିକ ହୋଇଯିବ। କିନ୍ତୁ ପ୍ରତିବର୍ଷ ବିଶ୍ୱରୁ ୭,୫୦୦ କୋଟି ଟନ୍ ଉତ୍ପାଦନ କ୍ଷମତା କମ୍ ହେବାରେ ଲାଗିଛି। ଗତ ୪୦ ବର୍ଷ ମଧ୍ୟରେ ବିଶ୍ୱରୁ ଏକ ତୃତୀୟାଂଶ ଚାଷଜମି କମ୍ ହୋଇଯାଇଛି, କିନ୍ତୁ ଖାଦ୍ୟର ଚାହିଦା ବହୁତ ବଢ଼ିଯାଇଛି। ତେଣୁ ଆଗକୁ ଏହି ସଙ୍କଟ ଆହୁରି ବୃଦ୍ଧି ପାଇବ। ଫଳରେ ଚାଷଜମି ଅଭାବ ଓ ଲୋକସଂଖ୍ୟା ବୃଦ୍ଧି ଯୋଗୁ ଏଭଳି ଖାଦ୍ୟ ସଙ୍କଟ ଦେଖାଦେବ ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ଏହାବାଦ୍ ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ, ମଣିଷ ନିଜର ସ୍ୱାର୍ଥ ପାଇଁ ପ୍ରକୃତିକୁ ଯେଉଁଭଳି ଭାବେ ବ୍ୟବହାର କରୁଛି ୨୦୩୦ ବେଳକୁ ଆଉ ଏକ ପୃଥିବୀ ଆବଶ୍ୟକ ହେବ।

## ଲେମ୍ବୁ ପାଇଁ ଝଗଡ଼ା

**ପାଟନା:** ବିହାରର ଚମ୍ପାରଣ ଜିଲାର ଚୈନପୁର ଗାଁର ସୁନୀଲ ବୈଠାଙ୍କ ସ୍ତ୍ରୀ କାଜଲ ଗଛରୁ ଲେମ୍ବୁ ତୋଳିଥିବାରୁ ଦଣ୍ଡ ପାଇଛନ୍ତି। କାଜଲଙ୍କୁ ତାଙ୍କ ଶାଶୁ, ନଣନ୍ଦ ମିଶି ମାରି ଦେଇଛନ୍ତି। କାଜଲଙ୍କର ଭୁଲ୍ ହେଉଛି କି ସେ ଶାଶୁ କିମ୍ବା ନଣନ୍ଦଙ୍କ ସହ ପରାମର୍ଶ ନ କରି ବାଡିରେ ଥିବା ଲେମ୍ବୁ ଗଛରୁ ଲେମ୍ବୁ ତୋଳି ଆଣିଥିଲେ। ଏହି କଥାକୁ ନେଇ ସେମାନଙ୍କ ମଧ୍ୟରେ ଚାଲିଲା ଜୋରଦାର ପାଟିତୁଣ୍ଡ। ଲେମ୍ବୁ ପାଇଁ କ୍ରୋଧ ଏତେ ଅଧିକ ହୋଇପାରେ ଯେ ଜଣେ ଅନ୍ୟକୁ ହତ୍ୟା କରିପାରେ ଏକଥା ଶୁଣିବାକୁ ଅଡୁଆ ଲାଗୁଛି। ସେଥିପାଇଁ ତ ଏବେ ଚୈନପୁର ଗାଁରେ ଏହି ଘଟଣାକୁ ନେଇ ଚର୍ଚ୍ଚା ହେଉଛି। ଏହି ଅଘଟଣ ଘଟିବା ଦିନ କାଜଲଙ୍କ ସ୍ୱାମୀ ଏବଂ ତାଙ୍କ ଶ୍ୱଶୁର କାମ ପାଇଁ ବାହାରକୁ ଯାଇଥିଲେ। ଘରେ କାଜଲଙ୍କ ସହିତ କେବଳ ତାଙ୍କ ଶାଶୁ ଓ ନଣନ୍ଦ ହିଁ ଥିଲେ। ତେଣୁ ଲେମ୍ବୁ କଥାକୁ ନେଇ ଝଗଡ଼ା ହେବା ପରେ ଉଭୟ ଶାଶୁ ନଣନ୍ଦ ମିଶି କାଜଲଙ୍କୁ ଅତ୍ୟଧିକ କ୍ରୋଧରେ ହତ୍ୟା କରି ଦେଇଥିଲେ।

# ଭାଷା ବିବାଦରେ କଙ୍ଗନା



କଙ୍ଗନା ରାଣାଓ୍ୱତ

ବମ୍ବେ: କିଛିଦିନ ପୂର୍ବେ ରାଷ୍ଟ୍ରୀୟ ଭାଷାକୁ ନେଇ ତେଜିଥିବା ବିବାଦରେ ଏଣ୍ଟ୍ରି ମାରିଛନ୍ତି ବଲିଉଡ୍‌ର କଣ୍ଟ୍ରୋଭର୍ସିଆଲ କୁଇନ୍ କଙ୍ଗନା ରାଣାଓ୍ୱତ। ସେ କହିଛନ୍ତି, ହିନ୍ଦୀ, ତାମିଲ ହେଉ ଅବା ତେଲୁଗୁ ସବୁଠାରୁପୁରୁଣା ଭାଷା ହେଉଛି ସଂସ୍କୃତ। ତେଣୁ ସଂସ୍କୃତ ଆମ ରାଷ୍ଟ୍ରୀୟ ଭାଷା ହେବା ଉଚିତ୍। ସଂସ୍କୃତରୁ କନ୍ନଡ, ହିନ୍ଦୀ, ଗୁଜରାଟୀ ଭଳି ଅନେକ ଭାଷାର ଉତ୍ପତ୍ତି ତେଣୁ ଏହା ଆମର ଜାତୀୟ ଭାଷା ହେବା କଥା ବୋଲି କଙ୍ଗନା ବୟାନ ଦେଇଛନ୍ତି । ବିଦେଶ ଗଲେ ଲୋକେ ଇଂଲିଶ ଭାଷାରେ କଥା ହୋଇଥାନ୍ତି। କାରଣ ସେମାନେ ଇଂଲିଶକୁ ବେଶି ପ୍ରାଧାନ୍ୟ ଦେବା ସହ ପରସ୍ପରର ଭାବକୁ ବୁଝିବା ପାଇଁ ଏହାକୁ ମାଧ୍ୟମ ବନେଇଛନ୍ତି। ସେମାନଙ୍କ ଅତୀତ ଯେତେ କଳୁଷିତ ହୋଇଥିଲେ ମଧ୍ୟ ଭାଷାକୁ ନେଇ ସେମାନଙ୍କଠାରେ କୌଣସି ପ୍ରକାର ପ୍ରତିଦ୍ୱନ୍ଦିତା ନାହିଁ। ସେହିପରି ଆମକୁ ମଧ୍ୟ ଏକ ଭାଷାକୁ ଗୁରୁତ୍ୱ ଦେବାକୁ ପଡ଼ିବ ଯାହା ସମସ୍ତେ କହିବା ସହ ବୁଝିପାରିବେ। ଦେଶକୁ ଯୋଡ଼ି ରଖିବା ଲାଗି ଏକ ସୂତାର ଆବଶ୍ୟକତା ରହିଛି। ହିନ୍ଦୀ ରାଷ୍ଟ୍ରଭାଷା କୁହାଯିବା ନେଇ ଅଭିନେତା ଅଜୟ ଦେବଗନ ଏବଂ କିଚା ସୁଦୀପ ମୁହାଁମୁହିଁ ହୋଇଥିଲେ।

# ଶରୀରକୁ ସୁସ୍ଥ ରଖେ ହସ

## ବିଶ୍ୱ ହସ ଦିବସ



**ସ୍ୱାସ୍ଥ୍ୟ** ପାଇଁ ହସ ଗୁରୁତ୍ୱପୂର୍ଣ୍ଣ। ବାସ୍ତବରେ ଏହା ଦୁନିଆର ସର୍ବୋତ୍ତମ ଔଷଧ। ମନ ଏବଂ ଶରୀରକୁ ସୁସ୍ଥ ରଖିବାରେ ହସ ମହୌଷଧି କହିଲେ କିଛି ଭୁଲ୍ ହେବ ନାହିଁ। ତେଣୁ ହସ ଯୋଗୁ ଶରୀର ଉପରେ ଅନୁଭୂତ ହେଉଥିବା ସକାରାତ୍ମକ ପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ମେ' ମାସର ପ୍ରଥମ ରବିବାରକୁ ବିଶ୍ୱ ହସ ଦିବସ ଭାବେ ପାଳନ କରାଯାଇଥାଏ। ଚଳିତ ବର୍ଷ ଏହା ମେ' ୧ ତାରିଖରେ ପାଳନ ହେଉଛି।

ହସ ଶରୀର ପ୍ରତିରକ୍ଷା ପ୍ରଣାଳୀକୁ ମଜଭୁତ କରେ। ଏହା ସହିତ ମନୋବଳକୁ ବୃଦ୍ଧି କରାଇଥାଏ। ସେହିପରି ଯନ୍ତ୍ରଣାକୁ ହ୍ରାସ କରିଥାଏ ଏବଂ ଚାପରୁ ମୁକ୍ତି ପ୍ରଦାନ କରିଥାଏ। ମନ ଏବଂ ଶରୀର ମଧ୍ୟରେ ଉତ୍ତମ ସନ୍ତୁଳନ ସୃଷ୍ଟି କରିବାରେ ହସ ସକ୍ଷମ ହୋଇଥାଏ। ହସ ଭାବପ୍ରବଣତା ହ୍ରାସ କରି ସମ୍ପର୍କକୁ ସୁଦୃଢ଼ କରିଥାଏ। ତେଣୁ ଯେତେବେଳେ ବି ସୁଯୋଗ ମିଳିବ, ସେତେବେଳେ ହସିବା ଆବଶ୍ୟକ ବୋଲି ବିଶେଷଜ୍ଞ ମତପୋଷଣ କରିଥାନ୍ତି। ଅଥାତ୍ ସୁଖୀ ଏବଂ ରୋଗମୁକ୍ତ ଦୀର୍ଘ ଜୀବନ ପାଇଁ ହସିବା ଜରୁରୀ।୧୯୯୮ ମେ ୧୦ରେ ମୁମ୍ବାଇଠାରେ ପ୍ରଥମ ବିଶ୍ୱ ହସ ଦିବସ ପାଳନ କରାଯାଇଥିଲା। ଏହାର ଆୟୋଜନ ଡାକ୍ତର ମଦନ କଟାରିଆ କରିଥିଲେ। ଏହା ପରଠାରୁ ପ୍ରତିବର୍ଷ ଏହା ପାଳିତ ହୋଇ ଆସୁଛି। ଏବେ ୭୦ରୁ ଅଧିକ ଦେଶ ଏହି ଦିବସ ପାଳନ କରୁଛନ୍ତି।

# ଭିଆର୍ ହେଡ୍ ସେଟ୍‌ରୁ ଚୁମ୍ବନ ଅନୁଭୂତି



**ୱାଶିଂଟନ:** ଭିଜୁଆଲ ରିଆଲିଟି (ଭିଆର୍) ହେଡ୍ ସେଟ୍‌ରେ ଏକ ମାଉଥ୍ ହାପଟିକ୍ସ ଟେକ୍ ଟେକନୋଲୋଜିକୁ ସାମିଲ କରାଯାଇଛି, ଯେଉଁଥିରେ ସତସତିକା ଚୁମ୍ବନ ଅନୁଭବ କରିହେବ। ଏହି ଡିଭାଇସ୍ ଓଠକୁ ଇନ୍ଦ୍ରିୟାନୁଭୂତି ପଠାଇବା ଦ୍ୱାରା ଏହା ସମ୍ଭବ ହେବ ବୋଲି କୁହାଯାଇଛି। ଆମେରିକାରେ ଥିବା କାରନେଜି ମେଲୋନ ୟୁନିଭର୍ସିଟି ପକ୍ଷରୁ ଏ ନେଇ ଅଧ୍ୟୟନ ଆରମ୍ଭ କରାଯାଇଛି। ଅଲଟ୍ରାସୋନିକ ଟ୍ରାନ୍ସଡ୍ୟୁସର ଜରିଆରେ ଏହା ସମ୍ଭବପର ହେବାକୁ ଥିବାବେଳେ ଭିଆର୍ ଡିଭାଇସ୍‌ରେ ଏହା ପାଇଁ ଏକ ସ୍ୱତନ୍ତ୍ର ବଟନ୍ ରଖାଯାଇଥିବା ଗବେଷକମାନେ କହିଛନ୍ତି। ଅତି ପତଳା ଟ୍ରାନ୍ସଡ୍ୟୁସର ଭିଆର୍ ଧାରଣ କରିଥିବା ବ୍ୟକ୍ତିଙ୍କ ଓଠରେ ସମ୍ବେଦନ କରାଇବ, ଯାହା ସତସତିକା ଚୁମ୍ବନର ଅନୁଭୂତି ଦେବ। ଚୁମ୍ବନ ବ୍ୟତୀତ ଗରମ କପ୍‌ରୁ ଚା କିମ୍ବା କଫି ପିଇବାର ଅନୁଭୂତି ସାଙ୍ଗକୁ ସିଗାରେଟ୍ ଟାଣିବା, ପାଟିରୁ ପାଣି ଫୁଙ୍କାମାରି ବାହାର କରିବା ଭଳି ଅନେକ ପ୍ରକାର ସମ୍ବେଦନ ଏହି ଭିଆର୍ ସେଟ୍ ଦ୍ୱାରା କରିହେବ। ଯେଉଁମାନେ ସିଗାରେଟ ଛାଡ଼ିବାକୁ ଚାହୁଁଥିଲେ ମଧ୍ୟ ଛାଡ଼ିପାରୁ ନାହାନ୍ତି ସେମାନଙ୍କ କ୍ଷେତ୍ରରେ ଏହା ସାହାଯ୍ୟ କରିବ ବୋଲି କୁହାଯାଉଛି। ମେଟାଭର୍ସକୁ ନେଇ ବୈଦେଶିକ କମ୍ପାନୀଗୁଡ଼ିକ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ରହି ଦେଶ ବିଦେଶର ଯେ କୌଣସି ସ୍ଥାନକୁ ମେଟାଭର୍ସ ମାଧ୍ୟମରେ ଯାଇହେବ। ଭିଜୁଆଲ ରିଆଲିଟି ଡିଭାଇସ୍ ଏହା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ।

# ୫ ବର୍ଷର ଶିଶୁ ବଞ୍ଚାଇବେ ୫ ଜୀବନ



**ନୂଆଦିଲ୍ଲୀ:** ରାଜଧାନୀ ଦିଲ୍ଲୀର ଗରିବ ପରିବାର ୫ ବର୍ଷର କୁନି ଝିଅକୁ ହରେଇବା ପରେ ଏକ ଚରମ ନିଷ୍ପତ୍ତି ନେଇଛନ୍ତି, ଯାହା ଅନେକ ପରିବାର ମୁହଁରେ ହସ ଫୁଟାଇବ। ନୋଏଡାର ହରନାରାୟଣ ପ୍ରଜାପତି ପେସାରେ ଜଣେ ଟେଲର। ଖେଳୁଥିବାବେଳେ ତାଙ୍କ ୫ ବର୍ଷର ଝିଅ ରୋଲିର ମୁଣ୍ଡରେ ଆଘାତ ଲାଗିଥିଲା। ଭୀଷଣ ରକ୍ତସ୍ରାବ ପରେ ହରନାରାୟଣ ଝିଅକୁ ଏମ୍ସ ନେଇଯାଇଥିଲେ। ଝିଅ ମୁଣ୍ଡରେ ଗୁଳି ବାଜିବା କାରଣରୁ ତାଙ୍କ ବ୍ରେନ୍ ଡେଡ୍ ହୋଇଯାଇଥିବା ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର କହିଥିଲେ। ସିଟିସ୍କାନରୁ ଜଣାପଡ଼ିଥିଲା ଯେ, ରୋଲି ମୁଣ୍ଡରେ ଗୁଳି ବାଜିବା କାରଣରୁ ତାଙ୍କ ବ୍ରେନ୍ ଡେଡ୍ ହୋଇଯାଇଛି। ଏମ୍ସ ଡାକ୍ତରୀ ଟିମ୍ ତାଙ୍କୁ ରୋଲିଙ୍କ ଅର୍ଗାନ୍ ଡୋନେଟ ପାଇଁ ପରାମର୍ଶ ଦେଇଥିବାବେଳେ ଏଥିରେ ହରନାରାୟଣ ରାଜି ହୋଇ ନ ଥିଲେ। କିନ୍ତୁ ପରବର୍ତ୍ତୀ ମୁହୂର୍ତ୍ତରେ ପରିବାର ଲୋକଙ୍କ ସହ ବିଚାରବିମର୍ଶ କରିବା ପରେ ସେ ରୋଲିଙ୍କ ଅଙ୍ଗ ଦାନ ପାଇଁ ରାଜି ହୋଇଥିଲେ। ଶୁକ୍ରବାର ରୋଲିଙ୍କ ଦୁଇଟି କିଡ୍‌ନୀ, ଯକୃତ, କୋରନିଆ ଏବଂ ହାର୍ଟ ଭେସେଲ୍ସ ପରୀକ୍ଷା ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ ଏହି ସବୁ ଅଙ୍ଗ ରୋଲିଙ୍କ ଦେହରୁ କଢ଼ାଯାଇ ଦରକାର କରୁଥିବା ଶିଶୁଙ୍କଠାରେ ରୋପଣ କରାଯିବ। ଏମ୍ସରେ ଚିକିତ୍ସିତ ହେଉଥିବା ଜଣେ ଶିଶୁଙ୍କଠାରେ ରୋଲିଙ୍କ କିଡ୍‌ନୀ ରୋପଣ କରାଯିବାକୁ ଥିବାବେଳେ ଆପୋଲୋର ଜଣେ ଶିଶୁଙ୍କଠାରେ ରୋଲିଙ୍କ ଯକୃତ ରୋପଣ କରାଯିବ।

# ବୁଲା ପ୍ରାଣୀଙ୍କ ପାଇଁ ଆନିମଲ ହେଲ୍ପଲାଇନ୍ କାର୍ଯ୍ୟକ୍ଷମ

ଜଗତ୍‌ସିଂହପୁର ଅଫିସ, ୩୦।୪



କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

ଜଗତ୍‌ସିଂହପୁର ସହରରେ ବୁଲା କୁକୁର, ଷଣ୍ଢ, ବିଲେଇ ଆଦି ପ୍ରାଣୀଙ୍କ ଆଶୁ ଚିକିତ୍ସା ପାଇଁ ପ୍ରଥମ ଥର ଆନିମଲ ହେଲ୍ପଲାଇନ କାର୍ଯ୍ୟକ୍ଷମ ହୋଇଛି। ଉପରୋକ୍ତ ପ୍ରାଣୀଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ସମ୍ପର୍କରେ ଜାଣିଲେ ତୁରନ୍ତ ୦୬୭୨୪-୨୨୦୦୯୫କୁ କଲ୍ କଲେ ସେବା ଯୋଗାଇ ଦିଆଯିବ। ଏନେଇ ବରିଷ୍ଠ ପ୍ରାଣୀ ଚିକିତ୍ସକ ଡା. ବିଦ୍ୟାଧର ଶତପଥୀ ଓ କୁଞ୍ଜବିହାରୀ ସ୍ୱାଇଁଙ୍କ ସମେତ ୨ ଆନିମଲ ହେଲ୍ପଲାଇନ୍ ଆସିଷ୍ଟାଣ୍ଟ ଓ ୨ ଜଣ ଆଟେଣ୍ଡାଣ୍ଟ ନିୟୋଜିତ ଅଛନ୍ତି। ପ୍ରତ୍ୟହ ସକାଳ ୬ରୁ ରାତି ୧୦ଟା ପର୍ଯ୍ୟନ୍ତ ୨ଟି ସିଫ୍ଟରେ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି। ଶନିବାର ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳନ ଅବସରରେ ଆୟୋଜିତ ଉତ୍ସବରେ ଏହି ସୂଚନା ଦିଆଯାଇଛି। ଏହି ଅବସରରେ କୁହାଯାଇଛି ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସୋମନାଥ ଗୋରୁ ହାଟରେ ୨ଟି ପାଣି କୁଣ୍ଡ କରାଯାଇଛି। ଜଗତ୍‌ସିଂହପୁର ପୌରାଞ୍ଚଳର ୨୧ଟି ୱାର୍ଡରେ ୪୨ଟି ଜଳକୁଣ୍ଡ ୨/୩ ଦିନ ମଧ୍ୟରେ ବ୍ୟବସ୍ଥା ହେବ। ବଡ କଥା ହେଲା କୃତ୍ରିମ ପ୍ରଜନନରୁ ଉନ୍ନତ ପ୍ରଜାତିର ମାଈ ବାଛୁରୀ ପାଇବା ନିମନ୍ତେ ଲିଙ୍ଗ ନିରୂପିତ ଶୁକ୍ରାଣୁ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଉଛି। ଜିଲାର ୮ଟି ବ୍ଲକରେ ୧୨,୫୦୦ ଗାଈଙ୍କୁ ୩୦ ହଜାର ଶୁକ୍ରାଣୁ ଡୋଜ୍ ଯୋଗାଇ ଦେବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୪ ହଜାର ଡୋଜ୍ ଯୋଗାଣ ସରିଲାଣି । ଏହାର ମୂଲ୍ୟ ୭୨୦ ଟଙ୍କା ଥିବାବେଳେ ସରକାର ୭୫% ରହାତି ଦେଉଛନ୍ତି। ଅର୍ଥାତ୍ ଜଣେ ଚାଷୀ ଗୋଟିଏ ଗାଈ ପାଇଁ ମାତ୍ର ୧୮୦ ଟଙ୍କା ଦେବାକୁ ପଡୁଛି ବୋଲି କୁହାଯାଇଥିଲା। ଏହି ଅବସରରେ ଜିଲାର ୪ ଜଣ ପ୍ରାଣୀ ଚିକିତ୍ସକ, ୨ ପ୍ରାଣୀଧନ ନିରୀକ୍ଷକଙ୍କ ସମେତ ଗୋପାଳନରେ ୪ ଯୁବଦ୍ୟୋଗୀ, ଛେଳି ପାଳନରେ ଜଣେ, ମାଂସାଳ ଓ ଅଣ୍ଡାଦିଆ କୁକୁଡ଼ା ପାଳନରେ ୩, ଅଣ୍ଡାଦିଆ କୁକୁଡ଼ା ପାଳନରେ ୩ ଜଣ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ , ଓମଫେଡର ଚନ୍ଦାପାଟ ମହିଳା ଦୁଗ୍ଧ ସମବାୟ ସମିତି ଓ ୨ଜଣ ଦୁଗ୍ଧ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ଉତ୍ସବରେ ଜିଲାପାଳ ପାରୁଲ ପଟାୱରୀ ପୌରୋହିତ୍ୟ କରି କହିଥିଲେ, ଜଗତ୍‌ସିଂହପୁର ଜିଲା ଦୁଗ୍ଧ ଉତ୍ପାଦନରେ ସାରା ରାଜ୍ୟରେ ଅଗ୍ରଣୀ ଭୂମିକା ନିଭାଉଛି । ବୁଲା ପ୍ରାଣୀଙ୍କ ପାଇଁ ଆନିମଲ ହେଲ୍ପଲାଇନ୍ ଭଲ ସେବା

## ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ

ଯୋଗାଇ ଦେଉଛି । ଖୁବଶୀଘ୍ର ପାରାଦୀପରେ ଏହି ସୁବିଧା ଯୋଗାଇ ଦେବାକୁ ପଦକ୍ଷେପ ନିଆଯିବ । ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭାପତି ମନୋଜ ଭୋଇ ଓ ସମ୍ମାନିତ ଅତିଥି ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଡା. ରୁଦ୍ର ନାରାୟଣ ଦାଶ ଓ ଜଗତ୍‌ସିଂହପୁର ପୌରାଧକ୍ଷା ଅର୍ଚ୍ଚନା ସିଂହ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ବରିଷ୍ଠ ପ୍ରାଣୀ ଚିକିତ୍ସକ ଡା. କୁଞ୍ଜବିହାରୀ ସ୍ୱାଇଁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲା ସଂସ୍କୃତି ଅଧିକାରୀ ଦୀଲିପ କୁମାର ଜେନା ଏବଂ ଓମଫେଡ୍ ପ୍ଲାଣ୍ଟ ମ୍ୟାନେଜର ଲଲାଟେନ୍ଦୁ ପାତ୍ର ପ୍ରମୁଖ ଯୋଗଦେଇ ଉନ୍ନତ ପ୍ରାଣୀ ପାଳନ ମାଧ୍ୟମରେ ଜିଲା ତଥା ରାଜ୍ୟରେ ଦୁଗ୍ଧ, ମାଂସ ଓ ଅଣ୍ଡା ଉତ୍ପାଦନ ଆଶାତୀତ ବୃଦ୍ଧି ପାଇଛି । ଯଦ୍ୱାରା ଚାଷୀଙ୍କ ରୋଜଗାର ବଢ଼ିଛି ବୋଲି ମତବ୍ୟକ୍ତ କରିଥିଲେ।

ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ବୀର କିଶୋର ପରିଡ଼ା ସ୍ୱାଗତ ଭାଷଣ ଓ ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ବିଭୂରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମକୁ ଯାଜ୍ଞସେନି ନାୟକ ସଂଯୋଜନା କରିଥିଲେ । ସଭା ପ୍ରାରମ୍ଭରେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଅରୁଣ ସାହୁଙ୍କ ଦ୍ୱାରା କୃଷିଭବନରେ ଉଦ୍‌ଘାଟିତ ଉତ୍ସବକୁ ଲାଇଭଷ୍ଟ୍ରିମ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା । ଏହି ଉପଲକ୍ଷେ ବାଲିକୁଦା ବ୍ଲକର ଥାଇଲୋ ଗ୍ରାମ ପଞ୍ଚାୟତ ଅଧିନସ୍ଥ ଜଙ୍ଗଲ ଗ୍ରାମ ଓ ବିରିଡ଼ି ବ୍ଲକର ପୂରଣ ଗ୍ରାମ ପଞ୍ଚାୟତ ଚାଷୀଖଣ୍ଡରେ ଉଭୟ ପ୍ରାଣୀ ସମ୍ପଦ ବିଭାଗ ଓ ଓମଫେଡର ମିଳିତ ଆନୁକୂଲ୍ୟରେ ମେଗା ପ୍ରାଣୀ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା ।

# ଜମିବାଡ଼ି ବିବାଦକୁ ନେଇ ମାରପିଟ

## ଜଣେ ମୃତ, ୨ ଗୁରୁତର

ଆଳି,୩୦।୪(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ଦେସାହି ଗ୍ରାମରେ ଜମିବାଡ଼ି ବିବାଦ ଉଗ୍ରରୂପ ଧାରଣ କରିଛି। ୨ ପରିବାର ମଧ୍ୟରେ ସମ୍ପତ୍ତି ଭାଗବଣ୍ଟାକୁ ନେଇ ମାରପିଟ୍ ହେବାରୁ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଆହତ ହୋଇଛନ୍ତି। ଆହତଦ୍ୱୟଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି ।

ଆଳି ଥାନାରେ ନମିତା ମଲିକ କରିଥିବା ଅଭିଯୋଗ ଅନୁଯାୟୀ ତାଙ୍କ ପଡୋଶୀ ପ୍ରଭାକର ମଲିକ, ପ୍ରଫୁଲ୍ଲ ମଲିକଙ୍କ ସହିତ ଦୀର୍ଘ ଦିନ ହେବ ଜମିବାଡ଼ି ବିବାଦ ଲାଗି ରହିଥିଲା । ଏହି ବିବାଦକୁ ସମାଧାନ ପାଇଁ ଶନିବାର ସମସ୍ତେ ଗ୍ରାମର ଭଦ୍ରଲୋକଙ୍କ ସହିତ ଅମିନଙ୍କୁ ନେଇ ଆଳି ଥାନାକୁ ଆସିଥିଲେ । ଆଳି ଥାନାରେ କୌଣସି ସମାଧାନର ସୂତ୍ର ନ ବାହାରିବାରୁ ତାଙ୍କ ସ୍ୱାମୀ ସୁଧିର ଥାନାରେ ଆଗାମୀ ଦିନରେ ତାଙ୍କ ଜୀବନ ପ୍ରତି ବିପଦ ଥିବା ଜଣାଇ ଘରକୁ ଫେରିଥିଲେ । ତାଙ୍କ ପରିବାର ସହିତ ପ୍ରଭାକର ଓ ପ୍ରଫୁଲ୍ଲଙ୍କ ପରିବାର ଲୋକ ମଧ୍ୟ ଘରକୁ ଫେରିଥିଲେ । ଦିନ ପ୍ରାୟ ୩ ଟା ସମୟରେ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ମନୋଜ ଦାସ ଓ ସମିତିସଭ୍ୟ କୈଳାସ ବେହୁରିଆଙ୍କ ନିର୍ଦ୍ଦେଶ କ୍ରମେ ପ୍ରଭାକର ମଲିକ,ପ୍ରଫୁଲ୍ଲ ମଲିକ,ଉମା ମଲିକ, ବାଘା ମଲିକ, ପଞ୍ଚାନନ ମଲିକ, କେଶବ ମଲିକ, ପାଣ୍ଡବ ମଲିକ, ଅଶୋକ ମଲିକ, କାଳନ୍ଦୀ ମଲିକ, ମାନସୀ ମଲିକ ପ୍ରମୁଖ ହାତରେ ଭୁଜାଲି,ଫାର୍ସା, ଲୁହରଡ଼, ଶାବଳ ଆଦି ଧରି ତାଙ୍କ ଘରେ ପଶି ସ୍ୱାମୀ ସୁଧିର ମଲିକ, ଶ୍ୱଶୁର ନାରଣ ମଲିକ, ସାନ ଶ୍ୱଶୁର ବିପିନ ମଲିକ ଓ ଦିଅର ସନିଆ ମଲିକଙ୍କୁ ନିର୍ମମ ଭାବେ ଆକ୍ରମଣ କରିଥିଲେ। ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଆଳି ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ବିପିନଙ୍କୁ ମୃତ ଘୋଷଣା କରିଥିଲେ। ସୁଧିର ଓ ନାରଣଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଖବରପାଇ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେହୁରିଆ ଓ ଆଳି ଥାନା ଆଇଆଇସି ଦିଲ୍ଲୀପ ସାହୁ ତଦନ୍ତ ଆରମ୍ଭ କରିଛନ୍ତି।

DSPL - 15

ଓଡ଼ିଶା ସରକାର



ଶ୍ରମିକ ଦିବସ ଉପଲକ୍ଷେ
ବାର୍ତ୍ତା

ଶ୍ରମିକ ଦିବସ ଉପଲକ୍ଷେ ଓଡ଼ିଶାର ଶ୍ରମଜୀବୀ ଭାଇ ଓ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ।

ରାଜ୍ୟରେ ଶିଳ୍ପ ପ୍ରତିଷ୍ଠାନର ସାମଗ୍ରିକ ବିକାଶ କ୍ଷେତ୍ରରେ ଶ୍ରମିକମାନଙ୍କର ଶ୍ରମ, ନିଷ୍ଠା ଓ ଆନ୍ତରିକତା ରାଜ୍ୟକୁ ପ୍ରଗତି ପଥରେ ଆଗେଇନେବ ବୋଲି ମୋର ବିଶ୍ୱାସ ।

ରାଜ୍ୟକୁ ଶିଳ୍ପସମୃଦ୍ଧ ଭାବେ ଗଢ଼ିତୋଳି ବିକାଶ ପଥରେ ଆଗେଇନେବାରେ ଶ୍ରମିକମାନଙ୍କ ମହତ୍ୱପୂର୍ଣ୍ଣ ଅବଦାନ ରହିଛି । ସେମାନଙ୍କର କର୍ମକୌଶଳ, ନିଷ୍ଠା ଓ ଆନ୍ତରିକତା ଆଗାମୀ ଦିନରେ ଓଡ଼ିଶାକୁ ଅଧିକ ବିକାଶୋନ୍ମୁଖୀ କରିବ ବୋଲି ମୋର ଆଶା ଓ ବିଶ୍ୱାସ ।

ମୁଁ ଏହି ଅବସରରେ ଶ୍ରମିକମାନଙ୍କର ସୁଖ, ସମୃଦ୍ଧି ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

(ସୁଶାନ୍ତ ସିଂହ)
ମନ୍ତ୍ରୀ, ଶ୍ରମ, କର୍ମଚାରୀ ରାଜ୍ୟବୀମା ଓ ଗ୍ରାମ୍ୟ ଉନ୍ନୟନ, ଓଡ଼ିଶା

OIPR-17001/13/0001/2223

## ସ୍କୁଲରୁ ଅପହୃତ ଛାତ୍ରୀ ଉଦ୍ଧାର, ଅଭିଯୁକ୍ତ ଗିରଫ

ପାରାଦୀପ ୩୦।୪(ସ୍ୱ.ପ୍ର.): ପାରାଦୀପ ଆଦର୍ଶଥାନା ଅନ୍ତର୍ଗତ ଏକ ଘରୋଇ ସ୍କୁଲରୁ ଅପହୃତ ହୋଇଥିବା ଜଣେ ନାବାଳିକାଙ୍କୁ ଶନିବାର ପଞ୍ଜାବର ଜଲନ୍ଧର ଅଞ୍ଚଳରୁ ଉଦ୍ଧାର କରାଯାଇଛି। ଏଥିସହ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୀ ଜିଲା ଅସ୍ତରଙ୍ଗ ଝାଡିଲଙ୍ଗ ଗ୍ରାମର ରଣଜିତ ବିଶ୍ୱାଳ(କାବୁ)। ଏନେଇ ପୋଲିସ ମାମଲା (ନଂ. ୪୭/୨୨) ରୁଜୁ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ସମ୍ପୃକ୍ତା ନାବାଳିକା ଓ ଅଭିଯୁକ୍ତଙ୍କ ପରିବାର ପାରାଦୀପର ରୁହନ୍ତି। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ୨୦୨୦ରେ ସେମାନେ ଫେରାର ହୋଇଯାଇଥିଲେ। ଅଭିଯୋଗ ପରେ ପୋଲିସ ମାମଲା (ନଂ.୧୩୭/୨୦) ରୁଜୁ କରି ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଏହାପରେ ସମ୍ପୃକ୍ତା ଛାତ୍ରୀ ସ୍କୁଲକୁ ଆସୁଥିଲେ। ଗତ ଫେବୃଆରୀ ୧୦ରେ ସେ ସ୍କୁଲରୁ ଅଭିଯୁକ୍ତଙ୍କ ସହ ପଳାଇଯାଇଥିଲେ। ଏବେ ସମ୍ପୃକ୍ତା ଛାତ୍ରୀ ଗର୍ଭବତୀ ଥିବା ପୋଲିସ କହିଛି।

## ବିଲରେ ଯୁବକଙ୍କ ଗଳିତ ମୃତଦେହ ପଡ଼ିବା ଘଟଣା | ମୃତକଙ୍କ ପରିଚୟ ମିଳିଲା

ବାଲିଆ,୩୦।୪

କଟକ-ପାରାଦୀପ ରାସ୍ତାର ଗଡ଼ମାବଜାରଠାରୁ ମାତ୍ର ୫୦୦ ମିଟର ଦୂର ଏକ ମୁଗ ବିଲ ମଝିରେ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ପଡ଼ିଥିଲା। ଶନିବାର କିଶୋରନଗର ପୋଲିସ ଉକ୍ତ ମୃତଦେହକୁ ଜବତ କରିଛି। ଏଥିସହ ମୃତକଙ୍କ ପରିଚୟ ମିଳିପାରିଛି। ସେ ହେଲେ ବିରିଡି ଥାନା ଅନ୍ତର୍ଗତ ଅରଣା ଗ୍ରାମର ଚନ୍ଦ୍ରମଣି ଭୋଇ। ମୃତକଙ୍କ ଭାଇ ଯୁଧୀଷ୍ଠିର ଏହାକୁ ଚିହ୍ନଟ କରିବା ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲ୍‌କୁ ପଠାଇଥିଲା। ଏହାପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଗାଁ ଶ୍ମଶାନରେ ଚନ୍ଦ୍ରମଣିଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଭାଇକୁ ହତ୍ୟା କରାଯାଇଛି ବୋଲି ଯୁଧିଷ୍ଠିର ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଚନ୍ଦ୍ରମଣି ୨୨ ମୌଜାସ୍ଥିତ ବେଣ୍ଟକାରର ଏକ ଇଟା ଭାଟିରେ କାମ କରୁଥିଲେ। ୨୮ ତାରିଖ ସକାଳେ ସେ ଅରଣା ଗାଁକୁ ଯାଉଥିବା କହି ଭାଟିରୁ ଚାଲି ଆସିଥିଲେ। ହେଲେ ଘରେ ପହଞ୍ଚି ନ ଥିଲେ। ଶୁକ୍ରବାର ମୁଗବିଲରୁ ଚନ୍ଦ୍ରମଣିଙ୍କ ପଚିଶଢ଼ା ମୃତଦେହ ମିଳିଥିଲା। ମୁହଁ ବିକୃତ ହୋଇଯାଇଥିବାରୁ ଚିହ୍ନିବା କଷ୍ଟକର ହୋଇଯାଇଥିଲା। ଏ ସମ୍ପର୍କରେ ପୋଲିସ ଆଇଆଇସି ସସ୍ମିତା ରଣା କହିଛନ୍ତି, ଏନେଇ ଅପମୃତ୍ୟୁ ମାମଲା (ନଂ.୪/୨୨) ରୁଜୁ କରାଯାଇଛି। ଏନେଇ ତଦନ୍ତ ଜାରି ରହିଛି । ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ।

# ବାପା, ୨ପୁଅଙ୍କୁ ୩ ବର୍ଷ ଜେଲ

### ମରଣାନ୍ତକ ଆକ୍ରମଣ ମାମଲା

■ ୨୭ବର୍ଷ ପରେ ରାୟ ପ୍ରକାଶ

ରାଜନଗର,୩୦।୪(ଡି.ଏନ.ଏ.)

ଆଜକୁ ପ୍ରାୟ ୨୭ ବର୍ଷ ତଳେ ଘଟିଥିବା ଏକ ମରଣାନ୍ତକ ଆକ୍ରମଣ ମାମଲାର ରାୟ ପ୍ରକାଶ ପାଇଛି । କୋର୍ଟ ଏହି ମାମଲାରେ ଅବସରପ୍ରାପ୍ତ ଶିକ୍ଷକ, ତାଙ୍କର ୨ ପୁଅଙ୍କୁ ୩ ବର୍ଷ ୧ ମାସ ଜେଲଦଣ୍ଡରେ ଦଣ୍ଡିତ କରିବା ସହ ୫ ହଜାର ଟଙ୍କା ଜୋରିମାନା ଦେବାକୁ ରାୟରେ ଉଲ୍ଲେଖ କରିଛନ୍ତି । ମାମଲାର ବିବରଣୀ ଅନୁଯାୟୀ, ୧୯୯୬ ମେ ୨୬ରେ ରାଜନଗର ଥାନା ଅନ୍ତର୍ଗତ ସାନଓରଗାଁର ଚନ୍ଦ୍ରଭାନୁ ସାମଲ ରାଜନଗର ବଜାରରେ ଥିବା ତାଙ୍କ ଦୋକାନକୁ ଆସୁଥିବା ବେଳେ ବାଟରେ ସେହିଗାଁର ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଧର ଦାସ, ତାଙ୍କ ପୁଅ ଆଇନଜୀବୀ ସୁଧିର ଦାସ, ଶିକ୍ଷକ ସୁଶାନ୍ତ କୁମାର ଦାସ ମିଳିତ ଭାବେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ବାଡିରେ ଶକ୍ତ ପ୍ରହାର ଦେବାରୁ ଚନ୍ଦ୍ରଭାନୁଙ୍କ ହାତ ଫାଟି ଯାଇଥିଲା। ଏ ନେଇ ରାଜନଗର ଥାନାରେ ଏକ ମାମଲା(ନଂ.୨୯/୧୯୯୬) ଧାରା ୩୪୧, ୩୨୫, ୩୪ରେ ରୁଜୁ ହୋଇଥିଲା। ଏହି ମାମଲାର ବିଚାର କରି ରାଜନଗର ଜେଏମ୍ଏଫ୍‌ସି ଜ୍ୟୋର୍ତିମୟୀ ଷଡ଼ଙ୍ଗୀ ଅବସରପ୍ରାପ୍ତ ଶିକ୍ଷକ ଓ ତାଙ୍କର ୨ ପୁଅଙ୍କୁ ୩ ବର୍ଷ ୧ ମାସଜେଲ ଦଣ୍ଡାଦେଶ ଶୁଣାଇଛନ୍ତି । ଦଫା ୩୪୧ରେ ୧ ମାସ ଜେଲ ଦଣ୍ଡାଦେଶ ଓ ଦଫା ୩୨୫ ଓ ୩୪ ଆଇପିସିରେ ୩ ବର୍ଷ ଜେଲ ଦଣ୍ଡାଦେଶ ଓ ୫ ହଜାର ଟଙ୍କାର ଜୋରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ୫ ହଜାର ଟଙ୍କା ଅନାଦେୟ ୨ମାସ ଅଧିକ ଜେଲ ଦଣ୍ଡାଦେଶର ରାୟ ଶୁଣାଇଛନ୍ତି । ଏହି ମାମଲାରେ ସରକାରୀ ଆଇନଜୀବୀ ପ୍ରଭାତ କୁମାର ଜେନା ଓ ନଳିନୀକାନ୍ତି ମଙ୍ଗରାଜ ମାମଲା ପରିଚାଳନା କରୁଥିଲେ । ପ୍ରତିପକ୍ଷଙ୍କ ପକ୍ଷରୁ ପ୍ରଭାତ କୁମାର ବେରା ଓ ତାଙ୍କ ସହଯୋଗୀ ମାମଲା ପରିଚାଳନା କରୁଥିଲେ।

## ଡା. ବିଦ୍ୟାଧର ଶତପଥୀ ସମ୍ବର୍ଦ୍ଧିତ

ଜଗତ୍‌ସିଂହପୁର ଅଫିସ, ୩୦।୪: ଜଗତ୍‌ସିଂହପୁର ଆନିମଲ ହେଲ୍ପଲାଇନ୍‌ରେ କାର୍ଯ୍ୟରତ ବରିଷ୍ଠ ପ୍ରାଣୀ ଚିକିତ୍ସକ ଡା. ବିଦ୍ୟାଧର ଶତପଥୀଙ୍କୁ ଜୀବନବ୍ୟାପୀ ଉତ୍ସର୍ଗୀକୃତ ସେବା ନିମନ୍ତେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସରେ ପୁରୀ ଜିଲାର କାକଟପୁର ବ୍ଲକ ଅନ୍ତର୍ଗତ ଓଥକାଠାରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱର ପ୍ରାଣୀ ଚିକିତ୍ସା ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡା. ସୁସେନ କୁମାର ପଣ୍ଡା ତାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ୪ରେ ସଂହତି ମଞ୍ଚର ଢିଙ୍କିଆ ଗସ୍ତକୁ ବିରୋଧ



ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ସଦସ୍ୟମାନେ।

କୁଜଙ୍ଗ, ୩୦।୪ (ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲାର ଢିଙ୍କିଆରେ ପ୍ରସ୍ତାବିତ ଜେଏସ୍‌ଡବ୍ଲୁ ପ୍ରକଳ୍ପକୁ ନେଇ ଭୁବନେଶ୍ୱର ଲୋହିଆ ଏକାଡେମିଠାରେ ଢିଙ୍କିଆ ସଂହତି ମଞ୍ଚ ପକ୍ଷରୁ ଗତ ୨୮ ତାରିଖରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ପୋଲିସର ବର୍ବରତା, ନିର୍ଯାତନା ସମ୍ପର୍କରେ ଅଭିଯୋଗ କରାଯାଇଥିଲା। ଏନେଇ କେତେଜଣ ଜନ ଆନ୍ଦୋଳନବାଦୀ ନେତା ୪ ତାରିଖର ଢିଙ୍କିଆଗସ୍ତରେ ଆସି ତଦନ୍ତ କରିବେ ବୋଲି କହିଥିଲେ। ଶନିବାର ଗ୍ରାମ ସୁରକ୍ଷା କମିଟି ପକ୍ଷରୁ ଢିଙ୍କିଆରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇ ଏହାକୁ ବିରୋଧ କରାଯାଉଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ ଯେଉଁମାନଙ୍କୁ ନେଇ ସଂହତି ମଞ୍ଚ ଗଠନ କରାଯାଇଛି ସେମାନେ ଢିଙ୍କିଆ ଚାରିଦେଶ ଅବା ଏହାର ଆଖପାଖ ଅଞ୍ଚଳର ବ୍ୟକ୍ତି ନୁହନ୍ତି । ସେମାନେ ଅତୀତରେ ପୋସ୍କୋ ଓ ଏବେ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପକୁ ବିରୋଧ କରୁଛନ୍ତି। ଆମ ଅଞ୍ଚଳର ପ୍ରମୁଖ ଅର୍ଥନୀତି କୁହାଯାଉଥିବା ପାନ ଚାଷର ଆଉ ବଜାର ନାହିଁ। ଯାହାକି ଶିଳ୍ପ ହେଲେ ଆମ୍ଭେ ବିଭିନ୍ନ ଉପାୟରେ କର୍ମ ନିଯୁକ୍ତି ପାଇପାରିବୁ । ମାତ୍ର ସମ୍ପୃକ୍ତ ନେତାମାନେ ଆମ ଅର୍ଥନୀତି ବଞ୍ଚାଇବା ନାମରେ ନିଜର ଆର୍ଥିକ ପ୍ରଗତି କରାଇବା ପାଇଁ ଶିଳ୍ପକୁ ବିରୋଧ କରୁଛନ୍ତି । ସେମାନେ ୧୫ ବର୍ଷ ଭିତରେ ଆମର ବହୁତ କ୍ଷତି କରିସାରିଲେଣି । ବର୍ତ୍ତମାନ ଆମେ ଗ୍ରାମବାସୀ ଏକାଠି ଅଛୁ । ପୋଲିସର ଆଦୌ ନିର୍ଯାତନା ନାହିଁ। ଜନ ଆନ୍ଦୋଳନବାଦୀ ନେତାମାନେ ଯାହା ଅଭିଯୋଗ ଆଣୁଛନ୍ତି ତାହା ଭିତ୍ତିହୀନ । ତେଣୁ ସେମାନେ ଯଦି ଆସନ୍ତା ୪ ତାରିଖରେ ଢିଙ୍କିଆ ଗ୍ରାମକୁ ପ୍ରବେଶ କରିବାକୁ ଉଦ୍ୟମ କରନ୍ତି ତାହାକୁ ବିରୋଧ କରାଯିବ। ଏନେଇ ଯଦି କିଛି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ ସେଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। ଅପରପକ୍ଷେ ଆନ୍ଦୋଳନକୁ ଉସୁକାଇବାପାଇଁ ଏକ ଏନ୍‌ଜିଓ ପକ୍ଷରୁ ଗ୍ରାମର ପ୍ରାୟ ୨୦୦ ଲୋକଙ୍କ ବ୍ୟାଙ୍କ ଆକଉଣ୍ଟକୁ ୧୨୫୦ଟଙ୍କା ଲେଖାଏଁ ଦୁଇଥର ମୋଟ ୨ହଜାର ୫ଶହ ଟଙ୍କା ଲେଖାଏ ଆସିଛି। ଏ ସମ୍ପର୍କରେ ଥାନାରେ କମିଟି ପକ୍ଷରୁ ଅଭିଯୋଗ କରାଯାଇଛି ବୋଲି ଖବରଦାତା ସମ୍ମିଳନୀରେ କୁହାଯାଇଛି। ଏ ପ୍ରସଙ୍ଗରେ ଅଭୟଚାନ୍ଦପୁର ଥାନା ଅଧିକାରୀ ଜୀବନାନନ୍ଦ ଜେନା କହିଛନ୍ତି, ଅଭିଯୋଗ ମିଳିଛି। ଏନେଇ ତଦନ୍ତ ଜାରି ରହିଛି। ଖବରଦାତା ସମ୍ମିଳନୀରେ ଗ୍ରାମ୍ୟ ସୁରକ୍ଷା କମିଟି ମୁଖ୍ୟ ଉପଦେଷ୍ଟା ନିର୍ଭୟ ସାମନ୍ତରାୟ, କମିଟି ସଭାପତି ନୃସିଂହ ରାଉତ, ପୂର୍ବତନ ସରପଞ୍ଚ ଶିଶିର ମହାପାତ୍ର, ନିତ୍ୟାନନ୍ଦ ସ୍ୱାଇଁ, ପ୍ରଶାନ୍ତ କୁମାର ଲେଙ୍କା, ସଂଗ୍ରାମ ସ୍ୱାଇଁ, ବିବେକାନନ୍ଦ ସ୍ୱାଇଁ ଓ ଅରକ୍ଷିତ ସାମଲ ପ୍ରମୁଖ ଯୋଗଦେଇଥିଲେ।



# ଗୋଟିଏ ବସ୍ତିର ନାମ ୩ ପ୍ରକାର

ପାରାଦୀପ,୩୦।୪(ସ୍ୱ.ପ୍ର.)



ସରକାରୀ ଫଳକରେ ୩ ନାମ ରହିଛି।


ଭିତରିଗଡ଼ସ୍ଥିତ ଘନଗଳିଆ ପ୍ରାଥମିକ ବିଦ୍ୟାଳୟ।

ପାରାଦୀପ ପୌରାଞ୍ଚଳର ୧୯ ୱାର୍ଡରେ ଥିବା ୫୫ ବସ୍ତିର ନାମ ଅଲଗା ରହିଛି। ସେଥିରୁ ଏମିତି କିଛି ବସ୍ତି ରହିଛି ଯାହାର ନାମ ଏକାଧିକ ରହିଛି। ସେଥିମଧ୍ୟରେ ୪ ନଂ. ୱାର୍ଡର ଭିତରଗଡ ଅନ୍ୟତମ। ଏହାର ୩ଟି ନାମରେ ରହିଛି। ତା'ହେଲା ଭିତରଗଡ, ଉଦୟବଟ ଓ ଘନଗଳିଆ। ଏଭଳି ଏକାଧିକ ନାମ ପଛରେ ରୋଚକ କାହାଣୀ ରହିଛି।

୧୯୯୮ ପର୍ଯ୍ୟନ୍ତ ଅଠରବାଙ୍କୀରେ ଦୁଇଟି ବସ୍ତି ଥିଲା। ଗୋଟିଏ ଘନଗଳିଆ ଓ ଅନ୍ୟଟି ଇନ୍ଦିରା ପାର୍କ। ଏହାପରେ ପାରାଦୀପ ବନ୍ଦର ସମ୍ପ୍ରସାରଣ ପାଇଁ ଘନଗଳିଆ ବିସ୍ଥାପିତ ହୋଇଥିଲା। ସେହି ବସ୍ତିର ଲୋକଙ୍କୁ ଭିତରଗଡ ରାଜସ୍ୱ ମୌଜାର ଉଦୟବଟ ଧାମ ପାଖରେ ଥଇଥାନ କରାଯାଇଥିଲା। ସେତେବେଳେ ଘନଗଳିଆଠାରେ ଥିବା ଯେତେ ସରକାରୀ ଅନୁଷ୍ଠାନ ମଧ୍ୟ ସ୍ଥାନାନ୍ତର ହୋଇଥିଲା। ଏପରିକି ଭିତରଗଡଠାରେ ଥିବା ସ୍କୁଲର ନାମ ଘନଗଳିଆ ପ୍ରାଥମିକ ବିଦ୍ୟାଳୟ ରଖାଯାଇଛି। ସେଥିପାଇଁ ଏପର୍ଯ୍ୟନ୍ତ ଲୋକେ ଏହାକୁ ଘନଗଳିଆ ବୋଲି କହୁଛନ୍ତି। ରାଜସ୍ୱ ଗ୍ରାମ ଭିତରଗଡ ହୋଇଥିବାରୁ ସେହି ନାମରେ ମଧ୍ୟ ରହିଛି। ପ୍ରସିଦ୍ଧ ଉଦୟବଟ ଧାମ ସଲଗ୍ନ ହୋଇଥିବାରୁ ଏହାକୁ ଉଦୟବଟ ବୋଲି ମଧ୍ୟ କୁହାଯାଏ। ସବୁଠାରୁ କୌତୁହଳ ହେଲା ସରକାରୀ ଭାବେ ମଧ୍ୟ ଏହି ୩ଟି ନାମ ପ୍ରଚଳିତ ରହିଛି। ପୌରପାଳିକା ପକ୍ଷରୁ ଲଗାଯାଇଥିବା ଏକାଧିକ ଫଳକ ଓ ସରକାରୀ କାର୍ଯ୍ୟାଳୟରେ ୩ଟି ନାମ

**ପାରାଦୀପ ୪ନଂ. ୱାର୍ଡ**

ଲେଖାଯାଇଛି। ଉକ୍ତ ବସ୍ତିରେ ଏବେ ପ୍ରାୟ ୨୭୦୦ ଘର ଥିବାବେଳେ ୫ ହଜାରରୁ ଊର୍ଦ୍ଧ୍ୱ ଲୋକ ରହୁଛନ୍ତି। ଏହି ବସ୍ତିର ଚତୁଃପାର୍ଶ୍ୱ ଅଞ୍ଚଳ ଘର, ରାସ୍ତା ଓ କମ୍ପାନୀ ଆଦି ପାରାଦୀପ ଲକ୍ଥାନା ଅଧୀନରେ ଥିବାବେଳେ କେବଳ ବସ୍ତି କିଛି ଅଞ୍ଚଳ ପାରାଦୀପ ଆଦର୍ଶଥାନା ଅଧୀନରେ ରହିଛି। ଅଧିକାଂଶ ସମୟରେ କୌଣସି ଆପରାଧିକ ଘଟଣାବେଳେ ପୋଲିସ ଓ ସାଧାରଣ ଲୋକେ ଏପଟସେପଟ ହେଉଛନ୍ତି।

ଏ ସମ୍ପର୍କରେ ସ୍ଥାନୀୟ କାଉନସିଲର କେଦାର ଜେନା କୁହନ୍ତି, ବିସ୍ଥାପନ ଓ ଥଇଥାନ ଯୋଗୁ ଏପରି ହୋଇଯାଇଛି। ପରିବର୍ତ୍ତନ ପାଇଁ ଏଥର ପ୍ରସ୍ତାବ ରଖିବି। ସେହିପରି ପାରାଦୀପର ନେହେରୁବଙ୍ଗଳା ଅଞ୍ଚଳର ମଧ୍ୟ ଅନ୍ୟ ଏକ ନାମ ରହିଛି। ଏହାକୁ ସେକ୍ଟର ୨୧ ବୋଲି କୁହାଯାଏ। ବିଜୟଚନ୍ଦ୍ରପୁରର ଅନ୍ୟନାମ ହେଉଛି ତାରିଣୀଗଡା। ବାଉରିଆପାଳନ୍ଦା ଓ ବଙ୍ଗାଳି ପଡା ଗୋଟିଏ ବସ୍ତିକୁ କୁହାଯାଏ। ମଧୁବନ ଜଗନ୍ନାଥ ମନ୍ଦିର ପାଖ ବସ୍ତିକୁ ବଙ୍ଗାଳିପଡା ଓ ଜଗନ୍ନାଥ କଲୋନୀ ବୋଲି କୁହାଯାଏ। ସେମିତି କିଛି ରାସ୍ତାର ନାମ ମଧ୍ୟ ଏକାଧିକ ରହିଛି। ଯାହା ଆଗନ୍ତୁକ ଓ ନୂଆ ଲୋକଙ୍କୁ ବେଳେବେଳେ ଦ୍ୱନ୍ଦ୍ୱରେ ପକାଇଥାଏ।

# ନିର୍ବାଚନ ସମ୍ପର୍କିତ କାଗଜପତ୍ରରେ ଜାଲିଆତି ଅଭିଯୋଗ

କୁଜଙ୍ଗ,୩୦।୪(ଡି.ଏନ୍.ଏ)

ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମୟରେ ଭୁଲ ସତ୍ୟପାଠ ଦାଖଲ କରିଥିବା ଜଣେ ସରପଞ୍ଚ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ରକୁ ବେଆଇନଭାବେ ବୈଧ କରାଯାଇଥିବା ଅଭିଯୋଗ ହୋଇଛି। ଏଥିରେ ସମ୍ପୃକ୍ତି ଅଭିଯୋଗ କରି ବ୍ଲକ ନିର୍ବାଚନ ଅଧିକାରୀ ତଥା କୁଜଙ୍ଗ ବିଡିଓ ସୌମଶ୍ରୀ ପାଣିଗ୍ରାହୀଙ୍କ ବିରୋଧରେ ମକଦ୍ଦମା କରାଯାଇଛି। ପାରାଦୀପଗଡ ସରପଞ୍ଚଭାବେ ବିଜୟଲାଭ କରିଥିବା ସସ୍ମିତା ବେହେରା ସତ୍ୟପାଠରେ ବ୍ୟବହୃତ ଏକ ନନ୍‌ଜୁଡିସିଆଲ ପେପରରେ ଦସ୍ତଖତ କରି ନ ଥିଲେ। ଏନେଇ ସୂଚନା ଅଧିକାର ଆଇନବଳରେ ତଥ୍ୟ ମଗାଯାଇଥିଲା। ଚିଠି (ନଂ. ୧୦୦୯/୧୭-୩-୨୨)ରେ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ପ୍ରଦତ୍ତ ତଥ୍ୟରେ ଏହା ଜଣାପଡ଼ିଥିଲା। ପରବର୍ତ୍ତୀ ସମୟରେ ପୁନର୍ବାର ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମଗାଯାଇଥିଲା। ଏଥିରେ ବ୍ଲକ କର୍ତ୍ତୃପକ୍ଷଙ୍କ ପତ୍ର (ନଂ.୧୨୨୯ /୧୧-୪- ୨୨) ଅନୁଯାୟୀ, ସମ୍ପୃକ୍ତ ନନ୍‌ଜୁଡିସିଆଲ ପେପର ଦସ୍ତଖତ ଥିବା ଜଣାପଡିଛି। ଏଥିରେ ଦସ୍ତଖତ କିପରି କରାଗଲା ବୋଲି ସସ୍ମିତାଙ୍କ ପ୍ରତିଦ୍ୱନ୍ଦ୍ୱୀ

**ବିଡିଓଙ୍କ ବିରୋଧରେ ଅଦାଲତରେ ମକଦ୍ଦମା**

ଲକ୍ଷ୍ମୀପ୍ରିୟା ବେହେରା ପ୍ରଶ୍ନ କରିବା ସହ ଏଥିରେ ଜାଲିଆତି ହୋଇଥିବା ଅଭିଯୋଗ କରି ବିଡିଓଙ୍କ ସମେତ ଜିଲାପାଳ ଓ ରାଜ୍ୟ ନିର୍ବାଚନ କମିଶନରଙ୍କୁ ଜଣାଇଥିଲେ । ଏନେଇ ଲକ୍ଷ୍ମୀପ୍ରିୟା ଗତ ୧୯ ତାରିଖରେ କୁଜଙ୍ଗ ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଶନିବାର ଲକ୍ଷ୍ମୀପ୍ରିୟା କୁଜଙ୍ଗ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ (ନଂ.୧ ସିସି ୬୮/୨୨)ରେ ମୋକଦ୍ଦମା ରୁଜୁ କରିଛନ୍ତି। ଜାଲିଆତି କାଗଜ ପ୍ରସ୍ତୁତି ସମ୍ପର୍କରେ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ କହିଛନ୍ତି, କୌଣସି ଜାଲିଆତିରେ ସେ ସମ୍ପୃକ୍ତ ନାହାନ୍ତି। ସତ୍ୟପାଠରେ ଦସ୍ତଖତ ନ ଥିବା ସମ୍ପର୍କରେ ତାଙ୍କର କୌଣସି ଧାରଣା ନାହିଁ। ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ପତ୍ର (ନଂ.୬୫୫୮/ଏସ୍‌ଇସି) ମାଧ୍ୟମରେ ଡେପୁଟି ସେକ୍ରେଟାରୀ ଏ.ଏଚ.ପାଣିଗ୍ରାହୀ ଅଭିଯୋଗର ତଦନ୍ତ ପାଇଁ ଜଗତ୍‌ସିଂହପୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ମଙ୍ଗଳବାର ଜନଶୁଣାଣି

**କେନ୍ଦ୍ରାପଡ଼ା ଅଫିସ, ୩୦।୪:** ଜିଲାସ୍ତରୀୟ ଜନଶୁଣାଣୀ ଆସନ୍ତା ସୋମବାର ପରିବର୍ତ୍ତେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ହେବ। ସୋମବାର ଶ୍ରମିକ ଦିବସ ଛୁଟି ଥିବାରୁ ମଙ୍ଗଳବାର ପୂର୍ବାହ୍ନ ୭.୩୦ ମିନିଟରୁ ୧୧ଟା ପର୍ଯ୍ୟନ୍ତ ଜନଶୁଣାଣୀ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହିତ ମେ' ୯ରେ ଗରଦପୁର ବ୍ଲକ ନଡିଆବରେଇ ପଞ୍ଚାୟତ କାର୍ଯ୍ୟାଳୟ ଓ ୨୩ରେ ରାଜକନିକା ବ୍ଲକ୍ ପଧାନପଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ଏଥିସହିତ ସେଦିନ ପ୍ରଶାସନିକ କାର୍ଯ୍ୟକ୍ରମ ଜିଲାର ପ୍ରତ୍ୟେକ ବ୍ଲକ ଅଞ୍ଚଳରେ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

### ଅବସରକାଳୀନ ସମ୍ବର୍ଦ୍ଧନା

**ଆଳି,୩୦।୪(ଡି.ଏନ୍.ଏ.):** ଶନିବାର ଆଳି ବ୍ଲକ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କାଳୀକିଙ୍କର ତରାଇ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଆଳି ବ୍ଲକ ସଭାଗୃହରେ ଏକ ସଭାର ଆୟୋଜନ କରାଯାଇଥିଲା। ଆଳି ବିଡ଼ିଓ ଦିବେନ୍ଦୁ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇ ତରାଇଙ୍କ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରିଥିଲେ। ବିଡ଼ିଓ ଦାସ ତାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଅଣ ସଙ୍ଗଠିତ ଶ୍ରମିକଙ୍କୁ ସ୍ଥାୟୀ ପେନ୍‌ସନ ମିଳୁ

ମହାକାଳପଡ଼ା.୩୦।୪(ଡି.ଏନ.ଏ.)


ନିର୍ମାଣ କାର୍ଯ୍ୟରେ ନିୟୋଜିତ ୨ ଶ୍ରମିକ।

**ଆଜି ବିଶ୍ୱ ଶ୍ରମିକ ଦିବସ**

- ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନାରେ ସାମିଲ ଦାବି

ରବିବାର ବିଶ୍ୱ ଶ୍ରମିକ ଦିବସ। ହେଲେ ଶ୍ରମିକମାନେ ଆଜି ବି ନାନା ସମସ୍ୟା ମଧ୍ୟ ଦେଇ ଗତି କରୁଛନ୍ତି। ସେମାନଙ୍କ ମୌଳିକ ସମସ୍ୟାର ବି ସମାଧାନ ହୋଇପାରିନାହିଁ। ଗ୍ରାମାଞ୍ଚଳରେ ବାସ କରୁଥିବା ବହୁ ଅଣ ସଙ୍ଗଠିତ ଶ୍ରମିକ ଦୁଃଖ ଓ ଆର୍ଥିକ ଅନଟନ ମଧ୍ୟରେ ଦିନ କାଟୁଛନ୍ତି। ଅଦ୍ୟାବଧି ବହୁ ଅଣପାଠୁଆ ଶ୍ରମିକଙ୍କ ନାମ ପଞ୍ଜୀକୃତ ହୋଇନାହିଁ। ସେହି ଶ୍ରମିକମାନଙ୍କ ମଧ୍ୟରୁ ଅଧିକାଂଶ ଦଲାଲଙ୍କ ସହାୟତାରେ ବିଭିନ୍ନ ଠିକା ସଂସ୍ଥାରେ ନିଯୁକ୍ତି ପାଇଁ ଶୋଷଣର ଶିକାର ହେଉଛନ୍ତି। ଏହି ସୁଯୋଗରେ ନୀରିହ ଶ୍ରମିକମାନଙ୍କୁ ସ୍ୱଳ୍ପ ମଜୁରୀ ଦେଇ ଦଲାଲମାନେ ସେହି ଅର୍ଥ ଲୁଟୁଛନ୍ତି । ମହିଳା ଓ ପୁରୁଷ ଶ୍ରମିକମାନେ ସରକାରୀ ସହାୟତା ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ ଶତାଧିକ ଶ୍ରମିକ ବିଭିନ୍ନ ଠିକାସଂସ୍ଥା, ଶିଳ୍ପ କାରଖାନା ଓ ଅନ୍ୟାନ୍ୟ ଘରୋଇ ସଂସ୍ଥାରେ କାମ କରୁଛନ୍ତି। ଅବସର ପରେ ସେହି ଶ୍ରମିକମାନେ ପରିବାର ପାଇଁ ବୋଝ ହୋଇପଡିଛନ୍ତି। କାରଣ ସେମାନଙ୍କ ପାଇଁ କୌଣସି ପେନ୍‌ସନର ବ୍ୟବସ୍ଥା ନାହିଁ। ସ୍ଥାନୀୟ ଦଲାଲମାନେ ସେହି ଶ୍ରମିକମାନଙ୍କୁ ସ୍ୱଳ୍ପ ମଜୁରୀ ଦେଇ ପାରାଦୀପ ଶିଳ୍ପାଞ୍ଚଳ ଓ ବିଭିନ୍ନ ନିର୍ମାଣକାରୀ ସଂସ୍ଥାରେ କାମ କରାଉଥିବା ଭବେନ ଗିରି, ତାପସ ଗିରି, ପରିତୋଷ ମଣ୍ଡଳ, ସର୍ବେଶ୍ୱର ମଣ୍ଡଳ, ଶୁକଚାନ୍ଦ ମିର୍ଦ୍ଧା, ଭବତୋଷ ଗାୟନ, ଆରତୀ ମଣ୍ଡଳ, ଉମାରାଣି ବିଶ୍ୱାସ, ରଙ୍ଗଲତା ମିସ୍ତ୍ରୀ, ପ୍ରତିମା ଦେ, ବଳରାମ ମଣ୍ଡଳଙ୍କ ସମେତ ବହୁ ଅଣସଙ୍ଗଠିତ ଶ୍ରମିକ ଅଭିଯୋଗ କରିଛନ୍ତି ।

ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଡିଭିଜନାଲ ଲେବର୍ କମିଶନ ମହେଶ୍ୱର ନାୟକଙ୍କ କହିଛନ୍ତି, ସରକାରଙ୍କ ନିୟମ ଅନୁସାରେ ଏଥିପାଇଁ ୧୦ବର୍ଷ ଶ୍ରମ ପଞ୍ଜିକରଣ ଆବଶ୍ୟକତା ରହିଛି। ଶ୍ରମଜୀବୀମାନଙ୍କ ପେନସନ ପାଇଁ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ଯେଉଁ ଶ୍ରମିକମାନେ ନାମ ପଞ୍ଜୀକରଣ କରି ନାହାନ୍ତି ସେମାନେ ସିଧାସଳଖ ଜିଲା ଶ୍ରମ କାର୍ଯ୍ୟାଳୟରେ ଏହି ସୁବିଧା ନେଇପାରିବେ। ଗରିବ ଶ୍ରମିକମାନଙ୍କୁ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ମୂଳକ ଯୋଜନା ସାମିଲ ସହିତ ସ୍ଥାୟୀ ପେନସନ ମାସିକ ସର୍ବନିମ୍ନ ୧୦ ହଜାର ଟଙ୍କା କରିବା ପାଇଁ ସୁବାସ ଚନ୍ଦ୍ର ସ୍ୱାଇଁ, ଉପେନ୍ଦ୍ର ଜେନା, ପ୍ରାକ୍ତନ ସରପଞ୍ଚ ନାଥ କୁମାର ଭୋଳ ପ୍ରମୁଖ ଦାବି କରିଛନ୍ତି।

# ଇଟାଭାଟି ନିଆଁ, ଧୂଆଁରେ ଜୀବନ ଅସ୍ତବ୍ୟସ୍ତ

ଡେରାବିଶ, ୩୦।୪(ସ୍ୱ.ପ୍ର.)

ଗତ ଏକ ସପ୍ତାହ ହେବ ଡେରାବିଶ ବ୍ଲକ ଅଞ୍ଚଳରେ ୪୦ ଡିଗ୍ରୀରୁ ଉର୍ଦ୍ଧ୍ୱ ତାପମାତ୍ରା ଅନୁଭୂତ ହେଉଛି। ଜନଜୀବନ ଉପରେ ଏହାର ପ୍ରଭାବ ପଡ଼ିଛି । ମାତ୍ର ସରକାରଙ୍କ ସମସ୍ତ ନିୟମକୁ ଫୁ କରିଛନ୍ତି ଡେରାବିଶ ତହସିଲ ପ୍ରଶାସନ ଓ ଇଟାଭାଟି ମାଫିଆ। ବ୍ଲକ ଅଞ୍ଚଳରେ ଶତାଧିକ ବେଆଇନ ନାଳି ଇଟାଭାଟି ଚାଲିଛି । ସେହି ଇଟାଭାଟିର ନିଆଁ ଓ ଧୂଆଁ ପ୍ରଭାବରେ ଲୋକେ ଅସ୍ତବ୍ୟସ୍ତ ହେଉଛନ୍ତି। ଇଟାଭାଟି ବନ୍ଦ କରିବା ପାଇଁ ତହସିଲଦାର ଓ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଦାବି ହୋଇଆସୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଅପରପକ୍ଷେ ଗ୍ରୀଷ୍ମ ପ୍ରବାହରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ପ୍ରଶାସନ ପକ୍ଷରୁ ସାଧାରଣ ଲୋକଙ୍କୁ ସଚେତନ କରାଯାଉଛି । ୫୩ ନଂ. ଜାତୀୟ ରାଜପଥରୁ ଆରମ୍ଭ କରି କଟକ-ଚାନ୍ଦବାଲି ରାସ୍ତା ଓ ବ୍ଲକ ଅଞ୍ଚଳର ମୁଖ୍ୟରାସ୍ତା ପାର୍ଶ୍ୱରେ ଇଟା ଭାଟିବେଧଡ଼କ ଭାବେ ଚାଲୁଥିବା ବେଳେ ପ୍ରଶାସନ

**ବେଆଇନ ଭାଟି ବନ୍ଦ ପାଇଁ ନିବେଦନ**

କାହିଁକି ନୀରବ ରହିଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଏ ସଂକ୍ରାନ୍ତରେ ସାମାଜିକ କର୍ମୀ ବିଧୁଭୂଷଣ ମହାପାତ୍ର ଶୁକ୍ରବାର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ କର୍ତ୍ତୃପକ୍ଷଙ୍କୁ ସାକ୍ଷାତ କରି ତୁରନ୍ତ ବେଆଇନ ଇଟାଭାଟିକୁ ବନ୍ଦ କରିବା ପାଇଁ ଦାବି ଜଣାଇଛନ୍ତି । ସେ ତାଙ୍କ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, କେନ୍ଦ୍ରାପଡ଼ା ଏକ କୃଷି ପ୍ରଧାନ ଜିଲା ଭାବେ ପରିଚିତ। ବହୁ ନଦୀନାଳ ଏହି ଜିଲାରେ ପ୍ରବାହିତ । ବିଶେଷ କରି ଡେରାବିଶ ବ୍ଲକ ଅଞ୍ଚଳରେ ବିରୂପା, ଗୋବରୀ, ଲୁଣା, ଚିତ୍ରୋତ୍ପଳା ନଦୀର ଅବବାହିକା ଅଞ୍ଚଳରେ ଥିବା ମାଟି ଦୋରସା ଓ ବାଲିଆ ହୋଇଥିବାରୁ ସେଠାରେ ବିଭିନ୍ନ କୃଷିଜାତ ଫସଲ ଓ ପନିପରିବା କରି ଚାଷୀମାନେ ସେମାନଙ୍କ ପରିବାର ପ୍ରତିପୋଷଣ କରିଥାନ୍ତି । ମାତ୍ର କିଛିବର୍ଷ ହେବ ଇଟା ବ୍ୟବସାୟୀ ନଦୀ ପଠାରେ ଇଟା ଭାଟି କରିବା ସହ ଜିଲା ଓ ଜିଲା ବାହାରକୁ ନାଲି ଇଟା ବିକ୍ରୟ କରୁଛନ୍ତି। ଏହାଦ୍ୱାରା ଶତାଧିକ ଏକର ଚାଷଜମି ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଏ ଦିଗରେ ତହସିଲଦାରଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ପକ୍ଷରୁ ସାଟେଲାଇଟ୍ ମାଧ୍ୟମରେ ଶତାଧିକ ଜଳନ୍ତା ଇଟାଭାଟିର ଫଟୋ ଉତ୍ତୋଳନ କରି କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ହେଲେ ଚାଷୀମାନେ ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ବିଧୁଭୂଷଣ ଚେତାବନୀ ଦେଇଛନ୍ତି ।

ଏ ସମ୍ପର୍କରେ ଡେରାବିଶ ତହସିଲଦାର ନମିତା ବାରିକଙ୍କୁ ପଚାରିବାରୁ ସେ କହିଲେ ଜିଲାପାଳ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କୁ ଇଟାଭାଟି ଚଳାଇଥିବା ବ୍ୟକ୍ତିଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଦିନେ ଦୁଇଦିନ ମଧ୍ୟରେ ନିରୀକ୍ଷକମାନେ କାର୍ଯ୍ୟାନୁଷ୍ଠାନ ନ ନେଲେ ତାଙ୍କ ତରଫରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।


ଡେରାବିଶ ବ୍ଲକ ଅଞ୍ଚଳରେ ଚାଲିଥିବା ବେଆଇନ ଇଟାଭାଟି।

# ତହସିଲ ପକ୍ଷରୁ ୫୫ ସ୍କୁଲକୁ ଜମି ପଟ୍ଟା ପ୍ରଦାନ

ଚଣ୍ଡିଖୋଲ,୩୦।୪(ଡି.ଏନ.ଏ.)

ବିଦ୍ୟାଳୟ ଗୁଡ଼ିକର ଜମି ପଟ୍ଟା ନେଇ ଯେଉଁ ଅସୁବିଧା ଥିଲା ତାହାକୁ ଦୂର କରିବା ପାଇଁ ସରକାର ନିର୍ଦ୍ଦେଶ ଦେଲାପରେ ଦର୍ପଣ ତହସିଲ ତରଫରୁ ଶନିବାର ବଡ଼ଚଣା ସରକାରୀ ବିଦ୍ୟାଳୟରେ ପଟ୍ଟା ବଣ୍ଟନର ଶୁଭାରମ୍ଭ କରାଯାଇଛି। ସରକାରୀ ଓ ସରକାରୀ ସାହାଯ୍ୟପ୍ରାପ୍ତ ଶିକ୍ଷାନୁଷ୍ଠାନ ଦ୍ୱାରା ଅଧିକୃତ କରାଯାଇଥିବା ଜମିକୁ ସରକାରଙ୍କ ନିୟମିତ ଯୋଜନା ଅନୁଯାୟୀ ୫୫ଟି ପଟ୍ଟା ବଣ୍ଟନ ହୋଇଛି। ତହସିଲଦାର ପ୍ରଦୀପ କୁମାର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପଟ୍ଟା ବଣ୍ଟନର ଶୁଭାରମ୍ଭ କରିଥିଲେ। ଅତିରିକ୍ତ ତହସିଲଦାର ଅଭିଲିପ୍ସା ଦାସ, ବ୍ଲକ ଶିକ୍ଷାଧିକାରୀ ହରିହର ଦଳାଇ, ରାଜସ୍ୱ ସୁପରଭାଇଜର ହରିହର ପ୍ରଧାନ, ଅତିରିକ୍ତ ଶିକ୍ଷାଧିକାରୀ ନୀଳାମ୍ବର ମିଶ୍ର ପ୍ରମୁଖ ଯୋଗଦେଇ ପ୍ରତ୍ୟେକ ଜୋନ୍‌ର ସିଆରସିସିମାନଙ୍କ ଜରିଆରେ ପଟ୍ଟା ବଣ୍ଟନ କରିଥିଲେ।

# ପରମାନନ୍ଦ ଦାଶ ବାବାଜୀଙ୍କ ସ୍ମରଣ ଉତ୍ସବ


ମଠ ପରିସରରେ ସଂକୀର୍ତ୍ତନ ଚାଲିଛି।

ମାର୍ଶାଘାଇ,୩୦।୪(ଡି.ଏନ.ଏ.)

ଦଶମଉଜି ଆଶ୍ରମ ବାଲିକୁଦା ଲକ୍ଷ୍ମୀ ନାରାୟଣ ଆଶ୍ରମ ପରିସରରେ କର୍ମଯୋଗୀ ମହନ୍ତ ପରମାନନ୍ଦ ଦାଶ ବାବାଜୀଙ୍କ ପ୍ରଥମ ବାର୍ଷିକ ସ୍ମରଣ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରାତଃରୁ ନଗର ସଂକୀର୍ତ୍ତନ, ମହନ୍ତଙ୍କ ସମାଧି ପୀଠରେ ଅଭିଷେକ, ଶ୍ରୀ ଗୌରାଙ୍ଗ ମହାପ୍ରଭୁଙ୍କ ଭୋଗମାଳା, ସୂଚକ କୀର୍ତ୍ତନ ଓ ବୈଷ୍ଣବ ସେବା ଅନୁଷ୍ଠିତ ହୋଇଥିଲା। ରାଜ୍ୟର ବିଭିନ୍ନ ସ୍ଥାନରେ ନାମାଚାର୍ଯ୍ୟ ବାୟାବାବାଙ୍କ ଦ୍ୱାରା ପ୍ରତିଷ୍ଠିତ ମଠରୁ ବହୁ ସାଧୁସନ୍ଥ ଯୋଗ ଦେଇ ବାବାଜୀ ମହାରାଜଙ୍କ ସ୍ମୃତି ଚାରଣ କରିଥିଲେ। ବିପିନ ବିହାରୀ ଦାଶ, ଭକ୍ତି ଚୈତନ୍ୟ ଦାଶ, ଅସୀମାନନ୍ଦ ସରସ୍ୱତୀ, ଶ୍ୟାମାନନ୍ଦ ଦାଶ ଓ ହୃଷିକେଶ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଆଶ୍ରମର ମହନ୍ତ ଲକ୍ଷ୍ମୀଧର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଞ୍ଜନ କୁମାର ଷଡ଼ଙ୍ଗୀ,ପୂର୍ବତନ ଏମ୍‌ପି ଅର୍ଚ୍ଚନା ନାୟକ, ପ୍ରଶାନ୍ତ ନାୟକ, ରାଜେନ୍ଦ୍ର ରାଉତରାୟ, ନାରାୟଣ ବେହେରା, ପ୍ରଦୀପ୍ତ ପାଇକରାୟ ଓ ବିକ୍ରମ ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ପ୍ରମାଣପତ୍ର ପାଇଁ ଭୂମିହୀନ ହନ୍ତସନ୍ତ

କେନ୍ଦ୍ରାପଡ଼ା ଅଫିସ, ୩୦।୪

- ସଂରକ୍ଷଣ, ଷ୍ଟାଇପେଣ୍ଡରୁ ବଞ୍ଚିତ ଛାତ୍ରୀଛାତ୍ର
- ଏସ୍‌ଇସିସି ତଥ୍ୟ ନ ଥିବାରୁ ଆବାସ ଯୋଜନା ନାହିଁ
- ଶିକ୍ଷାର୍ଥୀଙ୍କୁ ସ୍କୁଲରେ ମିଳୁଛି ଜାତି ପ୍ରମାଣପତ୍ର

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଟିକରପଙ୍ଗା ପଞ୍ଚାୟତ ନାରାୟଣପୁର ଗ୍ରାମରେ ପ୍ରାୟ ୩୦୦ ପରିବାର ଅଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ୭୦ ପ୍ରତିଶତ ଅନୁସୂଚିତ ଜାତି ବର୍ଗ। ତେବେ ଏସ୍‌ଇସିସି (ସୋସିଓ ଇକୋନୋମିକ ଆଣ୍ଡ କାଷ୍ଟ ସେନସସ)ର ତଥ୍ୟ ଜିଲା ପ୍ରଶାସନ ନିକଟରେ ନ ଥିବାରୁ ଗ୍ରାମବାସୀ ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି। ଉପାନ୍ତ ଅଞ୍ଚଳରେ ବସବାସ କରୁଥିବା ଏହିପରି ଅନେକ ପରିବାର ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ବେଳେ ଜିଲାରେ ଭୂମିହୀନ ପଛୁଆବର୍ଗଙ୍କ ପାଇଁ ଜାତି ପ୍ରମାଣପତ୍ର ପାଇବା ଏବେ ସ୍ୱପ୍ନ ହୋଇଛି । ଫଳରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମିଳୁଥିବା ବିଭିନ୍ନ ସୁବିଧା ଓ ଯୋଜନା, ଶିକ୍ଷାନୁଷ୍ଠାନରେ ଆଡମିଶନ, କର୍ମ ନିଯୁକ୍ତି, ରିହାତି, ଛାତ୍ରବୃତ୍ତି ଆଦିରୁ ପଛୁଆ ବର୍ଗ ବଞ୍ଚିତ ହେଉଛନ୍ତି।

ଏସମ୍ପର୍କରେ ଆଇନଜୀବୀ ବିଧୁଭୂଷଣ ମହାପାତ୍ର କହିଛନ୍ତି, ୨୦୦୯ ଜାନୁୟାରୀ ୯ରେ କେନ୍ଦ୍ର ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଭୂମିହୀନଙ୍କୁ ଜାତି ପ୍ରମାଣ ପତ୍ର ପ୍ରଦାନ ପାଇଁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ଜମିର ପଟ୍ଟାକୁ ବାଧ୍ୟତା ମୂଳକ ରଖା ଯାଇଥିଲା। ଏହି ବିଜ୍ଞପ୍ତିର କେତେକ ଅଂଶରେ ଭୂମିହୀନଙ୍କ ପାଇଁ କୋହଳ ସର୍ତ୍ତ ରଖାଯାଇଥିଲା । ଜାତି ପ୍ରମାଣପତ୍ର ପ୍ରସ୍ତୁତ ସମୟରେ ମାତାପିତା ଓ ଅଭିଭାବକଙ୍କ ଜାତି ପ୍ରମାଣପତ୍ର, ସେମାନଙ୍କ ସଂସ୍କୃତି, ସାମାଜିକ ବ୍ୟବସ୍ଥା, ଦେବତା, ରୀତିନୀତି, ବିବାହର ଧାରା, ମୃତ୍ୟୁ ସମାରୋହ, ମୃତଦେହର ସଂସ୍କାର ବିଧି ଆଦି ପଦ୍ଧତି ଲକ୍ଷ୍ୟ କରି ଜାତି ସ୍ଥିର ହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ସାମାଜିକ ସ୍ଥିତି ଯାଞ୍ଚ କରିବା ପାଇଁ ସ୍ଥାନାନ୍ତର କାରଣ ଓ ମୂଳ ସ୍ଥାନ ନୀରିକ୍ଷଣ ପାଇଁ ବିଜ୍ଞପ୍ତିରେ ଉଲ୍ଲେଖ ଅଛି। ଏହା ସତ୍ତ୍ୱେ ଜିଲାର ବହୁ ସ୍ଥାନରେ ପଛୁଆବର୍ଗ ଭୂମିହୀନ ଭାବେ ରହି ଆସୁଥିଲେ ମଧ୍ୟ ଆବେଦନକାରୀଙ୍କୁ ପ୍ରଶାସନିକ ଅସହଯୋଗ କାରଣରୁ ଜାତି ପ୍ରମାଣ ପତ୍ର ମିଳୁ ନ ଥିବା ସେ ମତ ଦେଇଛନ୍ତି। ରାଜନଗର ବ୍ଲକ ଭେଷ୍ଟା ଗ୍ରାମର ପ୍ରୀତିଲଗ୍ନା ଦାସ କହିଛନ୍ତି, ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଉଛନ୍ତି। ପରିବାର ସଦସ୍ୟ ଅନୁସୂଚିତ ବର୍ଗର ହୋଇଥିଲେ ମଧ୍ୟ ଭୂମିହୀନ ହୋଇଥିବାରୁ ତାଙ୍କୁ ଜାତି ପ୍ରମାଣ ପତ୍ର ମିଳିନାହିଁ। ଫଳରେ ସାଧାରଣ ବର୍ଗର ଛାତ୍ରୀ ଭାବେ ସେ ପାଠ ପଢ଼ିଥିବା ବେଳେ ସରକାରଙ୍କ ଷ୍ଟାଇପେଣ୍ଡ ଯୋଜନାରେ ସାମିଲ ହୋଇ ପାରିନାହାନ୍ତି। ଆର୍ଥିକ ଦୁର୍ବଳ ସ୍ଥିତି ଥିବାରୁ କଲେଜରେ ପାଠ ପଢ଼ିବା ସମ୍ଭବ ନୁହେଁ ବୋଲି ସେ ମତ ଦେଇଛନ୍ତି। ଜାତୀୟ ମାନବାଧିକାର ପରିଷଦର ଜିଲା ସଭାପତି ପ୍ରତାପ ଚନ୍ଦ୍ର ପାଢ଼ୀ କହିଛନ୍ତି, ୨୦୧୧ ସାମାଜିକ ଅର୍ଥନୈତିକ ଜନଗଣନା ଅନୁଯାୟୀ ରାଜ୍ୟରେ ୮.୩୩ ପ୍ରତିଶତ ଭୂମିହୀନ ଦଳିତ ପରିବାର ଅଛନ୍ତି। ଏମାନଙ୍କ ପାଇଁ ଜାତି ପ୍ରମାଣପତ୍ର ଯୋଗାଡ଼ କରିବା କଷ୍ଟକର ବ୍ୟାପାର। ଏଥିପାଇଁ ବହୁ ସମୟରେ ସରକାରୀ ସୁବିଧାର ସୁଯୋଗ ପାଇ ପାରୁନାହାନ୍ତି। ତେବେ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ୨୦୨୦ ଫେବୃଆରୀ ୨୬ରେ ଚିଠି ନଂ. ୯୬୧୮ରେ ଛାତ୍ରୀଛାତ୍ରଙ୍କୁ ଚିହ୍ନଟ କରି ଜାତି ପ୍ରମାଣ ପତ୍ର ଦେବା ପାଇଁ ପ୍ରତ୍ୟେକ ଜିଲା ଶିକ୍ଷା ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ, ଏସ୍‌ସି ଏସ୍‌ଟି ବିଭାଗ, ସଂଖ୍ୟାଲଘୁ ଓ ପଛୁଆ ଶ୍ରେଣୀ କଲ୍ୟାଣ ବିଭାଗ ସ୍ୱତନ୍ତ୍ର ଗାଇଡ୍ ଲାଇନ ପ୍ରସ୍ତୁତ କରିଛନ୍ତି । ଏସବୁ ସତ୍ତ୍ୱେ ପରିଚାଳନାଗତ ତ୍ରୁଟି କାରଣରୁ ପଛୁଆବର୍ଗର ଛାତ୍ରୀଛାତ୍ର ଓ ଲୋକମାନେ ବିଭିନ୍ନ ପ୍ରମାଣପତ୍ର ପାଇବାରୁ ବଞ୍ଚିତ ହେଉଛନ୍ତି। ପ୍ରଶାସନିକ ଅଧିକାରୀଙ୍କ ଠିକ୍ ତଦାରଖ ହେଲେ ସମସ୍ୟାର ସମାଧାନ ହୋଇପାରନ୍ତା ବୋଲି ସେ ମତ ଦେଇଛନ୍ତି।

ଏ ସମ୍ପର୍କରେ ଏଡିଏମ୍ ପିତାମ୍ବର ସାମଲ କହିଛନ୍ତି, ଭୂମିହୀନଙ୍କୁ ଜମି ଯୋଗାଇଦେବା ପାଇଁ ବସୁନ୍ଧରା ଯୋଜନା କାର୍ଯ୍ୟକାରୀ ହେଉଛି । ସେହିପରି ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ସହଯୋଗରେ ଆବାସ ଯୋଜନାର ହିତାଧିକାରୀଙ୍କୁ ଚିହ୍ନଟ କରାଯାଉଛି। ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ଜାତି ପ୍ରମାଣପତ୍ର ଯୋଗାଇ ଦେବା ପାଇଁ ବ୍ୟବସ୍ଥା ହୋଇଥିବା ଏଡିଏମ୍ ସାମଲ ମତ ଦେଇଛନ୍ତି।








ନୂଆଦିଲ୍ଲୀ ବିଜ୍ଞାନ ଭବନରେ ଶନିବାର ଆୟୋଜିତ ମୁଖ୍ୟମନ୍ତ୍ରୀ ଓ ହାଇକୋର୍ଟ ମୁଖ୍ୟ ବିଚାରପତିମାନଙ୍କ ସମ୍ମିଳନୀରେ (୧) ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ, ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ (୨) ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ (୩) ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ସେଲ୍ଫି ନେଉଛନ୍ତି ଉତ୍ତରାଖଣ୍ଡ ହାଇକୋର୍ଟ ମୁଖ୍ୟ ବିଚାରପତି ସଞ୍ଜୟ କୁମାର ମିଶ୍ର ଓ ତ୍ରିପୁରା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ଇନ୍ଦ୍ରଜିତ୍ ମହାନ୍ତି।

## ପାରିବାରିକ କଳହକୁ ନେଇ ରାଜଧାନୀରେ ପୁଣି ମର୍ଡର

# ସ୍ତ୍ରୀଙ୍କୁ ପିଟି ହତ୍ୟା

**ଭୁବନେଶ୍ୱର,୩୦।୪(ବ୍ୟୁରୋ)**

ପାରିବାରିକ ବିବାଦକୁ ନେଇ ରାଜଧାନୀ ଭୁବନେଶ୍ୱରରେ ଗୋଟିଏ ପରେ ଗୋଟିଏ ଅଭାବନୀୟ ଘଟଣା ଘଟିବାରେ ଲାଗିଛି। ପାରିବାରିକ ସମ୍ପତ୍ତିରୁ ସୃଷ୍ଟ କଳହକୁ ନେଇ ଗତ ସପ୍ତାହକ ମଧ୍ୟରେ ଚନ୍ଦ୍ରଶେଖରପୁର ଏବଂ ଲକ୍ଷ୍ମୀସାଗର ଚିନ୍ତାମଣିଶ୍ୱର ଅଞ୍ଚଳରେ ୨ଟି ଘଟଣା ଘଟି ୫ଜଣଙ୍କ ଜୀବନ ଯାଇଛି। ଚନ୍ଦ୍ରଶେଖରପୁର ଅଞ୍ଚଳରେ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀ ଓ ଶାଳୀଙ୍କୁ ହତ୍ୟା କରିବା ଘଟଣାର ୩ ଦିନ ପରେ ସୋମବାର ଜଣାପଡ଼ିଥିବାବେଳେ ବୁଧବାର ରାତିରେ ଚିନ୍ତାମଣିଶ୍ୱର ଅଞ୍ଚଳରେ ଭଡ଼ାରେ ରହୁଥିବା ମହାରାଷ୍ଟ୍ର ଅଞ୍ଚଳର ଏକ ପରିବାରର ଦେଢ଼ବର୍ଷର ଶିଶୁ କନ୍ୟା ସମେତ ମା'ବାପା ଆତ୍ମହତ୍ୟା କରିଥିଲେ। ଏବେ ଶହୀଦନଗର ଥାନା ଅନ୍ତର୍ଗତ ବାସୁଆଘାଇସ୍ଥିତ ଦୁର୍ଗାପୁରପାଟଣାରେ ଶୁକ୍ରବାର ବିଳମ୍ବିତ ରାତିରେ ଆଉ ଏକ ଘଟଣା ଘଟିଛି। ଜଣେ ବ୍ୟକ୍ତି ତାଙ୍କ ଦ୍ୱିତୀୟ ସ୍ତ୍ରୀଙ୍କୁ ପିଟି ପିଟି ମାରି ଦେଇଥିବା ଅଭିଯୋଗ ହୋଇଛି। ମୃତା ହେଲେ ଲିଲି ଦାଶ (୨୩)। ହତ୍ୟାପରେ ଏହାକୁ ଆତ୍ମହତ୍ୟା ରୂପ ଦେବାକୁ ଚେଷ୍ଟା କରିଥିଲେ ଅଭିଯୁକ୍ତ ସ୍ୱାମୀ। ହେଲେ ଏଥିରେ ସେ ବିଫଳ ହୋଇଛନ୍ତି। ଏହି ମାମଲାରେ ଅଭିଯୁକ୍ତ ସ୍ୱାମୀ ସୌଭାଗ୍ୟ ରଞ୍ଜନ ଦାଶଙ୍କୁ ଶହୀଦନଗର ଥାନା ପୋଲିସ ଗିରଫ କରିଛି। ଘଟଣାସ୍ଥଳରୁ ପୋଲିସ କୌଣସି ମାରଣାସ୍ତ୍ର ଜବତ କରି ନ ଥିବାବେଳେ ସାଇଣ୍ଟିଫିକ ଟିମ୍ ବିଭିନ୍ନ ନମୁନା ଓ ଫିଙ୍ଗର ପ୍ରିଣ୍ଟ ସଂଗ୍ରହ କରିଛି। ସେପଟେ ଥାନା ହାଜତରେ ସୌଭାଗ୍ୟଙ୍କୁ ବିଭିନ୍ନ ଦିଗକୁ ନେଇ ପୋଲିସ ପଚରାଉଚରା କରିବା ସହ ଏକ ହତ୍ୟା ମାମଲା (ନଂ ୧୯୧/୨୨) ରୁଜୁ କରିଛି। ସୌଭାଗ୍ୟଙ୍କୁ ରବିବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ସୂଚନାନୁଯାୟୀ, ସୌଭାଗ୍ୟ ପୁରୀ ଜିଲାରେ ଆମ୍ବୁଲାନ୍ସ ଗାଡ଼ିରେ ଆଟେଣ୍ଡାଣ୍ଟ ଭାବେ କାମ କରନ୍ତି। ୨୦୧୪ରେ ସେ ପ୍ରଥମ ବିବାହ କରିଥିଲେ। କିନ୍ତୁ ବିବାହର ମାତ୍ର କେଇ ଦିନ ପରେ ସ୍ତ୍ରୀ ଛାଡ଼ି ଚାଲିଯାଇଥିଲେ। ଏହାପରେ ସୌଭାଗ୍ୟ ୨୦୧୭ରେ ନୟାଗଡ ଦଶପଲ୍ଲାର ଗଗନ ଦାସଙ୍କ ଝିଅ ଲିଲିଙ୍କୁ ବିବାହ କରିଥିଲେ। ଉଭୟ ଭୁବନେଶ୍ୱରସ୍ଥିତ ଦୁର୍ଗାପୁର ପାଟଣା ଅଞ୍ଚଳରେ ରହୁଥିଲେ। ସେମାନଙ୍କ ଏକ ୪ ବର୍ଷର ଝିଅ ମଧ୍ୟ ରହିଛି। ସୌଭାଗ୍ୟ ମଝିରେ ମଝିରେ ନିଜ ଉପରୁ ନିୟନ୍ତ୍ରଣ ହରାଇ ବସୁଥିବାରୁ ପରିବାର ଲୋକେ ସବୁବେଳେ ଚିନ୍ତାରେ ରହିଆଆନ୍ତି। ଏପରିକି ସେ ତାଙ୍କ ବାପା ସନ୍ତୋଷ ଦାଶ, ସାନ ଭାଇ ବୁବୁଙ୍କୁ ମଧ୍ୟ ଅନେକଥର ମାଡ଼ ମାରିଛନ୍ତି। ଶୁକ୍ରବାର ରାତିରେ ସୌଭାଗ୍ୟ ବାପା ସନ୍ତୋଷଙ୍କ ସହ କିଛି କଥାକୁ କେନ୍ଦ୍ର କରି ମାଡ଼ ମାରିଥିଲେ। ଫଳରେ ସେ ଦୌଡି ଦୌଡି ବାହାରକୁ ଚାଲିଯିବାରୁ ସ୍ଥାନୀୟ ଲୋକେ ସୌଭାଗ୍ୟଙ୍କୁ ଅଟକାଇବା ସହ ବାନ୍ଧିକି କିଛି ସମୟ ରଖିଥିଲେ। ତାଙ୍କ ବାପା ସନ୍ତୋଷ ଓ ମା' ଶାନ୍ତିଲତା ଭୟରେ ପାଖରେ ଥିବା ବୁବୁଙ୍କ ପାଖକୁ ଚାଲିଯାଇଥିଲେ। ଏହାପରେ ଗାଁ ଲୋକ ମାରଧର ଆଉ ନ କରିବା ସର୍ତ୍ତରେ ସୌଭାଗ୍ୟଙ୍କୁ ଛାଡ଼ିବାରୁ ସ୍ତ୍ରୀ ଲିଲି ସୌଭାଗ୍ୟଙ୍କୁ ଚିକିତ୍ସା ଲାଗି କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ଚିକିତ୍ସା ସାରି ବିଳମ୍ବିତ ରାତିରେ ଘରକୁ ଫେରିଥିଲେ। ପରେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ପୁଣି ଝଗଡ଼ା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସୌଭାଗ୍ୟ ସ୍ତ୍ରୀ ଲିଲିଙ୍କ କାନ ମୁଣ୍ଡାକୁ ଶକ୍ତ ମାଡ଼ ମାରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ମୃତଦେହ ପାଖରେ ରାତି ସାରା ଜଗି ବସିଥିଲେ। ଶନିବାର ସକାଳେ ଯେତେବେଳେ ସ୍ତ୍ରୀ ଲିଲିଙ୍କୁ ଟେକି ଟେକି ବାହାରକୁ ଆଣି ଥୋଇଲେ ସ୍ଥାନୀୟ ଲୋକେ ଘଟଣା ବିଷୟରେ ଜାଣି ସାଙ୍ଗେସାଙ୍ଗେ ସୌଭାଗ୍ୟଙ୍କୁ କାବୁ କରିବା ସହ ପୋଲିସକୁ ଖବର ଦେଇଥିଲେ। ଏହାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ସୌଭାଗ୍ୟଙ୍କୁ ଧରିଥିଲା। ଲିଲିଙ୍କ ବେକମୁଣ୍ଡା ଓ ଶରୀରର ବିଭିନ୍ନ ସ୍ଥାନରେ ଦାଗ ରହିଥିବାରୁ ପୋଷ୍ଟମର୍ଟମ ରିପୋର୍ଟ ମିଳିବା ପରେ ଘଟଣାର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

ଅଭିଯୁକ୍ତ ସୌଭାଗ୍ୟ ଗିରଫ





## ପୋଲିସ ଅଧିକାରୀ ନିଲମ୍ବିତ

### ପଟିଆଲା ଗୋଷ୍ଠୀସଂଘର୍ଷ ମାମଲା



**ପଟିଆଲା,୩୦।୪**

ପଞ୍ଜାବର ପଟିଆଲାରେ ଶୁକ୍ରବାର ଖଲିସ୍ତାନ ସପକ୍ଷ ଓ ବିପକ୍ଷବାଦୀ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ପରେ ସେଠାରେ ଉତ୍ତେଜନା ଲାଗି ରହିଛି। କାଳୀ ମାତା ମନ୍ଦିର ବାହାରେ ଶିବସେନା ପକ୍ଷରୁ ଖଲିସ୍ତାନ ବିରୋଧୀ ଶୋଭାଯାତ୍ରା ବେଳେ ଗଣ୍ଡଗୋଳ ହୋଇଥିଲା। ଏଥିରେ ୨ ପୋଲିସ କର୍ମଚାରୀଙ୍କ ସମେତ ୪ ଜଣ ଆହତ ହୋଇଥିଲେ। ଉଭୟ ଗୋଷ୍ଠୀର ସଦସ୍ୟ ପରସ୍ପରକୁ ଢେଲାମାଡ଼ କରିବା ସହ ଖଣ୍ଡା ବୁଲାଇଥିଲେ। ଉତ୍ୟକ୍ତ ଲୋକଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଫାଙ୍କା ଗୁଳିଚାଳନା କରିଥିଲା। ଏହା ପରେ ପଟିଆଲାରେ ୧୧ ଘଣ୍ଟା ପାଇଁ କର୍ଫ୍ୟୁ ଜାରି କରାଯାଇଥିଲା। ଶନିବାର ପଞ୍ଜାବ ସରକାର ପୋଲିସ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ହିଂସା ନିୟନ୍ତ୍ରଣ କରିବାରେ ବିଫଳତା ଲାଗି ଜିଲାର ୩ ଉଚ୍ଚ ପୋଲିସ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ଉତ୍ତେଜନା ବଢ଼ିବା ଆଶଙ୍କାରେ ପଟିଆଲାରେ ଇଣ୍ଟରନେଟ ସେବା ବନ୍ଦ କରିଦିଆଯାଇଛି। ସଂଘର୍ଷ ପଛରେ ରାଜନୈତିକ ସମ୍ପୃକ୍ତି ଥିବା ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ କହିଛନ୍ତି। ହିଂସା ଘଟଣାରେ ଶିବସେନା ନେତା ହରିଶ ସିଙ୍ଗଲାଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୬ଟି ଏତଲା ଦାଏର ହୋଇଛି। ଖଲିସ୍ତାନ ସପକ୍ଷବାଦୀ ଗୋଷ୍ଠୀର ନେତୃତ୍ୱ ନେଇଥିବା ଅଭିଯୁକ୍ତ ଫେରାର ଅଛନ୍ତି।

ଇଣ୍ଟରନେଟ୍ ସେବା ବନ୍ଦ

## ପାକିସ୍ତାନରେ ଡାକ୍ତରୀ ପଢ଼ ନାହିଁ

### ଭାରତୀୟ ଛାତ୍ରୀଛାତ୍ରଙ୍କୁ ଏନ୍ଏମ୍‌ସିର ପରାମର୍ଶ

**ନୂଆଦିଲ୍ଲୀ,୩୦।୪**

ପାକିସ୍ତାନର ମେଡିକାଲ କଲେଜଗୁଡ଼ିକରେ ନାମ ନ ଲେଖାଇବାକୁ ନ୍ୟାଶନାଲ ମେଡିକାଲ କମିଶନ (ଏନ୍ଏମ୍‌ସି) ଭାରତୀୟ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଏବଂ ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ (ଏଆଇସିଟିଇ) ମିଳିତ ଆଡଭାଇଜରି ଜରିଆରେ ଭାରତୀୟ ଛାତ୍ରୀଛାତ୍ରଙ୍କୁ ପାକିସ୍ତାନ ଶିକ୍ଷାନୁଷ୍ଠାନରେ ନ ପଢ଼ିବା ପାଇଁ ପୂର୍ବରୁ ପରାମର୍ଶ ଦେଇଥିଲେ। ପାକିସ୍ତାନରେ ପଢ଼ିଲେ ସେମାନଙ୍କୁ ଭାରତରେ ନିଯୁକ୍ତି କିମ୍ବା ଉଚ୍ଚଶିକ୍ଷା ଲାଗି ସୁଯୋଗ ମିଳିବ ନାହିଁ ବୋଲି ସତର୍କ କରିଦିଆଯାଇଥିଲା। ଏନ୍ଏମ୍‌ସି ଏକ ବିଜ୍ଞପ୍ତି ଜାରି କରି ଡାକ୍ତରୀ ପଢ଼ିବାକୁ ଚାହୁଁଥିବା ପିଲାମାନଙ୍କୁ ଅନୁରୂପ ଚେତାବନୀ ଦେଇଛି। ଭାରତୀୟ କିମ୍ବା ବିଦେଶରେ ରହୁଥିବା ଭାରତର ନାଗରିକ ଯଦି ପାକିସ୍ତାନର କୌଣସି ମେଡିକାଲ କଲେଜରେ ଏମ୍‌ବିବିଏସ୍/ବିଡିଏସ୍ କିମ୍ବା ତତ୍ତୁଲ୍ୟ ପାଠ୍ୟକ୍ରମରେ ନାମଲେଖାନ୍ତି, ସେମାନେ ଭାରତରେ ଏଫ୍ଏମ୍‌ଜିଇ (ଫରେନ୍ ମେଡିକାଲ ଗ୍ରାଜୁଏଟ୍ ଏକ୍ସାମିନେଶନ) ଦେବାକୁ ଯୋଗ୍ୟ ବିବେଚିତ ହେବେନାହିଁ କିମ୍ବା ଶିକ୍ଷାଗତ ଯୋଗ୍ୟତା ଆଧାରରେ ଦେଶରେ ନିଯୁକ୍ତି ପାଇଁ ଆବେଦନ କରିପାରିବେ ନାହିଁ। ତେବେ ୨୦୧୮ ଡିସେମ୍ବର ପୂର୍ବରୁ କିମ୍ବା ବର୍ତ୍ତମାନ ସୁଦ୍ଧା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟଠାରୁ ସୁରକ୍ଷା ମଞ୍ଜୁରୀ ନେଇ ପାକିସ୍ତାନୀ ଶିକ୍ଷାନୁଷ୍ଠାନରେ ପଢୁଥିବା ପିଲାଙ୍କୁ ଏଥିରୁ ବାଦ୍ ଦିଆଯାଇଛି।

## ଅସମାନତା ହ୍ରାସ କ୍ଷେତ୍ରରେ କିଟ୍ ବିଶ୍ୱରେ ଅଷ୍ଟମ

**ଭୁବନେଶ୍ୱର, ୩୦।୪(ବ୍ୟୁରୋ)**

ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ–ଅସମାନତା ଦୂର କ୍ଷେତ୍ରରେ କିଟ୍ ବିଶ୍ୱବିଦ୍ୟାଳୟ ବିଶ୍ୱରେ ୮ମ ସ୍ଥାନରେ ରହିଛି। ନିକଟରେ ପ୍ରକାଶ ପାଇଥିବା ଟାଇମ୍ସ ହାୟର ଏଜୁକେଶନର ଇମ୍ପାକ୍ଟ ର୍ୟାଙ୍କିଙ୍ଗରେ କିଟ୍ ବିଶ୍ୱବିଦ୍ୟାଳୟକୁ ଏହି ର୍ୟାଙ୍କ ପ୍ରଦାନ କରାଯାଇଛି। ପ୍ରତିବର୍ଷ 'ଟାଇମ୍ସ ହାୟର ଏଜୁକେଶନ' ଶିକ୍ଷା ସମେତ ବିଭିନ୍ନ କ୍ଷେତ୍ରରେ ର୍ୟାଙ୍କିଙ୍ଗ ଘୋଷଣା କରି ଆସୁଛି। ଏଥିମଧ୍ୟରେ ଇମ୍ପାକ୍ଟ ରାଙ୍କିଙ୍ଗ ଅନ୍ୟତମ। ଏଥିରେ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ କାର୍ଯ୍ୟକାରୀ କ୍ଷେତ୍ରରେ ବିଶ୍ୱବିଦ୍ୟାଳୟଗୁଡ଼ିକର ଯୋଗଦାନର ମୂଲ୍ୟାୟନ କରାଯାଇଛି। ଗବେଷଣା, ପରିଚାଳନା, ଆଉଟରିଚ୍ ଏବଂ ଗୁଣାତ୍ମକ ଶିକ୍ଷାଦାନ ଆଦି ମାପଦଣ୍ଡ ଆଧାରରେ ବିଶ୍ୱବିଦ୍ୟାଳୟଗୁଡ଼ିକର ସ୍ଥାୟୀ ବିକାଶ ଲକ୍ଷ୍ୟ କ୍ଷେତ୍ରରେ କେତେ ଯୋଗଦାନ ରହିଛି ତାହା ମୂଲ୍ୟାୟନ କରାଯାଇ ର୍ୟାଙ୍କିଙ୍ଗ ପ୍ରଦାନ କରାଯାଇଛି। ଚଳିତବର୍ଷ ଏହି ର୍ୟାଙ୍କିଙ୍ଗରେ ଅସମାନତା ହ୍ରାସ କରିବା ପ୍ରଭାବ କ୍ଷେତ୍ରରେ ବିଶ୍ୱରେ କିଟ୍ ବିଶ୍ୱବିଦ୍ୟାଳୟ ୮ମ ସ୍ଥାନରେ ରହିଥିବାବେଳେ ଜାତିସଂଘର ଅନ୍ୟାନ୍ୟ ବିକାଶ ଲକ୍ଷ୍ୟ ଯଥା ଗୁଣାତ୍ମକ ଶିକ୍ଷା, ଶାନ୍ତି, ନ୍ୟାୟ ଓ ପାର୍ଟନରସିପ ଆଦିରେ କିଟ୍ ୧୦୧+ ମଧ୍ୟରେ ରହିଛି। ସାମଗ୍ରିକ ଭାବେ ବିଶ୍ୱର ୧୦୬ ଦେଶର ୧୫ଶହରୁ ଉର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ୨୦୧+ ସ୍ଥାନରେ ରହିଛି। ଏହି ତାଲିକାରେ ହାତଗଣତି ଭାରତୀୟ ବିଶ୍ୱବିଦ୍ୟାଳୟ ସ୍ଥାନ ପାଇଛି। କିଟ୍‌ର ଏହି ସଫଳତାରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରି କହିଛନ୍ତି, କିଟ୍ ଶିକ୍ଷାଦାନ ଓ ଗବେଷଣା ସହ ଦୀର୍ଘ ୨୫ବର୍ଷ ହେଲା ସମାଜଭିତ୍ତିକ ଅନେକ କାର୍ଯ୍ୟ କରିଆସୁଛି। ଏହାର ପରିଣାମ ସ୍ୱରୂପ ଅସମାନତା ଦୂର କରିବାରେ କିଟ୍‌କୁ ୮ମ ସ୍ଥାନ ମିଳିଛି। ଏହି ସଫଳତା ପାଇଁ ସେ କିଟ୍ କୁଳାଧିପତି ପ୍ରଫେସର ବେଦ ପ୍ରକାଶ, କୁଳପତି ପ୍ରଫେସର ସସ୍ମିତା ସାମନ୍ତଙ୍କ ସମେତ ସମସ୍ତ ଅଧ୍ୟାପକ, ଛାତ୍ରୀଛାତ୍ର ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଇମ୍ପାକ୍ଟ ର୍ୟାଙ୍କିଙ୍ଗ୍ ୨୦୨୨




## ନଦୀରେ ବୁଡ଼ି ନାବାଳକ ମୃତ

**ବାଲିକୁଦା,୩୦।୪(ସ୍ୱ.ପ୍ର.)**

ନଦୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡ଼ିଯିବାରୁ ଶନିବାର ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନାଉଗାଁ ଥାନା ଅନ୍ତର୍ଗତ ଅଲଣା ଗାଁର ସ୍ୱର୍ଗତ ଦେବେନ୍ଦ୍ର ସାହୁଙ୍କ ସାନ ପୁଅ ଅଭିଳାଷ ସାହୁ (୧୬)। ମାମୁଙ୍କ ବାହାଘର ପାଇଁ ଗତ ଦୁଇଦିନ ତଳେ ସେ ତାଙ୍କ ମା'ଙ୍କ ସହ ବାଲିକୁଦା ଥାନା ବୋରିକିନା ପଞ୍ଚାୟତର ବରଗୁଡ଼ିପଡ଼ା ଗାଁକୁ ଆସିଥିଲେ। ଶନିବାର ମଧ୍ୟାହ୍ନରେ ସେ ମାମୁଘର ଗାଁର ଜଣେ ସାଙ୍ଗ ସହ ହଂସୁଆ ନଦୀର ପାଳଧୁଆବନ୍ଧକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ଅଧିକ ପାଣି ନ ଥିଲେ ସୁଦ୍ଧା ଅଭିଳାଷ ନଦୀ ମଝିକୁ ଚାଲିଯାଇଥିଲେ। ସେଠାରେ କୌଣସି କାରଣବଶତଃ ପାଣିରେ ବୁଡ଼ିଯାଇଥିଲେ। ତାଙ୍କୁ ବୁଡ଼ି ଯାଉଥିବା ଦେଖି ସାଙ୍ଗରେ ଯାଇଥିବା ଅନ୍ୟ ସାଙ୍ଗ ଜଣକ ବଡ଼ ପାଟିରେ ଡାକ ପକାଇଥିଲେ। ପାଟ ଶୁଣି ନଦୀ କୂଳରେ ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ଖୋଜାଖୋଜି କରି ପାଣିରୁ ଉଦ୍ଧାର କରିଥିଲେ। ତୁରନ୍ତ ଅଭିଳାଷଙ୍କୁ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ବାଲିକୁଦା ଥାନା ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ନେଇ ବାଲିକୁଦା ଥାନାରେ ଅପମୃତ୍ୟୁ ମାମଲା (ନଂ. ୩/୨୨) ରୁଜୁ ହୋଇଛି।

ପ୍ରଥମ ପୃଷ୍ଠାରୁ...

## ୧୦ ଲକ୍ଷ ଜନସଂଖ୍ୟାରେ...

ସତ୍ତ୍ୱେ ସରକାର ଜାଣିଶୁଣା କାର୍ଯ୍ୟ ନ କରିବା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ଗତ ସ୍ୱାଧୀନତା ଦିବସରେ ବ୍ୟବସ୍ଥାପିକା ଯାଞ୍ଚ ସମ୍ପର୍କରେ ତାଙ୍କ ମନ୍ତବ୍ୟର ଭୁଲ୍ ଉପସ୍ଥାପନା କରାଯାଇଥିଲା। ସେ ବ୍ୟବସ୍ଥାପିକା ପରିସରରେ ହସ୍ତକ୍ଷେପ କରିବାକୁ ଚାହିଁ ନ ଥିଲେ। ଲୋକ ସଭା ବାଚସ୍ପତିଙ୍କ ମନ୍ତବ୍ୟକୁ ବ୍ୟବହାର କରି ଆଇନ ଗୃହୀତ ହେବା ପୂର୍ବରୁ ଉପଯୁକ୍ତ ସମୀକ୍ଷା ହେବା ଆବଶ୍ୟକ କଥାକୁ ଦୋହରାଇଥିଲେ ବୋଲି ସିଜେଆଇ କହିଛନ୍ତି।

ଜନସ୍ୱାର୍ଥ ମାମଲା (ପିଆଇଏଲ୍)ର ଅପବ୍ୟବହାରକୁ ନେଇ ଜଷ୍ଟିସ୍ ରମନା ଚିନ୍ତାବ୍ୟକ୍ତ କରିଛନ୍ତି। ଜନସ୍ୱାର୍ଥ ମାମଲା ଏବେ ଜଣସ୍ୱାର୍ଥ ମାମଲାରେ ପରିଣତ ହୋଇଛି ଓ ବ୍ୟକ୍ତିଗତ ଫାଇଦା ପାଇଁ ଏହାକୁ ବ୍ୟବହାର କରାଯାଉଛି। ଏଭଳି ମାମଲାର ବିଚାର ବେଳେ ଅଦାଲତଗୁଡ଼ିକୁ ଅଧିକ ସତର୍କ ହେବାକୁ ପଡୁଛି। ହିନ୍ଦୀ ଏବଂ ଦେଶର ଭାଷାଗତ ବିବିଧତାକୁ ନେଇ ବିତର୍କ ଚାଲିଥିବାବେଳେ ଅଦାଲତଗୁଡ଼ିକରେ ସ୍ଥାନୀୟ ଭାଷା ବ୍ୟବହାରର ସମୟ ଆସିଛି ବୋଲି ସିଜେଆଇ କହିଥିଲେ।

ଅଦାଲତଗୁଡ଼ିକରେ ବିଚାରାଧୀନ ମାମଲା ସଂଖ୍ୟା ବଢ଼ିଚାଲିଥିବାବେଳେ ସରକାର ସବୁଠୁ ବଡ଼ ବାଦୀ ବୋଲି ସିଜେଆଇ କହିଛନ୍ତି। ପାଖାପାଖି ୫୦ ପ୍ରତିଶତ ବିଚାରାଧୀନ ମାମଲାରେ ସରକାର ପକ୍ଷ ରହିଛନ୍ତି। ସରକାରଙ୍କ ବିଭିନ୍ନ ବିଭାଗରେ ସ୍ଥାଣୁତା ଏବଂ ବ୍ୟବସ୍ଥାପିକା ଏହାର ପୂରା ସାମର୍ଥ୍ୟକୁ ଅନୁଭବ କରୁ ନ ଥିବାରୁ ମାମଲାଗୁଡ଼ିକ ଅଗ୍ରଗତି କରିପାରୁ ନ ଥିବା ସିଜେଆଇ କହିଥିଲେ। ନ୍ୟାୟପାଳିକା ଭିତ୍ତିଭୂମି ବିକାଶ ଲାଗି ଅସ୍ଥାୟୀ କମିଟି ପରିବର୍ତ୍ତେ ସୁବ୍ୟବସ୍ଥିତ ଉତ୍ତରଦାୟୀ ଏବଂ ସଂଗଠିତ ଜାତୀୟ ନ୍ୟାୟିକ ଭିତ୍ତିଭୂମି କର୍ତ୍ତୃପକ୍ଷ ଗଠନ ଉପରେ ସିଜେଆଇ ଗୁରୁତ୍ୱାରୋପ କରିଥିଲେ।

## ଅଦାଲତରେ ସ୍ଥାନୀୟ...

କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀମାନଙ୍କୁ ସେ ଆହ୍ୱାନ ଦେଇଛନ୍ତି। ଅପ୍ରାସଙ୍ଗିକ ହୋଇପଡ଼ିଥିବା ୧,୮୦୦ ଆଇନକୁ ୨୦୧୫ରେ ଚିହ୍ନଟ କରାଯାଇଥିଲା। ସେଥିରୁ କେନ୍ଦ୍ର ସରକାର ୧,୪୫୦ ଆଇନକୁ ଉଚ୍ଛେଦ କରିସାରିଲେଣି। କିନ୍ତୁ ରାଜ୍ୟ ସରକାର ଏପର୍ଯ୍ୟନ୍ତ ମାତ୍ର ୭୫ଟି ଆଇନକୁ ଉଚ୍ଛେଦ କରିଥିବା ମୋଦି କହିଥିଲେ। ଡିଜିଟାଲ ଜୁଡିସିଆଲ ସିଷ୍ଟମର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଏହା ନାଗରିକଙ୍କୁ ସଶକ୍ତୀକରଣ କରିପାରିବ। ପ୍ରଯୁକ୍ତିବିଦ୍ୟାରେ ଦକ୍ଷ ମାନବ ସମ୍ବଳ ଦେଶର ବିକାଶ ସହ ଡିଜିଟାଲ ଇଣ୍ଡିଆକୁ ସମନ୍ୱିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବା ସେ କହିଛନ୍ତି।

# ରାଜ୍ୟରେ ଦୁଗ୍ଧ, ମାଂସ, ଅଣ୍ଡା ଉତ୍ପାଦନ ବହୁଗୁଣ ବଢ଼ିଛି

## ରାଜ୍ୟସ୍ତରୀୟ ବିଶ୍ୱ ପ୍ରାଣୀଚିକିତ୍ସା ଦିବସ

- ପ୍ରାଣୀ ଚିକିତ୍ସକଙ୍କ ଅକ୍ଳାନ୍ତ ଉଦ୍ୟମକୁ ଶ୍ରେୟ ଦେଲେ ମନ୍ତ୍ରୀ
- ସମ୍ମାନିତ ହେଲେ ଚାଷୀ, ପ୍ରାଣୀ ଚିକିତ୍ସକ ଓ ବୈଷୟିକ କର୍ମଚାରୀ

**ଭୁବନେଶ୍ୱର, ୩୦।୪(ବ୍ୟୁରୋ)**

ରାଜ୍ୟରେ ଗତ ଦୁଇ ଦଶନ୍ଧି ମଧ୍ୟରେ ଦୁଗ୍ଧ ଉତ୍ପାଦନ ପ୍ରାୟ ତିନିଗୁଣ ବଢ଼ିଛି। ୨୦୦୦ ମସିହାରେ ଏହା ୮.୭୫ ଲକ୍ଷ ମେଟ୍ରିକ୍ ଟନ୍ ରହିଥିବାବେଳେ ୨୦୨୧ରେ ୨୩.୭୩ ଲକ୍ଷ ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇଛି। ସେହିଭଳି ଗତ ୨୦ବର୍ଷ ମଧ୍ୟରେ ମାଂସ ଉତ୍ପାଦନ ପ୍ରାୟ ଛଅଗୁଣ ହୋଇଛି। ୨୦୦୦ ମସିହାରେ ୩୮.୩୮ ହଜାର ମେଟ୍ରିକ୍ ଟନ୍‌ରୁ ୨୦୨୧ରେ ୨୧୩.୦୯ ହଜାର ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇଛି। ଏହି ସମୟ ମଧ୍ୟରେ ରାଜ୍ୟରେ ଅଣ୍ଡା ଉତ୍ପାଦନ ପ୍ରାୟ ତିନିଗୁଣ ବୃଦ୍ଧି ପାଇ ୭୩୦୧.୦୪ ଲକ୍ଷରୁ ୨୪୨୪୨.୬୭ ଲକ୍ଷକୁ ବୃଦ୍ଧି ପାଇଛି ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଅରୁଣ କୁମାର ସାହୁ ପ୍ରକାଶ କରିଛନ୍ତି। ଶନିବାର ପ୍ରଥମଥର ପାଇଁ ସରକାରୀ ଭାବେ ରାଜ୍ୟସ୍ତରୀୟ 'ବିଶ୍ୱ ପ୍ରାଣୀଚିକିତ୍ସା ଦିବସ' ସମାରୋହ କୃଷି ଭବନଠାରେ ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ନିଯୁକ୍ତି ତଥା ଆତ୍ମନିଯୁକ୍ତି ମାଧ୍ୟମରେ ଆନୁଷଙ୍ଗିକ କୃଷି କ୍ଷେତ୍ରରେ ବ୍ୟାପକ ରୋଜଗାରର ବାଟ ରହିଛି। ପ୍ରାଣୀ ଚିକିତ୍ସକଙ୍କ ଅକ୍ଳାନ୍ତ ଉଦ୍ୟମରେ ପ୍ରାଣୀସମ୍ପଦ ବିକାଶ ବିଭାଗର ଗୁରୁତ୍ୱ ବଢ଼ିଛି ଏବଂ ଏହି ବୃଦ୍ଧି ପ୍ରକ୍ରିୟାକୁ ଜାରି ରଖିବା ନିମନ୍ତେ ସରକାର ସର୍ବଦା ଚେଷ୍ଟାରତ ବୋଲି ମନ୍ତ୍ରୀ କହିଛନ୍ତି।

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଲେ, ପ୍ରାଣୀ ସ୍ୱାସ୍ଥ୍ୟସେବା, ପ୍ରାଣୀ କଲ୍ୟାଣ ଏବଂ ପ୍ରାଣୀ ପାଳନରେ ପ୍ରାଣୀ ଚିକିତ୍ସକ ଓ ସହାୟକ କର୍ମଚାରୀଙ୍କ ପ୍ରମୁଖ ଭୂମିକା ରହିଛି। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଆର୍. ରଘୁପ୍ରସାଦ କହିଲେ, କୃତ୍ରିମ ପ୍ରଜନନ ମାଧ୍ୟମରେ ଗୋପ୍ରଜାତିର ଜେନେଟିକ୍ ଉନ୍ନତିକରଣ ଏବଂ ଟିକାକରଣ କାର୍ଯ୍ୟକ୍ରମକୁ ରାଜ୍ୟରେ ଏକ ମିଶନ ମୋଡ୍‌ରେ ନିଆଯାଇଛି। ଏହି ଅବସରରେ ପ୍ରାଣୀସମ୍ପଦ ପରିଚାଳନା ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭିଡିଓ ବାର୍ତ୍ତା ପାଠ କରାଯାଇଥିଲଶ। ପ୍ରାଣୀସମ୍ପଦ ବିକାଶ ଉପରେ ଏକ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ହେବା ସହ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଉତ୍ସବରେ ପ୍ରାଣୀ ପାଳନ କ୍ଷେତ୍ରରେ ସଫଳତା ପାଇଥିବା ଅଗ୍ରଣୀ ଚାଷୀ, ମହିଳା ଏସ୍ଏଚ୍‌ଜି ସଦସ୍ୟା ଏବଂ ପ୍ରାଣୀଚିକିତ୍ସା ସେବାରେ ଉଲ୍ଲେଖନୀୟ ସଫଳତା ପାଇଁ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରାଣୀ ଚିକିତ୍ସକ ଏବଂ ବୈଷୟିକ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ଡ. ୟେଦୁଲ୍ଲା ବିଜୟ ସ୍ୱାଗତ ଭାଷଣ ଓ ଅତିରିକ୍ତ ନିର୍ଦ୍ଦେଶକ ଡ. ଲୋକନାଥ ବେହେରା ଧନ୍ୟବାଦ ଦେଇଥିଲେ।





ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ସ୍ମରଣିକାକୁ ମନ୍ତ୍ରୀ ଅରୁଣ କୁମାର ସାହୁ ଓ ଅନ୍ୟ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ବର୍ତ୍ତମାନ ବିଭିନ୍ନ ସୋସିଆଲ୍ ମିଡିଆରେ ଟ୍ରେଣ୍ଡ କରୁଛି ରିଲ୍ସ; ଯାହାକି ନା କେବଳ ସଭିଙ୍କୁ ଯୋଗାଉଛି ଭରପୂର ମନୋରଞ୍ଜନର ଖୋରାକ ବରଂ ଅଭିନୟ ପ୍ରତି ରୁଚି ରଖୁଥିବା ଲୁକ୍କାୟିତ ପ୍ରତିଭାମାନଙ୍କୁ ଦେଉଛି ଲୋକଲୋଚନକୁ ଆସିବାର ସୁଯୋଗ। ଏହାର ସବୁଠୁ ଅଧିକ ଫାଇଦା ଉଠାଉଛନ୍ତି ଯୁବପିଢ଼ି। ତେବେ ଅପରପକ୍ଷେ ଏହି ରିଲ୍ସ ମଧ୍ୟ କାହାର ସମୟ ନଷ୍ଟ କରୁଥିବା ବେଳେ ଆଉ କାହା ଲାଗି ସାଜୁଛି ଘାତକ...









# ରିଲ୍ସ ପାନିଆ

ବର୍ତ୍ତମାନ ସୋସିଆଲ୍ ମିଡିଆରେ ରାଜ୍ କରୁଛି ରିଲ୍ସ ଭିଡିଓ। ବଛା ବଛା ଫିଲ୍ମ ଡାଇଲଗ୍, ସଙ୍ଗ୍ ହେଉ ଅବା କମେଡ଼ିରେ ନିଜର ରିଲ୍ସ ପ୍ରସ୍ତୁତ କରି ଅଧିକରୁ ଅଧିକ ଲାଇକ୍ ଏବଂ କମେଣ୍ଟ ପାଇବାକୁ ନେଇ ଚାଲିଛି ଯେମିତି କମ୍ପିଟିଶନ୍। ତେବେ ଏହା ଦ୍ୱାରା କେହି କେହି ଉପକୃତ ହେଉଥିବା ବେଳେ କେତେକଙ୍କ ପାଇଁ ଏହା ସାଜୁଛି ମୁଣ୍ଡବିନ୍ଧାର କାରଣ...

**ମନୋରଞ୍ଜନର ଭରପୂର ଖୋରାକ:** ବର୍ତ୍ତମାନ ସଭିଙ୍କ ହାତରେ ସ୍ମାର୍ଟ ଫୋନ୍। ଯାହାର ବ୍ୟବହାର କେବଳ କଥାବାର୍ତ୍ତାରେ ସୀମିତ ନାହିଁ ବରଂ ଏହା ପାଲଟିଛି ମନୋରଞ୍ଜନର ସବୁଠୁ ବଡ଼ ମାଧ୍ୟମ। ବିଶେଷକରି ସୋସିଆଲ୍ ସାଇଟ୍‌ରେ ଟ୍ରେଣ୍ଡ କରୁଥିବା ଶର୍ଟ ଭିଡିଓ ଅବା ରିଲ୍ସ ଏବେ ସଭିଙ୍କୁ ଯୋଗାଉଛି ମନୋରଞ୍ଜନର ଭରପୂର ଖୋରାକ।

**ସଭିଙ୍କୁ ମିଳୁଛି ସୁଯୋଗ:** ଅଭିନୟ ପ୍ରତି ଅନେକଙ୍କର ରୁଚି ରହିଛି। ହେଲେ କେବେ ସୁବିଧା ସୁଯୋଗର ଅଭାବ ତ ଆଉ କେବେ ସମୟ ଏବଂ ପରିସ୍ଥିତି ଯୋଗୁ ଅନେକଙ୍କୁ ନିଜ କଳାକୁ ଲୋକଲୋଚନରେ ପ୍ରଦର୍ଶନ କରିବାର ମଉକା ମିଳି ନ ଥାଏ। ହେଲେ ଏବେ ଅନେକଙ୍କର ଏହି ଇଚ୍ଛାକୁ ପୂରଣ କରିଛି ରିଲ୍ସ। ଯାହାଦ୍ୱାରା ବିନା କାହାରି ସାହାଯ୍ୟରେ ନିଜ ଫୋନରେ ଘରେ ଥାଇ ମଧ୍ୟ ଅନେକେ ବିଭିନ୍ନ ରିଲ୍ସ ପ୍ରସ୍ତୁତ କରି ଇନ୍‌ଷ୍ଟାଗ୍ରାମ୍, ଫେସ୍‌ବୁକ୍ ଭଳି ସୋସିଆଲ୍ ମିଡିଆରେ ପୋଷ୍ଟ କରି ସାଉଁଟୁଛନ୍ତି ପ୍ରଶଂସା।


**ଦେଉଛି ପରିଚୟ:** ବର୍ତ୍ତମାନ ଅଭିନୟ ପ୍ରତି ରୁଚି ରଖୁଥିବା ଅନେକ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାର ଏକ ଭଲ ମାଧ୍ୟମ ପାଲଟିଛି ରିଲ୍ସ। ଫଳରେ ସେମାନେ ବିଭିନ୍ନ ମୁଭି ଡାଇଲଗ୍‌ରୁ ଆରମ୍ଭ କରି ସଙ୍ଗ୍, କମେଡ଼ି କିମ୍ବା ଅନ୍ୟାନ୍ୟ କଣ୍ଟେଣ୍ଟକୁ ନେଇ ରିଲ୍ସ ପ୍ରସ୍ତୁତ କରି ସୋସିଆଲ୍ ମିଡିଆରେ ନିଜର ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇ ପାରୁଛନ୍ତି।

**ଜାଣି ରଖନ୍ତୁ:**

**ରହୁ ଶାଳିନତା:** ଯଦିଓ ରିଲ୍ସ ଭିଡିଓ ଅନେକଙ୍କ ମନୋରଞ୍ଜନ କରାଉଛି, ହେଲେ ଏଥିରେ କେତେଜଣ ଅଧିକ ଲାଇକ୍ କମେଣ୍ଟ ପାଇବା ଆଶାରେ ବିଭିନ୍ନ ଅଶ୍ଳୀଳ ଭିଡିଓ କିମ୍ବା ସମ୍ବେଦନଶୀଳ ଭିଡିଓ ପୋଷ୍ଟ କରିବାକୁ ବି ପଛାଉ ନାହାନ୍ତି। ଯେହେତୁ ସୋସିଆଲ ମିଡିଆ ପିଲାଠୁ ବୃଦ୍ଧ ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଗର ଲୋକେ ବ୍ୟବହାର କରୁଛନ୍ତି, ତେଣୁ ରିଲ୍ସ ପ୍ରସ୍ତୁତକାରୀ ଶାଳିନତା ରକ୍ଷା କରିବା ଆବଶ୍ୟକ। ଏହା ବ୍ୟତୀତ ଏଭଳି ଭିଡିଓ ଉପରେ ରୋକ ଲଗାଇବା ଲାଗି କିଛି ଗାଇଡ୍‌ଲାଇନ୍ ମଧ୍ୟ ରହିବା ଜରୁରୀ।

**ସୁରକ୍ଷାକୁ ଦିଅନ୍ତୁ ଗୁରୁତ୍ୱ:** ସଭିଙ୍କଠାରୁ ଭିନ୍ନ ରିଲ୍ସ ବା ୟୁନିକ୍ ଭିଡିଓ କରିବା କ୍ରେଜ୍ ଜଣ ଜଣଙ୍କଠାରେ ଏତେ ଅଧିକ ଯେ, ଏଥିପାଇଁ ସେମାନେ ନିଜ ଜୀବନକୁ ବି ବିପଦରେ ପକାଇବାକୁ ବି ପଛାଉ ନାହାନ୍ତି। ରିଲ୍ସ ଶୁଟିଂ କରିବା ବେଳେ ପାଣିରେ ଗୋଡ଼ଖସି, ଟ୍ରେନ୍ ଧକ୍କା, ଛାତରୁ ଖସିପଡ଼ିବା ଆଦି ଦୁର୍ଘଟଣା ଘଟି କେତେକଙ୍କ ଜୀବନ ହାନି ହୋଇଥିବାର ବି ନଜିର ରହିଛି। ତେଣୁ ଭିଡିଓ ଶୁଟିଂ ବେଳେ ସୁରକ୍ଷା ପ୍ରତି ସଜାଗ ରହିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ।

**ନ ହେଉ ସମୟ ନଷ୍ଟ:** ବର୍ତ୍ତମାନ ଇନ୍‌ଷ୍ଟାଗ୍ରାମ୍, ହ୍ୱାଟ୍ସଆପ୍, ଫେସ୍‌ବୁକ୍‌ଷ୍ଟାଟସ୍ ହେଉ କି ୟୁଟ୍ୟୁବ୍ ସବୁ ଖୋଲିବାମାତ୍ରେ ପ୍ରଥମେ ଦେଖିବାକୁ ମିଳୁଛି ରିଲ୍ସ। ବର୍ତ୍ତମାନ ଏହା ଏତେମାତ୍ରାରେ ବଢ଼ିବାରେ ଲାଗିଛି ଯେ, ଏହାକୁ କରିବାର ନିଶାରେ ଯୁବପିଢ଼ି ପାଠପଢ଼ା, କ୍ୟାରିୟର୍ ତଥା ଅନ୍ୟ ଜରୁରୀ କାର୍ଯ୍ୟ ପଛରେ ପକାଇ ଏହା ପିଛାରେ ଅଧିକ ସମୟ ନଷ୍ଟ କରୁଛନ୍ତି। ଆଉ ନିଜ ଭିଡିଓକୁ ବିଭିନ୍ନ ସୋସିଆଲ୍ ସାଇଟ୍‌ରେ ଛାଡ଼ି ଅନ୍ୟମାନଙ୍କ ସମୟ ବି ନଷ୍ଟ କରିବାକୁ ପଛାଉ ନାହାନ୍ତି। ତେଣୁ ରିଲ୍ସ କରିବାକୁ ରୁଚି ରଖୁଥିଲେ ଭଲ କଣ୍ଟେଣ୍ଟ ବାଛନ୍ତୁ ଏବଂ ଏହାଦ୍ୱାରା ଯେପରି ନିଜର କିମ୍ବା ଅନ୍ୟର ଅଯଥା ସମୟ ନଷ୍ଟ ନ ହୁଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ।



## କ'ଣ କରନ୍ତି ଏମାନେ...



**ସିତେଶ୍ କୁମାର ସାହୁ** *(ଛାତ୍ର, କଣ୍ଟିଲୋ, ନୟାଗଡ଼)*– ଆକ୍ଟିଂରେ କ୍ୟାରିୟର୍ କରିବା ମୋ ଲକ୍ଷ୍ୟ। ଯେହେତୁ ଏବେ ଛାତ୍ର ଅଛି ପାଠ ପଢ଼ିବା ସହ ଆକ୍ଟିଂ ଏବଂ ମ୍ୟୁଜିକ୍ ଭିଡିଓ ଶିଖିବା ପାଇଁ ମଧ୍ୟ ସମୟ ବାହାର କରୁଛି। ମାର୍କେଟକୁ ଯେତେସବୁ ନୂଆ ନୂଆ ଭିଡିଓ ଆସୁଛି ପ୍ରାୟ ସବୁ ଗୀତରେ ରିଲ୍ସ ଆଉ ଭିଡିଓ କରି ସୋସିଆଲ ମିଡିଆରେ ପୋଷ୍ଟ କରୁଛି। ମୁଭି ଡାଇଲଗ୍‌ରେ ବି ଛୋଟ ଛୋଟ ରିଲ୍ସ ଭିଡିଓ କରୁଛି। ଏଥିପାଇଁ ଦିନକୁ ୩-୪ ଘଣ୍ଟା ସମୟ ବାହାର କରୁଛି। ଆମର ଗୋଟେ ମ୍ୟୁଜିକ୍ ଗ୍ରୁପ୍ ଥିବାରୁ ସେମାନଙ୍କ ସହ ମିଶି ପ୍ରାୟ ବଡ଼ ବଡ଼ ରେକର୍ଡ଼ିଂ ଷ୍ଟୁଡିଓକୁ ଯାଏ। ସେଠାରେ ମ୍ୟୁଜିକ୍ ଷ୍ଟାର ବା ସିଙ୍ଗର୍‌ମାନଙ୍କ ସହ ମିଶେ। ତେଣୁ ଏଥିପାଇଁ ମୋର ଲୋକପ୍ରିୟତା ବି ଧୀରେ ଧୀରେ ବଢ଼ୁଥିବାର ଅନୁଭବ କରୁଛି।



**ସାନୁ ତରାଇ** *(ଗୋରଖପୁର, ଯାଜପୁର)* – ବେଳେବେଳେ ରିଲ୍ସ ଏବଂ ମ୍ୟୁଜିକ୍ ଭିଡିଓକୁ ସୋସିଆଲ୍ ମିଡିଆରେ ଦେଖେ, କିନ୍ତୁ ସେଗୁଡ଼ା ମୋର ବେଶି ପସନ୍ଦ ନୁହେଁ। ଅନେକ ଲୋକ ବହୁତ ଖରାପ ରିଲ୍ସ କରି ପୋଷ୍ଟ କରୁଥିବାରୁ ଦେଖିବାକୁ ମୋର ଇଚ୍ଛା ହୁଏନି। ଏମିତିରେ ଏସବୁ ଦେଖିବା ଆରମ୍ଭ କଲେ କମେଣ୍ଟ ବି ପଢ଼ିବାକୁ ଇଚ୍ଛା ହୁଏ, ଫଳରେ ବହୁତ ସମୟ ନଷ୍ଟ ହୁଏ। ସେଥିପାଇଁ ଏହାକୁ ବହୁତ କମ୍ ଦେଖେ। ଘରେ ଛୋଟ ପିଲାମାନେ ଥିବାରୁ ସେମାନଙ୍କୁ ଦେଖିବାକୁ ବାରଣ କରେ।

## ଏ ସପ୍ତାହର ପ୍ରଶ୍ନ

୧– କେଟାଞ୍ଜି ବ୍ରାଉନ୍ ଜ୍ୟାକ୍‌ସନ୍ .... ଦେଶର ସୁପ୍ରିମକୋର୍ଟରେ ପ୍ରଥମ କୃଷ୍ଣକାୟ ମହିଳା ବିଚାରପତି।
୨– ପ୍ରଥମ ମଣିଷ ପ୍ରସ୍ତୁତ ପ୍ଲାଷ୍ଟିକ୍‌ର ନାମ............ ?
୩– ଶାଗୁଣା ବଂଶ ବୃଦ୍ଧି ଲାଗି....... ଦେଶ ପକ୍ଷରୁ 'ଭଲଚର୍ ଆକ୍ସନ ପ୍ଲାନ୍ ୨୦୨୦– ୨୫' ଆରମ୍ଭ କରାଯାଇଛି।
୪– ଲେନ୍ସ ପାୱାରର ଏସ୍ ଆଇ ୟୁନିଟ୍ ............. ?
୫– ଖରାଦିନ ଯାକ ରହିଲୁ ବସି ଚତୁର୍ମାସିଆକୁ ............ ?

## ଗତ ଥରର ଉତ୍ତର

୧ ଆସାମ
୨ ମିନିଷ୍ଟ୍ରି ଅଫ୍ ଷ୍ଟିଲ୍
୩ ଚାଇନା
୪ ଛତିଶଗଡ଼
୫ ନୀଳ

## ଉତ୍ତରଦାତା



ରିଆ ତ୍ରିପାଠୀ
ଭୁବନେଶ୍ୱର



ଆରାଧନା
ଭଦ୍ରକ



ସ୍ନେହଲତା ପଟ୍ଟନାୟକ
ରସୁଲଗଡ଼

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସବୁଠୁ ଦାମୀ ଗୃହପାଳିତ ପ୍ରାଣୀ

୧– ଗ୍ରୀନ୍ ମଙ୍କି(ଘୋଡ଼ା)................................ ୧୬ ମିଲିଅନ୍ ଡଲାର
୨– ସାର୍ ଲାନ୍ସେଲଟ୍ ଏନ୍‌କୋର୍ (ଲାବ୍ରାଡର୍ କୁକୁର).......... ୧୬ ମିଲିଅନ୍ ଡଲାର
୩– ମିସ୍ ମିସୀ (ଗାଈ)................................ ୧.୨ ମିଲିଅନ୍ ଡଲାର୍
୪– ତିବ୍ବେତାନ୍ ମାଷ୍ଟିଫ୍ (କୁକୁର)................................ ୫,୮୨,୦୦୦ ଡଲାର
୫– ହ୍ୱାଇଟ୍ ଲାୟନ୍ କବ୍................................ ୧,୪୦,୦୦୦ ଡଲାର
୬– ଆରାବିୟାନ୍ ହର୍ସ................................ ୧,୦୦, ୦୦୦ ଡଲାର
୭– ସିମ୍ପାଞ୍ଜି................................ ୬୦,୦୦୦ ଡଲାର
୮– କ୍ୟାମେଲ୍ ................................ ୫୫,୦୦୦ ଡଲାର
୯– ଲାଭେଣ୍ଡର ଆଲ୍‌ବିନୋ ବଲ୍ ପାଇଥନ୍..................... ୪୦,୦୦୦ ଡଲାର
୧୦– ସାଭନା କ୍ୟାଟ୍................................ ୨୦,୦୦୦ ଡଲାର

## ୟୁଥ୍ ଫ୍ୟାଶନ

# ସନ୍‌ଗ୍ଲାସ୍ ଫ୍ୟାଶନ୍



ଷ୍ଟାଇଲିଶ୍ ଏବଂ ଟ୍ରେଣ୍ଡି ଦେଖାଯିବା ପାଇଁ ଯୁବପିଢ଼ି ନୂଆ ନୂଆ ଫ୍ୟାଶନ୍‌କୁ ଆପଣେଇଥା'ନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ସନ୍‌ଗ୍ଲାସ୍। ସବୁ ସମୟରେ ଏହା ବ୍ୟବହାର ହେଉଥିଲେ ବି ଖରାଦିନେ ଏହାର ଚାହିଦା ସବୁଠୁ ଅଧିକ। ଏହାକୁ ଆଖି ଆଗରେ ରଖି ମାର୍କେଟ୍‌ରେ ଭଳିକି ଭଳି ଷ୍ଟାଇଲିଶ୍ ସନ୍‌ଗ୍ଲାସ୍ ଉପଲବ୍ଧ। ଜାଣନ୍ତୁ ଏଭଳି କିଛି ଷ୍ଟାଇଲିଶ୍ ସନ୍‌ଗ୍ଲାସ୍ ବିଷୟରେ...

**ଜିଓମେଟ୍ରିକ୍ ସନ୍‌ଗ୍ଲାସ୍:** ଏହି ସନ୍‌ଗ୍ଲାସ୍ ଷ୍ଟାଇଲିଶ୍ ଏବଂ ଫ୍ୟାନ୍ସି ଲୁକ୍ ଦେଇଥାଏ। ବ୍ଲାକ୍ କଲର ବ୍ୟତୀତ ବିଭିନ୍ନ କଲରରେ ବଜାରରେ ଉପଲବ୍ଧ। ଏହାକୁ ପିନ୍ଧି କୌଣସି ପାର୍ଟି ଫଙ୍କସନ୍‌ରେ ମଧ୍ୟ ଆଟେଣ୍ଡ କରିପାରିବେ। ଏହାର ଗ୍ଲାସ୍ ହୋରାଇଜଣ୍ଟାଲ୍ ଏବଂ ରେକ୍ଟାଙ୍ଗଲ୍ ଶେପ୍‌ର ହୋଇଥାଏ। ରାଉଣ୍ଡ ଶେପ୍ ଫେସ୍‌କୁ ଏହି ଗ୍ଲାସ୍ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ।

**କ୍ୟାଟ୍ ଆଇ ସନ୍‌ଗ୍ଲାସ୍ :** ବର୍ତ୍ତମାନ ଟ୍ରେଣ୍ଡରେ ରହିଛି କ୍ୟାଟ୍ ଆଇ ସନ୍‌ଗ୍ଲାସ୍। ଏହି ଗ୍ଲାସ୍‌କୁ କ୍ୟାଟ୍ ଗ୍ଲାସ୍ କିମ୍ବା କ୍ୟାଟ୍ ଆଇ ମଧ୍ୟ କୁହନ୍ତି। ଖାସ୍ କରି ଯୁବତୀମାନେ ଏହି ଗ୍ଲାସ୍ ପିନ୍ଧିବାକୁ ପସନ୍ଦ କରୁଛନ୍ତି। ଏହି ଗ୍ଲାସ୍‌ର ସ୍ମଲ୍ କ୍ୟାଟ୍ ଆଇ ସାଇଜ୍ ଏବଂ ରେଟ୍ରୋ ଲୁକ୍ ଇତ୍ୟାଦି ଭେରାଇଟି ଟ୍ରେଣ୍ଡରେ ଅଛି। ଓଭାଲ ଫେସ୍ ଯୁବତୀଙ୍କୁ ଏହା କୁଲ୍ ଲୁକ୍ ଦେଇଥାଏ।

**ମେଟାଲ୍ ରାଉଣ୍ଡ ସନ୍‌ଗ୍ଲାସ୍ :** ଏହି ଗ୍ଲାସ୍‌ର କ୍ରେଜ୍ ୮୦ ଓ ୯୦ ଦଶକରୁ ଚାଲି ଆସୁଛି। ଏବେ ଏହା ପୁଣିଥରେ ଟ୍ରେଣ୍ଡକୁ ଫେରିଛି। ଯେକୌଣସି ଆଉଟ୍‌ଫିଟ୍‌ରେ ଏହାକୁ ମ୍ୟାଚ୍ କରି ପିନ୍ଧିପାରିବେ। ନିଜ ପସନ୍ଦ ଅନୁଯାୟୀ ବିଭିନ୍ନ କଲର ମଧ୍ୟ ବାଛିପାରିବେ। ଏହା ଲମ୍ବା ଏବଂ ଓଭାଲ୍ ଶେପ୍ ଫେସ୍‌କୁ ଆଟ୍ରାକ୍ଟିଭ୍ ଲୁକ୍ ଦେଇଥାଏ।



**ମାଇକ୍ରୋ ସନ୍‌ଗ୍ଲାସ୍:** ଏହି ଗ୍ଲାସ୍‌ଗୁଡ଼ିକରେ ଛୋଟ ଫ୍ରେମ୍ ଲାଗିଥାଏ। ଏହାକୁ ପିନ୍ଧି ଆପଣ ଟ୍ରିପ୍ କିମ୍ବା ପିକ୍‌ନିକ୍ ଯାଇପାରିବେ। ପାର୍ଟିକୁ ଯାଉଥିଲେ ମଧ୍ୟ ଏହାକୁ ଟ୍ରାଏ କରନ୍ତୁ। ଏହି ଗ୍ଲାସ୍ ରାଉଣ୍ଡ ଓ ସ୍କୋୟାର୍ ଶେପ୍ ଫେସ୍‌କୁ ଭଲ ମାନିଥାଏ।



## ଜାଣନ୍ତୁ ଦୁନିଆ

# କାଜାଖସ୍ତାନ



ସେଣ୍ଟ୍ରାଲ ଏସିଆର ଧନୀ ଦେଶଗୁଡ଼ିକ ମଧ୍ୟରେ କାଜାଖସ୍ତାନ ଅନ୍ୟତମ। ଏହା ପୃଥିବୀର ନବମ ବୃହତ୍ତମ ଦେଶ। ନୁର-ସୁଲତାନ ଏହାର ରାଜଧାନୀ ହୋଇଥିବା ବେଳେ ଆଲ୍‌ମାଟି ହେଉଛି ଏହାର ସବୁଠୁ ବଡ଼ ସହର। କାଜାଖ୍ ଏବଂ ଋଷିଆନ୍ ଏହାର ସରକାରୀ ଭାଷା। ତେବେ ଜାଣନ୍ତୁ ଆଉ କିଛି ଅଧିକ ତଥ୍ୟ ଏହି ଦେଶ ସମ୍ପର୍କରେ...

- କାଜାଖସ୍ତାନ ହେଉଛି ଏପରି ଏକ ଦେଶ, ଯାହାର ସୀମାକୁ ଲାଗି କୌଣସି ଜଳଭାଗ ନାହିଁ। ଅର୍ଥାତ୍ ଏହାକୁ ଚାରିପଟୁ ଚାଇନା, ଋଷିଆ, ତୁର୍କମେନିସ୍ତାନ, ଉଜ୍‌ବେକିସ୍ତାନ ଆଦି ଦେଶ ଘେରି ରହିଛି।
- ଋଷିଆ ଏବଂ କାଜାଖସ୍ତାନ ମଧ୍ୟରେ ଥିବା ସୀମା ହେଉଛି ପୃଥିବୀର ସବୁଠାରୁ ବଡ଼ ସୀମା, ଯାହାର ଲମ୍ବ ରହିଛି ୭,୫୧୨ କିଲୋମିଟର।
- ପୃଥିବୀର ସବୁଠୁ ବଡ଼ ଚିମିନି 'ଏକିବାସ୍ଟୁଜ୍ ଗ୍ରେସ୍-୨' ମଧ୍ୟ ଏଠାରେ ରହିଛି, ଯାହାର ଉଚ୍ଚତା ହେଉଛି ୪୨୦ ମିଟର।
- ୨୦୦୯ ମସିହାରେ ୟୁରାନିୟମ୍ ଉତ୍ପାଦନରେ ସମଗ୍ର ବିଶ୍ୱରେ କାଜାଖସ୍ତାନ ଥିଲା ପ୍ରଥମ ଦେଶ, ଯାହାର ପରିମାଣ ଥିଲା ୧୪ ହଜାର ୨୦ ଟନ୍। ପରେ ୨୦୧୧ ମସିହାରେ ଦେଶର ଶତକଡ଼ା ପ୍ରାୟ ୩୫ ଭାଗ ଏଠାରେ ଉତ୍ପାଦିତ ହୋଇଥିଲା। ଏବେ ୟୁରାନିୟମ୍ ସଂରକ୍ଷିତ କରିବାରେ ଏହା ପୃଥିବୀର ଦ୍ୱିତୀୟ ବୃହତ୍ତମ ଦେଶ ଭାବେ ପରିଚିତ।
- ଖାଲି ସେତିକି ନୁହେଁ ପାରଦ, ଜିଙ୍କ୍, କ୍ରୋମିୟମ୍ ଉତ୍ପାଦନରେ ମଧ୍ୟ ଏହା ପୃଥିବୀରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏହାଛଡ଼ା କୋଇଲା, ଲୁହା, କପର୍, ମାଙ୍ଗାନିଜ୍, ସୁନା, ପେଟ୍ରୋଲିୟମ୍, ନାଚୁରାଲ ଗ୍ୟାସ ଆଦି ଏଠାରେ ବହୁ ପରିମାଣରେ ଉତ୍ପାଦନ ହୁଏ।
- ପ୍ରଥମ ଆର୍ଟିଫିସିଆଲ ସାଟେଲାଇଟ୍ ସ୍ପୁଟନିକ୍-୧ ଏବଂ ପ୍ରଥମ ବ୍ୟକ୍ତି ୟୁରି ଗାଗାରିନ୍, କାଜାଖସ୍ତାନର ବେକନର୍ କସ୍‌ମୋଡ୍ରୋମ୍ ସହରରୁ ମହାକାଶକୁ ଯାଇଥିଲେ।
- ପୃଥିବୀର ବଡ଼ ହ୍ରଦମାନଙ୍କ ମଧ୍ୟରେ କାଜାଖସ୍ତାନରେ ଥିବା 'ବଲ୍‌ଖାସ୍' ହେଉଛି ଅନ୍ୟତମ, ଯାହାର ଅଧା ଜଳ ମଧୁର ଏବଂ ଅଧା ଜଳ ଲୁଣି।
- ମାଣ୍ଡେଲିଭ୍ ପିରିୟଡିକ୍ ଟେବୁଲରେ ଥିବା ୧୧୮ଟି ଏଲିମେଣ୍ଟ ମଧ୍ୟରୁ ପ୍ରାୟ ୯୯ଟି ଏଲିମେଣ୍ଟ ଏଠାରୁ ହିଁ ଆବିଷ୍କାର ହୋଇଛି।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୧ ମେ, ୨୦୨୨ Bhubaneswar, Sunday, May 1/2022

# ଦ୍ୱାରଶୁଣୀ ଘାଟିରେ ଟ୍ରକ୍‌କୁ ଧକ୍କାଦେଲା ବସ୍


ଦୁର୍ଘଟଣାଗ୍ରସ୍ତ ବସ୍

## ଜଣେ ଯାତ୍ରୀ ମୃତ, ୪ ଆହତ

**ବାଙ୍ଗିରିପୋଷି, ୩୦।୪ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ୪୯ ନଂ. ଜାତୀୟ ରାଜପଥର ଦ୍ୱାରଶୁଣୀ ଘାଟିଠାରେ ଶନିବାର ସକାଳେ ଏକ ବସ୍ ଟ୍ରକ୍‌କୁ ଧକ୍କାଦେବାରୁ ଜଣେ ଯାତ୍ରୀଙ୍କର ମୃତ୍ୟୁ ଘଟିଛି। ଅନ୍ୟ ୪ ଜଣ ଆହତ ହୋଇଛନ୍ତି। ମୃତକ ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲା ଚକସାହିପୁର ଗ୍ରାମର ସେରାର୍ଜୁଦ୍ଦିନ(୪୭) ବୋଲି ଜଣାପଡ଼ିଛି। ତେବେ ଦୁର୍ଘଟଣାରେ ବସ୍‌ର ସମ୍ମୁଖ ପାର୍ଶ୍ୱ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି।

ସୂଚନା ଅନୁଯାୟୀ, 'ଜୟ ମାତା ଦୀ' ନାମକ ବସ୍ ୬୦ଜଣରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଘାଟି ରାସ୍ତାରେ ଓହ୍ଲାଉଥିବା ବେଳେ ଏକ ଲୁହା ବୋଝେଇ ଟ୍ରକ୍‌କୁ ପଛପଟୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ବସ୍‌ରେ ଥିବା ଯାତ୍ରୀମାନେ ଆହତ ହୋଇଥିଲେ। ଖବରପାଇ ବାଙ୍ଗିରିପୋଷି ପୋଲିସ ଏବଂ ଦମକଳ ବାହିନୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସେରାର୍ଜୁଦ୍ଦିନଙ୍କର ମୃତ୍ୟୁ ଘଟିଥିଲା। ଉକ୍ତ ବସ୍‌ରେ ଥିବା ଯାତ୍ରୀମାନେ ସମସ୍ତେ ପ୍ରାୟ ଶ୍ରମିକ ଶ୍ରେଣୀର। ସେମାନେ ସମ୍ବଲପୁରରୁ ଇଦ୍‌ପର୍ବ ପାଳନ ପାଇଁ ମୁର୍ଶିଦାବାଦକୁ ଫେରୁଥିଲେ।

# ସାଓମିର ୫,୫୫୧ କୋଟି ଜବତ

## ବେଆଇନ ଭାବେ ବାହାରକୁ ପଠାଇଛି ଟଙ୍କା

**ନୂଆଦିଲ୍ଲୀ, ୩୦।୪**



ଚାଇନିଜ୍ ସ୍ମାର୍ଟଫୋନ୍ ନିର୍ମାଣକାରୀ କମ୍ପାନୀ ସାଓମି ଟେକ୍ନୋଲୋଜି ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍‌ର ୫,୫୦୦ କୋଟି ଟଙ୍କା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶନିବାର ଜବତ କରିଛି। ଏମ୍‌ଆଇ ଓ ରେଡ୍‌ମି ବ୍ରାଣ୍ଡ ନାଁରେ ମୋବାଇଲ ଫୋନ୍ ବିତରଣ କରୁଥିବା ଏହି କମ୍ପାନୀ ଭାରତର ବିଦେଶ ବିନିମୟ ଆଇନ ଉଲ୍ଲଂଘନ କରିଥିବା ଇଡି ପକ୍ଷରୁ କୁହାଯାଇଛି। ଫରେନ୍ ଏକ୍ସଚେଞ୍ଜ ମ୍ୟାନେଜମେଣ୍ଟ ଆକ୍ଟ(ଏଫ୍‌ଇଏମ୍‌ଏ), ୧୯୯୯ ଅଧୀନରେ କମ୍ପାନୀ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକରୁ ଏହି ଟଙ୍କା ଜବତ କରାଯାଇଛି। ଏହି ଚାଇନା ଫାର୍ମ ଦ୍ୱାରା ବିଦେଶକୁ ବେଆଇନ ଭାବେ ଟଙ୍କା ପଠାଯାଇଥିବା ଅଭିଯୋଗରେ ଇଡି ଗତ ଫେବୃୟାରୀରେ ତଦନ୍ତ ଆରମ୍ଭ କରିଥିଲା।

୨୦୧୪ରେ ସାଓମି ଭାରତରେ ଏହାର ଅପରେଶନ ଆରମ୍ଭ କରିଥିବାବେଳେ ୨୦୧୫ରୁ ବାହାରକୁ ଅର୍ଥ ପଠାଇଥିଲା। ଏ ପର୍ଯ୍ୟନ୍ତ କମ୍ପାନୀ ପ୍ରାୟ ୫,୫୫୧ କୋଟି ଟଙ୍କା ରୟାଲିଟି ନାଁରେ ବିଦେଶରେ ଥିବା ୩ଟି ଫାର୍ମକୁ ପଠାଇଛି, ଯେଉଁଥିରେ ସାଓମି ଗ୍ରୁପ୍ ଏନ୍‌ଟିଟି ଏବଂ ୨ ଆମେରିକୀୟ କମ୍ପାନୀ ସାମିଲ ରହିଛି। ଚାଇନିଜ୍ ପ୍ୟାରେଣ୍ଟ କମ୍ପାନୀ ସାଓମି ଗ୍ରୁପ୍ ନିର୍ଦ୍ଦେଶରେ ରୟାଲଟି ନାଁରେ ଏତେ ପରିମାଣର ଅର୍ଥ ବିଦେଶକୁ ପଠାଯାଇଥିବା ଇଡି କହିଛି। ମାମଲାରେ ସାଓମିର ଗ୍ଲୋବାଲ ଭାଇସ୍ ପ୍ରେସିଡେଣ୍ଟ ମନୁ କୁମାର ଜୈନଙ୍କୁ ଇଡି ସମନ କରିଛି। ଭାରତୀୟ ନିର୍ମାତାଙ୍କ ସହଯୋଗରେ କମ୍ପାନୀ ସମ୍ପୂର୍ଣ୍ଣ ମୋବାଇଟ ସେଟ୍ ତିଆରି କରିଥାଏ। ଟଙ୍କା ପଠାଇଯାଇଥିବା ଉକ୍ତ ୩ ବିଦେଶୀ ଫାର୍ମଠାରୁ ସାଓମି ଇଣ୍ଡିଆ କୌଣସି ପ୍ରକାର ସହାୟତା ଆଣି ନ ଥିବା ଇଡି କହିଛି। ତେଣୁ ବାହାରକୁ ରୟାଲଟି ପଠାଇବା ଏଫ୍‌ଇଏମ୍‌ଏ ଧାରା ୪ର ଉଲ୍ଲଂଘନ। ଏଥିସହ କମ୍ପାନୀ ବାହାରକୁ ଅର୍ଥ ପଠାଇବା ସମ୍ପର୍କରେ ବ୍ୟାଙ୍କଗୁଡ଼ିକୁ ଭୁଲ୍ ସୂଚନା ଦେଇଥିବା ଏହି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା କହିଛି।

# ଇଡି କବ୍‌ଜାରେ ଜ୍ୟାକ୍‌ଲିନ୍‌ଙ୍କ ୭ କୋଟି

**ନୂଆଦିଲ୍ଲୀ, ୩୦।୪**



ଦୁଇ ଶହ କୋଟି ଟଙ୍କା ମନିଲଣ୍ଡରିଂ ମାମଲାର ଅଭିଯୁକ୍ତ ସୁକେଶ ଚନ୍ଦ୍ରଶେଖରଙ୍କ ସହ ଲିଙ୍କ୍ ଥିବା ବଲିଉଡ୍ ଅଭିନେତ୍ରୀ ଜ୍ୟାକ୍‌ଲିନ୍ ଫର୍ନାଣ୍ଡିଜ୍‌ଙ୍କ ୭.୨୭ କୋଟି ଟଙ୍କା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଶନିବାର ଜବତ କରିଛି। ଏଥିରେ ୭.୧୨ କୋଟି ଟଙ୍କା ଫିକ୍ସଡ୍ ଡିପୋଜିଟ ଏବଂ ଜ୍ୟାକଲିନ୍ ଚନ୍ଦ୍ରଶେଖରଙ୍କ ମାଧ୍ୟମରେ ଜଣେ ସ୍କ୍ରିପ୍ଟ ରାଇଟରଙ୍କୁ ଦେଇଥିବା ୧୫ ଲକ୍ଷ ଟଙ୍କା ରହିଛି।

ଇଡି ଅଭିଯୋଗ ଅନୁସାରେ, ରନ୍‌ବାକ୍ସିର ପୂର୍ବତନ ମାଲିକ ଶିବିନ୍ଦର ସିଂ ୨୦୧୯ରେ ଏକ ଠକେଇ ମାମଲାରେ ଗିରଫ ହୋଇଥିଲେ। ତାଙ୍କୁ ମୁକୁଳାଇବାକୁ ପ୍ରତିଶ୍ରୁତି ଦେଇ ଚନ୍ଦ୍ରଶେଖର ଶିବିନ୍ଦରଙ୍କ ପରିବାରଠାରୁ ୨୦୦ କୋଟି ଟଙ୍କା ଠକିଥିଲେ। ସେହି ଟଙ୍କାରୁ ଚନ୍ଦ୍ରଶେଖର ୫.୭୧ କୋଟିର ଉପହାର ଜ୍ୟାକ୍‌ଲିନ୍‌ଙ୍କୁ ଦେଇଥିଲେ। ଚନ୍ଦ୍ରଶେଖର ଓ ଜ୍ୟାକ୍‌ଲିନ୍ ପରସ୍ପର ରିଲେଶନଶିପ୍‌ରେ ରହିଥିଲେ। ଶିବିନ୍ଦରଙ୍କ ସ୍ତ୍ରୀ ଅଦିତି ସିଂଙ୍କ ଅଭିଯୋଗ ପରେ ଚନ୍ଦ୍ରଶେଖରଙ୍କ ନାଁରେ ମାମଲା ରୁଜୁ ହୋଇଥିଲା। ମାମଲାର ତଦନ୍ତ ପରେ ଚନ୍ଦ୍ରଶେଖରଙ୍କ ବିଳାସପୂର୍ଣ୍ଣ ଜୀବନଯାପନ ସାମ୍ନାକୁ ଆସିଥିଲା। ତାଙ୍କ ସହ ଜ୍ୟାକ୍‌ଲିନ୍ ସମ୍ପର୍କରେ ଥିବା ମଧ୍ୟ ଜଣାପଡ଼ିଥିଲା। ପରେ ଇଡି ଜ୍ୟାକ୍‌ଲିନ୍‌ଙ୍କୁ ଜେରା କରିଥିଲା। ଚନ୍ଦ୍ରଶେଖରଙ୍କଠାରୁ ୧.୧୫ କୋଟି ଟଙ୍କା ଋଣ ଆଣିଥିବା ଜ୍ୟାକ୍‌ଲିନ୍ କହିଥିଲେ। ଚନ୍ଦ୍ରଶେଖର ତାଙ୍କୁ ୫୨ ଲକ୍ଷ ଟଙ୍କାର ଏକ ଘୋଡ଼ା, ୯ ଲକ୍ଷ ଟଙ୍କାର ଏକ ପର୍ସିଆନ୍ ବିଲେଇ ସହ ଅନେକ ଦାମୀ ଅଳଙ୍କାର ଏବଂ ସାମଗ୍ରୀ ଉପହାର ଦେଇଥିଲେ। ଏଥିସହ ଜ୍ୟାକ୍‌ଲିନ୍‌ଙ୍କ ପରିବାରକୁ ମଧ୍ୟ ଚନ୍ଦ୍ରଶେଖର ଟଙ୍କା ଦେଇଛନ୍ତି।

# ପର୍ଯ୍ୟଟକଙ୍କ ପାଇଁ ଭିତରକନିକା ୩ ମାସ ବନ୍ଦ

**ରାଜନଗର,୩୦।୪(ଡି.ଏନ.ଏ.)**




ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ୩ମାସ ଲାଗି ବନ୍ଦ ରହିବ ବୋଲି ଘୋଷଣା କରାଯାଇଛି। ଏହି କଟକଣା ମେ ୧ ଅର୍ଥାତ୍ ରବିବାରଠାରୁ ଜୁଲାଇ ୩୧ ଯାଏ ଲାଗୁ ହେବ । ବିରଳ ବଉଳା କୁମ୍ଭୀରଙ୍କ ପାଇଁ ଭିତରକନିକା ପ୍ରସିଦ୍ଧି ଲାଭ କରିଛି। ଏହି ସମୟରେ ବଉଳା କୁମ୍ଭୀରଙ୍କ ପ୍ରଜନନ ଋତୁ। ମା'କୁମ୍ଭୀର ଅଣ୍ଡା ଦେବା ପାଇଁ ନିରାପଦ ସ୍ଥାନ ଖୋଜିଥାଏ। ନାଳଠୁ ଟିକେ ଉଚ୍ଚ ସ୍ଥାନରେ ଯେପରି ବସା ଭାସି ନ ଯାଏ, ସେହିସ୍ଥାନରେ କୁମ୍ଭୀର ବସା କରି ଅଣ୍ଡା ଦିଏ। ଏହି ସମୟରେ କୁମ୍ଭୀରମାନେ ସ୍ଥଳଭାଗକୁ ଉଠି ସୁରକ୍ଷିତ ସ୍ଥାନ ଦେଖି ବସା ବାନ୍ଧି ଅଣ୍ଡା ଦେଇଥାଆନ୍ତି। ଏହି ସମୟରେ ମା'କୁମ୍ଭୀର ଅଧିକ ହିଂସ୍ର ହୋଇଥାଏ। ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ପ୍ରତିବର୍ଷ ପରି ଚଳିତ ବର୍ଷ ମେ ୧ରୁ ୩ମାସ ପାଇଁ ଭିତରକନିକା ଜାତୀୟ ଉଦ୍ୟାନ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରଖାଯିବ ବୋଲି ରାଜନଗର ଡିଏଫ୍‌ଓ ଡ. ଯଜ୍ଞଦତ୍ତ ପତି ସୂଚନା ଦେଇଛନ୍ତି।

# ହତ୍ୟା ମାମଲା: ୨ଜଣଙ୍କୁ ଆଜୀବନ ଜେଲ

**ସୁନ୍ଦରଗଡ଼, ୩୦।୪(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଦୌରାଜଜ୍ ପ୍ରିୟଦର୍ଶିନୀ ପଟ୍ଟନାୟକ ଶନିବାର ଏକ ହତ୍ୟା ମାମଲାର ଶୁଣାଣି କରି ୨ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହ ୨ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ରାୟରେ ଶୁଣାଇଛନ୍ତି। ଜରିମାନା ଅନାଦେୟ ୨ମାସ ଅଧିକ ଦଣ୍ଡ ଘୋଷଣା କରିଛନ୍ତି। ଏହି ୨ ଜଣ ହେଲେ ଜିଲାର କିଞ୍ଜିରିକେଲା ଥାନା ଅନ୍ତର୍ଗତ ସାହେବଡେରାର ସୁବାସ ଅମାତ ଓ ବନ୍ଧବାହାଲର ରାଧାମାଧବ ଭିତ୍ରିଆ। ରାୟ ବିବରଣୀରୁ ପ୍ରକାଶ ଯେ ୨୦୧୯ ଏପ୍ରିଲ ୨୧ ତାରିଖ ସନ୍ଧ୍ୟାବେଳେ ସୁବାସ ଓ ରାଧାମାଧବ ମିଳିତ ଭାବେ ହଲମା ଗ୍ରାମର ଟେକ୍‌ଚାନ୍ଦ ବଡେକଙ୍କୁ ବାଇକ୍ ଯୋଗେ ନିକଟସ୍ଥ ଦାଣ୍ଡପାଣି ଗ୍ରାମକୁ ନେଇଥିଲେ। ସୁବାସଙ୍କ ସ୍ତ୍ରୀ ସହିତ ବିବାହ ପୂର୍ବରୁ ଟେକ୍‌ଚାନ୍ଦଙ୍କ ସମ୍ପର୍କ ଥିବା କଥା କହିଦେଇଥିବାରୁ ଟେକ୍‌ଚାନ୍ଦଙ୍କ ଉପରେ ରାଗ ରହିଥିଲା। ସୁବାସ ଓ ତାଙ୍କ ସହଯୋଗୀ ରାଧାମାଧବ ଷଡ଼ଯନ୍ତ୍ର କରି ଟେକଚାନ୍ଦଙ୍କୁ ମଦ ପିଆଇ ଦାଣ୍ଡପାଣି ଗାଁ ନିକଟରେ ତାଙ୍କ ଅଣ୍ଡକୋଷକୁ ଚିପି ମାରିଦେଇଥିଲେ। ଏନେଇ ପରିବାର ଲୋକେ କିଞ୍ଜିରିକେଲା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ପରେ ଏହି ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ହତ୍ୟା ମାମଲାରେ ୧୦ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ତଦନ୍ତ ରିପୋର୍ଟକୁ ଆଧାର କରି ଜିଲା ଦୌରାଜଜ୍ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ଅବଦୁଲ ସମିମ୍ ଅଖତାର ମାମଲା ପରିଚାଳନା କରୁଥିଲେ।

# ଶ୍ୱଶୁରଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

## ନିର୍ଯାତନା, ବଳାତ୍କାର ପରେ ବୋହୂଙ୍କ ଆତ୍ମହତ୍ୟା

**ବାରିପଦା ଅଫିସ/ରାଇରଙ୍ଗପୁର, ୩୦।୪(ଡି.ଏନ.ଏ.)**

ନିର୍ଯାତନା, ବଳାତ୍କାର ପରେ ମହିଳାଙ୍କ ଆତ୍ମହତ୍ୟା ମାମଲାର ବିଚାର କରି ଶନିବାର ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅତିରିକ୍ତ ଜିଲା ଦୌରାଜଜ୍ ଦୀପକ କୁମାର ଅଭିଯୁକ୍ତ ଶ୍ୱଶୁର ରାମଗୋପାଲ ଖେମକାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୧୦ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

ରାଇରଙ୍ଗପୁର ବଜାର ଧରମଗଳିଠାରେ ରହୁଥିବା ଶ୍ୱଶୁର ରାମଗୋପାଲ ବଳାତ୍କାର କରିଥିବା ନେଇ ୨୦୧୮ ଜାନୁୟାର ୧୧ତାରିଖରେ ଉକ୍ତ ମହିଳା ସମ୍ପର୍କୀୟ ଭାଇ ଓ ଭାଉଜଙ୍କୁ ମୋବାଇଲରେ ମେସେଜ କରି ଜଣାଇଥିଲେ। ଏହା ପରଦିନ ମହିଳାଜଣକ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଆତ୍ମହତ୍ୟା କରିଥିଲେ। ସ୍ୱାମୀ ଅବିନାଶ ସ୍ତ୍ରୀଙ୍କୁ ଉଦ୍ଧାର କରିବାକୁ ଯାଇ ନିଆଁରେ ପୋଡି ହୋଇ ଆହତ ହୋଇଥିଲେ। ମହିଳାଙ୍କ ଶରୀର ୯୦ପ୍ରତିଶତ ପୋଡିଯାଇଥିବା ବେଳେ ତାଙ୍କୁ ଟାଟାସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଝିଅକୁ ନିର୍ଯାତନା ଦେବା ସହ ବଳାତ୍କାର କରି ଦେହରେ ନିଆଁ ଲଗାଇ ମାରିଦେବାକୁ ଉଦ୍ୟମ ହୋଇଥିବା ନେଇ ମହିଳାଙ୍କ ବାପା ରାଇରଙ୍ଗପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ବଳାତ୍କାର, ହତ୍ୟା ଉଦ୍ୟମ, ବଧୂ ନିର୍ଯାତନା ଓ ପ୍ରମାଣ ନଷ୍ଟ କରିବା ଆଦି ଅଭିଯୋଗରେ ଅଭିଯୁକ୍ତ ରାମଗୋପାଲଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପୋଲିସ ଓ ସାଇଣ୍ଟିଫିକ ଟିମ୍‌ର ତଦନ୍ତ ରିପୋର୍ଟ, ଡାକ୍ତରୀ ରିପୋର୍ଟ ଓ ୪୭ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଜଜ୍ ଉପରୋକ୍ତ ରାୟ ଦେଇଛନ୍ତି। ଅତିରିକ୍ତ ସରକାରୀ ଆଇନଜୀବୀ ପଙ୍କଜ ଦାସ ମାମଲାକୁ ପରିଚାଳନା କରିଥିଲେ।




# 'ଶୃଙ୍ଖଳା, ତ୍ୟାଗ ସଫଳତାର ଚାବିକାଠି'


ପିଏଚ୍‌ଡି ଡିଗ୍ରୀ ଉପାଧି ପ୍ରଦାନ ଅବସରରେ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ, ମନ୍ତ୍ରୀ ଅରୁଣ କୁମାର ସାହୁ ଓ ଅନ୍ୟମାନେ।

## ଉତ୍କଳ ବିଶ୍ୱବିଦ୍ୟାଳୟର ୫୧ତମ ସମାବର୍ତ୍ତନ ଉତ୍ସବ

### ୯୮ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣପଦକ, ୧୮୯ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ ଉପାଧି

**ଭୁବନେଶ୍ୱର, ୩୦।୪(ବ୍ୟୁରୋ)**

ଶୃଙ୍ଖଳା, ତ୍ୟାଗ ଓ ଉତ୍ସର୍ଗୀକୃତ ମନୋଭାବ ହିଁ ସଫଳତାର ଚାବିକାଠି। ଶ୍ରେଷ୍ଠ ପ୍ରଦର୍ଶନ ସହ ନିଜର ପ୍ରତିଭା ଓ ଦକ୍ଷତା ବିକାଶ ପାଇଁ ଛାତ୍ରୀଛାତ୍ର ଏହି ୩ଟି ସୂତ୍ର ଉପରେ ଗୁରୁତ୍ୱ ଦେବା ଉଚିତ। ଛାତ୍ରୀଛାତ୍ରଙ୍କ ଚରିତ୍ର ଗଠନରେ ଶିକ୍ଷକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି। ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାକୁ ଚିହ୍ନଟ କରି ସେହି କ୍ଷେତ୍ରରେ କିଭଳି ସେମାନେ ପାରଦର୍ଶିତା ହାସଲ କରିପାରିବେ ସେଥିପାଇଁ ପ୍ରୟାସ ଜାରି ରଖିବାକୁ ଶିକ୍ଷକମାନେ ପରାମର୍ଶ ଦେବା ଆବଶ୍ୟକ ବୋଲି ଓଡ଼ିଶା ହାଇକୋର୍ଟର ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ କହିଛନ୍ତି। ଶନିବାର ଉତ୍କଳ ବିଶ୍ୱବିଦ୍ୟାଳୟର ୫୧ତମ ସମାବର୍ତ୍ତନ ଉତ୍ସବ ତଥା ଉପାଧି ପ୍ରଦାନ ସମାବେଶରେ ବିଚାରପତି ଡ. ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୀକ୍ଷାନ୍ତ ଭାଷଣ ଦେଇଥିଲେ। ସେ କହିଲେ, ଶିକ୍ଷାର ଅର୍ଥ ହେଉଛି ଆହ୍ୱାନକୁ ସମ୍ମୁଖୀନ ହେବା। ଯଦି ପ୍ରତିଟି ଆହ୍ୱାନକୁ ସଫଳତାର ସହ ମୁକାବିଲା କରାଯାଇପାରିବ, ତା'ହେଲେ ସବୁ ସମସ୍ୟାର ସମାଧାନ ହୋଇପାରିବ। ଜଣେ ନିଜର ରୁଚି ଥିବା କ୍ଷେତ୍ରରେ ପାରଦର୍ଶିତା ହାସଲ ସହ ପ୍ରତିଭା ଓ ଦକ୍ଷତା ପ୍ରଦର୍ଶନ କରିପାରିବ। ନିଜର ସ୍ୱପ୍ନକୁ ପୂରଣ ପାଇଁ ଶିକ୍ଷାଗ୍ରହଣ ପରେ ଦାୟିତ୍ୱ ବଢ଼ିଯିବ। ଚାକିରି, ବ୍ୟବସାୟ କିମ୍ବା ଆତ୍ମନିର୍ଭରଶୀଳ କ୍ଷେତ୍ରରେ କିଭଳି ଉତ୍କର୍ଷ ହାସଲ କରିପାରିବେ ସେଥିପାଇଁ କଠିନ ଅଧ୍ୟବସାୟ ଜାରି ରଖିବାକୁ ଡ. ଷଡ଼ଙ୍ଗୀ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ।

ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ଉତ୍କଳ ବିଶ୍ୱବିଦ୍ୟାଳୟ ହେଉଛି ଅନ୍ୟମାନଙ୍କ ପାଇଁ ମାର୍ଗଦର୍ଶକ ଓ ଏହା ସମଗ୍ର ବିଶ୍ୱରେ ବିଦିତ। ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ରାଜ୍ୟ ସରକାର ଅନୁଦାନ ଯୋଗାଇ ଦେବାରେ କେବେ ଅବହେଳା କରିନାହାନ୍ତି। ଏହାର ଉନ୍ନତୀକରଣ ପାଇଁ ସରକାର ୬୦ କୋଟି ଟଙ୍କା ଦେଇଛନ୍ତି। ସବୁ ବିଭାଗରେ ସ୍ମାର୍ଟ କ୍ଲାସ୍ ରୁମ୍ ବ୍ୟବସ୍ଥା କରିବାକୁ ସରକାର ପାଣ୍ଠି ଯୋଗାଇଦେବେ ବୋଲି ମନ୍ତ୍ରୀ ସାହୁ ଘୋଷଣା କରିଥିଲେ।

କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇ କହିଲେ, ନୂତନ ଶିକ୍ଷା ନୀତି ଓ ଗବେଷଣାରେ ଅନ୍ତଃଶୃଙ୍ଖଳା ବିଦ୍ୟାର ଅନୁମୋଦନ ଏବଂ ନବନିର୍ମିତ ବିଭିନ୍ନ କେନ୍ଦ୍ର ମାଧ୍ୟମରେ ଉତ୍ସାହଜନକ ପ୍ରକଳ୍ପ ଓ ଗବେଷଣା କାର୍ଯ୍ୟରେ ନୂତନତ୍ୱ, ବୈଷୟିକ ବିକାଶ ତଥା ଡିଜିଟାଲାଇଜେଶନ ପ୍ରକ୍ରିୟା ଆମ ବିଶ୍ୱବିଦ୍ୟାଳୟର ଗୌରବକୁ ସମ୍ପ୍ରସାରିତ କରିବାରେ ସହାୟକ ହୋଇପାରିବ। ଏହି ଅବସରରେ ବିଭିନ୍ନ ବିଷୟରେ ସର୍ବୋଚ୍ଚ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ୯୮ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣପଦକ ଏବଂ ୧୮୯ ଛାତ୍ରୀଛାତ୍ରଙ୍କୁ ପିଏଚ୍‌ଡି ଡିଗ୍ରୀ ଉପାଧି ପ୍ରଦାନ କରାଯାଇଥିଲା। କୁଳସଚିବ ଡ. ଅଭୟ କୁମାର ନାୟକ ଧନ୍ୟବାଦ ଦେଇଥିଲେ।



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଖଣି ଭିତରକୁ ବେଆଇନ ପରିବହନ

- ପରିବହନ ବିଭାଗର ତଦନ୍ତ ନିର୍ଦ୍ଦେଶ
- ନକଲି ଟ୍ରାନ୍‌ଜିଟ ପାସ୍ ବ୍ୟବହାର ଅଭିଯୋଗ

ଯାଜପୁର ଅଫିସ,୩୦।୪

ଯାଜପୁର ଜିଲା ସୁକିନ୍ଦା ବ୍ଲକ କାଳିଆପାଣି ଅଞ୍ଚଳରେ ବିଭିନ୍ନ ଖଣି ପୋତିବା ସହ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ବେଆଇନ ଲଘୁ ଖଣିଜ ଦ୍ରବ୍ୟ ପରିବହନ ହେଉଛି। ଏଥିରେ ନକଲି ଟ୍ରାନ୍‌ଜିଟ ପାସ୍ ବ୍ୟବହାର ହେଉଛି। ଏହିମର୍ମରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ଥାନୀୟ ବାସିନ୍ଦା ସୁଧାକର ପରିଡ଼ା ଦୃଷ୍ଟି ଆକର୍ଷଣ କରିବା ପରେ ବାଣିଜ୍ୟ ଓ ପରିବହନ ବିଭାଗର ଉପସଚିବ କେଶବ ଚନ୍ଦ୍ର ମୁଦୁଲି ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ଏବଂ ଇସ୍ପାତ ଓ ଖଣି ବିଭାଗର ଉପସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଉପଯୁକ୍ତ ଭାବେ ତଦନ୍ତ ହେଲେ ବାସ୍ତବତା ଲୋକଲୋଚନକୁ ଆସିପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ଅଭିଯୋଗକାରୀ ୭।୪।୨୦୨୨ରେ ସ୍ପିଡ୍‌ପୋଷ୍ଟ ମାଧ୍ୟମରେ ମୁଖ୍ୟମନ୍ତ୍ରୀ, ପରିବହନ ମନ୍ତ୍ରୀ, ୫-ଟି ସଚିବ, ରାଜସ୍ୱ ସଚିବ ପ୍ରମୁଖଙ୍କୁ ଲିଖିତ ଭାବେ ଖଣି ଖାଦାନକୁ ବେଆଇନ ବାଲି, ଚିପ୍ସ, ବଜୁରି, ମେଟାଲ ଓ ବୋଲଡର ପରିବହନ ହେଉଥିବା ଅଭିଯୋଗ କରିଥିଲେ। ଏହାପୂର୍ବରୁ ୨୩।୩।୨୦୨୨ରେ ସୁକିନ୍ଦା ତହସିଲଦାରଙ୍କୁ ଏହି ମର୍ମରେ ଲିଖିତ ଅଭିଯୋଗ କରିଥିଲେ ହେଁ ଉପଯୁକ୍ତ ତଦନ୍ତ ହୋଇ ନଥିଲା। ଉକ୍ତ ଅଭିଯୋଗ ପତ୍ରରେ ସେ ଦର୍ଶାଇଥିଲେ ଯେ, ଖଣି କର୍ତ୍ତୃପକ୍ଷ ଲଘୁ ଖଣିଜ ଦ୍ରବ୍ୟ ଗ୍ରହଣ କରୁଥିବା ସମୟରେ ଆବଶ୍ୟକ କାଗଜପତ୍ର ତଥା ଟ୍ରାନ୍‌ଜିଟ ପାସ୍ (ଟିପି), ଜିଏସ୍‌ଟି ପର୍ଚେଜ୍ ବିଲ୍ ଆଦିକୁ ତଦନ୍ତ କରୁନାହାନ୍ତି। ଖଣି କର୍ମଚାରୀମାନେ ପରିବହନ ସଂସ୍ଥା ସହ ହାତ ମିଳାଇ ଏହି ବେଆଇନ ପରିବହନକୁ ପ୍ରୋତ୍ସାହନ ଦେଉଛନ୍ତି। ଏଥିଯୋଗୁ ରାଜ୍ୟ ସରକାର ବିପୁଳ ରାଜସ୍ୱ ହରାଉଛନ୍ତି।


ସୂଚନାଯୋଗ୍ୟ ଯେ, ବିଭିନ୍ନ ବାଲିଘାଟରୁ ବାର୍ଷିକ ୨୫ରୁ ୩୫ ହଜାର ଘନମିଟର ବାଲି ଉତ୍ତୋଳନ କରିବାକୁ ଲିଜ୍‌ଧାରୀଙ୍କୁ ଅନୁମତି ଦିଆଯାଉଛି। ଏହି ଅନୁସାରେ ଦିନକୁ ହାରାହାରି ୮୨ ଘନ ମିଟର ବାଲି ଉତ୍ତୋଳନ ହୋଇପାରିବ। ତଦନୁସାରେ ତହସିଲ ଅଫିସର ସମ୍ପୃକ୍ତ ଅଧିକାରୀଙ୍କ ପକ୍ଷରୁ ଟିପି ଲିଜ୍‌ଧାରୀଙ୍କୁ ପ୍ରଦାନ କରାଯାଉଛି। କିନ୍ତୁ ଯାଜପୁର ଓ ଢେଙ୍କାନାଳ ଜିଲା ଦେଇ ଯାଇଥିବା ବ୍ରାହ୍ମଣୀ ସମେତ ଖରସ୍ରୋତା, ବୈତରଣୀ, ବିରୂପା ଆଦି ନଦୀର ବାଲିଘାଟରୁ ଧାର୍ଯ୍ୟ ପରିମାଣଠାରୁ ବହୁ ଗୁଣରେ ଅଧିକ ବାଲି ଉତ୍ତୋଳନ କରିବାକୁ ଲିଜ୍‌ଧାରୀମାନେ ନକଲି ଟିପିର ଆଶ୍ରୟ ନେଉଛନ୍ତି। ଏହି ନକଲି ଟିପି ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ସ୍ଥାନରେ ଛପା ଯାଉଥିବା ଜଣାପଡ଼ିଛି। ଉକ୍ତ ନକଲି ଟିପିର ଅଧିକାଂଶ ସ୍ଥାନ ଖାଲି ରହୁଥିବା ଦେଖିବାକୁ ମିଳିଛି। ତେବେ ଏହି ଜାଲିଆତିରେ ତହସିଲ, ପୋଲିସ ଓ ପରିବହନ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ସମ୍ପୃକ୍ତି ରହିଥିବା ଅଭିଯୋଗ ହେଉଛି। ଏହି କାରଣରୁ ଧାର୍ଯ୍ୟ ପରିମାଣଠାରୁ ଓଭରଲୋଡିଂ ପରିବହନ ହେଉଥିଲେ ହେଁ କେହି ଧରିବାକୁ ସାହସ ଜୁଟାଇ ପାରୁନାହାନ୍ତି। ତେବେ ଓଭରଲୋଡିଂ ବାଲି ଗାଡ଼ି ପରିବହନ ଯୋଗୁ ନଦୀକୂଳ ଗ୍ରାମର ନଦୀବନ୍ଧ ଦୁର୍ବଳ ହୋଇପଡ଼ିଛି। ନଦୀବନ୍ଧଗୁଡ଼ିକର ଏଭଳି ବ୍ୟବହାର ଯୋଗୁ ଜିଲାରେ ବିଭିନ୍ନ ସମୟରେ ହେଉଥିବା ବନ୍ୟା ଯୋଗୁ ଏକାଧିକ ଘାଇ ସୃଷ୍ଟି ହେଉଛି। ଏହିକ୍ରମରେ ଅଭିଯୋଗକାରୀ ସୁଧାକରଙ୍କ ଅଭିଯୋଗରେ ପ୍ରାୟ ଶତପ୍ରତିଶତ ସତ୍ୟତା ରହିଥିବା ଚର୍ଚ୍ଚା ହେଉଛି। ଖଣି ଖାଦାନରେ କଞ୍ଚାମାଲ ଉତ୍ତୋଳନ ପରେ ସେହି ଗର୍ତ୍ତକୁ ପୋତିବାକୁ ଆଇବିଏମ୍ (ଇଣ୍ଡିଆନ ବ୍ୟୁରୋ ଅଫ ମାଇନ୍ସ)ର କଡ଼ା ନିର୍ଦ୍ଦେଶ ରହିଛି। ଏଥିପାଇଁ ବାର୍ଷିକ ବିପୁଳ ପରିମାଣ ବାଲିର ଆବଶ୍ୟକତା ରହିଛି। ଖଣି କର୍ତ୍ତୃପକ୍ଷ ଏହି ଚାହିଦା ମେଣ୍ଟାଇବାକୁ ବିଭିନ୍ନ ପରିବହନ ସଂସ୍ଥାକୁ ବାଲି ଯୋଗାଇ ଦେବାକୁ ନିୟୋଜନ କରୁଛନ୍ତି। ତେବେ ସମ୍ପୃକ୍ତ ଖଣି କର୍ତ୍ତୃପକ୍ଷ ବାଲି ଯୋଗାଣ ସମୟରେ ନିୟମ ଅନୁଯାୟୀ ଆବଶ୍ୟକ କାଗଜପତ୍ର ତନଖି କରିବା କଥା। କିନ୍ତୁ ତହସିଲ ପ୍ରଶାସନର ଧାର୍ଯ୍ୟ ପରିମାଣଠାରୁ ବହୁ ଗୁଣରେ ଅଧିକ ବାଲି ଉତ୍ତୋଳନ କରି ଲିଜ୍‌ଧାରୀମାନେ ମାଲାମାଲ ହେଉଥିବାରୁ ସବୁ ଆଇନକାନୁନକୁ ମିଳିମିଶି ଦବେଇ ଦିଆଯାଉଥିବା ମତପ୍ରକାଶ ପାଇଛି। ଏହି ଅଭିଯୋଗକୁ ଖଣି କର୍ତ୍ତୃପକ୍ଷ ଖଣ୍ଡନ କରିବା ସହ ଆବଶ୍ୟକ କାଗଜପତ୍ର ତନଖି କରି ଖଣି ଭିତରକୁ ଲଘୁ ଖଣିଜ ଦ୍ରବ୍ୟ ପରିବହନ ହେଉଛି ବୋଲି ସଫେଇ ଦେଇଥିବା ଅଭିଯୋଗକାରୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

# ଚଣ୍ଡିଖୋଲରେ ଖୋଲିବ ଆଉ ୨ କୋର୍ଟ

ଚଣ୍ଡିଖୋଲ,୩୦।୪(ଡି.ଏନ.ଏ.)




ଚଣ୍ଡିଖୋଲଠାରେ ପୂର୍ବରୁ ଜେଏମ୍‌ଏଫ୍‌ସି ଓ ସିଭିଲ୍ ଜଜ୍ କୋର୍ଟ ରହିଥିବା ବେଳେ ସରକାରଙ୍କ ନିଷ୍ପତ୍ତି କ୍ରମେ ଏଠାରେ ଅତିରିକ୍ତ ଜିଲା ଦୌରା ଜଜ୍ ଓ ଅତିରିକ୍ତ ସିଭିଲ ଜଜ୍(ଜୁନିୟର ଡିଭିଜନ୍) ଖୋଲା ଯିବ ବୋଲି ନିଷ୍ପତ୍ତି ହୋଇଛି। ଏଥିନେଇ ଆଇନ ବିଭାଗ ଅତିରିକ୍ତ ସଚିବ ଓଡ଼ିଶା ହାଇକୋର୍ଟର ରେଜିଷ୍ଟ୍ରାରଙ୍କୁ ଚିଠି ଲେଖି ସୂଚନା ଦେଇଛନ୍ତି। ୨୦୦୭ରେ ପ୍ରଥମେ ଚଣ୍ଡିଖୋଲଠାରେ ଜେମ୍‌ଏଫ୍‌ସି କୋର୍ଟ ଆରମ୍ଭ ହୋଇଥିଲାବେଳେ ୨୦୧୮ରେ ସବ୍‌ଜଜ୍ କୋର୍ଟ ଖୋଲା ଯାଇଥିଲା। ଏହାପରେ ୨୦୨୧ରେ ଆଉ ଏକ ଜେଏମ୍‌ଏଫ୍‌ସି କୋର୍ଟ ଖୋଲା ଯାଇଛି। ଆଇନ ବିଭାଗର ଚିଠି ନଂ.୪୭୧୦ ତା:୨୭/୦୪/୨୦୨୨ରିଖରେ ରାଜ୍ୟରେ ୩୪ କୋର୍ଟ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ଯେଉଁଥିରେ ଚଣ୍ଡିଖୋଲରେ ୨ଟି କୋର୍ଟ ଖୋଲାଯିବ ବୋଲି ବାର ଆସୋସିଏଶନ୍ ତରଫରୁ ସୂଚନା ଦିଆଯାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଆଇନ ମନ୍ତ୍ରୀ ପ୍ରତାପ ଜେନା, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ଏମ୍‌ପି ଶର୍ମିଷ୍ଠା ସେଠୀ, ବିଧାୟକ ଅମର ପ୍ରସାଦ ଶତପଥୀ, ପ୍ରଣବ କୁମାର ବଳବନ୍ତରାୟଙ୍କୁ କୋର୍ଟ ବାର ଆସୋସିଏଶନ୍ ସଭାପତି ଦେବରାଜ ବେହେରା, ସମ୍ପାଦକ ପ୍ରକାଶ କୁମାର ଦାସଙ୍କ ସମେତ ସମସ୍ତ ଆଇନଜୀବୀ କୃତଜ୍ଞତା ଜ୍ଞାପନ କରିଛନ୍ତି।




# ଜିଲା ପରିଷଦ ସଦସ୍ୟଙ୍କ କର୍ମଶାଳା


କର୍ମଶାଳାରେ ଜିଲାପାଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ।

ଯାଜପୁର ଟାଉନ ୩୦।୪(ଡି.ଏନ.ଏ.)

ଜିଲା ପରିଷଦ ସଦସ୍ୟମାନଙ୍କୁ ବିଭିନ୍ନ ବିଭାଗ ସମ୍ପର୍କରେ ଅବଗତ କରାଇବା ନିମନ୍ତେ ଯାଜପୁର ଜିଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ ଗୃହରେ ଶନିବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଯୋଗଦେଇ ସରକାରୀ ଯୋଜନା ଲୋକଙ୍କ ପାଇଁ ଉଦ୍ଦିଷ୍ଟ, ଏହାର ଠିକ୍ ରୂପାୟନ ଓ ସଦସ୍ୟମାନଙ୍କ ଦାୟିତ୍ୱ ସମ୍ପର୍କରେ କହିଥିଲେ। ଜିଲା ପରିଷଦ ସଭାପତି ନଳିନୀପ୍ରଭା ଜେନା ଓ ଉପସଭାପତି ଗଣେଶ୍ୱର ବରାଳ ଯୋଗଦେଇ କର୍ମଶାଳା ଦ୍ୱାରା ପ୍ରଶାସନ ଓ ଲୋକପ୍ରତିନିଧିଙ୍କ ମଧ୍ୟରେ ଏକ ସମନ୍ୱୟ ପ୍ରତିଷ୍ଠା ହୋଇପାରିବ ବୋଲି କହିଥିଲେ। କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରିଆ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶିକା ରଶ୍ମିରେଖା ପ୍ରଧାନ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ।

# ବିଶିଷ୍ଟ ଶିକ୍ଷାବିତ୍‌ଙ୍କ ପରଲୋକ

ଯାଜପୁର ଟାଉନ ୩୦।୪(ଡି.ଏନ.ଏ.)

ଯାଜପୁର ଜିଲାର ବିଶିଷ୍ଟ ଶିକ୍ଷାବିତ୍ ତଥା ଛାତ୍ରବତ୍ସଳ ଗୁରୁଜୀ ଉପେନ୍ଦ୍ର ମିଶ୍ର(୯୨)ଙ୍କ ପରଲୋକ ହୋଇଛି। ମିଶ୍ର ବରୀ ବ୍ଲକ ଅନ୍ତର୍ଗତ ଅଟିରା ଗ୍ରାମର ବାସିନ୍ଦା ହୋଇଥିବାବେଳେ ସେ ଜିଲାର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷାଦାନ କରିବା ପରେ ଶେଷରେ ବରୀ ମାଉଣ୍ଟ ଜେଭି ବିଦ୍ୟାଳୟରୁ ଅବସର ନେଇଥିଲେ। ମୃତ୍ୟୁ ଖବର ପାଇବା ପରେ ତାଙ୍କ ବାସଭବନରେ ବିଧାୟିକା ସୁନନ୍ଦା ଦାସଙ୍କ ସମେତ ବହୁ ପୁରାତନ ଛାତ୍ରୀଛାତ୍ର, ସହକର୍ମୀ ଓ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କର ଏକମାତ୍ର ପୁତ୍ର ଶିକ୍ଷାବିତ୍ ନିତ୍ୟାନନ୍ଦ ମିଶ୍ର ମୁଖାଗ୍ନି ଦେଇଥିଲେ। ଉପେନ୍ଦ୍ର ଗୁରୁଜୀଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ‘ଆସ ବୁଲିଯିବା ବିରଜାକ୍ଷେତ୍ର’ ପୁସ୍ତକ ଉନ୍ମୋଚିତ

ଯାଜପୁର ଟାଉନ,୩୦।୪(ଡି.ଏନ.ଏ.)



ଅତିଥି ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ପୂର୍ଣ୍ଣାନନ୍ଦ ମିଶ୍ର ସ୍ମୃତି ପାଠାଗାର ଆନୁକୂଲ୍ୟରେ ସଭାପତି କହ୍ନେଇ ଚରଣ ମହାନ୍ତିଙ୍କ ସଭାପତିତ୍ୱରେ ଶିଶୁ ସାହିତ୍ୟିକ ଗିରିଧାରୀ ସ୍ୱାଇଁଙ୍କ ଲିଖିତ ‘ଆସ ବୁଲିଯିବା ବିରଜାକ୍ଷେତ୍ର’ପୁସ୍ତକ ଉନ୍ମୋଚିତ ହୋଇଛି। ସ୍ୱାଇଁଙ୍କ ଏହା ୬୦ତମ ପୁସ୍ତକ ଓ ବିରଜାକ୍ଷେତ୍ର ଉପରେ ୧୦ମ ପୁସ୍ତକ। ଓଡ଼ିଶାର ଜଣେ ପ୍ରଖ୍ୟାତ ଶିଶୁ ସାହିତ୍ୟିକ ଭାବରେ ତାଙ୍କର ପୁସ୍ତକଗୁଡ଼ିକ ପାଠକୀୟ ସ୍ୱୀକୃତି ଲାଭ କରିଛି। ଉନ୍ମୋଚିତ ପୁସ୍ତକଟିକୁ କଟକର ସୁନାପିଲା ପ୍ରକାଶନ ପ୍ରକାଶ କରିଛନ୍ତି। ସ୍ମୃତି ପାଠାଗାର ସଭାପତି ମହାନ୍ତି ଓ ସମ୍ପାଦକ ନୃସିଂହ ଚରଣ ମହାପାତ୍ର ପୁସ୍ତକର ସମୀକ୍ଷା କରି ଲେଖକଙ୍କ ସାରସ୍ୱତ ସାଧନାର ପ୍ରଶଂସା କରିଥିଲେ। କବି ରବି ଶତପଥୀ, ପୁଷ୍ପକାନ୍ତ ମଲ୍ଲିକ, ଗଦାଧର ରାଉତ, ପାଣ୍ଡବ ଚରଣ ସାହୁ, କ୍ଷୀରୋଦ ଚନ୍ଦ୍ର ପାଠୀ, ଶରତ ଚନ୍ଦ୍ର ମହାରଣା, ସତୀଶ ଚନ୍ଦ୍ର ଦାସ, କରୁଣାକର ନାୟକ, ରବୀନ୍ଦ୍ର ମହାନ୍ତି, ରାମକୃଷ୍ଣ ବେହୁରିଆ ଓ ଜଗନ୍ନାଥ ଧଳ ପ୍ରମୁଖ ଯୋଗଦେଇ ମଧୁବାବୁଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ସଭ୍ୟମାନେ ଲେଖକଙ୍କ ସାଧନା ଓ କୃତୀକୁ ଉଚ୍ଚ ପ୍ରଶଂସା କରିଥିଲେ। ଶେଷରେ କ୍ଷୀରୋଦ ଚନ୍ଦ୍ର ପାଠୀ ଧନ୍ୟବାଦ ଦେଇଥିଲେ।

# ୭୫ ଜଣଙ୍କୁ ଉତ୍କଳଗୌରବ ମଧୁସୂଦନ ସମ୍ମାନ

ଯାଜପୁର ଅଫିସ,୩୦।୪

କ୍ରାନ୍ତି କଳ୍କୀ ମଞ୍ଚ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୫ତମ ଜନ୍ମବାର୍ଷିକୀ କମିଟି ପକ୍ଷରୁ ଓଡ଼ିଶାର ପ୍ରତିଭାବାନ୍ ବ୍ୟକ୍ତିବିଶେଷଙ୍କ ଅବଦାନକୁ ସ୍ୱୀକୃତି ଜଣାଇବା ଉଦ୍ଦେଶ୍ୟରେ ୭୫ଜଣଙ୍କୁ ଉତ୍କଳ ଗୌରବ ମଧୁସୂଦନ ସମ୍ମାନ ପ୍ରଦାନ କରାଯାଇଛି। ସାହିତ୍ୟିକ ଘନ ପରିଡ଼ାଙ୍କ ପୌରୋହିତ୍ୟରେ ଅବସରପ୍ରାପ୍ତ ବିଚାରପତି ଅକ୍ଷୟ କୁମାର ମିଶ୍ର ମୁଖ୍ୟଅତିଥି, ଶିକ୍ଷାବିତ୍ ଡ. କେଶବ ଚନ୍ଦ୍ର ଶତପଥୀ ବିଶିଷ୍ଟ ଅତିଥି, ଆଇନଜୀବୀ ଶଶିଭୂଷଣ ଦାସ ମୁଖ୍ୟବକ୍ତା, କଲେଜ ଅଧ୍ୟକ୍ଷ ଶଶାଙ୍କ ଶେଖର ପାଣିଗ୍ରାହୀ ଓ ପ୍ରଫେସର ସତ୍ୟନାରାୟଣ ରାଉତରାୟ ସମ୍ମାନିତ ଅତିଥିଭାବେ ଯୋଗଦେଇ ସ୍ୱତନ୍ତ୍ର ଓଡ଼ିଶା ଗଠନରେ ମଧୁବାବୁଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷାବିତ୍ ଧରଣୀଧର ମହାପାତ୍ର ପ୍ରାରମ୍ଭିକ ସୂଚନା, କବୟିତ୍ରୀ ସୁଚେତା ମିଶ୍ର ସ୍ୱାଗତ ଭାଷଣ, ଆଇନଜୀବୀ ସମରେନ୍ଦ୍ର ଦାସ ଅତିଥି ପରିଚୟ ଦେଇଥିଲାବେଳେ ସେକ୍ ଅବଦୁଲ ସାଜାଦ୍ ଧନ୍ୟବାଦ ଦେଇଥିଲେ। ଦଶରଥପୁର କଳାବିକାଶ କେନ୍ଦ୍ରର କଣ୍ଠଶିଳ୍ପୀମାନେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିଥିଲେ। ସ୍ୱାସ୍ଥ୍ୟସେବା ପାଇଁ ପ୍ରଫେସର ସସ୍ମିତା ସ୍ୱାଇଁ, ଡା. କିଶୋର ଚନ୍ଦ୍ର ମିଶ୍ର, ଡା. କୁଳମଣି ବାରିକ୍, ଡା. ବିନୟ କୁମାର ନାୟକ, ଡା.ସୁପ୍ରକାଶ ଶତପଥୀ, ଡା. ଗୋପାଳ ଚନ୍ଦ୍ର ମିଶ୍ର, ଡା. ପ୍ରମୋଦ ଶତପଥୀ, ଡା. ବିରଞ୍ଚି ମହାପାତ୍ର, ଡା. ରଞ୍ଜନ ପ୍ରତିହାରୀ ଓ ଡା. ରମେଶ କୁମାର ସାହୁ, ଉତ୍ତମ ସାମ୍ବାଦିକତା ପାଇଁ ହର୍ଷବର୍ଦ୍ଧନ ବେହେରା, ସଂଗ୍ରାମ ସିଂହ, ସୁକାନ୍ତି ରାଉତ, ଶ୍ରୀନାଥ ଜେନା, ଉଦୟନାଥ ଖଣ୍ଡାଇ, ଅରୁଣ ରାଉତରାୟ ଓ ଶରତ ପଥାଳ, ସମାଜସେବା ପାଇଁ ବରଦାପ୍ରସାଦ ମହାପାତ୍ର, ବୀରେନ୍ଦ୍ର ମହାନ୍ତି, ପ୍ରଶାନ୍ତ କୁମାର ରାୟ, ପ୍ରଫୁଲ୍ଲ କୁମାର ବୋଇତାଇ, ବଟକୃଷ୍ଣ ମହାରଣା, ରବୀନ୍ଦ୍ର ପରିଡ଼ା, ପ୍ରଫୁଲ୍ଲ ନାୟକ, ପରେଶ ମଲ୍ଲିକ, ଭାସ୍କର ଜେନା, ଦେବେନ୍ଦ୍ର ପଣ୍ଡା, ଶ୍ୟାମସୁନ୍ଦର କର, ଉମାକାନ୍ତ ଧଳ, ଚନ୍ଦ୍ରମଣି ସାମଲ, ହୃଷୀକେଶ ସାହୁ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ଅନିଳାବାଳା ଦାସ, ବ୍ୟାସନଗର ପୌରପରିଷଦର ପୂର୍ବତନ ଅଧ୍ୟକ୍ଷା ସବିତା ରାଉତ, ବିବିରଞ୍ଜନ ବିଶ୍ୱାଳ, ବିଜୟ କୁମାର ସାହୁ, ଇଂ. ଶିବପ୍ରସାଦ ବଳ, ଶରତ ଚନ୍ଦ୍ର ସାହୁ ଓ ଭୁବନାନନ୍ଦ ସାମଲ, ସୂଚନା ଅଧିକାର କର୍ମୀ ନାରାୟଣ କୁମାର ରାଉତରାୟ, ସାହିତ୍ୟ ପାଇଁ କବି ଶ୍ରୀହରି ଧଳ, ଅବନୀ ପ୍ରଧାନ, କଲ୍ୟାଣୀ ନାୟକ, ନିରୁପମା ରାୟ, ଅଲେଖ ପ୍ରସାଦ ମହାରଣା, ଇଂ. ଗଙ୍ଗାଧର ସାହୁ, ଇଂ. ଅଶୋକ ମହାପାତ୍ର, ଔପନ୍ୟାସିକ ପ୍ରଶାନ୍ତ କୁମାର ବିଶ୍ୱାଳ, ପ୍ରାବନ୍ଧିକ ମନ୍ମଥ ପ୍ରଧାନ, ଚିତ୍ତରଞ୍ଜନ ବେହେରା, ସମ୍ପାଦକ ଅଜୟ ନାୟକ, ଗୀତିକବି ଅନିଲ କୁମାର ମହାନ୍ତି, ଶିଶୁ ସାହିତ୍ୟିକ ମନୀନ୍ଦ୍ର ମହାନ୍ତି, ରାଜକିଶୋର ପାଢ଼ୀ, ଅଞ୍ଜୁବାଳା ଜେନା, ବିକାଶ ଶତପଥୀ, ଲକ୍ଷ୍ମୀପ୍ରିୟା ରାଉତରାୟ, ପରିବେଶ ପାଇଁ ଅଲେଖ ଜେନା, ସୁଦର୍ଶନ ନାୟକ, ମହେନ୍ଦ୍ର କୁମାର ଧଳ, ଶିକ୍ଷା ଲାଗି ଶିକ୍ଷାବିତ୍ କପିଳେନ୍ଦ୍ର ମିଶ୍ର, ପଣ୍ଡିତ ଭୂପତି ଭୂଷଣ ମିଶ୍ର, ଶ୍ୟାମସୁନ୍ଦର ପଣ୍ଡା, ବିଷ୍ଣୁମୋହନ ସାହୁ, ଦେବସ୍ମିତା ସାହୁ। ନାଟ୍ୟାଭିନୟ ପାଇଁ ଗୌରାଙ୍ଗ ଶତପଥୀ, ବୃନ୍ଦାବନ ମିଶ୍ର ଓ ଅଲେଖ ସାହୁ, ଆଇନ ସେବାପାଇଁ ଆଇନଜୀବୀ ମଙ୍ଗୁଳି ଚରଣ ସାହୁ, ଅଶୋକ କୁମାର ପାହିଲ, ସମରେନ୍ଦ୍ର ଦାସ, ଦେବରାଜ ବେହେରା, ବଟକୃଷ୍ଣ ମହାପାତ୍ର ପ୍ରମୁଖଙ୍କୁ ମାନପତ୍ର ଓ ଉତ୍ତରୀୟ ସହିତ ଉତ୍କଳ ଗୌରବ ମଧୁସୂଦନ ସମ୍ମାନ-୨୦୨୨’ ପ୍ରଦାନ କରାଯାଇଛି।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।



# ଖରାରେ ସିଝିଲେ ନବୋଦୟ ପରୀକ୍ଷାର୍ଥୀ

ରସୁଲପୁର,୩୦।୪(ଡି.ଏନ.ଏ.)


ପରୀକ୍ଷାର୍ଥୀ ଟାଣ ଖରାରେ କେନ୍ଦ୍ରକୁ ଯିବାକୁ ଅପେକ୍ଷା କରିଛନ୍ତି।

■ ବିପର୍ଯ୍ୟୟ କଟକଣାକୁ ଅଣଦେଖା
■ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି

ଜବାହାର ନବୋଦୟ ପରୀକ୍ଷାବେଳେ ଶନିବାର ପ୍ରାକୃତିକ ବିପର୍ଯ୍ୟୟ କଟକଣାକୁ ଅଣଦେଖା କରାଯାଇଛି। ପରୀକ୍ଷା ସମୟ ନିର୍ଘଣ୍ଟ ପୂର୍ବାହ୍ନ ସାଢ଼େ ୧୧ଟାରେ କରାଯାଇଥିବାରୁ ପରୀକ୍ଷା ଦେବାକୁ ଆସିଥିବା କୋମଳମତି ଛାତ୍ରୀଛାତ୍ରଙ୍କୁ ଘଣ୍ଟାଘଣ୍ଟା ଧରି ଖରାରେ ସିଝିବାକୁ ପଡ଼ିଛି। ପରୀକ୍ଷା ପାଇଁ ଦିଆଯାଇଥିବା ସମୟକୁ ନେଇ ଅଭିଭାବକ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ବିପର୍ଯ୍ୟୟ ସତର୍କତାକୁ ଅନୁପାଳନ କରିବାରେ କେନ୍ଦ୍ର ସରାକରଙ୍କ ପରିଚାଳିତ ଜବାହର ନବୋଦୟ ବୋର୍ଡ ଓ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବିଫଳ ହୋଇଛି। ତେଣୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

ଖରା ପ୍ରକୋପକୁ ଦେଖି ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାର୍ଥୀଙ୍କ ପାଇଁ ସକାଳ ୮ଟାରୁ ପରୀକ୍ଷା ଆରମ୍ଭ କରାଯାଉଛି। ଯୁକ୍ତ ୨ ପିଲାଙ୍କ ପରୀକ୍ଷା ସକାଳ ୯ଟାରୁ ଆରମ୍ଭ କରିବାକୁ ନିର୍ଦ୍ଦେଶ ରହିଛି। ହେଲେ ୬ଷ୍ଠ ଶ୍ରେଣୀ ପଢ଼ିବାକୁ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହୋଇଥିବା ଜବାହାର ନବୋଦୟ ପରୀକ୍ଷା ପାଇଁ ସ୍ଥିର ହୋଇଥିବା ନିର୍ଘଣ୍ଟରେ ବ୍ୟତିକ୍ରମ ଦେଖାଦେଇଛି। ପୂର୍ବାହ୍ନ ସାଢେ ୧୧ଟାରେ ପରୀକ୍ଷା ଆରମ୍ଭ କରିବାକୁ ନିଷ୍ପତ୍ତିକୁ ଅଭିଭାବକ ଆଦୌ ଗ୍ରହଣ କରିପାରି ନାହାନ୍ତି। ଏ ଦିଗରେ ଅଭିଭାବକ ବ୍ଲକ ଓ ଜିଲା ଶିକ୍ଷାଧିକାରୀଙ୍କ ସହ ଯୋଗାଯୋଗ କରି ଅଭିଯୋଗ କରିଥିଲେ ବି ସେମାନେ ନିଜର ଅସମର୍ଥତା ପ୍ରକାଶ କରିଥିବା ନେଇ ସୂଚନା ମିଳିଛି। ଅଭିଭାବକ ଅନ୍ୟ ଉପାୟ ନପାଇ ସେମାନଙ୍କ ଶିଶୁଙ୍କୁ ଖରାରେ ଘଣ୍ଟାଘଣ୍ଟା ଧରି ଛିଡ଼ା କରିବାକୁ ବାଧ ହୋଇଛନ୍ତି। ଏପରି କି କେତେଜଣ ଅଭିଭାବକ ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ତ୍ରୁଟି ଯୋଗୁ ପିଲାଙ୍କ ଯନ୍ତ୍ରଣା ଆହୁରି ବଢିଯାଇଛି। ଅଧିକାଂଶ ଆଡମିଟ୍କାର୍ଡରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦସ୍ତଖତ ନ ଥିବାରୁ ପିଲାମାନଙ୍କୁ ପରୀକ୍ଷା ହଲରେ ପ୍ରବେଶ କରିବାରେ ଅସୁବିଧା ଦେଖାଦେଇଛି। ପରୀକ୍ଷା କେନ୍ଦ୍ର ଫାଟକ ନିକଟରେ ଚେକିଂ ବେଳେ ଏଭଳି ତ୍ରୁଟି ଦେଖି ଶିକ୍ଷକମାନେ ଅଭିଭାବକଙ୍କୁ ବିଦ୍ୟାଳୟରୁ ଦସ୍ତଖତ ଆଣିବାକୁ ପରାମର୍ଶ ଦେଇଥିଲେ। ଏହାକୁ ନେଇ ଆହୁରି କିଛି ସମୟ ପାଇଁ ପିଲାଙ୍କୁ ଖରାରେ ଛିଡ଼ା ହେବାକୁ ପଡ଼ିଥିଲା। ପରୀକ୍ଷା ୨ଘଣ୍ଟା ଧରି ଚାଲିଥିଲା। ଅପରାହ୍ନ ସାଢେ ୧ଟା ବେଳେ ପୁଣି ପରୀକ୍ଷାର୍ଥୀ ମୁଣ୍ଡଫଟା ଟାଣ ଖରାରରେ ଘରକୁ ଫେରୁଥିବା ଦେଖାଯାଇଥିଲା। ସେହିପରି ପରୀକ୍ଷା ସମୟରେ ବିଜୁଳି କାଟ ଯୋଗୁ ପରୀକ୍ଷାର୍ଥୀ ଅସୁବିଧାର ସମ୍ମୁଖିନ ହୋଇଥିଲେ। କେତେକ ପରୀକ୍ଷା କେନ୍ଦ୍ରରେ ଲାଗିଥିବା ପଙ୍ଖା ଅଚଳଥିବାରୁ ପିଲାଙ୍କୁ ଗରମରେ ପରୀକ୍ଷା ଦେବାକୁ ପଡ଼ିଥିଲା। ଏଭଳି ସ୍ଥିତି ମେଧାବୀ ବିଦ୍ୟାର୍ଥିଙ୍କ ଦକ୍ଷତା ପ୍ରଦର୍ଶନକୁ ପ୍ରଭାବିତ କରିଛି ବୋଲି ଅଭିଭାବକ ମହଲରେ ଆଲୋଚନା ହେଉଛି।

ଏହି କ୍ରମରେ ରସୁଲପୁର ବ୍ଲକ ଅଧୀନ ୫ଟି ସରକାରୀ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ଦେବା ପାଇଁ ୭୩୯ ବିଦ୍ୟାର୍ଥୀ ନାମ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ୬୭୯ଜଣ ପରୀକ୍ଷା ଦେଇଛନ୍ତି। ୬୦ଜଣ ଅନୁପସ୍ଥିତ ରହିଛନ୍ତି। ମଧୁବନ ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୩୯ ପରୀକ୍ଷାର୍ଥୀଙ୍କ ପାଇଁ ବ୍ୟବସ୍ଥା କରାଯାଇଥିଲା। ସେଥିରୁ ୧୨୬ଜଣ ପରୀକ୍ଷା ଦେଇଥିବା ବେଳେ ୧୩ଜଣ ଅନୁପସ୍ଥିତ ଥିଲେ। ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ର ପାଇଁ ୧୨୦ଜଣ ଫର୍ମପୂରଣ କରିଥିଲେ। ୧୧୨ଜଣ ପରୀକ୍ଷା ଦେଇଥିବାବେଳେ ୮ଜଣ ଅନୁପସ୍ଥିତ ରହିଛନ୍ତି। କ୍ଷେତ୍ରପାଳ ନୋଡାଲ ବିଦ୍ୟାଳୟ ପାଇଁ ୧୮୦ଜଣ ଫର୍ମପୂରଣ କରିଥିଲେ। ୧୬୮ ପରୀକ୍ଷା ଦେଇଛନ୍ତି। ୧୨ଜଣ ଅନୁପସ୍ଥିତ ଅଛନ୍ତି। ଖଣ୍ଡିତର ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ର ପାଇଁ ୧୪୪ ଫର୍ମପୂରଣ କରିଥିବାବେଳେ ୧୨୯ଜଣ ପରୀକ୍ଷା ଦେଇଛନ୍ତି। ୧୫ଜଣ ଅନୁପସ୍ଥିତ ରହିଛନ୍ତି। ମୁଗୁପାଳ ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୫୬ଜଣ ଫର୍ମ ପୂରଣ କରିଥିଲେ। ୧୪୪ଜଣ ପରୀକ୍ଷା ଦେଇଥିବାବେଳେ ୧୨ଜଣ ଅନୁପସ୍ଥିତ ଥିବା ନେଇ ସୂଚନା ମିଳିଛି। ପରୀକ୍ଷା ପାଇଁ ସ୍ଥିରିକୃତ ସମୟ ନିର୍ଘଣ୍ଟ ସମ୍ପର୍କରେ ରସୁଲପୁର ବ୍ଲକ ଶିକ୍ଷାଧିକାରୀ ଶ୍ରୀଚରଣ ମଲିକଙ୍କୁ ପଚାରିବାରୁ ସେ କହିଛନ୍ତି, ପରୀକ୍ଷା ପରିଚାଳନା ନେଇ ତାଙ୍କ ନିକଟରେ କୌଣସି ସୂଚନା ନାହିଁ। ନବୋଦୟ ବୋର୍ଡ ପକ୍ଷରୁ ପରୀକ୍ଷା ପରିଚାଳନା କରାଯାଇଛି। ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ବ୍ଲକ ଅଞ୍ଚଳରେ ସ୍ଥିରିକୃତ ୫ଟି କେନ୍ଦ୍ରରେ ପରୀକ୍ଷା ହୋଇଛି। କେନ୍ଦ୍ର ଦାୟିତ୍ୱରେ ଥିବା ଶିକ୍ଷକମାନଙ୍କଠାରୁ ସେ ସୂଚନା ସଂଗ୍ରହ କରୁଛନ୍ତି। ତେଣୁ ସେ ଅଧିକା କିଛି ଜାଣି ନାହାନ୍ତି ବୋଲି ମତ ରଖିଛନ୍ତି।

# ସିଂଗାଡ଼ିଆ ଛକରେ ଗୋଷ୍ଠୀ ସଂଘର୍ଷ: ୧୫ ଆହତ

କଳିଙ୍ଗନଗର,୩୦।୪(ଡି.ଏନ.ଏ.)

## ସଉଦା କିଣାକୁ ନେଇ ଗଣ୍ଡଗୋଳ

ଯାଜପୁର ଜିଲା ଦାନଗଦି ଫାଣ୍ଡି ଅନ୍ତର୍ଗତ ସିଂଗାଡ଼ିଆ ଛକରେ ଶନିବାର ରାତି ସାଢ଼େ ୯ଟାରେ ଏକ ତେଜରାତି ଦୋକାନରୁ ସାଉଦା କିଣାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ଉଭୟ ପକ୍ଷରୁ ପ୍ରାୟ ୧୫ ଜଣ ଆହତ ହୋଇଛନ୍ତି।

ସୂଚନା ମୁତାବକ ଶନିବାର ରାତିରେ ଦାନଗଦିରେ ରହୁଥିବା ବ୍ରହ୍ମପୁର ଅଞ୍ଚଳର ଜଣେ ଭଡ଼ାଟିଆ ସିଂଗାଡ଼ିଆ ଛକର ନିମେଇ ମଣ୍ଡଳଙ୍କ ଦୋକାନକୁ ସଉଦା କିଣିବାକୁ ଯାଇଥିଲେ। ସାମଗ୍ରୀ କିଣା ସମୟରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଭଡ଼ାଟିଆ ଜଣକ ତାଙ୍କ ପାଖରେ ରହୁଥିବା ଅନ୍ୟ ସାଙ୍ଗମାନଙ୍କୁ ଫୋନ କରି ଡାକିଥିଲେ। ସେମାନେ ନିମେଇଙ୍କ ଦୋକାନରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ଫଳରେ ନିମେଇ ମଧ ଫୋନ କରି ତାଙ୍କ ଗାଁ ଲୋକଙ୍କୁ ଡାକିଥିଲା। ଗାଁ ଲୋକେ ପହଞ୍ଚି ଯିବା ପରେ ଉଭୟ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ନିକଟରେ ଥିବା ଏକ ଦୋକାନରୁ ସେମାନେ ଥଣ୍ଡା ବୋତଲ ଟାଣି ଆଣି ପରସ୍ପରକୁ ଆକ୍ରମଣ କରିଥିଲେ। ଏଥିରେ ଆହତ ହୋଇଥିବା ବ୍ୟକ୍ତିମାନେ ହେଲେ ସିଂଗାଡ଼ିଆର ନିମେଇ ମଣ୍ଡଳ (୩୦), ସୂର୍ଯ୍ୟକାନ୍ତ ମଣ୍ଡଳ (୪୭), ବିଶ୍ୱଜିତ୍ ମଣ୍ଡଳ (୫୫), ହରିଶିତ ମଣ୍ଡଳ (୪୭) ଏବଂ ଭଡ଼ାଟିଆ ଲୋକଙ୍କ ମଧ୍ୟରୁ ସରୋଜ ପରିଛା (୨୫), ଶରତ ଚନ୍ଦ୍ର ପଲେଇ (୩୦), ଚିନ୍ମୟ ନାୟକ (୪୦) ଓ ସନ୍ତୋଷ କୁମାର ଗୌର (୪୦)। ସମସ୍ତ ଆହତ ଦାନଗଦି ଡାକ୍ତରଖାନାରେ ଭର୍ତ୍ତି ହେଇଛନ୍ତି। ଅଧିକ ଉତ୍ତେଜନା ଆଶଙ୍କାରେ ସିଂଗାଡ଼ିଆ ଛକରେ ପୋଲିସ ମୁତୟନ କରାଯାଇଛି।


ଗଣ୍ଡଗୋଳରେ ଆହତ ହୋଇଥିବା ବ୍ୟକ୍ତିମାନେ ମେଡିକାଲକୁ ଆସିଛନ୍ତି।

## ସଂକ୍ଷେପରେ

### ପାଣି ପାଇଁ ଗୋରୁ ଛଟପଟ

ସିଂହପୁର,୩୦।୪(ଡି.ଏନ.ଏ.): ପ୍ରଚଣ୍ଡ ରୌଦ୍ରତାପରେ ସାରା ରାଜ୍ୟ ଜଳୁଛି। ପୂର୍ବାହ୍ନ ୧୧ଟା ପରେ ସାଧାରଣ ଲୋକେ ଘରୁ ବାହାରିବା କଷ୍ଟକର ହୋଇ ପଡୁଛି। ବିଭିନ୍ନ ସ୍ଥାନରେ ଜଳ କଷ୍ଟ ମଧ ଦେଖାଦେଇଛି। ଛୋଟବଡ଼ ଗଡ଼ିଆ ପୋଖରୀ ଶୁଖିଯିବା ଯୋଗୁ ବିଞ୍ଝାରପୁର ବ୍ଲକ ଅଞ୍ଚଳରେ ବୁଲା ଗୋରୁଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି। ଏଥିସହିତ ପୋଖରୀ ପାଣିକୁ ବ୍ୟବହାର କରି ଚାଷୀମାନେ ପରିବା ଚାଷ କରୁଥିଲେ। ସେମାନଙ୍କୁ ମଧ କଷ୍ଟ ସ୍ୱୀକାର କରିବାକୁ ପଡୁଛି। ପଞ୍ଚାୟତ ତରଫରୁ ବିଭିନ୍ନ ସ୍ଥାନରେ ପାଣିକୁଣ୍ଡର ବ୍ୟବସ୍ଥା ଗରାଗଲେ ବୁଲା ଗୋରୁଙ୍କ ପାଣି ସଙ୍କଟ ଦୁରହୋଇ ପାରନ୍ତା। ଏଥିପ୍ରତି ପଞ୍ଚାୟତର ଜନପ୍ରତିନିଧି ଓ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

### ୩ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଯାଜପୁର ଟାଉନ ୩୦।୪(ଡି.ଏନ.ଏ.): ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟର ୩ଜଣ କର୍ମଚାରୀଙ୍କୁ ଶନିବାର ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସେମାନେ ହେଲେ ସହକାରୀ ଜିଲାପାଳ ଦାୟିତ୍ୱରେ ଥିବା ତରଣିସେନ୍ ପଟ୍ଟନାୟକ, ସମାଜକଲ୍ୟାଣ ବିଭାଗର ପ୍ରୋଗ୍ରାମ୍ ଅଫିସର କାଞ୍ଚନ ରାମ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟର ୪ର୍ଥ ଶ୍ରେଣୀ କର୍ମଚାରୀ ସେକ୍ ଇସ୍ରାଏଲ ଅଲ୍ଲୀ। ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସହକାରୀ ଜିଲାପାଳ ତିଲୋତ୍ତମା ପୃଷ୍ଟି, ଉମେଶ ଚନ୍ଦ୍ର ଲେଙ୍କା ଓ ସମାଜ କଲ୍ୟାଣ ଅଧିକାରୀ ସୁବାସ ଚନ୍ଦ୍ର ସାମଲ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ କର୍ମଚାରୀଙ୍କ ଜୀବନ ସୁଖମୟ ହେବ ବୋଲି କାମନା କରିଥିଲେ।

### କିରାଣିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବିଞ୍ଝାରପୁର,୩୦।୪(ଡି.ଏନ.ଏ.): ଯାଜପୁର ଜିଲାର ଅନ୍ୟତମ ଅଗ୍ରଣୀ ଶିକ୍ଷାନୁଷ୍ଠାନ ବରୁଣେଶ୍ୱର ମହାବିଦାୟାଳୟର ବରିଷ୍ଠ କିରାଣି ଅଶୋକ କୁମାର ନାୟକ ଶନିବାର ଅବସର ଗ୍ରହଣ କରିଛନ୍ତି। ମହାବିଦ୍ୟାଳୟ ପକ୍ଷରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମହାବିଦ୍ୟାଳୟ ଅଧକ୍ଷ ବଟକୃଷ୍ଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ପ୍ରଧାପକ ପ୍ରସନ୍ନ ରାଉତ, ଡ. ଶ୍ରିହରୀ ଧଳ, ଚତୁର୍ଭୁଜ ସାହୁ, ରବୀନ୍ଦ୍ର କୁମାର ପରିଡ଼ା, ନନ୍ଦକିଶୋର ପାତ୍ର, ବିଷ୍ଣୁଚରଣ ସାମଲ, ଅଶୋକ କୁମାର ସାହୁ ଓ ରାମଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ କିରାଣି ନାୟକଙ୍କ ବନ୍ଧୁବତ୍ସଳତା, କର୍ମନିଷ୍ଠତା ଓ କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ନାୟକଙ୍କୁ ପୁଷ୍ପଗୁଚ୍ଛ, ଉପଢ଼ୌକନ ପ୍ରଦାନ ପୂର୍ବକ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ନାୟକଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ।

# ବର୍ଷେ ହେବ ମରାମତି ହେଉନି ଚେକ୍ ଡ୍ୟାମ୍


ମତଗୁଞ୍ଜର ଚେକ୍ ଡ୍ୟାମ୍।

ଜେନାପୁର,୩୦।୪(ଡି.ଏନ.ଏ.)

## ବନ୍ୟା ଆସିଲେ ଉଜୁଡ଼ିବ ଶତାଧିକ ହେକ୍ଟର ଧାନ ଓ ପରିବା ଫସଲ

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଘାସିବରଠାରେ ଥିବା ମତଗୁଞ୍ଜର ଚେକ୍ ଡ୍ୟାମ୍(ପୋଲ) ମରାମତି ନ ହୋଇ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ଡ୍ୟାମ୍ଟି ବ୍ରାହ୍ମଣୀ ନଦୀର ବନ୍ୟାଜଳକୁ ନିୟନ୍ତ୍ରଣ ନିମନ୍ତେ ୫୦ ବର୍ଷ ତଳେ ନିର୍ମାଣ ହୋଇଥିଲା। ଏହି ପୋଲରେ ରହିଛି ୧୨ଟି ପୁକାର ଓ ୨୪ଟି କବାଟ। ଗତ ବର୍ଷ ଲଘୁଚାପ ଜନିତ ବର୍ଷା ଓ ବ୍ରାହ୍ମଣୀ ନଦୀର ବନ୍ୟା ଜଳ ପଶି ୫ଟି କବାଟକୁ ଭାଙ୍ଗି ଦେଇଥିଲା। ଫଳରେ ଜେନାପୁର ଅଞ୍ଚଳରେ ଥିବା ଶତାଧିକ ହେକ୍ଟର ଧାନ ଓ ପନିପରିବା ଫସଲ ନଷ୍ଟ ହୋଇଥିଲା। ଗାଁ ଗଣ୍ଡାରେ ବନ୍ୟା ଜଳ ପସିଯିବା ହେତୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏସବୁ ପରେ ଗତବର୍ଷ ସ୍ଥାନୀୟ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଚେକ ଡ୍ୟାମ୍ ନିକଟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଏଥିସହିତ ବନ୍ୟା ଆସିବା ପୂର୍ବରୁ ଏହାର ମରାମତି ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବନ୍ୟାରେ ପ୍ରଭାବିତ ହୋଇଥିବା ଚାଷ ଜମି ଓ ଗାଁଗୁଡିକରେ ପହଞ୍ଚି ସମସ୍ୟା ବୁଝିଥିଲେ। ତେବେ ଏହାକୁ ଏକବର୍ଷ ବିତି ଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ କୌଣସି ମରାମତି କାର୍ଯ୍ୟ ହୋଇନାହିଁ। ଫଳରେ ଆଗକୁ ବନ୍ୟା ଆସିଲେ ଚାଷୀ କ'ଣ କରିବେ ବୋଲି ଚିନ୍ତାରେ ପଡ଼ିଛନ୍ତି। ଏହି ଚେକ୍ ଡ୍ୟାମ୍ କେବେ ମରାମତି ହେବ ବୋଲି ଚାଷୀଙ୍କ ମନରେ ପ୍ରଶ୍ନ ଉଙ୍କି ମାରୁଛି। ଆଗକୁ ବ୍ରାହ୍ମଣୀ ନଦୀରେ ବନ୍ୟା ଆସିଲେ ଅଞ୍ଚଳରେ ଥିବା ଶତାଧିକ ହେକ୍ଟର ଫସଲ ନଷ୍ଟ ହେବା ସହ ଗାଁ ଗଣ୍ଡା ଭାସିବା ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ କବାଟ ଗୁଡ଼ିକୁ ଶୀଘ୍ର ମରାମତି କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି।

# ଫେଙ୍କର ବେଦାନ୍ତ ପକ୍ଷରୁ ପରିବେଶ ସଚେତନତା ରାଲି

କାଳିଆପାଣି,୩୦।୪(ଡି.ଏନ.ଏ.)

ଫେଙ୍କର ବେଦାନ୍ତ ପକ୍ଷରୁ ଏକ ପରିବେଶ ସଚେତନତା ରାଲି ଓ ଚାରାବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶନିବାର ଏହି ସଚେତନତା ରାଲି କଳରଙ୍ଗୀ କ୍ରୋମାଇଟ ଖଣିରୁ ବାହାରି ଟାଟା ବଜାର ବୁଲିବା ପରେ ସାପ୍ତାହିକ ହାଟରେ ପହଞ୍ଚିଥିଲା। ପରେ ସେଠାରେ ଏକ ସଭା ହୋଇଥିଲା। ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧୀର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଛ ଲଗାଇବା ସହ ଉତ୍ତମ ପରିବେଶ ସୃଷ୍ଟି କରିବାକୁ ଉପସ୍ଥିତ ଶ୍ରମିକ, କର୍ମଚାରୀ ଓ ସାଧାରଣ ଲୋକଙ୍କୁ ଆହ୍ୱାନ ଦେଇଥିଲେ। ପରେ ଆମ୍ବ, ପଣଷ, ଜାମୁ, ସପେଡ଼ା, ଲିଚୁ, ପିଜୁଳି ଆଦି ୨୦୦୦ ହଜାରରୁ ଉର୍ଦ୍ଧ୍ୱ ଚାରା ବଣ୍ଟନ କରାଯାଇଥିଲା। ସଭାରେ କମ୍ପାନୀର ମୁଖ୍ୟ ପରିଚାଳକ ମୁଥୁମାରି ଏମ୍, ବରିଷ୍ଠ ଖଣି ପରିଚାଳକ ଇଂ. ଅଜୟ ପାତ୍ର, କଳରଙ୍ଗି ଖଣି ପରିଚାଳକ ରୁଦ୍ର ନାରାୟଣ ଜେନା, ବରିଷ୍ଠ ମାନବସମ୍ବଳ ଅଧିକାରୀ ଅଶୋକ ସେଠୀ, ମୁଖ୍ୟ ପରିବେଶିତ ସୁଶାନ୍ତ ବିଶ୍ୱାଳ, ଓଡ଼ିଶା ମୋଟର୍ସ ପକ୍ଷରୁ ତପନ କୁମାର ପାଣି ଓ ସମ୍ବିତ ରାଉତ ଉପସ୍ଥିତ ଥିଲେ। ଲୋକ ସମ୍ପର୍କ ଅଧିକାରୀ ସୁଶାନ୍ତ କୁମାର ସାହୁ ସଭା ପରିଚାଳନା କରିଥିଲେ। ଓସ୍ତପାଳ ଓ କଳରଙ୍ଗି କ୍ରୋମାଇଟ ଖଣିର ବହୁ କର୍ମଚାରୀ ପରିବେଶ ସମ୍ବନ୍ଧୀୟ ପ୍ଲାକାର୍ଡ ଧରି ରାଲିରେ ଯୋଗ ଦେଇଥିଲେ।

# କଣ୍ଟେନର ଧକ୍କାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ପୁରୁଣା ଭୁବନେଶ୍ୱର,୩୦।୪(ଡି.ଏନ୍.ଏ.)

ଧଉଳି ଥାନା ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ଗଙ୍ଗୁଆ ବ୍ରିଜ ନିକଟରେ ଶନିବାର ସ୍କୁଟିକୁ କଣ୍ଟେନର ଧକ୍କା ଦେବାରୁ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସ୍ୱାମୀ ଗୁରୁତର ହୋଇଛନ୍ତି। ମୃତା ହେଲେ ବଡ଼ଗଡ଼ ଥାନା କେନାଲ ରୋଡ ରାଜାରାଣୀ ବସ୍ତିର ଲକ୍ଷ୍ମୀପ୍ରିୟା ସାହୁ (୬୦)। ଗୁରୁତର ଅବସ୍ଥାରେ ସ୍ୱାମୀ ଗୁଣନିଧିଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗୁଣନିଧି ସ୍କୁଟିରେ ଲକ୍ଷ୍ମୀପ୍ରିୟାଙ୍କୁ ବସାଇ ସାମନ୍ତରାପୁରରୁ ଉତ୍ତରା ଅଭିମୁଖେ ଯାଉଥିଲେ। ପଛରୁ ଆସୁଥିବା ଏକ କଣ୍ଟେନର ସ୍କୁଟିକୁ ଧକ୍କା ଦେଇଥିଲା।

# ତହସିଲ ପକ୍ଷରୁ ୫୫ ସ୍କୁଲକୁ ଜମି ପଟ୍ଟା ପ୍ରଦାନ

ଚଣ୍ଡିଖୋଲ,୩୦।୪(ଡି.ଏନ.ଏ.)

ବିଦ୍ୟାଳୟଗୁଡ଼ିକର ଜମି ପଟ୍ଟା ନେଇ ଯେଉଁ ଅସୁବିଧା ଥିଲା ତାହାକୁ ଦୂର କରିବା ପାଇଁ ସରକାର ନିର୍ଦ୍ଦେଶ ଦେଲାପରେ ଦର୍ପଣ ତହସିଲ ତରଫରୁ ଶନିବାର ବଡ଼ଚଣା ସରକାରୀ ବିଦ୍ୟାଳୟରେ ପଟ୍ଟା ବଣ୍ଟନର ଶୁଭାରମ୍ଭ କରାଯାଇଛି। ସରକାରୀ ଓ ସରକାରୀ ସାହାଯ୍ୟପ୍ରାପ୍ତ ଶିକ୍ଷାନୁଷ୍ଠାନ ଦ୍ୱାରା ଅଧିକୃତ କରାଯାଇଥିବା ଜମିକୁ ସରକାରଙ୍କ ନିୟମିତ ଯୋଜନା ଅନୁଯାୟୀ ୫୫ଟି ପଟ୍ଟା ବଣ୍ଟନ ହୋଇଛି। ତହସିଲଦାର ପ୍ରଦୀପ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଟ୍ଟା ବଣ୍ଟନର ଶୁଭାରମ୍ଭ କରିଥିଲେ। ଅତିରିକ୍ତ ତହସିଲଦାର ଅଭିଲିପ୍ସା ଦାସ, ବ୍ଲକ ଶିକ୍ଷାଧିକାରୀ ହରିହର ଦଳାଇ, ରାଜସ୍ୱ ସୁପରଭାଇଜର ହରିହର ପ୍ରଧାନ, ଅତିରିକ୍ତ ଶିକ୍ଷାଧିକାରୀ ନୀଳାମ୍ବର ମିଶ୍ର ପ୍ରମୁଖ ଯୋଗଦେଇ ପ୍ରତ୍ୟେକ ଜୋନ୍ର ସିଆର୍ସିସିମାନଙ୍କ ଜରିଆରେ ପଟ୍ଟା ବଣ୍ଟନ କରିଥିଲେ।


ତହସିଲ ପ୍ରଶାସନ ପକ୍ଷରୁ ପଟ୍ଟା ବଣ୍ଟନ କରାଯାଉଛି।

# ଧର୍ମଶାଳା ମହାବିଦ୍ୟାଳୟ ପକ୍ଷରୁ ଜଳସେବା

ଧର୍ମଶାଳା,୩୦।୪(ଡି.ଏନ.ଏ.)

ଧର୍ମଶାଳା ମହାବିଦ୍ୟାଳୟ ରେଞ୍ଜର ଓ ରୋଭର୍ ବିଭାଗ ଏବଂ ଭାରତ ସ୍କାଉଟ୍ସ ଓ ଗାଇଡ୍ସ ସହାୟତାରେ ଏକ ୩ ଦିନିଆ ଜଳସେବା ଓ ସଚେତନତା କାର୍ଯ୍ୟକ୍ରମ ଜାରକାସ୍ଥିତ କଲେଜ ରୋଡ୍ରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ତପନ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଧର୍ମଶାଳା ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହାକୁ ଯୁକ୍ତ ୨ ରେଞ୍ଜର ବିଭାଗ ଅଧିକାରୀ ସସ୍ମିତା ପଣ୍ଡା ଓ ରୋଭର୍ ବିଭାଗର ଅଧିକାରୀ ପିନାକୀ ପ୍ରସାଦ ପାଣିଗ୍ରାହୀ, ଯୁକ୍ତ ୩ ରେଞ୍ଜର ବିଭାଗ ଅଧିକାରୀ ଡ. ଆରତୀ ଶତପଥୀ ଓ ରୋଭର ବିଭାଗର ଅଧିକାରୀ ପ୍ରଦୀପ ପରିଡ଼ା ପରିଚାଳନା କରିଥିଲେ। ଦିବ୍ୟରଞ୍ଜନ ସାହୁ, ସ୍ମୃତିରଞ୍ଜନ ନାୟକ, ଆଶୁତୋଷ ଶତପଥୀ, ରଶ୍ମିରେଖା ମଲ୍ଲିକ, ଶୁଚିସ୍ମିତା ସ୍ୱାଇଁ, ସ୍ମୃତିରଞ୍ଜନ ମଲ୍ଲିକ, ଅନୁପମା ସାହୁ, ବର୍ଷାରାଣୀ ଖଣ୍ଡୁଆଳ, ସୋନାଲି ସଙ୍ଘମିତ୍ରା ରାଉତ, ମନୀଷା କୁମାରୀ ଓ ଦେବସ୍ମିତା ଦାସ ପ୍ରମୁଖ ଛାତ୍ରୀଛାତ୍ର ଯୋଗଦେଇ ସହାୟତା କରିଥିଲେ।



ଜଳସେବାରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

# କୃଷକଙ୍କ ସମସ୍ୟା ବୁଝିବାକୁ ନାହାନ୍ତି କର୍ମଚାରୀ

ରସୁଲପୁର,୩୦।୪(ଡି.ଏନ.ଏ.)

## ରସୁଲପୁର ବ୍ଲକ

■ ସରକାରୀ ସହାୟତାରୁ ବଞ୍ଚିତ ହେବେ ଚାଷୀ
■ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି

ରସୁଲପୁର ବ୍ଲକ କୃଷି ବିଭାଗକୁ ୨ଟି ସର୍କଲ ଓ ୭ଟି ଗ୍ରାମ୍ୟ କୃଷି କର୍ମଚାରୀ (ଭିଏଡବ୍ଲ୍ୟୁ)ସର୍କଲରେ ବିଭକ୍ତ କରାଯାଇଛି। ତେବେ ସର୍କଲୱାରୀ ଆବଶ୍ୟକ କୃଷି କର୍ମଚାରୀ ନ ଥିବାରୁ କୃଷକଙ୍କ ସମସ୍ୟା ଦୂର ହୋଇପାରୁ ନାହିଁ। ଜଣେ କୃଷି କର୍ମଚାରୀଙ୍କୁ ୮ଟି ଲେଖାଏ ପଞ୍ଚାୟତ ଦାୟିତ୍ୱ ଦିଆଯାଇଛି। ସେମାନେ ସପ୍ତାହରେ ଥରୁଟିଏ ବି ପଞ୍ଚାୟତକୁ ଆସି ପାରୁନାହାନ୍ତି। ଏଭଳି ସ୍ଥିତିରେ ଏବେ ସୁଦ୍ଧା ବ୍ଲକ ଅଞ୍ଚଳର ଅଧିକାଂଶ ଚାଷୀଙ୍କ କୃଷକ ପରିଚୟପତ୍ର ନାହିଁ। ଫଳରେ ସେମାନେ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେବା ସମ୍ଭାବନା ଦେଖାଦେଇଛି। କୃଷକଙ୍କ ସମସ୍ୟା ବୁଝିବା ପାଇଁ ଗ୍ରାମ୍ୟ କୃଷି କର୍ମଚାରୀ କୃଷି କ୍ଷେତରେ ପହଞ୍ଚିବା ତ ଦୂରର କଥା ଦିନକ ପାଇଁ ବି ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁନାହାନ୍ତି। ଏଭଳି ସ୍ଥିତିରେ ଚାଷୀ କେବଳ ଭାଗ୍ୟକୁ ଆଦରି ପଡ଼ି ରହିବା ଭଳି ସ୍ଥିତି ଉପୁଜିଛି।

ମେ' ୩ତାରିଖରେ କୃଷକଙ୍କ ଅନୁକୂଳ ପର୍ବ ଅକ୍ଷୟତୃତୀୟା ପାଳନ ହେବ। ଏହି ଦିନରୁ ଚାଷୀ ଖରିଫ ଚାଷ ପାଇଁ କ୍ଷେତରେ ବିହନ ବୁଣିବେ। ଚଳିତ ଖରିଫ ଋତୁରେ ଚାଷୀଙ୍କୁ ସରକାରଙ୍କ ପକ୍ଷରୁ କେଉଁ ସବୁ ସୁବିଧା ଉପଲବ୍ଧ ହେଉଛି ସେ ସମ୍ପର୍କରେ ଅବଗତ ହେବେ। ରିହାତି ଦରରେ ବିହନ, ସାର, କୀଟନାଶକ ଆଦି କେଉଁ ସ୍ଥାନରେ ଉପଲବ୍ଧ ହେବ ସେ ନେଇ କୃଷି ବିଭାଗ ପକ୍ଷରୁ ସୂଚନାପ୍ରାପ୍ତ ହେବ। ଏ ସବୁକୁ ସୁପରିଚାଳନା କରିବାକୁ ହେଲେ କୃଷି କର୍ମଚାରୀଙ୍କ ସହଯୋଗର ଆବଶ୍ୟକତା ରହିଛି। ସେହିଭଳି ସ୍ଥିତିରେ ଗ୍ରାମ୍ୟ କୃଷି କର୍ମଚାରୀମାନେ ଗାଁକୁ ନ ଗଲେ ଚାଷୀଙ୍କ ସମସ୍ୟା କିଏ ଦୂର କରିବ ବୋଲି ପ୍ରଶ୍ନ ଉଠୁଛି। ସେହିପରି କୃଷକଙ୍କୁ ସହାୟତା କରିବା ପାଇଁ ପଞ୍ଚାୟତରେ ଏକାଧିକ କୃଷକ ସାଥୀ ନିୟୋଜିତ ଅଛନ୍ତି। ସେମାନଙ୍କୁ ସରକାରଙ୍କ ପକ୍ଷରୁ ତାଲିମ ଦିଆଯାଉ ନାହିଁ। ଫଳରେ କୃଷି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବୈଷୟିକ ଜ୍ଞାନକୌଶଳକୁ ବ୍ୟବହାର କରିବା ସେମାନଙ୍କ ଦିଗରେ ସମ୍ଭବ ହେଉନାହିଁ। ଚାଷୀ ଆଧୁନିକ କୃଷି ଜ୍ଞାନକୌଶଳ ସମ୍ପର୍କରେ ଅବଗତ ହୋଇପାରୁ ନାହାନ୍ତି। ଉପୁଜୁଥିବା ସ୍ଥିତିରେ ସୁଧାର ଆଣିବାରେ କେବଳ ଗ୍ରାମ୍ୟ କୃଷି କର୍ମଚାରୀ ଓ ଉପରିସ୍ଥ ଅଧିକାରୀ ସକ୍ଷମ ବୋଲି ଜଣାପଡ଼ିଛି। ସେମାନେ ପଞ୍ଚାୟତକୁ ଆସୁ ନ ଥିବା ଓ ଜଣେ କର୍ମଚାରୀ ଏକାଧିକ ପଞ୍ଚାୟତ ଦାୟିତ୍ୱରେ ରହିବା ଆଳରେ ସେମାନେ ବ୍ଲକରେ ଉପଲବ୍ଧ ହେଉନାହାନ୍ତି ମଧ୍ୟ। କୌଣସି ଚାଷୀ ବ୍ଲକକୁ ଆସିଲେ ସେମାନଙ୍କ ପଞ୍ଚାୟତ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଦେଖା ନ ପାଇ ଫେରି ଯାଉଛନ୍ତି। ଏହିଭଳି ଏକାଧିକଥର ଆସି ନିରାଶ ହୋଇ ଫେରିବାରୁ ଚାଷୀମାନେ ଆଉ ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟକୁ ଆସୁ ନାହାନ୍ତି, ଯଦ୍ୱାରା ସେମାନେ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ତେଣୁ ବ୍ଲକରେ କୃଷି କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି କରିବା ସହ ପଞ୍ଚାୟତରେ କାର୍ଯ୍ୟରତ କୃଷକ ସାଥୀଙ୍କୁ ତାଲିମ ଦିଆଯାଇ ଅଧିକ କ୍ଷମତା ପ୍ରଦାନ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଏଥିସହିତ କର୍ମଚାରୀମାନେ ସପ୍ତାହକୁ ଥରେ ଓ ଅଧିକାରୀମାନେ ମାସକୁ ଥରେ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିବାକୁ ଚାଷୀ ନିବେଦନ କରିଛନ୍ତି। ଏଭଳି କରା ନ ଗଲେ ପଞ୍ଚାୟତରେ ଚାଷୀଙ୍କ ଉନ୍ନତି ଓ ସରକାରୀ ଯୋଜନାର ସଫଳ ରୂପାୟନ ହୋଇପାରିବ ନାହିଁ। ଏଦିଗରେ ରସୁଲପୁର ବ୍ଲକ କୃଷି ଅଧିକାରୀ ବିଶ୍ୱଜୟୀ ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, କୃଷି କାର୍ଯ୍ୟାଳୟରେ କର୍ମଚାରୀଙ୍କ ଅଭାବ ରହିଛି। ଏଭଳି ପରିସ୍ଥିତିରେ ଗ୍ରାମ୍ୟ କୃଷି କର୍ମଚାରୀ ପଞ୍ଚାୟତ ଯିବା ସମ୍ଭବ ହେବନାହିଁ। ଯେଉଁ ଚାଷୀ ବ୍ଲକ କାର୍ଯ୍ୟାଳୟକୁ ଆସିବେ ସେମାନଙ୍କୁ ସହାୟତା ଯୋଗାଇ ଦିଆଯିବ। ଯେଉଁମାନେ ଆସିପାରିବେ ନାହିଁ ସେମାନଙ୍କ ପାଇଁ କିଛି ବ୍ୟବସ୍ଥା କରାଯାଇପାରିବ ନାହିଁ ବୋଲି ସେ ମତ ରଖିଛନ୍ତି।

# ଭରସା ଦେଇପାରୁନି ନିଦାନ ବିଭାଗ

ନୟାଗଡ଼ ଅଫିସ,୩୦।୪

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ନିଦାନ(ପାଥୋଲୋଜି) ବିଭାଗର ବିଶେଷଜ୍ଞ ନାହାନ୍ତି । ଟେକନସିଆନ କରୁଛନ୍ତି ବିଶେଷଜ୍ଞଙ୍କ କାମ । ସିଟି ସ୍କାନ ମେଶିନ ଏଯାବତ ଜିଲା ମୁଖ୍ୟ ଚିକିତ୍ସାଳୟରେ ନାହିଁ । ରୋଗୀ ଭୁବନେଶ୍ୱର,କଟକ ଖର୍ଚ୍ଚାନ୍ତ ହୋଇ ଦୌଡ଼ୁଛନ୍ତି। ପାଥୋଲୋଜିରେ କିଡ୍‌ନୀ ଟେଷ୍ଟ ଯନ୍ତ୍ର ୟୁରିଆ କ୍ରିଏଟ ନାଇନ ୫ ଦିନ ହେଲା ଅଚଳ । ଏହାକୁ ମରାମତି କରାଯାଉନି । ଅଲଟ୍ରାସାଉଣ୍ଡ ଅଛି କିନ୍ତୁ ସେବା ମିଳୁନାହିଁ । ଚିକିତ୍ସାଳୟର ଅଲଟ୍ରାସାଉଣ୍ଡ ମେଶିନ୍ ଉନ୍ନତମାନର ନୁହେଁ କହି ରୋଗୀଙ୍କୁ ବାହାରେ କରିବାକୁ ପରାମର୍ଶ ଦିଆଯାଉଛି । ରୋଗୀ ଅଯଥାରେ ଖର୍ଚ୍ଚାନ୍ତ ହେଉଛନ୍ତି । ଥାଇରୟଡ ଟେଷ୍ଟ ହେଉ ନାହିଁ। ପିପିପି ମୋଡରେ ନେଇଥିବା ଠିକା ସଂସ୍ଥା ମାସକୁ ମାସକୁ ତାର ପ୍ରାପ୍ୟ ନେଇ ଯାଉଛି । ହେଲେ ସେବାର ଦେଖା ନାହିଁ । ଅନ୍ୟପକ୍ଷେ ୬୩ ପ୍ରକାରର ନିଦାନ ନିରୁପଣ କରାଯାଉଛି ବୋଲି ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଡିଣ୍ଡିମ ପିଟା ଯାଉଛି । ଏନେଇ ଶନିବାର ଏକ ସମୀକ୍ଷାବୈଠକ କରାଯାଇ ସ୍ୱାସ୍ଥ୍ୟ ବିଭାଗପକ୍ଷରୁ ସବୁ କିଛି ଠିକ ଚାଲିଛି ବୋଲି କୁହାଯାଇଛି । ପ୍ରକୃତରେ ରୋଗୀ ହସ୍ପିଟାଲରେ ପହଞ୍ଚିଲେ ଉପଯୁକ୍ତ ସେବା ମିଳୁନି । ଡାକ୍ତର ରିସ୍କ ନେବାକୁ ଇଚ୍ଛୁକ ନୁହନ୍ତି । ଛୋଟ ରୋଗୀଙ୍କୁ ଗୁରୁତର ଦର୍ଶାଇ କଟକ, ଭୁବନେଶ୍ୱର ରେଫର କରାଯାଉଛି । ଏଭଳି ସ୍ଥଳେ ହେଲେ ନିଦାନ ବିଭାଗର ଅଧିକାଂଶ ମେଶିନ ଠିକ୍ ଥିଲେ କେମିକାଲ ନାହିଁ । କେମିକାଲ ଠିକ ଥିଲେ ମେଶିନ୍ ଅଚଳ ଶୁଣିବାକୁ ମିଳୁଛି ।


ନିର୍ମାଣ ଚାଲିଥିବା ୬ ମହଲା କୋଠା ।

**କୋଠା ନିର୍ମାଣରେ ସୁରକ୍ଷା ଠିଲା:** ୧୦୦ ଶର୍ଯ୍ୟାର ମୋ ସରକାର ୬ ମହଲା କୋଠା ଜିଲା ମୁଖ୍ୟ ଚିକିତ୍ସାଳୟରେ ତିଆରି ଚାଲିଛି। ହେଲେ ଏହାର ନିର୍ମାଣ କାର୍ଯ୍ୟକୁ ଅନୁଧ୍ୟାନ କଲେ ନାନା ଅବ୍ୟବସ୍ଥା ବାରି ହୋଇ ପଡୁଛି। ୬ମହଲା କୋଠା ନିର୍ମାଣ ଚାଲିଥିଲେ ମଧ୍ୟ ସୁରକ୍ଷା ଉପକରଣ ନିର୍ମାଣ କାର୍ଯ୍ୟରେ ଠିକରେ ବ୍ୟବହାର କରାଯାଉ ନ ଥିବା ଅଭିଯୋଗ ହେଉଛି । ଏଣୁ କାର୍ଯ୍ୟରତ ଶ୍ରମିକ ବିପଦରେ କାମ କରୁଛନ୍ତି । ବିଭିନ୍ନ ସମୟରେ ନବନିର୍ମିତ କୋଠାରୁ ପଥର, ସମେଣ୍ଟ ଖଣ୍ଡ ତଳକୁ ଖସୁଛି। ଏହା ଶ୍ରମିକଙ୍କ ଉପରେ ପଡୁଛି । ଏପରି ସେହି ରାସ୍ତା ଯାଉଥିବା ଲୋକଙ୍କ ଉପରେ ବି ସିମେଣ୍ଟ ପଡୁଛି । କିନ୍ତୁ ବଡ ଧରଣର ଦୁର୍ଘଟଣା ଘଟି ନ ଥିବାରୁ ଏଥିପ୍ରତି କେହି ଦୃଷ୍ଟି ଦେଉ ନାହାନ୍ତି ।

- ବାହାରେ ଖର୍ଚ୍ଚାନ୍ତ ହୋଇ ପରୀକ୍ଷା କରୁଛନ୍ତି ରୋଗୀ
- ୬୩ ପ୍ରକାରର ନିଦାନ ନିରୁପଣର ପିଟାଯାଉଛି ଡିଣ୍ଡିମ

**ତମାଖୁ ସେବନ ନିୟନ୍ତ୍ରଣ ଫେଲୁଅର:** ତମାଖୁ ସେବନ ନିୟନ୍ତ୍ରଣ ଫାର୍ସ ପାଲଟିଛି । ଜିଲାର ସବୁ ପାନ ଦୋକାନରେ ଅବାଧରେ ଗୁଟକା ପରି ତମାଖୁ ଉପକରଣ ବିକ୍ରି ଚାଲିଛି। ଧରପଗଡ଼ ନାହିଁ କି ଚଢ଼ାଉ ନାହିଁ । ପୁଣି ବସଷ୍ଟାଣ୍ଡ, ବଜାର, ସ୍କୁଲ,ଗହଳି ସ୍ଥାନରେ ତମାଖୁର ବ୍ୟବହାର ବଢ଼ିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନାହିଁ । ସବୁ କିଛି କାଗଜପତ୍ରରେ ଚାଲିଛି । ତମାଖୁ ସେବନ ନିୟନ୍ତ୍ରଣ ବିଫଳ ହେବାରୁ ସରକାର ଅଯଥାରେ ରାଜସ୍ୱ ହରାଇଲେ ବୋଲି ଅଭିଯୋଗ ହେଉଛି ।

## ସ୍ୱାସ୍ଥ୍ୟ ବିଭାଗର ସ୍ଥାୟୀ କମିଟି ସମୀକ୍ଷା

**ନୟାଗଡ଼ ଅଫିସ,୩୦।୪:** ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସମ୍ମିଳନୀ କକ୍ଷ (ଟ୍ରେନିଂ ୟୁନିଟ୍) ରେ ସ୍ୱାସ୍ଥ୍ୟ ବିଭାଗର ୯ଟି ସ୍ଥାୟୀ କମିଟି ,ତମାଖୁ ସେବନ ନିୟନ୍ତ୍ରଣ ଏବଂ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଜିଲାର ୮ ବ୍ଲକରେ ନିର୍ମାଣଧୀନ ଥିବା ପ୍ରକଳ୍ପଗୁଡ଼ିକର ସମୀକ୍ଷା କରାଯାଇଛି। ଜିଲାପାଳ ପୋମା ଟୁଡୁ ଏଥିରେ ଅଧକ୍ଷତା କରିଥିଲେ । ନିର୍ମାଣ କାର୍ଯ୍ୟଗୁଡ଼ିକ ଉପରେ ଜିଲାପାଳ ଅଧିକ ଗୁରୁତ୍ୱ ଦେଇ ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ବ୍ଲକ ଏବଂ ତହସିଲରୁ ଆସିଥିବା ଅଧିକାରୀମାନଙ୍କୁ ଠିକ୍ ସମୟରେ ସେମାନଙ୍କ କାର୍ଯ୍ୟ ମିଳିତ ସହଯୋଗରେ ସମାପ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏଡିପିଏଚଓ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ରୋଗ ନିୟନ୍ତ୍ରଣ) ନୌସଦ ଅଲ୍ଲୀ ଖାଁ କହିଥିଲେ ପାଠ୍ୟକ୍ରମ ମାଧ୍ୟମରେ ଜିଲାରେ ୬୩ପ୍ରକାର ରୋଗର ନିଦାନ ନିରୁପଣ କରାଯାଉଛି । ଜିଲାରେ ଥିବା ୧୨ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ୩୭ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ନିଦାନ ନିରୁପଣ ତାଲିକା ସଭାରେ ଉପସ୍ଥାପନ କରିଥିଲେ। ବୈଠକରେ ଲାଇନ ବିଭାଗର ଅଧିକାରୀ,ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମକରନ୍ଦ ବେଉରା, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଯକ୍ଷ୍ମା)ଡା. ଶରତ ଚନ୍ଦ୍ର ଦାଶ, ଡା. ତାରାକାନ୍ତ ତ୍ରିପାଠୀ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପୁଷ୍ପା ନିଳିମା ଲାକ୍ରା ପ୍ରମୁଖ ଯୋଗ ଦେଇଥିଲେ ।

# ବାଲ୍ୟ ବିବାହ ରୋକିଲା ନୟାଗଡ଼ ଚାଇଲ୍ଡ ଲାଇନ

ନୟାଗଡ଼ ଅଫିସ/ଖଣ୍ଡପଡା,୩୦।୪(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ଅଧୀନ କୋସକା ଅଞ୍ଚଳର ଜଣେ ୪୩ ବର୍ଷ ବୟସ୍କ ବିବାହିତ ଯୁବକ ଜଣେ ୧୪ ବର୍ଷର ନାବାଳିକାକୁ ବିବାହ ପାଇଁ ନେଇଯାଇଥିବା ଖବର ପାଇ ନୟାଗଡ଼ ଚାଇଲଡ ଲାଇନ କର୍ମକର୍ତ୍ତା ଓ ପୋଲିସ ମିଳିତ ଭାବେ ସେଠାର ଚଢାଉ କରି ନାବାଳିକାଙ୍କୁ ଉଦ୍ଧାର କରିଛନ୍ତି । ଏହାଦ୍ୱାରା ବାଲ୍ୟ ବିବାହକୁ ରୋକାଯାଇଛି। ସୂଚନା ଅନୁଯାୟୀ, କୋସକା ପଞ୍ଚାୟତ ଅଧୀନ ସାପୁଆ ଗ୍ରାମର ବିବାହିତ ଯୁବକ ସନ୍ତୋଷ ପ୍ରଧାନ ସମ୍ପୃକ୍ତା ନାବାଳିକାଙ୍କୁ ଦ୍ୱିତୀୟ ବିବାହ କରିବା ପାଇଁ ସ୍ଥିର କରିଥିଲେ । ଶୁକ୍ରବାର ସନ୍ତୋଷ ସମ୍ପୃକ୍ତା ନାବାଳିକାଙ୍କୁ ସଙ୍ଗରେ ନେଇ ଆସିଥିଲେ । ଏ କଥା ଜଣାପଡିବା ପରେ ସନ୍ତୋଷଙ୍କ ପ୍ରଥମ ସ୍ତ୍ରୀ କୋସକା ଫାଣ୍ଡିରେ ଏ ନେଇ ଅଭିଯୋଗ କରିଥିଲେ । ପରେ ପୋଲିସ ଏ ସମ୍ପର୍କରେ ନୟାଗଡ଼ ଚାଇଲଡ ଲାଇନ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲା । ଖବର ପାଇ ଚାଇଲଡ ଲାଇନର ସୁଜାତା ବେହେରା, ବିଭୁତି ବେହେରା ଓ ସହଯୋଗୀମାନେ ଲୋହାରଖଣି ଗ୍ରାମରେ ଶନିବାର ଚଢାଉ କରି ନାବାଳିକାଙ୍କୁ ଉଦ୍ଧାର କରିଥିଲେ । ହେଲେ ସନ୍ତୋଷ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ନାବାଳିକାଙ୍କୁ ଜିଲା ଶିଶୁ ମଙ୍ଗଳ ସମିତିରେ ହାଜର କରାଯାଇଛି । ସେ ଏବେ ନୟାଗଡ଼ସ୍ଥିତ ତପସ୍ୟା ଶିଶୁଗୃହରେ ଅଛନ୍ତି ।


ନାବାଳିକାଙ୍କୁ ଉଦ୍ଧାର କରାଯାଉଛି ।

DSPL - 15
ଓଡ଼ିଶା ସରକାର
ଶ୍ରମିକ ଦିବସ ଉପଲକ୍ଷେ
ବାର୍ତ୍ତା



ଶ୍ରମିକ ଦିବସ ଉପଲକ୍ଷେ ଓଡ଼ିଶାର ଶ୍ରମଜୀବୀ ଭାଇ ଓ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ।

ରାଜ୍ୟରେ ଶିଳ୍ପ ପ୍ରତିଷ୍ଠାନର ସାମଗ୍ରିକ ବିକାଶ କ୍ଷେତ୍ରରେ ଶ୍ରମିକମାନଙ୍କର ଶ୍ରମ, ନିଷ୍ଠା ଓ ଆନ୍ତରିକତା ରାଜ୍ୟକୁ ପ୍ରଗତି ପଥରେ ଆଗେଇନେବ ବୋଲି ମୋର ବିଶ୍ୱାସ ।

ରାଜ୍ୟକୁ ଶିଳ୍ପସମୃଦ୍ଧ ଭାବେ ଗଢ଼ିତୋଳି ବିକାଶ ପଥରେ ଆଗେଇନେବାରେ ଶ୍ରମିକମାନଙ୍କ ମହତ୍ୱପୂର୍ଣ୍ଣ ଅବଦାନ ରହିଛି । ସେମାନଙ୍କର କର୍ମକୌଶଳ, ନିଷ୍ଠା ଓ ଆନ୍ତରିକତା ଆଗାମୀ ଦିନରେ ଓଡ଼ିଶାକୁ ଅଧିକ ବିକାଶୋନ୍ମୁଖୀ କରିବ ବୋଲି ମୋର ଆଶା ଓ ବିଶ୍ୱାସ ।

ମୁଁ ଏହି ଅବସରରେ ଶ୍ରମିକମାନଙ୍କର ସୁଖ, ସମୃଦ୍ଧି ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

(ସୁଶାନ୍ତ ସିଂହ)
ମନ୍ତ୍ରୀ, ଶ୍ରମ, କର୍ମଚାରୀ ରାଜ୍ୟବୀମା ଓ ଗ୍ରାମ୍ୟ ଉନ୍ନୟନ, ଓଡ଼ିଶା
OIPR-17001/13/0001/2223

## ସଂକ୍ଷେପରେ

### ୨ କଲୋନୀରୁ ଚୋରି

**ନୟାଗଡ଼ ଅଫିସ,୩୦।୪:**ନୟାଗଡ଼ ଟାଉନ ଥାନା ମିଶ୍ର କଲୋନୀ ଓ ଲୋକନାଥ ନଗରରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଛି। ମିଶ୍ର କଲୋନୀ ଚୋରିରେ ସିସିଟିଭିରେ ୨ ଚୋରଙ୍କ କାରନାମା ରହିଛି । ୨ ଚୋର ଅଣ୍ଟାରେ ଭୁଜାଲି ରଖିଥିବା ବେଳେ ମୁହଁରେ ମୁଖା ପିନ୍ଧି ଥିଲେ । ଅନ୍ୟପକ୍ଷେ ଚୋରି ସମ୍ପର୍କରେ କେହି ଯେପରି ନ ଜାଣିବେ ସେନେଇ ସିସିଟିଭିକୁ ଚୋରମାନେ ଭାଙ୍ଗି ଦେଇଥିଲେ । ଏନେଇ ଥାନାରେ ଅଭିଯୋଗ ହୋଇଛି । ପୋଲିସ ତଦନ୍ତ ଆରମ୍ଭ କରିଥିଲେ ହେଁ ମାମଲା ରୁଜୁ କରି ନାହିଁ । ଏନେଇ ଆଇଆଇସି ପ୍ରଜ୍ଞା ପରମିତା ଜେନା କୁହନ୍ତି, ୨ଟି ଚୋରି ନେଇ ଅଭିଯୋଗ ମିଳିଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି । ମାମଲା ରୁଜୁ ହୋଇ ନାହିଁ ବୋଲି କହିଥିଲେ ।

### ଅଂଶୁଘାତ ନେଲା ବୃଦ୍ଧଙ୍କ ଜୀବନ

**ନୟାଗଡ଼ ଅଫିସ/ ରଣପୁର, ୩୦।୪ (ସ୍ୱ.ପ୍ର.):** ଅଂଶୁଘାତରେ ଚାଲିଗଲା ବୃଦ୍ଧଙ୍କ ଜୀବନ। ମୃତକ ହେଲେ ନୟାଗଡ଼ ଜିଲା ରଣପୁର ବ୍ଲକ ବଳଭଦ୍ରପୁର ପଞ୍ଚାୟତ ଲାଖପଡା ଗାଁର ୬୪ ବର୍ଷୀୟ ଗୋବିନ୍ଦ ଜେନା। ଗତ ୨୫ ତାରିଖରେ ଲାଖପଡା ବାଇଡଙ୍କ ଜଙ୍ଗଲକୁ ସେ କାଠ ସଂଗ୍ରହ କରିବାକୁ ଯାଇଥିଲେ। ଜଙ୍ଗଲରେ ସେ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ଚିକିତ୍ସା ପାଇଁ ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ଅଂଶୁଘାତରେ ଗୋବିନ୍ଦଙ୍କ ମୃତ୍ୟୁ ହୋଇଥିବା ଜଣା ପଡିଛି। ମୃତ ବ୍ୟକ୍ତିଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ଦାବି ହୋଇଛି।


ଗୋବିନ୍ଦଙ୍କ ଫାଇଲ୍ ଫଟୋ।

# ବଦଳୁଛି ପ୍ରାଣୀ ଚିକିତ୍ସା ସେବା

ନୟାଗଡ଼ ଅଫିସ,୩୦।୪

**ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ**

ମାନବ ସମାଜର ପ୍ରଗତିରେ ପ୍ରାଣୀ ଚିକିତ୍ସକ, ପ୍ରାଣୀ ପାଳକ, ପ୍ରାଣୀ ଚିକିତ୍ସାଅନୁଷ୍ଠାନ ଓ ପ୍ରାଣୀମାନଙ୍କର ଅବଦାନକୁ ମନେ ପକାଇବା ଉଦ୍ଦେଶ୍ୟରେ ଏପ୍ରିଲ ୩୦କୁ ପାଳନ କରାଯାଉଛି ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ । ଏହି ଅବସରରେ ଡିଆରଡିଏ ସୃଜନକକ୍ଷରେ ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଶ୍ରୀନିବାସ କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ମୁଖ୍ୟଅତିଥି ଜିଲାପାଳ ପୋମା ଟୁଡୁ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ବକ୍ତାମାନେ ଦର୍ଶାଇଥିଲେ ପ୍ରାଣୀ ଚିକିତ୍ସାରେ ପରିବର୍ତ୍ତନ ଆସିଛି । ପ୍ରାଣୀ ପାଳନ ଯୋଜନା ଓ ପ୍ରାଣୀ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି। ଏହି ଅବସରରେ ୮ଚାଷୀ ପ୍ରମୋଦ କୁମାର ତ୍ରିପାଠୀ, ରଶ୍ମିତା ସାହୁ, ଲକ୍ଷ୍ମଣ ବେହେରା, ବିରଜା ଲକ୍ଷ୍ମୀ ସାହୁ, ରଘୁନାଥ ମହାନ୍ତି, ରୀନା ପ୍ରଧାନ, ପ୍ରତିମା ପରିଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଓଡ଼ଗାଁ ବ୍ଲକର ଝାଡେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟ ଅନୁରୂପ ଭାବେ ସମ୍ବର୍ଦ୍ଧିତ କରାଯାଇଛି । ପ୍ରାଣୀ ଚିକିତ୍ସକ ପ୍ରତାପ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ ।

## ନୟାଗଡ଼ରେ କାଳ ବୈଶାଖୀ, ତାତିରୁ ସାମୟିକ ମୁକ୍ତି

ଓଡ଼ଗାଁ, ୩୦।୪(ସ୍ୱ.ପ୍ର.)

ଶନିବାର ଅପରାହ୍ନରେ ନୟାଗଡ଼, ଓଡ଼ଗାଁ ଓ ଏହାର ଆଖପାଖ ଅଞ୍ଚଳରେ ଘଡଘଡି ଓ କୁଆପଥର ସହିତ ୨୦ ମିନିଟ ବୈଶାଖୀ ବର୍ଷା ହୋଇଛି । ଶୁକ୍ରବାର ଓ ଶନିବାର ସ୍ଥାନୀୟ ଅଞ୍ଚଳର ତାପମାତ୍ରା ୪୪ ରୁ ୪୫ ଡିଗ୍ରୀ ରହିଥିବା ବେଳେ ଲୋକେ ତାତିରୁ ମୁକ୍ତି ପାଇବା ପାଇଁ ଘର ଭିତରେ ହିଁ ରହୁଥିଲେ । ବର୍ଷା ହେବା ପରେ ତାପମାତ୍ର ଢେର କମିଛି ଓ ସାମୟିକ ଭାବେ ଲୋକ ଆଶ୍ୱସ୍ତି ଲାଭ କରିଛନ୍ତି । ଅନ୍ୟପକ୍ଷେ ସ୍ଥାନୀୟ ଏନଏସି ଅଞ୍ଚଳରେ କେତେକ ୱାର୍ଡର ସାହି ବାସିନ୍ଦାଙ୍କୁ ପାନୀୟ ଜଳ ଯୋଗାଣ ଅବ୍ୟାହତ ରହିଥିବା ବେଳେ ଅନ୍ୟ କେତେକ ସାହିକୁ ଆଦୌ ଜଳ ଯୋଗାଣ ହେଉନାହିଁ । ଏନେଇ ୱାର୍ଡ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ହେଲେ ଏନେଇ ଜଳ ଯୋଗାଣ ବିଭାଗରୁ କୌଣସି ସ୍ପଷ୍ଟ ଉତ୍ତର ଦେବାକୁ କୌଣସି ଅଧିକାରୀ ଉପସ୍ଥିତ ନ ଥିବା ବେଳେ ଖୁବ୍‌ଶୀଘ୍ର ବୁଢାବୟଡିଆଣି ଡ୍ୟାମ କିମ୍ବା ମହାନଦୀ ପାଣି ପ୍ରତି ଘରେ ପହଞ୍ଚିବା ନେଇ ଲୋକଙ୍କୁ ପ୍ରତିଶ୍ରୁତି ଦିଆଯାଇଛି । ଏ ନେଇେ ଭାଲୁମୁଣ୍ଡିଆରେ ପାଣି ଟାଙ୍କି ନିର୍ମାଣ ହେଉଥିବା ଲୋକେ ଦେଖିଦେଖି ନିଜର ଶୋଷ ମେଣ୍ଟାଉଛନ୍ତି ।

## ଗ୍ରୀଷ୍ମ ପ୍ରବାହ ସମୟରେ ବିଦ୍ୟୁତ୍ କାଟ୍

ଖଣ୍ଡପଡ଼ା,୩୦।୪(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ଅଞ୍ଚଳରେ ଗତ କିଛିଦିନ ହେଲା ଅସହ୍ୟ ଗ୍ରୀଷ୍ମ ପ୍ରବାହ ଚାଲିଛି । ସକାଳ ୯ଟା ପରେ ଲୋକେ ଘରୁ ବାହାରିବାକୁ ଇଚ୍ଛା କରୁନାହାନ୍ତି । ଏପରି ସମୟରେ ଖଣ୍ଡପଡା ଅଞ୍ଚଳରେ ବାରମ୍ବାର ବିଦ୍ୟୁତ କାଟ ହେବା ଫଳରେ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । କଣ୍ଟିଲୋ ଓ ଏହାର ଆଖପାଖ ଗୋପୀନାଥପୁର, ପଥରଚକଡା, ବଳରାମ ପ୍ରସାଦ, ବେଣାଗାଡିଆ, ଢୋଲମରା, କୁମ୍ଭାରପଡା, କନ୍ଧମିରିଗି ଆଦି ଗ୍ରାମାଞ୍ଚଳରେ ଏହି ପରିସ୍ଥିତି ଲାଗି ରହିଛି । ପୋଖରୀ,ଗାଡିଆ ଶୁଖିଯିବା ସହ ପାନୀୟ ଜଳ ଉତ୍ସ ଅଚଳ ହୋଇ ପଡିଛି । ଗ୍ରାମବାସୀଙ୍କ ସହ ଗୃହ ପାଳିତ ପ୍ରାଣୀ ପାଣି ଟୋପେ ପାଇଁ ତହଳ ବିକଳ ହେଉଛନ୍ତି । ପୂର୍ବାହ୍ନ ୧୦ଟାଠାରୁ ଦୋକାନ ବଜାର ବନ୍ଦ ହୋଇ ପଡୁଛି । ସରକାରଙ୍କ ଯୋଜନା କ୍ରମେ ଏବେ ବି ଗାଁଗଣ୍ଡାରେ ଜଳଛତ୍ର ଖୋଲା ଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

# ବିଜ୍ଞାନ କେନ୍ଦ୍ର ନିର୍ମାଣ ପାଇଁ କ୍ଷେତ୍ର ପରିଦର୍ଶନ


କ୍ଷେତ୍ର ପରିଦର୍ଶନରେ ଆସିଥିବା ଅଧିକାରୀମାନେ।

ଖଣ୍ଡପଡା,୩୦।୪(ସ୍ୱ.ପ୍ର.)

ବିଶ୍ୱ ବିଖ୍ୟାତ ଜ୍ୟୋତିର୍ବିଦ୍ ପଠାଣି ସାମନ୍ତଙ୍କ ଜନ୍ମମାଟି ଖଣ୍ଡପଡାରେ ଏକ ବିଜ୍ଞାନ କେନ୍ଦ୍ର ନିର୍ମାଣ ହେବ । ଏଥିପାଇଁ ଗତ ୩ବର୍ଷ ତଳେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ମାତ୍ର ପ୍ରଶାସନିକ ଉଦାସୀନତା ଯୋଗୁ ବିଜ୍ଞାନକେନ୍ଦ୍ର ନିର୍ମାଣରେ ବିଳମ୍ବ ହେବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ଖଣ୍ଡପଡ଼ାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ଉଦ୍ୟମରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଶନିବାର ପୂର୍ବାହ୍ନରେ ବିଜ୍ଞାନ କେନ୍ଦ୍ର ନିମନ୍ତେ ସଂରକ୍ଷିତ ସ୍ଥାନ ପରିଦର୍ଶନ କରିଛନ୍ତି। ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ବରିଷ୍ଠ ବୈଜ୍ଞାନିକ ଲକ୍ଷ୍ମୀନାରାୟଣ ପାଢୀ, ଏନପିସିସି ସଂସ୍ଥାର ବରିଷ୍ଠ ଅଧିକାରୀ ସୌମିତ୍ର ଦାଶ, ବରିଷ୍ଠ ଯନ୍ତ୍ରୀ ଇଂ ମନଞ୍ଜୟ ରଥ ପ୍ରମୁଖ କ୍ଷେତ୍ର ପରିଦର୍ଶନରେ ଆସିଥିଲେ। ଖଣ୍ଡପଡା ଅତିରିକ୍ତ ତହସିଲଦାର ଲକ୍ଷ୍ମୀଧର ମଲ୍ଲିକ, ସଦର ରାଜସ୍ୱ ନୀରିକ୍ଷକ ଘଟଣାସ୍ଥଳରେ ଉପସ୍ଥିତ ରହି ବିଜ୍ଞାନକେନ୍ଦ୍ର ନିର୍ମାଣ ପାଇଁ ପ୍ରସ୍ତାବିତ ସ୍ଥାନର ପଟ୍ଟା, ନକ୍ସା, ସ୍କେଚ ମ୍ୟାପ୍ ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କୁ ସୂଚନା ପ୍ରଦାନ କରିଥିଲେ । ଉମାଦେବୀ ଛକ ନିକଟସ୍ଥ ପଠାଣି ସାମନ୍ତ ସଂଗ୍ରହାଳୟ ପାର୍ଶ୍ୱସ୍ଥ ୫ଏକର ସରକାରୀ ଜାଗାରେ ୬.୫ କୋଟି ଟଙ୍କା ବ୍ୟୟରେ ବିଜ୍ଞାନ ପାର୍କ ନିର୍ମାଣ କରାଯିବ ବୋଲି ବିଭାଗୀୟ ଅଧିକାରୀମାନେ ସୂଚନା ପ୍ରଦାନ କରିଥିଲେ। ଆସନ୍ତା ୨ବର୍ଷ ମଧ୍ୟରେ ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ଜଣାପଡିଛି। ବିଜ୍ଞାନ କେନ୍ଦ୍ରର ନିର୍ମାଣ ଦାୟିତ୍ୱ ଏନ୍‌ପିସିସି ସଂସ୍ଥା ଉପରେ ନ୍ୟସ୍ତ କରାଯାଇଥିବା ପ୍ରଶାସନ ସୂତ୍ରରୁ ଜଣାପଡିଥିବା ବେଳେ ଖୁବ୍‌ଶୀଘ୍ର ପ୍ରସ୍ତାବିତ ସ୍ଥାନରୁ ଜବରଦଖଲ ହଟାଯିବ ବୋଲି ତହସିଲଦାର ପାର୍ଥ ସାରଥୀ ହାଁସଦା କହିଛନ୍ତି।



## ସଂକ୍ଷେପରେ

### ଆଇନ ସେବା ସହାୟତା ସଂସ୍ଥା ସମ୍ପାଦକଙ୍କ ଜେଲ ପରିଦର୍ଶନ

ଭଞ୍ଜନଗର,୩୦।୪(ଡି.ଏନ୍.ଏ)- ଗଞ୍ଜାମ ଜିଲା ଆଇନ ସେବା ସହାୟତା ସଂସ୍ଥା ସମ୍ପାଦକ ବିଚାରପତି କୈଳାସ ଚନ୍ଦ୍ର ସାହୁ ଶନିବାର ଭଞ୍ଜନଗର ସ୍ୱତନ୍ତ୍ର ଉପକାରାଗାର ପରିଦର୍ଶନ କରିଛନ୍ତି। ଏହି ସମୟରେ ସେ ଜେଲର ଖାଦ୍ୟ ବ୍ୟବସ୍ଥା, ଅନ୍ତେବାସୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଅନ୍ତେବାସୀମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରମୁଖ ବିଷୟରେ ମଧ ଆଲୋଚନା କରିଥିଲେ। ଏହି ସମୟରେ ଜେଲ ଅଧୀକ୍ଷକ ଦଣ୍ଡପାଣି ପାତ୍ର, ସର୍ବସାଧାରଣ ପରିଦର୍ଶକ ଅନୁପମ ବାନାର୍ଜୀ, ଶୂଳପାଣି ଶତପଥୀ, ସଭ୍ୟା ଗୀତା ସୁବୁଦ୍ଧି ପ୍ରମୁଖ ଏହି ସମୟରେ ଉପସ୍ଥିତ ଥିଲେ।

### ଚିକିତ୍ସା ଅବହେଳାରୁ ନାବାଳିକା ମୃତ୍ୟୁ ଘଟଣା
### ମୃତକଙ୍କ ପରିବାରକୁ ସମବେଦନା ଜଣାଇଲେ ବିଧାୟିକା

କବିସୂର୍ଯ୍ୟନଗର,୩୦।୪(ଡି.ଏନ.ଏ.)- ଗତ ୨୭ରେ କବିସୂର୍ଯ୍ୟନଗର ମେଡିକାଲରେ ଜଣେ ୭ ବର୍ଷୀୟା ନାବାଳିକାଙ୍କ ଚିକିତ୍ସା ଅବହେଳାରୁ ମୃତ୍ୟୁ ଘଟିଥିଲା। ଶନିବାର କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଗୁଡ଼ିଆଳି ଗ୍ରାମରେ ପହଞ୍ଚି ମୃତକଙ୍କ ପରିବାରକୁ ସାନ୍ତ୍ୱନା ଦେବା ସହ କିଛି ଅନୁକମ୍ପା ସହାୟତା ରାଶି ପ୍ରଦାନ କରିଥିଲେ ଏବଂ ସରକାରୀ ସହାୟତା ପ୍ରଦାନ କରିବାକୁ ବୁଝାଇଥିଲେ। ବାଉଁସିଆ ଗ୍ରାମର ଜାନକୀ ନାହାକ ଓ ସ୍ୱାମୀ ନବୀନ ନାହାକଙ୍କ ଝିଅ ପାର୍ବତୀ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ଚିକିତ୍ସା ଅବହେଳାରୁ ତାଙ୍କର ମୃତ୍ୟୁ ଘଟିଥିଲା।

### ବଜ୍ରପାତରେ ମହିଳାଙ୍କ ମୃତ୍ୟୁ

ଆସିକା, ୩୦।୪ (ଡି.ଏନ.ଏ.)- ଆସିକା ବ୍ଲକର ଦେବଭୂମି ପଞ୍ଚାୟତ ଅନ୍ତର୍ଗତ କର୍ପୂର ନୂଆଗାଁ ଗ୍ରାମରେ ଶନିବାର ବଜ୍ରାଘାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସେହି ଗ୍ରାମର ରଞ୍ଜିତା ବେହେରା (୪୫)। ମହିଳା ଜଣକ ଗ୍ରାମ ଉପକଣ୍ଠରେ ଥିବା ଚାଷ ଜମିରୁ କାର୍ଯ୍ୟ କରି ଫେରୁଥିଲା ବେଳେ ବଜ୍ରାଘାତର ସମ୍ମୁଖୀନ ହୋଇଥିଲେ। ମୁମୂର୍ଷ ଅବସ୍ଥାରେ ତାଙ୍କୁ ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ମହିଳାଙ୍କ ସ୍ୱାମୀଙ୍କ ବର୍ଷେ ପୂର୍ବେ ଦେହାନ୍ତ ହୋଇଯାଇଛି। ଗୋଟିଏ ଦିବ୍ୟାଙ୍ଗ ଝିଅ ଓ ଦୁଇ ପୁଅ ରହିଥିଲା ବେଳେ ମହିଳା ଜଣକ କାମଧାମ କରି ପରିବାର ପୋଷଣ କରୁଥିଲେ। ସମ୍ପୃକ୍ତ ମୃତ ମହିଳାଙ୍କ ପରିବାରକୁ ଆବଶ୍ୟକୀୟ ସରକାରୀ ସହାୟତା ପାଇଁ ପୂର୍ବତନ ଜିଲାପରିଷଦ ସଦସ୍ୟ ଗୌରହରି ବେହେରା ନିବେଦନ କରିଛନ୍ତି। ଅପରପକ୍ଷେ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରିଛି। ଘଟଣା ସମ୍ପର୍କରେ ଆସିକା ଥାନାରେ ନଂ.୧୦/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

### ଯୁବ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ସ୍ୱଚ୍ଛତା କାର୍ଯ୍ୟକ୍ରମ

ଗଞ୍ଜାମ,୩୦।୪(ଡି.ଏନ୍.ଏ.)- ଗଞ୍ଜାମ ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ବଟେଶ୍ୱର ଶୈବପୀଠ ପ୍ରାଙ୍ଗଣରେ ସ୍ଥାନୀୟ ନୀଳାଦ୍ରିପୁର ଗ୍ରାମର ଯୁବ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀମାନେ ମନ୍ଦିର ଚତୁଃପାର୍ଶ୍ୱ ଏବଂ ମନ୍ଦିର - ବେଳାଭୂମି ମୁଖ୍ୟରାସ୍ତା ଓ ବେଳାଭୂମିରେ ପଡିଥିବା ପ୍ଲାଷ୍ଟିକ ବୋତଲ, ଖାଲି ଖାଦ୍ୟପୁଡ଼ିଆ ଜରି, ଅଳିଆଗୁଡିକୁ ଦୁଇଘଣ୍ଟା ଧରି ସଫେଇ କରିଥିଲେ। ପୂର୍ବତନ ସରପଞ୍ଚ ଦିଲୀପ ଛୋଟରାୟଙ୍କ ତତ୍ତ୍ୱାବଧାନରେ ସତିଶ ସ୍ୱାଇଁ, ଗୁଲୁନା ସ୍ୱାଇଁ, ତିଳ ପ୍ରଧାନ, ବଳରାମ ସ୍ୱାଇଁ, ସରୋଜ ସାହୁ, ପ୍ରଶାନ୍ତ ଛୋଟରାୟ, ବସନ୍ତ ସ୍ୱାଇଁ, ଶିବ, କାଳିଆ, ଅନନ୍ତ, କାହ୍ନା ପ୍ରମୁଖଙ୍କ ସହ ଅନ୍ୟମାନେ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ଦୁଇଦିନ ତଳେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବଟେଶ୍ୱର ଶୈବପୀଠ ପରିଦର୍ଶନରେ ଆସି ଶୈବପୀଠରେ ଉନ୍ନୟନମୂଳକ କାର୍ଯ୍ୟ ଦେଖି ଖୁସି ବ୍ୟକ୍ତ କରିଥିଲେ।

### ପରୀକ୍ଷାର୍ଥୀଙ୍କୁ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା

ଦିଗପହଣ୍ଡି,୩୦।୪(ଡି.ଏନ.ଏ.)-ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି କଲେଜ ଯୁକ୍ତ ୨ ପରୀକ୍ଷାର୍ଥୀ ମାନଙ୍କୁ ସ୍ଥାନୀୟ ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ ଶାଖା ପକ୍ଷରୁ ଶନିବାର ପରୀକ୍ଷା କେନ୍ଦ୍ର ନିକଟରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦର ଗଞ୍ଜାମ ଜିଲା ସଂଯୋଜକ ଏସ୍.ସୁନୀଲ ଦୋରା, ହରିକୃଷ୍ଣ ଦୋରା, ବିଜୟ ଦୋରାଙ୍କ ସମେତ ବହୁ ସଂଖ୍ୟକ ସଭ୍ୟ ସମର୍ଥକ ଉପସ୍ଥିତ ରହି ପରୀକ୍ଷା କେନ୍ଦ୍ରକୁ ଯାଉଥିବା ଛାତ୍ରଛାତ୍ରୀମାନଙ୍କ ଶୁଭକାମନା କରିବା ସହ ସେମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ୧୦ମ ଶ୍ରେଣୀ ପରୀକ୍ଷାର୍ଥୀ ମାନଙ୍କୁ ବିଦ୍ୟାର୍ଥୀ ପରିଷଦର କାର୍ଯ୍ୟକର୍ତ୍ତାମାନେ ପରୀକ୍ଷା କେନ୍ଦ୍ର ସମ୍ମୁଖରେ ଫୁଲ ଚନ୍ଦନ ପ୍ରଦାନ ପୂର୍ବକ ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହେବା ସହ ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ।

# ବିନା ହେଲମେଟରେ ଛାତ୍ର କଲେଜ ଆସିଲେ ଅଧକ୍ଷ ଦାୟୀ

- ସରକାରୀ କର୍ମଚାରୀଙ୍କ ଦିନକର ଛୁଟି କଟାଯିବ
- ବ୍ରହ୍ମପୁରରେ କଡାକଡି ଯାଞ୍ଚ ନିର୍ଦ୍ଦେଶ
- ରାଜପଥ ପାର୍ଶ୍ୱରେ ପାର୍କିଂ କଲେ କାର୍ଯ୍ୟାନୁଷ୍ଠାନ

ଛତ୍ରପୁର,୩୦।୪(ଡି.ଏନ.ଏ.)

ଛତ୍ରପୁର ସ୍ଥିତ ଜିଲାପାଳଙ୍କ ଓସ୍ୱାନ ସମ୍ମିଳନୀ କକ୍ଷରେ ସଡକ ସୁରକ୍ଷା ଦିଗରେ ଜିଲାସ୍ତରୀୟ ସମୀକ୍ଷା ବୈଠକ ଶନିବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କରୋନା ସମୟ ଅତିବାହିତ ହେବା ପରଠାରୁ ଚାଳକମାନଙ୍କ ଖାମଖିଆଲ ଯୋଗୁ ଜିଲାରେ ବାଇକ୍ ଦୁର୍ଘଟଣା ବୃଦ୍ଧି ପାଇଛି । ସଡକ ସୁରକ୍ଷା ଦୃଷ୍ଟିରୁ ପୂର୍ବରୁ ଜାରି କରାଯାଇଥିବା ହେଲମେଟ ବ୍ୟବହାର ଦିଗରେ ସଚେତନ କରାଯିବା ସହିତ ଚଢାଉକୁ ଜୋରଦାର କରିବାକୁ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ମହାବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀ ୧୮ ବର୍ଷ ପୂର୍ବରୁ କିମ୍ବା ବିନା ଲାଇସେନ୍ସରେ ଯାନବାହନ ଚଳାଇବାକୁ ବାରଣ କରାଯାଇଛି । କିନ୍ତୁ କେତେକ କ୍ଷେତ୍ରରେ ଲାଇସେନ୍ସ ନ ଥାଇ ସ୍ୱଳ୍ପ ବୟସରେ ମଧ ମହାବିଦ୍ୟାଳୟକୁ ଦୁଇ ଚକିଆ ଯାନ ଚଢି ଆସୁଥିବା ପ୍ରଶାସନର ଦୃଷ୍ଟିକୁ ଆସିଛି। ବିଭିନ୍ନ ସମୟରେ ଅନେକ ଦୁର୍ଘଟଣା ମଧ ଘଟୁଛି। ଏହାକୁ ରୋକିବା ଦିଗରେ ସମ୍ପୃକ୍ତ ମହାବିଦ୍ୟାଳୟ ଅଧକ୍ଷ ନିଜ ନିଜ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଉପରେ ଦୃଷ୍ଟି ରଖିବାକୁ କୁହାଯାଇଛି। ଯଦି ଏଭଳି କାର୍ଯ୍ୟର ପୁନରାବୃତ୍ତି ଘଟେ ତେବେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ଅଧକ୍ଷା, ଅଧକ୍ଷ ଏବଂ ଉକ୍ତ ଛାତ୍ରୀଛାତ୍ରୀଙ୍କ ଅଭିଭାବକ ମାନଙ୍କୁ ଦାୟୀ କରାଯିବ ।

ଦୁଇ ଚକିଆ ଯାନରେ ୩ଜଣ ବ୍ୟକ୍ତି ଓ ବିନା ହେଲମେଟରେ ଗାଡି ଚଳାଉଥିବା ଚାଳକଙ୍କୁ ଚଢାଉ ହେବ। ଜରିମାନା ଆଦାୟ କରାଯିବ ଆବଶ୍ୟକ ସ୍ଥଳେ ଡ୍ରାଇଭିଂ ଲାଇସେନ ରଦ୍ଦ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ। ପୁରୁଣା ଯାନ ବାହନ ଯାଞ୍ଚ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନିର୍ଦ୍ଧାରିତ ସିଟରୁ ଅଧିକ ଯାତ୍ରୀ ବୋହି ନେଉଥିବା ବସ୍ ଯାଞ୍ଚକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସରକାରୀ କର୍ମଚାରୀ ବାଇକ୍‌ରେ ବିନା ହେଲମେଟରେ କାର୍ଯ୍ୟାଳୟକୁ ଆସୁଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତାଙ୍କର ଗୋଟିଏ ଦିନ ଅନୁପସ୍ଥିତ କରି ଉକ୍ତ ଦିନକୁ ଛୁଟିଭାବେ (ସିଏଲ୍) ଗ୍ରହଣ କରାଯିବ। ଦୁର୍ଘଟଣା ପ୍ରବଣ ଅଞ୍ଚଳ ଯାଞ୍ଚକରି ରାସ୍ତାର ସ୍ଥିତି, ଦୁର୍ଘଟଣାର କାରଣ ଇତ୍ୟାଦି ଅନୁସନ୍ଧାନ କରି ସେଗୁଡିକର ସ୍ଥିତିରେ ସୁଧାର ଆଣିବାକୁ ସମସ୍ତ ନିର୍ବାହୀ ଯନ୍ତ୍ରୀ, କାର୍ଯ୍ୟ ନିର୍ବାହୀ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ରାସ୍ତା କଡ କିମ୍ବା ଜାତୀୟ ରାଜପଥ ପାର୍ଶ୍ୱରେ ପାର୍କିଂ ହେଉଥିବା ଯାନ ବାହନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ବୈଠକରେ ବ୍ରହ୍ମପୁର ମହାନଗର ନିଗମ କମିଶନର ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦାର, ବ୍ରହ୍ମପୁର ଉପଜିଲାପାଳ ଭି. କିର୍ତ୍ତିଓ୍ୱାସନ, ଆଞ୍ଚଳିକ ପରିବହନ ଅଧିକାରୀ ମାନସ ରଞ୍ଜନ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା, ଜିଲା ମଙ୍ଗଳ ଅଧିକାରୀ ପରୀକ୍ଷିତ ଦାଶ, ପୋଲିସ ବିଭାଗର ଅଧିକାରୀ, ବସ୍ ଓ ଟ୍ରକ ମାଲିକ ସଂଘ କର୍ମକର୍ତ୍ତା ଯୋଗ ଦେଇଥିଲେ ।

## ବାଲି ଚୋରାଚାଲାଣ ବେଳେ ୬ ଟ୍ରାକ୍ଟର ଜବତ

କାଶୀନଗର,୩୦।୪

ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଶୁକ୍ରବାର ରାତିରେ ଓଡ଼ିଶା ରୋଡର କଣ୍ଟୁରୁ ଗ୍ରାମଠାରେ ଚୋରାରେ ଚାଲାଣ ହେଉଥିବା ୬ଟି ବାଲି ଟ୍ରାକ୍ଟରକୁ ଜବତ କରାଯାଇଛି। କାଶୀନଗର ବଂଶଧାରା ବାଲିର ଚାହିଦା ବେଶି। ଚଳିତ ମାସର ବାଲି ଲିଜ୍‌ଧାରୀମାନେ ରାଜସ୍ୱ ଦାଖଲ କରି ନ ଥିବାରୁ ଲିଜ୍ ର‌୍ୟାମ୍ପରୁ ବାଲି ଉଠାଣ ହୋଇପାରୁ ନାହିଁ। ଏହାର ସୁଯୋଗ ନେଇ କିଡ଼ିଗାଁ ନିକଟରେ ଏକ ଚୋରା ବାଲି ର‌୍ୟାମ୍ପ କରାଯାଇ ବାଲି ମହଜୁଦ ରଖାଯାଇ ଅବାଧରେ ବିକ୍ରି କରାଯାଉଛି। ଦୈନିକ ଏପରି ଚାଲାଣ ହେଉଥିବା ନଜରକୁ ଆସେ ବୋଲି କାଶୀନଗର ପୋଲିସ ସ୍ଥାନୀୟ ତହସିଲଦାରଙ୍କୁ ଅବଗତ କରିଛି। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ତହସିଲଦାରଙ୍କ ଅବସର ଯୋଗୁ କାର୍ଯ୍ୟାନୁଷ୍ଠାନ ହୋଇପାରିନ ଥିବା ଜଣାପଡ଼ିଛି।

# ସଚିବଙ୍କ ଗସ୍ତ ପରେ ତ୍ୱରିତ ସର୍ଭେ ଆରମ୍ଭ

## ଛେଳିଗଡ଼ ଜଳ ସେଚନ ପ୍ରକଳ୍ପ

ଆର.ଉଦୟଗିରି,୩୦।୪(ଡି.ଏନ.ଏ.)


ବିଭିନ୍ନ ବିଭାଗ ଅଧିକାରୀଙ୍କ ସର୍ଭେ।

ଗଜପତି ଜିଲା ଆର. ଉଦୟଗିରି ବ୍ଲକ ମହେନ୍ଦ୍ରଗଡ଼ଠାରୁ ୫ କି.ମି.ଦୂରରେ ଅବସ୍ଥିତ ଛେଳିଗଡ଼ ଜଳ ସେଚନ ପ୍ରକଳ୍ପକୁ ୨୮ ତାରିଖରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ୫ -ଟି ସଚିବ ଭି. କାର୍ତ୍ତିକେୟନ ପାଣ୍ଡିଆନଙ୍କ ସହ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ବିଭାଗୀୟ ସଚିବ ଅନୁ ଗର୍ଗ ମିଳିତ ଭାବେ ଅନୁଧ୍ୟାନ କରିଥିଲେ। ନିର୍ମାଣ ସ୍ଥଳ କୁଆଁପଡା ଏବଂ ମୃଷାଦଲିଠାରେ ହେଉଥିବା ଟନେଲ କାର୍ଯ୍ୟ ଦେଖିବା ସହ ପ୍ରକଳ୍ପ ବିଷୟରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ଓ ସମୀକ୍ଷା କରିଥିଲେ। ପରିଦର୍ଶନ ସମୟରେ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ଲୋକଙ୍କୁ କି ପ୍ରକାର ସାହାଯ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଛି ବୁଝିଥିଲେ। ସେହି ସମସ୍ତ ଜମିକୁ ଉଠା ଜଳସେଚନ ଦ୍ୱାରା ଚାଷ ଜମିକୁ ଜଳ ଯୋଗାଇ କ୍ଷତିଗ୍ରସ୍ତଙ୍କୁ ସ୍ୱାବଲମ୍ବୀ କରିବା ନିମନ୍ତେ ଯୋଜନା ଥିବାରୁ ଶନିବାର ମିଳିତ ସର୍ଭେ ହେଉଥିବା ଦେଖିବା ମିଳିଛି।

## ସ୍ୱାମୀଙ୍କ ଆକ୍ରମଣରେ ସ୍ତ୍ରୀ ଆହତ

ଗୋପାଳପୁର,୩୦।୪(ଡି.ଏନ୍.ଏ.)

ମଦ୍ୟପାନ କରି ମରଣାନ୍ତକ ଆକ୍ରମଣ କରିବା ନେଇ ଗୋଳନ୍ଥରା ଥାନାରେ ଶନିବାର ସ୍ତ୍ରୀ ସ୍ୱାମୀଙ୍କ ନାଁରେ ଅଭିଯୋଗ କରିଛନ୍ତି। ଏହି ଥାନା ଅନ୍ତର୍ଗତ ରଣ୍ଡା ଗ୍ରାମ ହରିଜନ ସାହିରେ ପିଣ୍ଟୁ ଦାସ ଓ ତାଙ୍କ ସ୍ତ୍ରୀ ମନ୍ଦାକିନୀ ଦାସ ରହୁଥିଲେ। ବିଭିନ୍ନ ସମୟରେ ପିଣ୍ଟୁ ମଦ୍ୟପାନ କରି କୌଣସି କଥାକୁ ନେଇ ଘରେ ପାଟିତୁଣ୍ଡ କରିବା ସହ ସ୍ତ୍ରୀ ମନ୍ଦାକିନୀଙ୍କୁ ମାଡ଼ ମାରୁଥିଲେ। ଶୁକ୍ରବାର ମନ୍ଦାକିନୀ ଘରେ ଶୋଇଥିବା ବେଳେ ପିଣ୍ଟୁ ନିଶାସକ୍ତ ହୋଇ ଏକ ବଡ଼ ପଥର ଧରି ମନ୍ଦାକିନୀଙ୍କ ମୁଣ୍ଡକୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ମନ୍ଦାକିନୀ ରକ୍ତାକ୍ତ ହୋଇ ସ୍ଥାନୀୟ ମେଡିକାଲରେ ଚିକିତ୍ସିତ ହୋଇ ଶନିବାର ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ନଂ.୧୩୯/୨୨ରେ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଛି। ଘଟଣା ପରଠାରୁ ପିଣ୍ଟୁ ଫେରାର ଥିବା ବେଳେ ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି।

## ଜଙ୍ଗଲରେ ନିଆଁ, ବନ୍ୟପ୍ରାଣୀ ଗାଁ ମୁହାଁ


ତିନିଛକିଆ ରାସ୍ତା କଡରେ ହାତୀ।

ଭଞ୍ଜନଗର,୩୦।୪(ଡି.ଏନ.ଏ)

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡର ବିଭିନ୍ନ ଜଙ୍ଗଲ ବିଗତ କିଛି ଦିନ ହେବ ହୁହୁ ହୋଇ ଜଳୁଛି। ତାପମାତ୍ରା ବୃଦ୍ଧି ଯୋଗୁ ପରିସ୍ଥିତି ଜଟିଳ ହୋଇପଡ଼ିଲାଣି। ଅନ୍ୟପଟେ ବନ୍ୟପ୍ରାଣୀ ମାନେ ମଧ ବିପଦରେ ପଡ଼ିଛନ୍ତି। ଜଙ୍ଗଲରେ ନିଆଁ ଲାଗିବା ଯୋଗୁ ବନ୍ୟପ୍ରାଣୀମାନେ ଜଙ୍ଗଲରୁ ବାହାରି ବସ୍ତି ଅଭିମୁଖେ ଚାଲି ଆସୁଛନ୍ତି। ଏହି ସମୟରେ କେତେକ ବନ୍ୟପ୍ରାଣୀ ମୃତ୍ୟୁ ମୁଖରେ ପଡୁଛନ୍ତି। ଶୁକ୍ରବାର ଅପରାହ୍ନରେ ହଠାତ୍ ଏକ ହାତୀ ତିନିଛକିଆ ରାସ୍ତା ଉପରକୁ ଚାଲି ଆସିଥିଲା। ଫଳରେ କିଛି ସମୟ ପାଇଁ ଭଞ୍ଜନଗର ଦଶପଲ୍ଲା ମୁଖ୍ୟ ରାସ୍ତାରେ ଯାନବାହାନ ଚଳାଚଳ ବନ୍ଦ ହୋଇଯାଇଥିଲା। ଜଙ୍ଗଲରେ ନିଆଁ ଲାଗିବା ଯୋଗୁ ହାତୀଟି ଜୀବନ ବଞ୍ଚାଇବା ପାଇଁ ରାସ୍ତାକୁ ଚାଲି ଆସିଥିଲା। ସେହିଭଳି ଆଉ ଏକ ହାତୀ ବାଇବାଲି, ବେଡିଗୋବ, ମିଣିକିଆରୀ ପ୍ରମୁଖ ଅଞ୍ଚଳର ଗ୍ରାମ ଭିତରକୁ ପଶି ଘରଦ୍ୱାର ଭାଙ୍ଗୁଥିବା ଜଣାପଡ଼ିଛି। ବିଭାଗୀୟ କର୍ମଚାରୀ ଏବଂ ବନ ସୁରକ୍ଷା ସମିତି କର୍ମକର୍ତ୍ତାମାନେ ହାତୀକୁ ନିୟନ୍ତ୍ରଣ ପାଇଁ ଚେଷ୍ଟା ଚଳାଇଛନ୍ତି। ସାମାଜିକ କର୍ମୀ ପ୍ରକାଶ ଚନ୍ଦ୍ର ସାହୁ ଏଠାରେ କହିଛନ୍ତି ଯେ, ଶୁକ୍ରବାର ସମ୍ପୃକ୍ତ ଅଞ୍ଚଳକୁ ଘୁମୁସର ଗାଇ ସମ୍ପର୍କରେ ଲୋକଙ୍କୁ ସଚେତନତା କରିବାକୁ ଯାଉଥିଲା। ଏହି ସମୟରେ ହାତୀ ଆତଙ୍କ ଯୋଗୁ କାର୍ଯ୍ୟକ୍ରମକୁ ଯାଇନପାରି ଫେରି ଆସିଥିଲି। ଲୋକଙ୍କ ମଧ୍ୟରେ ସଚେତନତା ଅଭାବ ଯୋଗୁ ଏହିଭଳି ସମସ୍ୟା ଦେଖାଦେଇଛି। ଲୋକଙ୍କୁ ଅଧିକ ସଚେତନ କରିବାକୁ ପଡିବ। ଯେଉଁମାନେ ନିୟମ ଭାଙ୍ଗୁଛନ୍ତି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଆବଶ୍ୟକତା ରହିଛି।

## ଆଇଟିଡିଏ ପକ୍ଷରୁ ଚାଷୀଙ୍କୁ କୃଷିଯନ୍ତ୍ର ପ୍ରଦାନ

ଫୁଲବାଣୀ ଅଫିସ, ୩୦।୪

ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ପକ୍ଷରୁ ଫିରିଙ୍ଗିଆ ବ୍ଲକର ୧୦ଟି ଗ୍ରାମର ୧୦୦ ଜଣ ଚାଷୀ ଏବଂ ଟୁନୁରିସାହିର ୨୪ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସ୍ପ୍ରେୟର ମେଶିନ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ବିରେନ୍ଦ୍ର କୁମାର ଦାସ ଯୋଗଦେଇ ଏହି ମେଶିନ ପ୍ରଦାନ କରିବା ସହ ସରକାରଙ୍କ ପକ୍ଷରୁ ରହିଥିବା ବିଭିନ୍ନ ଯୋଜନା ଉପରେ ଉପସ୍ଥିତ ଚାଷୀ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟମାନଙ୍କୁ ଅବଗତ କରିଥିଲେ। ଉପକରଣ ପାଇବା ପରେ ସମସ୍ତେ ଖୁସି ବ୍ୟକ୍ତ କରିବା ସହ ଆଇଟିଡିଏ ସଂସ୍ଥାକୁ ଧନ୍ୟବାଦ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ସହକାରୀ କୃଷି ଅଧିକାରୀ ସବ୍ୟସାଚୀ ଦାସ, ସୁରେନ୍ଦ୍ର କୁମାର ସିଂ, ମିଶନ ଶକ୍ତି ସଂଯୋଜକ ବାଦଲ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ । ଆଇଟିଡିଏ ପ୍ରକଳ୍ପ ପରିଚାଳକ ପି. ମୁରଲୀ ମୋହନ ଏବଂ ଜୀବନଜୀବିକା ବିଶେଷଜ୍ଞ ବୈଦ୍ୟନାଥ ଖଟୁଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଚାଷୀଙ୍କୁ ମେଶିନ ପ୍ରଦାନ କରାଯାଉଛି।

## ଗୋରୁ ଚମଡ଼ା ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ

ଆର.ଉଦୟଗିରି,୩୦।୪(ଡି.ଏନ୍.ଏ.)

ବେଆଇନ ଚାଲାଣବେଳେ ଗୋରୁ ଚମଡ଼ା ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ଅଡ଼ବା ବଜରଙ୍ଗ ଦଳର ସଦସ୍ୟମାନେ ଜବତ କରିଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଏକ ପିକ୍‌ଅପ୍ ଭ୍ୟାନ୍ ଅଡ଼ବା ଗ୍ରାମ ରାସ୍ତା ଦେଇ ଯିବାବେଳେ ଦୁର୍ଗନ୍ଧ ହେବାରୁ ବଜରଙ୍ଗ ଦଳର ସଦସ୍ୟମାନେ ଗାଡ଼ିଟିକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚବେଳେ ସେଥିରେ ବିପୁଳ ପରିମାଣର ଗୋରୁ ଚମଡ଼ା ଥିବା ଦେଖିବାକୁ ମିଳିଥିଲା। ଗାଡ଼ି ଡ୍ରାଇଭର ଏବଂ ହେଲ୍‌ପରଙ୍କୁ ପଚାରିବାରୁ ପ୍ରଥମେ ଚମଡ଼ା ଆର.ଉଦୟଗିରି ଥାନା ଛେଳିଗଡ଼ ଏବଂ ପରେ ଅଡ଼ବା ଥାନା ଉଲ୍ଲିପଦର ଗ୍ରାମରୁ ସଂଗ୍ରହ କରି ବ୍ରହ୍ମପୁର ଚାଲାଣ କରାଯାଉଥିବା ନେଇ ସୂଚନା ଦେଇଥିଲେ। ଏ ନେଇ ଅଡ଼ବା ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ବେଳେ ବଜରଙ୍ଗ ଦଳର ସଦସ୍ୟମାନେ ଚମଡ଼ାଗୁଡିକୁ ପୋତିଦେବା ସହ ଡ୍ରାଇଭର ଏବଂ ହେଲପରଙ୍କୁ ଛାଡ଼ି ଦେଇଛନ୍ତି। ତେବେ ମୋହନା ଅଞ୍ଚଳରୁ ବାରମ୍ବାର ଗୋମାଂସ ଏବଂ ଚମଡ଼ା ଜବତ ହେଉଥିବା ବେଳେ ଏହାକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ଦୃଢ଼ ପଦକ୍ଷେପ ନେବା ନିମନ୍ତେ ଗୋ-ସୁରକ୍ଷା ସମିତି ପକ୍ଷରୁ ଦାବି କରାଯାଇଛି।

# କବିସୂର୍ଯ୍ୟନଗର ପଞ୍ଚାୟତ ସମିତି ବୈଠକ

କବିସୂର୍ଯ୍ୟନଗର,୩୦।୪(ଡି.ଏନ୍.ଏ.)



ବୈଠକରେ ଉପସ୍ଥିତ ଅତିଥି।

ପଞ୍ଚାୟତ ନିର୍ବାଚନ ପରେ ଶନିବାର କବିସୂର୍ଯ୍ୟନଗର ବ୍ଲକରେ ପ୍ରଥମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଯୋଗ ଦେଇ ବୈଠକକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଅଧକ୍ଷା ଜ୍ୟୋତିର୍ମୟୀ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନବନିର୍ବାଚିତ ସମିତି ସଭ୍ୟା, ସଭ୍ୟମାନଙ୍କୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧନା ଦିଆଯାଇଥିଲା। କବିସୂର୍ଯ୍ୟନଗର ବ୍ଲକ ୨୧ ପଞ୍ଚାୟତର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗରିବଙ୍କୁ ବସୁଧରା ଯୋଜନାରେ ସାମିଲ କରି ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରି ଘର ଯୋଗାଇବାକୁ ବିଧାୟିକା ତହସିଲଦାରଙ୍କୁ କହିଥିଲେ। ଗାଁ ଗାଁରେ ପାନୀୟ ଜଳ ସମସ୍ୟା ନେଇ ବିଭିନ୍ନ ପଞ୍ଚାୟତରୁ ଅଭିଯୋଗ ଆସିଥିଲା। ତାହାର ସମାଧାନ ଦିଗରେ ଯନ୍ତ୍ରୀ ଉତ୍ତର ରଖିଥିଲେ। ସେହିପରି ସ୍ୱାସ୍ଥ୍ୟ ବିଭାଗରେ ଜନ ଆରୋଗ୍ୟ ସମିତି ଉପରେ ଆଲୋଚନା ହେବା ସହ ଅଂଶୁଘାତ, କରୋନାର ଚତୁର୍ଥ ଲହର ଆସିବା ପୂର୍ବରୁ ସମସ୍ତେ ଟିକାକରଣ କରିବାକୁ ସଚେତନ କରିଥିଲେ। ସିଡିପିଓ ସନ୍ଧ୍ୟାରାଣୀ ମିଶ୍ର ବାଲ୍ୟ ବିବାହ ପ୍ରତି ଧ୍ୟାନ ଦେଇ ସଚେତନ କରିବାକୁ ମତ ରଖିଥିଲେ। ଅନ୍ୟାନ୍ୟ ଆଲୋଚନା ମଧ୍ୟରେ ଭତ୍ତା, ରାଶନ କାର୍ଡ, ଜଳସେଚନ ଏବଂ କବିସୂର୍ଯ୍ୟନଗର ଥାନା ଅଧିକାରୀ ଆଇନ ଶୃଙ୍ଖଳା ଉପରେ ମତ ରଖି ଆଲୋଚନା କରାଯାଇଥିଲା। ବୈଠକକୁ ବିଡିଓ ବାସୁଦେବ ନାୟକ ସଂଯୋଜନା କରିଥିବା ବେଳେ ଉପାଧ୍ୟକ୍ଷ ବୀରେନ୍ଦ୍ର ଖଟେଇ, ଏବିଡିଓ ନାରାୟଣ ବେହେରା, ଥାନାଧିକାରୀ ପ୍ରଭାତ ସାହୁ ମଞ୍ଚାସୀନ ରହି ସଭା ପରିଚାଳନା କରିଥିଲେ। ପ୍ରଥମ ଅଧିବେଶନରେ ତିନିଜଣ ଜିଲା ପରିଷଦ ସଭ୍ୟ, ସମସ୍ତ ସମିତି ସଭ୍ୟାସଭ୍ୟ, ସରପଞ୍ଚ, ତହସିଲଦାର, ସିଡିପିଓ, ସ୍ୱାସ୍ଥ୍ୟ ଅଧିକାରୀ, ପୂର୍ତ୍ତ ବିଭାଗ, ଜଳସେଚନ, କ୍ଷୁଦ୍ର ଜଳସେଚନ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ଗ୍ରାମ୍ୟ ନିର୍ମାଣ ଯନ୍ତ୍ରୀ, ଯୋଗାଣ ଅଧିକାରୀ, ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ, ମିଶନ ଶକ୍ତି ଅଧିକାରୀଙ୍କ ସମେତ ବ୍ଲକର ସମସ୍ତ ଯନ୍ତ୍ରୀ, ଉପସ୍ଥିତ ଥିଲେ।

## ୩ ସ୍ଥାନରୁ ଶାଗୁଆନ କାଠ ଜବତ, ଜଣେ ଗିରଫ

ପାତ୍ରପୁର ୩୦।୪(ଡି.ଏନ.ଏ.)

ସାମନ୍ତିଆପଲ୍ଲୀ ରେଞ୍ଜ୍ ପକ୍ଷରୁ ଶନିବାର ତିନୋଟି ସ୍ଥାନରେ ଚଢ଼ାଉ କରାଯାଇ ୧୨୦ ସିଏଫ୍‌ଟି ଶାଗୁଆନ କାଠ ଜବତ କରାଯାଇଛି। ଏହି ରେଞ୍ଜର ମନ୍ଦରଡ଼ା ପଞ୍ଚାୟତର ବୁଡାଗ ଗ୍ରାମର ଗୋଟିଏ ଘରେ ଥିବା ପ୍ରାୟ ୪୦ ସିଏଫ୍‌ଟି କାଠଗଣ୍ଡି ଜବତ କରାଯାଇଛି। ସେହିପରି ତୁରିବୁଡି ପଞ୍ଚାୟତର ଉଲୁମା ଏବଂ କଣ୍ଟାଖାଳି ଗ୍ରାମର ୨ଟି ଗୁହାଳରୁ ପ୍ରାୟ ୮୦ ସିଏଫ୍‌ଟି ଶାଗୁଆନ କାଠ ଜବତ ହୋଇଛି। ଏହି ଘଟଣାରେ ବୁଡ଼ା ଗ୍ରାମର ନାରାୟଣ ବେହେରାଙ୍କୁ ବେଆଇନ କାଠ ରଖିବା ଅଭିଯୋଗରେ ଗିରଫ କରାଯାଇଛି । ଏ ନେଇ ନଂ.୨ ଓ ୩/୨୦୨୨-୨୩ରେ କେସ୍ ରୁଜୁ କରାଯାଇଛି। ଚଢ଼ାଉବେଳେ ପାତ୍ରପୁର ତହସିଲଦାର ଅମିତ କୁମାର ନାୟକଙ୍କ ସହିତ ଉପଖଣ୍ଡ ବନ ଅଧିକାରୀ ଅଶୋକ କୁମାର ବେହେରା, ରେଞ୍ଜର ରଜତ କୁମାର ମିଶ୍ର, ଫରେଷ୍ଟର ଗିରିଶ୍‌ଚନ୍ଦ୍ର ରାୟ, କେ. କବିତା, କାମନା ଭୂୟାଁଙ୍କ ସହ ଅନ୍ୟ କର୍ମଚାରୀ ସାମିଲ ଥିଲେ।

## ସିଝୁଛି ଜି.ଉଦୟଗିରି, ପାରଦ ୪୦ ଡିଗ୍ରୀ

ଜି.ଉଦୟଗିରି,୩୦।୪(ଡି.ଏନ୍.ଏ.)

ପ୍ରଚଣ୍ଡ ଖରା ଓ ଗୁଳୁଗୁଳିରେ ସିଝୁଛି ଜି.ଉଦୟଗିରି ସହର। ଗତ କିଛି ଦିନ ହେବ ତାପମାତ୍ରା କ୍ରମାଗତ ବଢ଼ିଚାଲିଛି। ଶନିବାର ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରହିଛି। ଗୁରୁବାର ୪୦.୮ ଥିଲା ବେଳେ ଶୁକ୍ରବାର ୪୦.୬ ଡିଗ୍ରୀ ସେଲ୍‌ସିୟସ ରହିଥିଲା ବୋଲି ଜି.ଉଦୟଗିରି କୃଷି ଗବେଷଣା କେନ୍ଦ୍ର ପାଣିପାଗ ତାପମାପକ ଯନ୍ତ୍ର ଦାୟିତ୍ୱରେ ଥିବା ଅଧିକାରୀ ସତ୍ୟନାରାୟଣ ମହାନ୍ତି ସୂଚନା ଦେଇଛନ୍ତି। ଜି.ଉଦୟଗିରି ସହରରେ ବର୍ଷକୁ ବର୍ଷ ସର୍ବୋଚ୍ଚ ତାପମାତ୍ରା ବଢିବାରେ ଲାଗିଛି। ରାସ୍ତା ଚଉଡ଼ା ନାଁରେ ଶହ ଶହ ବଡ଼ ବଡ଼ ଗଛ କଟାଗଲା। ପୁଣି ଫାଇଲିନ ଓ ଅନ୍ୟ ବାତ୍ୟା ଯୋଗୁ ହଜାର ହଜାର ଗଛ ଭୂମିରେ ଶୋଇଗଲା। ଏସବୁ ପରେ ପଲ୍ଲୀଠାରୁ ସହର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ତାପମାତ୍ରା ବୃଦ୍ଧିର ପ୍ରମୁଖ କାରଣ ହୋଇଛି। ସାଧାରଣତଃ ଖରାଦିନେ ଲୋକେ ଖରାଦାଉରୁ ରକ୍ଷା ପାଇଁ କନ୍ଧମାଳ ଜିଲାକୁ ଆସୁଥିଲେ। ଶୀତଳ ପବନ ବାଣ୍ଟୁଥିବା କନ୍ଧମାଳ ଜିଲାରେ ଆଜି ପ୍ରଚଣ୍ଡ ରୌଦ୍ରତାପ, ଯାହା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ସକାଳ ୮ ପରେ ଘରୁ ବାହାରକୁ ବାହାରିବା କଷ୍ଟ ହେଉଛି। ରାସ୍ତାଘାଟ ଦିନବେଳେ ଶୁନ୍‌ଶାନ୍ ହୋଇଯାଉଛି। ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ କୂଅ, ବନ୍ଧ ଶୁଖିଲାଣି। ଏପରି ଗରମ କେବେ ଅନୁଭୂତ ହୋଇ ନ ଥିଲା ବୋଲି ବରିଷ୍ଠ ନାଗରିକ ଆଦିବାସୀ ନେତା ଭୀମସେନ ପ୍ରଧାନ କହିଛନ୍ତି।

# ଜଳ ଫୁଆରର ମଜା ଦେଉଛି ପାର୍କ

ଗିରିଧାରୀ ପରିଚ୍ଛା

ପାରଳାଖେମୁଣ୍ଡି,୩୦।୪(ଡି.ଏନ୍.ଏ.)


ପାର୍କରେ ଲୋକେ ଥଣ୍ଡା ଉପଭୋଗ କରିଛନ୍ତି।

- ପ୍ରଚଣ୍ଡ ରୌଦ୍ରତାପରେ ଜଳୁଛି ପାରଳାଖେମୁଣ୍ଡି
- ତ୍ରାହି ପାଇଁ ପାରଳା ପୌରପାଳିକାର ଅଭିନବ ଉପାୟ

ପ୍ରଚଣ୍ଡ ରୌଦ୍ରତାପରେ ଜଳୁଛି ଗଜପତି ଜିଲା। ଗ୍ରୀଷ୍ମପ୍ରବାହ ସାଙ୍ଗକୁ ଅସହ୍ୟ ଗୁଳୁଗୁଳିରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗତ ଏକ ସପ୍ତାହ ହେଲା ପାରଳାଖେମୁଣ୍ଡି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଛି। ଫଳରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନା ଘରେ ରହିପାରୁଛନ୍ତି ନା ବାହାରକୁ ଯାଇ ପାରୁଛନ୍ତି। ପ୍ରବଳ ଖରାରେ ସହରବାସୀ ଡହଳବିକଳ ହେଉଥିବା ବେଳେ ପାରଳାଖେମୁଣ୍ଡି ପୌରପାଳିକା ସ୍ଥାନୀୟ ଦୁଇ ପାର୍କରେ ଏକ ଅଭିନବ ଉପାୟ ଅବଲମ୍ବନ କରିଛି। ପ୍ରଚଣ୍ଡ ଗ୍ରୀଷ୍ମରେ ଜଳ ଫୁଆରର ମଜା ନେଉଛନ୍ତି ଲୋକେ। ସନ୍ଧ୍ୟା ହେଲେ ଟିକେ ଗରମରୁ ନିସ୍ତାର ପାଇବା ପାଇଁ ପିଲାରୁ ବଡ଼ ଏବେ ପାର୍କମୁହାଁ ହେଉଛନ୍ତି। ଗୋଟିଏ ପାର୍କ ହେଉଛି ପାରଳାଖେମୁଣ୍ଡି ବସ୍‌ଷ୍ଟାଣ୍ଡ ନିକଟରେ ଅଟଳ ବିହାରୀ ପାର୍କ ଓ ଅନ୍ୟଟି ପାରଳା ରାଜବଂଶର ସମାଧି ପୀଠକୁ ଶିଶୁ ଉଦ୍ୟାନ କରାଯାଇଛି। ହେଲେ ସନ୍ଧ୍ୟା ଓ ସକାଳେ ସବୁ ବୟସର ଲୋକେ ଏହି ଜାଗାରେ ବ୍ୟାୟାମ କରିବା ହେଉ ବା କିଛି ସମୟ ବସିବା ପାଇଁ ଆସିଥାନ୍ତି । ଏହି ଦୁଇ ପାର୍କରେ ପୌରପାଳିକା ଦ୍ୱାରା ୧୪ ଲକ୍ଷ ଟଙ୍କା ବ୍ୟୟରେ ଗ୍ରୀଷ୍ମରେ ଜଳ ଫୁଆରର ମଜା ନେବା ବ୍ୟବସ୍ଥା କରାଯାଇଛି। ଏହି ବ୍ୟବସ୍ଥାକୁ ଡିସ୍କ କୁଲିଂ ସିଷ୍ଟମ କୁହାଯାଏ, ଯାହା ପାର୍କ ପରିବେଶକୁ ୪ ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା କମାଇବାରେ ସହାୟତା ହେଉଛି। ଗରମରୁ କିଛିଟା ନିସ୍ତାର ପାଇବା ପାଇଁ ପୌରପାଳିକା ତରଫରୁ ଏଭଳି ଅଭିନବ ଉପାୟ ଅବଲମ୍ବନ କରାଯାଇଛି ବୋଲି ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ଞାନ ରଞ୍ଜନ ମାଝୀ କହିଛନ୍ତି। ଗରମରୁ କିଛିଟା ନିସ୍ତାର ପାଇବା ଏବଂ ଗ୍ରୀଷ୍ମରେ ଶୀତଳ ତୁଷାରବିନ୍ଦୁର ମଜା ନେବାପାଇଁ ଏବେ ପାରଳାଖେମୁଣ୍ଡି ସହରରେ ସମସ୍ତେ ପାର୍କମୁହାଁ ହୋଇଛନ୍ତି । ଏଠାକୁ ଆସି ଟିକେ ଆଶ୍ୱସ୍ତି ପାଉଥିବା ହେତୁ ପୌରପାଳିକା କର୍ତ୍ତୃପକ୍ଷଙ୍କୁ ଲୋକମାନେ ଧନ୍ୟବାଦ ଜଣାଇଛନ୍ତି। ଗରମରେ ଲୋକେ ଅସ୍ତବ୍ୟସ୍ତ ହେଉଥିବା ବେଳେ ଗ୍ରୀଷ୍ମରେ ଜଳଫୁଆରର ମଜା କିଛି ଆଶୀର୍ବାଦରୁ କମ୍ ନୁହେଁ ବୋଲି ଅଞ୍ଚଳବାସୀ କହିଛନ୍ତି।

